R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୮୬
ତିଥି : ଷଷ୍ଠୀ
୨୧ ଜୁଲାଇ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 286
21 July 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

**ସଂସଦର ମୌସୁମୀ ଅଧିବେଶନ ଆରମ୍ଭ**

## ଆରମ୍ଭରୁ ଗୃହ ଅଚଳ

ନୂଆଦିଲ୍ଲୀ, ୨୦।୭ : ସଂସଦର ମୌସୁମୀ ଅଧିବେଶନ ଆଜିଠୁ ଆରମ୍ଭ ହୋଇଛି। ମୌସୁମୀ ଅଧିବେଶନର ଆରମ୍ଭରୁ ବିରୋଧି ସଦସ୍ୟମାନେ ଜୋରଦାର ହଟଗୋଳ କରିଛନ୍ତି। ବିରୋଧୀଙ୍କ ହଟଗୋଳ ଯୋଗୁଁ ଅଧିବେଶନର ପ୍ରଥମ ଦିନ ବସ୍ତୁତ ଅଞ୍ଚଳ ହୋଇଛି। ଅଯୋଧ୍ୟା ରାମମନ୍ଦିର ଦାନ ଅର୍ଥ ଲୁଟ୍ ପ୍ରସଙ୍ଗ ନିଟ୍ ପେପର ଲିକ୍ ଓ ଯନ୍ତରମନ୍ତରରେ କଂଗ୍ରେସ ଜନତା ପାର୍ଟି (ସିଜେପି) ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ନେଇ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିଛନ୍ତି। ଏହି ପ୍ରସଙ୍ଗ ଉପରେ ସେମାନେ ବିତର୍କ ଲାଗି ଦାବି କରିଛନ୍ତି।

ଆଜି ଲୋକସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ ବିରୋଧୀ ସାଂସଦମାନେ ସ୍ଲୋଗାନ ଦେବା ସହ ନିଟ ପରୀକ୍ଷାରେ ଅନୀୟମିତତା, ଅଯୋଧ୍ୟା ଶ୍ରୀ ରାମ ଜନ୍ମଭୂମି, ତିର୍ଥ କ୍ଷେତ୍ର ଟ୍ରଷ୍ଟରେ ହୋଇଥିବା ଦାନ ଅର୍ଥ ଲୁଟକୁ ନେଇ ଆଲୋଚନା ଲାଗି ଅଡି ବସିଥିଲେ। ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଥିଲେ ଯେ, ଯନ୍ତରମନ୍ତରରେ ଯେଉଁମାନେ ନିଟ୍ ପ୍ରଶ୍ନପତ୍ର ଲିକ ବିରୋଧରେ ବିକ୍ଷୋଭ କରୁଛନ୍ତି। ସେମାନଙ୍କ ଉପରେ ବଳପ୍ରୟୋଗ କରୁଛନ୍ତି। ଏହା ହେଉଛି ଲକ୍ଷ୍ୟାଧିକ ଛାତ୍ରଙ୍କ ଭବିଷ୍ୟତର ପ୍ରସଙ୍ଗ। ଆଜି ହଜାର ହଜାର ଛାତ୍ର ଯନ୍ତରମନ୍ତରରେ ଏକାଠି ହୋଇଛି। ସେମାନଙ୍କ ଉପରେ ଲାଠିଚାର୍ଜ କରାଯାଉଛି। ସରକାର ଛାତ୍ରମାନଙ୍କ ଉପରେ ଚେଷ୍ଟା କରୁଛନ୍ତି। ବିରୋଧୀ ସଦସ୍ୟମାନେ ଗୃହମଧ୍ୟରେ ସ୍ଲୋଗାନ ଦେଇଥିଲେ। ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନ ମଧ୍ୟାହ୍ନ ପର୍ଯ୍ୟନ୍ତ ନଂ.୧ ଗୃହକୁ ମୁଲତବୀ କରିଥିଲେ। (୯ ପୃଷ୍ଠାରେ)



▲ ନିଟ୍ ପ୍ରଶ୍ନପତ୍ର ଲିକ୍, ରାମ ମନ୍ଦିର ଦାନ ଅର୍ଥ ଲୁଟ୍, ସିଜେପି ଆନ୍ଦୋଳନ ନେଇ ବିରୋଧୀଙ୍କ ହଙ୍ଗାମା

▲ ସଂସଦ କାର୍ଯ୍ୟରେ ବିରୋଧୀ ଭାଗ ନିଅନ୍ତୁ : ମୋଦୀ

## ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ହେରାପଞ୍ଚମୀ ନୀତି

ପୁରୀ, ୨୦।୭ (ସବ୍ୟୁ) : ଆଷାଢ଼ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଜି ପାରମ୍ପରିକ ବିଧି ଅନୁଯାୟୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ହେରା ପଞ୍ଚମୀ ନିତି ସମ୍ପର୍ଣ୍ଣ ହୋଇଛି। ବିଳମ୍ବିତ ରାତିରେ ମା ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଥିଲେ । କିନ୍ତୁ ସେଠାରେ ମହାପ୍ରଭୁଙ୍କ ଦର୍ଶନ ପାଇ ନ ଥିଲେ।

ମହାପ୍ରଭୁଙ୍କ ଦର୍ଶନ ନପାଇ ଅଭିମାନିନି ମହାଲକ୍ଷ୍ମୀ ରଥ ଭାଙ୍ଗିଛନ୍ତି। ରାଗ ଜର୍ଜରିତ ହୋଇ ଫେରି ଆସି ଥିଲେ ଶ୍ରୀମନ୍ଦିରକୁ। ଆଜି ଠାରୁ ଆରମ୍ଭ ହୋଇଛି ବାହୁଡା ପ୍ରସ୍ତୁତି। ତିନି ରଥର ଦକ୍ଷିଣ ମୋଡ ହୋଇଚି। ଗୁଣ୍ଡିଚା ମନ୍ଦିରରେ ଅନୁଷ୍ଠିତ ହୋଇଛି ପବିତ୍ର ହେରାପଞ୍ଚମୀ ନିତି । ବିଧି ପରମ୍ପରା ଅନୁଯାଇ ଆଡପମଣ୍ଡପରେ ବିରାଜିତ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ । ରୁକ୍ମଣୀ ହରଣ ଏକାଦଶୀ ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ମହାଲକ୍ଷ୍ମୀଙ୍କ ବିବାହ ହୋଇଥିଲା। ଗଇଁଠାଳ ଫିଟି ନ ଥିବା ବେଳେ ମହାପ୍ରଭୁ ଅସୁସ୍ଥ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେଉଥିଲେ । ସୁସ୍ଥ ହେବାପରେ ନବବିବାହିତା (୯ ପୃଷ୍ଠାରେ)



### ନନ୍ଦିଘୋଷ ରଥ ଭାଙ୍ଗିଲେ ମା' ଲକ୍ଷ୍ମୀ

## ଡେଙ୍ଗୁ ଲାଗି ପ୍ରସ୍ତୁତ ହେଲା ଟୀକା

ନୂଆଦିଲ୍ଲୀ,୨୦।୭: ଭାରତରେ ପ୍ରଥମ ଡେଙ୍ଗୁ ଟୀକା ଭାବେ 'କ୍ୟୁ ଡେଙ୍ଗା'କୁ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ବଜାର ପ୍ରବେଶ ଲାଗି ଅନୁମତି ଦେଇଛନ୍ତି। ଜାପାନର ଔଷଧ ନିର୍ମାତା କମ୍ପାନୀ ଟାକୋଡା ଫାର୍ମାସିଟିକାଲ ଦ୍ୱାରା ଏହି ଟୀକା ବିକଶିତ କରାଯାଇଛି। ଏହା ଡେଙ୍ଗୁର ସମସ୍ତ ୪ଟି ଯାକ ସେରୋ ଟାଇପ ବିରୋଧରେ ସୁରକ୍ଷା ପ୍ରଦାନ କରିବ। ୪ରୁ ୬୦ ବର୍ଷ ମଧ୍ୟରେ ଯେକୌଣସି ବ୍ୟକ୍ତି ଏହି ଭ୍ୟାକସିନ ନେଇପାରିବେ। ଏହାକୁ ୩ ମାସ ବ୍ୟବଧାନରେ ଦୁଇଟି ଡୋଜ ଆକାରରେ ନେବାକୁପଡିବ। ପୂର୍ବରୁ ଡେଙ୍ଗୁ ହୋଇଛି କି ନାହିଁ ତାହା ଜାଣିବା ଲାଗି ଟୀକା ନେବା ପୂର୍ବରୁ କୌଣସି ରକ୍ତ ପରୀକ୍ଷାର ଆବଶ୍ୟକତା ନାହିଁ।

ଏହାର ମଧ କ୍ଲିନିକାଲ ଟ୍ରାଏଲ ହୋଇଛି। ସେଥିରୁ ଜଣାପଡିଛି ଯେ, ଏହା ହସ୍ପିଟାଲରେ ଭର୍ତ୍ତି ହେବା ଆଶଙ୍କାରୁ ୪୪ରୁ ୯୦% ପର୍ଯ୍ୟନ୍ତ କମାଇ ଦେବ। କିଛି ବର୍ଷ ହେବ ଭାରତରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହା ଚିନ୍ତା ପ୍ରକଟ କରିଥିଲା।

### ୪ରୁ ୬୦ ବର୍ଷ ବ୍ୟକ୍ତି ନେଇପାରିବେ




## ସାର ଲାଗି ରାତି ଅନିଦ୍ରା ଚାଷୀ

ସୁନ୍ଦରଗଡ଼/ବରଗଡ଼, ୨୦।୭ (ସବ୍ୟୁ): ରାଜ୍ୟରେ ଖରିଫ ଚାଷ ଆରମ୍ଭରୁ ଉତ୍କଟ ରୂପ ନେଇଛି ସାର ସଙ୍କଟ । ସୁନ୍ଦରଗଡ଼ରେ ଚାଷୀମାନେ ରାତି ଅନିଦ୍ରା ହୋଇ ସାର ପାଇଁ ଧାଡ଼ି ବାନ୍ଧୁଥିବା ବେଳେ, ମନ୍ତ୍ରୀଙ୍କ ବିବୃତ୍ତି ଏବଂ ସରକାରଙ୍କ ନିର୍ଦ୍ଦେଶନାମା ମଧ୍ୟରେ ତାଳମେଳ ରହୁନଥିବାରୁ ଚାଷୀ ଓ ବିରୋଧୀ ଦଳର ନେତା ମାନେ ବିରୋଧୀ କଡ଼ା ସମାଲୋଚନା କରିଛନ୍ତି । ସେହିପରି ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରେ ଦେଖାଦେଇଥିବା ସାର ସଙ୍କଟ ଏବେ ଅଣାୟତ୍ତ ହେବାରେ ଲାଗିଛି । ୪ ଦିନ ତଳେ ଏନେଇ ଚାଷୀ ପ୍ରଶାସନକୁ ଅବଗତ କରିଥିଲେ ହେଁ ଆଜି ସୁଦ୍ଧା ସମସ୍ୟାର ସମାଧାନ ବଦଳରେ ସ୍ଥିତି ଆହୁରି ସଙ୍ଗିନ ହୋଇଛି।

ସୁନ୍ଦରଗଡ଼ ଜିଲ୍ଲାର ବାସ୍ତବ ଚିତ୍ର ଅତ୍ୟନ୍ତ ଉଦବେଗଜନକ । ଆରସିଏମଏସ୍, ପ୍ୟାକ୍ସ କେନ୍ଦ୍ରଗୁଡ଼ିକ ଆଗରେ ଚାଷୀମାନେ ସାର ପାଇଁ ରାତି ୨ଟାରୁ ଆସି ଧାଡ଼ି ବାନ୍ଧୁଛନ୍ତି । ଲାଇନରେ ଛିଡ଼ା ହେବା ବଦଳରେ ନିଜ ସ୍ଥାନ ସଂରକ୍ଷିତ ରଖିବା ପାଇଁ ପଥର, ଆଧାର କାର୍ଡର ଜେରକ୍ସ କପି ଏବଂ ଜରି ବ୍ୟାଗ୍ ରଖି ଅପେକ୍ଷା କରୁଥିବା ଦେଖିବାକୁ ମିଳିଛି । ଦିନ ୧୦ଟାରେ କେନ୍ଦ୍ର ଖୋଲୁଥିଲେ ହେଁ ରାତି ଅନିଦ୍ରା ହୋଇ ଜଗି ରହିଥିବା ଅନେକ ଚାଷୀଙ୍କୁ ବିନା ସାରରେ ଖାଲି ହାତରେ ଫେରିବାକୁ ପଡୁଛି ।

ଚଳିତ ବର୍ଷ ୟୁରିଆ ଓ ଡିଏପି ସାରର ଘୋର ଅଭାବ ଥିବାରୁ, ସରକାର ଏବେ ଚାଷୀଙ୍କୁ ନୂଆ ନିୟମ ବତାଇଛନ୍ତି । ଅଭାବୀ ସମସ୍ୟାକୁ ଦୃଷ୍ଟିରେ ରଖି ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ବିକଳ୍ପ ସାର ବ୍ୟବହାର କରିବାକୁ କୃଷି ବିଭାଗ ନିର୍ଦ୍ଦେଶ ଦେଇଛି । ୟୁରିଆ ବଦଳରେ "ଆମୋନିୟମ୍ ସଲଫେଟ୍ ବ୍ୟବହାର କରିବାକୁ ପରାମର୍ଶ (୯ ପୃଷ୍ଠାରେ)



◥ ଆଧାର କାର୍ଡ ଥୋଇ ଧାଡ଼ିରେ ଚାଷୀ ଅପେକ୍ଷାରତ

◥ ବିକଳ୍ପ ସାର ଲାଗି ସରକାର ଦେଉଛନ୍ତି ପରାମର୍ଶ

**ରଥଯାତ୍ରାରେ ମୃତ୍ୟୁ**

## ଆତ୍ମୀୟସ୍ୱଜନଙ୍କୁ ମିଳିବ ୧୦ ଲକ୍ଷ ସହାୟତା

ଭୁବନେଶ୍ୱର,୨୦।୭(ସବ୍ୟୁ): ପୁରୀର ରଥଯାତ୍ରା ସମୟରେ ଗତ ୧୬ ତାରିଖରେ ଅସୁସ୍ଥ ହେତୁ ଚିକିତ୍ସାଧିନ ଅବସ୍ଥାରେ ପ୍ରାଣ ହରାଇଥିବା ୨ ବ୍ୟକ୍ତିଙ୍କ ଲାଗି ଅନୁକମ୍ପାମୂଳକ ସହାୟତା ରାଶି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗତ ୧୬ ତାରିଖରେ ମୃତ୍ୟୁବରଣ କରିଥିବା କଟକର ଅନୀଲ ଦାସ ଓ ମୁମ୍ବାଇର ଅଶୋକ ସୁବାରେ ରାଇକରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ନିକଟତର ଆତ୍ମୀୟଙ୍କ ଲାଗି ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ ରଥଯାତ୍ରା ସମୟରେ ଭିଡ଼ ଯୋଗୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଲୋକ ଅସୁସ୍ଥ ହୋଇ ଚିକିତ୍ସାଧୀନ ହେଉଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଦୁଇ ଭକ୍ତଙ୍କର ମୃତ୍ୟୁ ହୋଇଥିଲା। ଆଜି ତାଙ୍କ ଲାଗି ମୁଖ୍ୟମନ୍ତ୍ରୀ ସହାୟତା ଘୋଷଣା କରିଛନ୍ତି। ଏହି ରାଶି ମୃତକଙ୍କ ନିକଟତମ ଆତ୍ମୀୟଙ୍କୁ ପ୍ରଦାନ କରାଯିବ।

## ଏସ୍ଆଇଆର୍ ଜନଶୁଣାଣିକୁ ନେଇ ଦ୍ୱନ୍ଦ୍ୱ

ଭୁବନେଶ୍ୱର, ୨୦।୭ (ସବ୍ୟୁ): ରାଜ୍ୟରେ ଏବେ ସ୍ୱତନ୍ତ୍ର ଭୋଟର ସଂଶୋଧନ ବା ଏସ୍ଆଇଆର୍ ପ୍ରକ୍ରିୟାର ଜନଶୁଣାଣି ଜାରି ରହିଛି । ହେଲେ ଏହି ଜନଶୁଣାଣିକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ଅସନ୍ତୋଷ ଦେଖିବାକୁ ମିଳିଛି । ଭୋଟରମାନଙ୍କୁ କାହିଁକି ଜନଶୁଣାଣି ପାଇଁ ନୋଟିସ୍ ପଠାଯାଇଛି, ସେନେଇ ସେମାନେ ଆଦୌ ଅବଗତ ନାହାନ୍ତି । ସଠିକ୍ ସୂଚନା ଅଭାବରୁ ବିଶେଷକରି ଦୁର୍ଗମ ଏବଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ବିଏଲ୍ଓଙ୍କ ଠାରୁ ଅପ୍ରତ୍ୟାଶିତ ନୋଟିସ୍ ପାଇ ଭୋଟରମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ କିମ୍ବା ତହସିଲଦାରଙ୍କୁ ଭେଟି ନିଜ ନଥିପତ୍ର ଯାଞ୍ଚ କରାଉଛନ୍ତି, କିନ୍ତୁ ପ୍ରକ୍ରିୟା ବୁଝିପାରୁନାହାନ୍ତି ।

ତେବେ ଭୋଟରମାନଙ୍କୁ କାହିଁକି ନୋଟିସ୍ କରାଯାଉଛି, ତାହାର କିଛି ପ୍ରମୁଖ କାରଣ ରହିଛି । ସର୍ଭେ ସମୟରେ ଯେଉଁମାନେ ଆବଶ୍ୟକୀୟ ୧୨ ପ୍ରକାର ଦସ୍ତାବିଜ ଦାଖଲ (୯ ପୃଷ୍ଠାରେ)

❒ ମାଲକାନଗିରିରେ ନୋଟିସ୍ ପାଇ ହଟହଟା ଭୋଟର

❒ ଗଞ୍ଜାମରେ ଜନଅଭିଯୋଗ ଶୁଣାଣି ବନ୍ଦ

❒ ସଂଶୋଧନ ପ୍ରକ୍ରିୟାକୁ ସରଳ କରିବାକୁ ଦାବି

❒ ଦୁର୍ଗମ, ଉପାନ୍ତ ଅଞ୍ଚଳରେ ସମସ୍ୟା ଭୋଗୁଛନ୍ତି ଭୋଟର

## ତ୍ରିପୁରା ଡିଜିପିଙ୍କ ସନ୍ଦେହଜନକ ମୃତ୍ୟୁ

ନୂଆଦିଲ୍ଲୀ, ୨୦।୭: ତ୍ରିପୁରାର ପୋଲିସ୍ ମହାନିର୍ଦ୍ଦେଶକ ଅନୁରାଗ ଧନକଡଙ୍କ ମୃତଦେହ ତାଙ୍କ କାର୍ଯ୍ୟାଳୟରୁ ମିଳିଛି। ଡିଜିପି ଅଫିସରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଛି। ତେବେ ପ୍ରାଥମିକ ରିପୋର୍ଟରୁ କୁହାଯାଉଛି ଯେ, ଏହି ବରିଷ୍ଠ ଆଇପିଏସ ଅଧିକାରୀ ଆତ୍ମହତ୍ୟା କରିଛନ୍ତି। ତେବେ ତାଙ୍କ ମୃତ୍ୟୁର ସଠିକ କାରଣ ଜଣାପଡିନାହିଁ। କାରଣ ଖୋଜିବାକୁ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ଖବର ପ୍ରକାଶ ପାଇଲା ପରେ ତ୍ରିପୁରା ମୁଖ୍ୟମନ୍ତ୍ରୀ ପ୍ରଫେସର ମାଣିକ ଶାହା ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।



ଡ.ପ୍ରଦୀପ ଭୌମିକ କହିଛନ୍ତି ଯେ, ଦିନ ୧୨ଟା ସମୟରେ ଡିଜିପିଙ୍କୁ ଡାକ୍ତରଖାନା ଅଣାଯାଇଥିଲା। (୯ ପୃଷ୍ଠାରେ)

**ସିଜେପିର ସଂସଦ ଚଲୋ ଅଭିଯାନ**

## ପ୍ରତିବାଦକାରୀଙ୍କ ଉପରେ ଲାଠିଚାର୍ଜ, ଲୁହବୁହା ଗ୍ୟାସ୍

**ଜନ୍ତରମନ୍ତର, କନ୍ଷ୍ଟିଚ୍ୟୁସନ୍ କ୍ଲବ୍, ରେଳ ଭବନ, ଶାସ୍ତ୍ରୀ ଭବନ, ଜନପଥରେ ଅଟକାଇଲା ପୋଲିସ**

ନୂଆଦିଲ୍ଲୀ, ୨୦।୭: ନିଟ୍ ପ୍ରଶ୍ନପତ୍ର ଲିକ ଘଟଣାରେ ସିଜେପିର ପ୍ରତିବାଦକାରୀମାନେ ଆଜି ସାଂସଦ ଅଭିମୁଖେ ଯାତ୍ରା କରିଥିଲେ। ମାତ୍ର ସେମାନଙ୍କୁ ଲାଠିଚାର୍ଜ ଓ ଲୁହାବୁହା ଗ୍ୟାସର ସମ୍ମୁଖୀନ ହେବାକୁପଡିଛି। ସାଂସଦ ଆଡକୁ ଅଗ୍ରସର ହେବା ପରେ ସେମାନଙ୍କୁ ବ୍ୟାରିକ୍ୟାଡ ପାଖରେ ଅଟକା ଦିଆଯାଇଥିଲା। ମାତ୍ର ସେମାନେ ବ୍ୟାରିକେଟ ଭାଙ୍ଗି ଆଗକୁ ଯିବାକୁ ଉଦ୍ୟମ କଲା ବେଳେ ସୁରକ୍ଷାକର୍ମୀମାନେ ଲାଠି ଚାର୍ଜ କରିଥିଲେ।

ଦିଲ୍ଲୀରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

କେନ୍ଦ୍ରୀୟ ଦିଲ୍ଲୀରେ ବ୍ୟାପକ ହୋହାଲ୍ଲା ହେବା ସହ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟନ୍ତ ହୋଇଛି। ମେଟ୍ରୋରେ ମଧ କଟକଣା ଲାଗୁ କରାଯାଇଛି। ସିଜେପି ବିପକ୍ଷକୁ ନେଇ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ବଳ ଲୁହାବୁହା ଗ୍ୟାସ ଓ ଲାଠିଚାର୍ଜ କରିବା ସହ ତଙ୍ଗା ନିରୋଧ ଗାଡି ମୁତୟନ କରିଥିଲେ। ସଂସଦ ଚଲୋ ଅଭିଯାନ ଡାକରା ଦିଆଯାଇଥିଲା। ମୌସୁମୀ ଅଧିବେଶନ ପ୍ରଥମ ଦିନରେ ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ଘମା ଘୋଟ ମୁକାବିଲା ହୋଇଥିଲା। ଯନ୍ତରମନ୍ତରରେ ଥିବା ବ୍ୟାରିକେଡକୁ ପ୍ରତିବାଦକାରୀମାନେ ଭାଙ୍ଗି ସାଂସଦ ଆଡକୁ ଯିବାକୁ ଅଗ୍ରସର ହେଉଥିଲେ। ସାଂସଦ (୯ ପୃଷ୍ଠାରେ)



### ନଡ୍ଡାଙ୍କୁ ଭେଟିଲେ ସିଜେପି ପ୍ରତିନିଧି

ନୂଆଦିଲ୍ଲୀ,୨୦।୭: କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡାଙ୍କ ସହ ସିଜେପିର ପ୍ରତିନିଧିମାନେ ଆଲୋଚନା କରିଛନ୍ତି। ସିଜେପିର ପ୍ରତିନିଧିମାନେ ମନ୍ତ୍ରୀଙ୍କ ସହ ଫୁଙ୍ଖାନୁଫୁଙ୍ଖ ଆଲୋଚନା କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

**୩ ଦଫା ଦାବିପତ୍ର ପ୍ରଦାନ**

ସିଜେପିର ପ୍ରତିନିଧିତ୍ୱମାନେ କହିଛନ୍ତି ଯେ, ମନ୍ତ୍ରୀ ସେମାନଙ୍କୁ ଏହି ମାମଲାରେ ଆଭ୍ୟନ୍ତରୀଣ ଆଲୋଚନା କରିବେ ବୋଲି ଉଲ୍ଲେଖ କରିଛନ୍ତି।

ମନ୍ତ୍ରୀ ଶ୍ରୀ ନଡ୍ଡା ଉଲ୍ଲେଖ କରିଥିଲେ ଯେ, ଆଜି ସକାଳୁ ସିଜେପି ପ୍ରତିବାଦକାରୀମାନେ ସରକାରଙ୍କ ସହ କଥାବାର୍ତ୍ତା କରିବାକୁ ଚାହୁଁଛନ୍ତି ବୋଲି ଏକ ପ୍ରସ୍ତାବ ଦେଇଥିଲେ। ଏହି ବୈଠକ ସ୍ୱାଦପୂର୍ଣ୍ଣ ରହିଥିଲା। ଏକ ଭଲ ବାତାବରଣରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାୟ ଅପରାହ୍ଣ ୪ଟାରେ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା ପ୍ରତିବାଦକାରୀମାନଙ୍କୁ ଅନ୍ଦୋଳନରୁ ଓହରିବା ପାଇଁ ଅନୁରୋଧ କରିଥିଲେ। ସିଜେପି ମୁଖପାତ୍ର ଆଶୁତୋଷ ରଙ୍କା କହିଛନ୍ତି ଯେ, ଆମେ ୩ଟି ଦାବି ଉପସ୍ଥାପନ କରିଛୁ। ସୋନମ ୱାଙ୍ଗଚୁଙ୍ଗଙ୍କୁ ତୁରନ୍ତ (୯ ପୃଷ୍ଠାରେ)

## ସ୍ତ୍ରୀ, ବୋହୂ, ନାତୁଣୀକୁ ହାତୁଡିରେ ପିଟି ହତ୍ୟା

ଦେବଗଡ଼, ୨୦।୭ (ସବ୍ୟୁ): ଦେବଗଡ ଜିଲ୍ଲାର ଗରିଆପାଲି ଗାଁରେ ଜଘନ୍ୟକାଣ୍ଡ । ପାରିବାରିକ ବିବାଦ ପରେ ନିଜ ପତ୍ନୀ, ବୋହୂ ଏବଂ ନାତୁଣିଙ୍କୁ ହାତୁଡିରେ ପିଟିପିଟି ହତ୍ୟା କରିଛନ୍ତି ଜଣେ ବ୍ୟକ୍ତି । ନାରକୀୟ କାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଜଣକ ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡିଛି ।

ଦେବଗଡ ଜିଲ୍ଲାର କୁଣ୍ଡେଇଗୋଲା ଥାନା ଅନ୍ତର୍ଗତ ଗରିଆପାଲି ଗାଁରେ ବସବାସ କରନ୍ତି ୫୨ ବର୍ଷୀୟ ବ୍ୟକ୍ତି ରମେଶ ଗରିଆ । ବୁଧବାର ଦିନ କୌଣସି କାରଣରୁ ଘରୋଇ କଳହ ସୃଷ୍ଟି ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଜଣକ ରାତିରେ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ । ଘରକୁ ଫେରି ସେ ଏକ ହାତୁଡିରେ ପନୀ ଗୁଲଗରିଆ, ବୋହୂ ଲିପି ମହାକୁଲ ଓ ନିଜ ୪ ବର୍ଷର ନାତୁଣି ଇଶାନୀଙ୍କୁ ପିଟିପିଟି ହତ୍ୟା କରିଥିଲେ। ଏହି ବର୍ବର କାଣ୍ଡ ଘଟାଇବା ପରେ ରମେଶ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ସୁଚନା ଅନୁସାରେ ଏହି ଘଟଣା ସମୟରେ ଘରେ ପରିବାର ଅନ୍ୟ କୌଣସି ସଦସ୍ୟ ଉପସ୍ଥିତ ନଥିଲେ। ଅଭିଯୁକ୍ତଙ୍କ ପୁଅ ଘରକୁ ଫେରିବା ପରେ ମା, ସ୍ତ୍ରୀ ଓ ଝିଅ କୁ (୯ ପୃଷ୍ଠାରେ)

## ଦୁଇ ଆଇଏଏସ୍‌ଙ୍କ ବଦଳି

ଭୁବନେଶ୍ୱର, ୨୦।୭ (ସବ୍ୟୁ) : ଦୁଇ ଆଇଏଏସ୍ ଅଧିକାରୀଙ୍କୁ ରାଜ୍ୟ ସରକାର ବଦଳି କରିଛନ୍ତି। ଓଏସ୍ଏମ୍ସିଏଲ୍ର ଅଧ୍ୟକ୍ଷ ଥିବା ୨୦୧୨ର ଆଇଏଏସ୍ ଅଫିସର ପୋମା ଟୁଡୁଙ୍କୁ ଏସ୍ଟି ଓ ଏସ୍ଇ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯିବା ସହ ଖାଦ୍ୟ ସୁରକ୍ଷା କମିଶନ ଓ ଟିଡିସିସିଓଏଲ୍ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେହିଭଳି ୨୦୨୦ର ଆଇଏଏସ୍ ଅଫିସର ସ୍ମିତା ପାଣିଙ୍କୁ ଓଏସ୍ଏମ୍ସିଏଲ୍ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି ।

# ସୋସିଆଲ କୋଟ୍ସ



ଦୟାକରି ପ୍ରଦର୍ଶନକାରୀଙ୍କ ସହିତ ମାନବୀୟ ଓ ଧର୍ଯ୍ୟର ସହିତ ବ୍ୟବହାର କରନ୍ତୁ । ସବୁବେଳେ ମନେ ରଖନ୍ତୁ ଯେଉଁମାନେ ଆପଣଙ୍କ ସାମନାରେ ଅଛନ୍ତି ସେମାନେ ମଧ୍ୟ ଆମ ଦେଶର ହିଁ ନାଗରିକ।

**କବିତା କୌଶିକ, ଅଭିନେତ୍ରୀ**



କେବେ ବି ଅଭିନେତା ହେବାର ନଥିଲା। ଆଇଏଏସ ହେବାର ଥିଲା ହେଲେ ବାଧ୍ୟ ହୋଇ ଥିଏଟର କରିବା ଆରମ୍ଭ କରିଥିଲି। ଯେତେବେଳେ ଥିଏଟର କରୁଥିଲି ସେତେବେଳେ ପକେଟରେ ଟଙ୍କାଟିଏ ନଥିଲା ।

**ଅନୁ କପୁର, ଅଭିନେତା**



ରାଞ୍ଚୋ ଚରିତ୍ର ସୋନମ ୱାଙ୍ଗଚୁକ୍ଙ୍କ ଠାରୁ ପ୍ରେରିତ ହୋଇ ନାହିଁ । ଏଫଟିଆଇଆଇର ଛାତ୍ରଙ୍କ ପାଖରୁ ମୋତେ ଉକ୍ତ ଚରିତ୍ର ପାଇଁ ପ୍ରେରଣା ମିଳିଥିଲା ।

**ରାଜକୁମାର ହିରାନୀ, ଫିଲ୍ମ ମେକର**

# କେନ୍ଦୁଝରର ନିଆରା ରଥଯାତ୍ରା



ରଥଯାତ୍ରା ଦିନ କେବଳ ପୁରୀ ନୁହେଁ ଓଡ଼ିଶାର ପ୍ରତିଟି ଗ୍ରାମରେ ରଥ ବୁଲିଥାଏ । ପ୍ରତି ଜିଲ୍ଲା ଓ ଗ୍ରାମରେ ଖୁବ ସ୍ୱତନ୍ତ୍ର ଓ ଶ୍ରଦ୍ଧାର ସହିତ ରଥଯାତ୍ରାକୁ ପାଳନ କରାଯାଇଥାଏ । ସେହିଭଳି ଏକ ସ୍ଥାନ ହେଲା କେନ୍ଦୁଝର, ଯେଉଁଠାରେ ପାଳନ ହୋଇଥାଏ ନିଆରା ଢଙ୍ଗରେ ରଥଯାତ୍ରା । ଏଠାରେ ରଥଯାତ୍ରାରେ ରଥ ଦଉଡି ଭାବେ ବ୍ୟବହାର ହୋଇଥାଏ ଶିଆଳି ଲଟା । ଏହି ଶିଆଳି ଲଟାର ଦଉଡିକୁ ରଥଯାତ୍ରାର ଅନେକ ଦିନ ପୂର୍ବରୁ ପ୍ରସ୍ତୁତି କରାଯିବା ଆରମ୍ଭ କରାଯାଇଥାଏ । ପୂର୍ବରୁ ଏହି ଦଉଡିକୁ ଜୁଆଙ୍ଗ ଓ ଭୂଇଁଆ ସମ୍ପ୍ରଦାୟର ଲୋକମାନେ ପ୍ରସ୍ତୁତ କରିଥାଆନ୍ତି । କାହିଁ କେଉଁ କାଳରୁ ଏହି ପରମ୍ପରା ପ୍ରଚଳିତ ହୋଇଆସିଛି । ବର୍ତ୍ତମାନ କେବଳ ଭୂଇଁଆ ସମ୍ପ୍ରଦାୟର ଲୋକ ଏହାକୁ ସ୍ଥାନୀୟ ମନ୍ଦିରକୁ ଯୋଗାଉଛନ୍ତି । ସେମାନେ ଏହି ଦଉଡିକୁ ଶିଆଳି ଗଛର ବକଳରୁ ପ୍ରସ୍ତୁତ କରିଥାଆନ୍ତି, ଯାହାକୁ ସେମାନେ ଜଙ୍ଗଲରୁ ସଂଗ୍ରହ କରିଥାଆନ୍ତି । କେନ୍ଦୁଝର ଜିଲ୍ଲା ବଂଶପାଳ ବ୍ଲକର ଦଅଁଳା ଗାଁର ଭୂଇଁଆ ସମ୍ପ୍ରଦାୟର ଲୋକମାନ ଏହି ଦଉଡି ଯୋଗାଇ ଥାଆନ୍ତି । କେନ୍ଦୁଝର ଜିଲ୍ଲାର ରଥଯାତ୍ରା ଆରମ୍ଭରୁ ଏହି ଦଉଡି ସେମାନେ ମନ୍ଦିରକୁ ଯୋଗାଇ ଆସୁଛନ୍ତି। ଅକ୍ଷୟତୃତିୟାରୁ ଏହି କାମ ଆରମ୍ଭ ହୋଇଥାଏ । ଏହି ଦିନଠାରୁ ସେମାନେ ଗନ୍ଧମାର୍ଦ୍ଦନ ପର୍ବତରୁ ବକ୍କଳ ବା ଛାଲ ସଂଗ୍ରହ କରିବା କାମ ଆରମ୍ଭ କରିଥାଆନ୍ତି। ଦେବସ୍ନାନ ପୂର୍ଣ୍ଣିମାରେ ଆଜ୍ଞାମାଳ ପାଇବା ପରେ ଏହି ଦଉଡି ପ୍ରସ୍ତୁତି ଆରମ୍ଭ ହୋଇଥାଏ। ସେହିଭଳି ଯେଉଁ ଶିଆଳି ଗଛରେ କୌଣସି ଚଢେଇ ବସା କରିନଥିବେ, ଲତାଟି ଗଛ ଉପରୁ ତଳକୁ ଲମ୍ବିଥିବ କେବଳ ସେହି ଗଛରୁ ହିଁ ବକ୍କଳ ବାହାର କରାଯାଇ ଦଉଡି ପ୍ରସ୍ତୁତ କରାଯାଇଥାଏ । ଏହି ଦଉଡିର ଲମ୍ବ ୧୦୮ ହାତ ରହିଥିବାବେଳେ ମୋଟେଇ ୬ ଇଞ୍ଚ ରହିଥାଏ। ଏହା ଖୁବ ସ୍ୱତନ୍ତ୍ର ହୋଇଥାଏ ।

# ୯ ବର୍ଷରେ ଖୋଲିଲେ ମ୍ୟୁଜିୟମ



ଆମେରିକାର ଇଲିନୋଇସ୍‌ରେ ରହୁଥିବା ଜଣେ ୯ ବର୍ଷର ବାଳକ ଏଣ୍ଡରସନ ଟେଲର ନିଜର ଏକ ଅଭିନବ ପ୍ରୟାସ ଦ୍ୱାରା ସାରା ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଯେଉଁଠି ସେ ମାତ୍ର ୯ ବର୍ଷ ୩୪୦ ଦିନ ବୟସରେ ନିଜର ଏକ 'ନ୍ୟାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ' (ପ୍ରାକୃତିକ ଇତିହାସ ସଂଗ୍ରହାଳୟ) ଖୋଲି ଦୁନିଆର ସବୁଠାରୁ କମ୍ ବୟସର ମ୍ୟୁଜିୟମ କ୍ୟୁରେଟର ହେବାର ଗିନିଜ୍ ୱାର୍ଲ୍ଡ ରେକର୍ଡ ନିଜ ନାମରେ କରିଛନ୍ତି । ଡାଇନାସୋର ପ୍ରତି ଅହେତୁକ ଭଲପାଇବା ରଖିଥିବା ଏହି ବାଳକକୁ ସ୍କଟଲ୍ୟାଣ୍ଡର ଏକ ଡାଇନାସୋର ମ୍ୟୁଜିୟମ ଦେଖିବା ପରେ ନିଜର ସଂଗ୍ରହାଳୟ ଖୋଲିବାର ପ୍ରେରଣା ମିଳିଥିଲା । ଯାହା ପାଇଁ ସେ ଏକ ପୁରୁଣା କୋଠାକୁ ବାଛିବା ସହ ଲୋକଙ୍କଠାରୁ ପାଣ୍ଠି ସଂଗ୍ରହ କରିଥିଲେ ଏବଂ ବର୍ତ୍ତମାନ ୧୧ ବର୍ଷ ବୟସରେ ପହଞ୍ଚିଥିବା ଏଣ୍ଡରସନ ଏହି ମ୍ୟୁଜିୟମ ପାଇଁ ପ୍ରାୟ ୧୭ ଲକ୍ଷ ଟଙ୍କା ମଧ୍ୟ ଯୋଗାଡ଼ କରିସାରିଛନ୍ତି । ଏହି କେମ୍ବ୍ରିଜ୍ ନେଚୁରାଲ ହିଷ୍ଟ୍ରି ମ୍ୟୁଜିୟମରେ ଡାଇନାସୋରର ହାଡ଼, ବିଭିନ୍ନ ପ୍ରକାରର ପଥର, ପୁରୁଣା ସାମଗ୍ରୀ ଏବଂ ପ୍ରକୃତି ସହ ଜଡ଼ିତ ଅନେକ ଦୁର୍ଲଭ ଜିନିଷ ସ୍ଥାନ ପାଇଛି, ଯେଉଁଠି ଏଣ୍ଡରସନ ନିଜେ ଏହି ସଂଗ୍ରହାଳୟର ମାଲିକ ଓ ମୁଖ୍ୟ କ୍ୟୁରେଟର ଭାବେ ଦାୟିତ୍ୱ ତୁଲାଉଛନ୍ତି ।

# ଅସୁସ୍ଥ ଅଛନ୍ତି କି ସଲମାନ !



ବଲିଉଡ୍‌ର 'ଭାଇଜାନ୍' ସଲମାନ୍ ଖାନ୍‌ଙ୍କୁ ନେଇ ଏବେ ବି-ଟାଉନ୍‌ଠାରୁ ଆରମ୍ଭ କରି ସୋସିଆଲ ମିଡିଆ ପର୍ଯ୍ୟନ୍ତ ସବୁଠି ଜୋର୍‌ଦାର ଚର୍ଚ୍ଚା ଚାଲିଛି। ନିକଟରେ ତାଙ୍କର ଏକ ଭିଡିଓ ଭାଇରାଲ ହୋଇଛି ଯେଉଁଥିରେ ସେ ଖୁବ ଅସୁସ୍ଥ ଦେଖାଯାଉଛନ୍ତି। ଏହି ଫଟୋ ଓ ଭିଡିଓକୁ ନେଇ ବର୍ତ୍ତମାନ ସବୁସ୍ଥାନରେ ଚର୍ଚ୍ଚା ଦେଖିବାକୁ ମିଳୁଛି । ଫ୍ୟାନମାନେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଖୁବ ଚିନ୍ତା ପ୍ରକଟ କରିଛନ୍ତି । ଅନ୍ୟପଟେ ତାଙ୍କର ଆଗାମୀ ବହୁପ୍ରତୀକ୍ଷିତ ଫିଲ୍ମ 'ମାତୃଭୂମି'କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରୁ ଏବେ ପରଦା ହଟିଛି । ନିକଟରେ ମୁମ୍ବାଇସ୍ଥିତ ସ୍ଲମ୍ ରିହାବିଲିଟେସନ୍ ଅଥରିଟିର ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ସଲମାନ୍ ନୂତନ ଆଇଟି ସର୍ଭର ରୁମ୍‌ର ଉଦ୍‌ଘାଟନ କରିବା ସହ ହିତାଧିକାରୀଙ୍କୁ ଘରର ଚାବି ହସ୍ତାନ୍ତର କରିଥିଲେ । କିନ୍ତୁ ଏହି ସମୟରେ ତାଙ୍କର ଅତ୍ୟଧିକ ଦୁର୍ବଳ ତଥା କ୍ଲାନ୍ତ ଚେହେରା ଏବଂ ଚାଲିବାର ଶୈଳୀ ଦେଖି ସୋସିଆଲ ମିଡିଆରେ ଅନେକ ୟୁଜର୍ସ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବିଭିନ୍ନ ଆଶଙ୍କା ପ୍ରକଟ କରିଛନ୍ତି । ଅପରପକ୍ଷରେ, ୨୦୨୦ ମସିହାର ଭାରତ-ଚୀନ୍ ଗଲଓ୍ୱାନ୍ ଘାଟି ସଂଘର୍ଷ ଉପରେ ଆଧାରିତ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ମାତୃଭୂମି' (ଯାହାର ପୂର୍ବ ନାମ 'ବ୍ୟାଟେଲ୍ ଅଫ୍ ଗଲଓ୍ୱାନ୍' ଥିଲା) ନାମ ପରିବର୍ତ୍ତନ ଓ ଚୀନ୍ ପ୍ରତି ନରମ ମନୋଭାବ ଦେଖାଇବା ଅଭିଯୋଗ ଯୋଗୁଁ ବିବାଦ ଘେରରେ ରହିଥିଲା । ତେବେ ନିକଟରେ ପ୍ରଡକ୍ସନ ହାଉସ ପକ୍ଷରୁ କୁହାଯାଇଛି ଯେ ଫିଲ୍ମର ସୁଟିଂ ଶେଷ ହୋଇଥିଲେ ମଧ୍ୟ ଏହାକୁ ଏପର୍ଯ୍ୟନ୍ତ ସାର୍ଟିଫିକେସନ୍ ପାଇଁ ସେନସର ବୋର୍ଡ ନିକଟକୁ ପଠାଯାଇ ନାହିଁ, ତେଣୁ ଏହା ଅଟକିବା ପ୍ରଶ୍ନ ହିଁ ଉଠୁନାହିଁ ଏବଂ ଖୁବ୍ ଶୀଘ୍ର ଏହାର ନୂଆ ରିଲିଜ୍ ତାରିଖ ଘୋଷଣା କରାଯିବ ।

# ବିଶ୍ୱର ବଡ ସରାଗାତ



କୋଲମ୍ବିଆରେ ମାଟି ସାହାଯ୍ୟରେ ଏକ ଅତି ବିଶାଳ ସରାଗାତ ବା କୁମ୍ଭି ନିର୍ମାଣ କରାଯାଇଛି, ଯାହା ଭିତରକୁ ଯାଇ ଲୋକମାନେ ବୁଲିପାରିବେ । ଏହି ଅଦ୍ଭୁତ କୀର୍ତ୍ତିମାନ ପାଇଁ 'ଗିନିଜ୍ ୱାର୍ଲ୍ଡ ରେକର୍ଡସ' ଏହାକୁ ବିଶ୍ୱର ସବୁଠାରୁ ବଡ଼ ସରାଗାତର ମାନ୍ୟତା ପ୍ରଦାନ କରିଛି । ମାଟିରେ ତିଆରି ଏହି ବିଶାଳ ସରାଗାତର ଓଜନ ପ୍ରାୟ ୩୦ ଟନ ହୋଇଥିବା ବେଳେ ଏହାର ଉଚ୍ଚତା ୨୯.୫ ଫୁଟ ଏବଂ ଲମ୍ବ ପ୍ରାୟ ୩୪ ଫୁଟ ରହିଛି । ଏହା ଭିତରେ ସ୍ଥାନୀୟ ସିରାମିକ କଳାର ଇତିହାସ ଉପରେ ଆଧାରିତ ଏକ ସୁନ୍ଦର ଗ୍ୟାଲେରୀ ପ୍ରସ୍ତୁତ କରାଯାଇଛି ଏବଂ ଏହାର ନାକ ଉପରେ ଏକ 'ଭ୍ୟୁ ପଏଣ୍ଟ' ମଧ୍ୟ ରହିଛି । ଯେଉଁଠାରୁ ଆଖପାଖର ସୁନ୍ଦର ପାହାଡ଼ଗୁଡ଼ିକର ଦୃଶ୍ୟ ଦେଖିହେବ । ଏଥିସହିତ, ସାଧାରଣ ଲୋକେ ଏହି ବିଶାଳ ସରାଗାତ ମଧ୍ୟରେ ମୁଦ୍ରା ମଧ୍ୟ ପକାଇ ପାରିବେ ଏବଂ ଏଥିରେ ଜମା ହେଉଥିବା ସମସ୍ତ ଅର୍ଥକୁ ବେସାହାରା ପଶୁପକ୍ଷୀଙ୍କ ଯତ୍ନ ଓ ଦେଖାଶୁଣା ପାଇଁ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ହୋଇଛି ।

# ଦିବ୍ୟ ବ୍ୟଞ୍ଜନ

## ପୋଡ଼ପିଠା



**ସାମଗ୍ରୀ-** ଅରୁଆ ଚାଉଳ ଗୁଣ୍ଡ : ୨ କପ, ଛେନା : ୧ କପ (ହାତରେ ଭଲଭାବେ ଚକଟା ହୋଇଥିବା), ଗୁଡ଼: ୧.୫ କପ, ଶୁଦ୍ଧ ଗାଈ ଘିଅ : ୩-୪ ଚାମଚ, କୋରା ନଡ଼ିଆ: ୧ କପ,ନଡ଼ିଆ ଖଣ୍ଡ (ଛୋଟ ଛୋଟ କଟା ହୋଇଥିବା) : ଅଧ କପ, ଗୁଜୁରାତି ଗୁଣ୍ଡ: ୧ ଛୋଟ ଚାମଚ, ମରିଚ ଗୁଣ୍ଡ : ୧/୨ ଛୋଟ ଚାମଚ, ହେଙ୍ଗୁ , କାଜୁ ଓ କିସମିସ୍: ଆବଶ୍ୟକ ଅନୁସାରେ, କଦଳୀ ପତ୍ର ।

**ପ୍ରସ୍ତୁତି-** ପୋଡ଼ ପିଠା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ କଡ଼େଇରେ ୩ କପ୍ ପାଣି ଗରମ କରି ସେଥିରେ ଗୁଡ଼କୁ ଭଲଭାବେ ମିଳେଇବାକୁ ଦିଅନ୍ତୁ । ଗୁଡ଼ ପାଣି ଫୁଟି ଆସିଲେ ସେଥିରେ କୋରା ନଡ଼ିଆ, କଟା ନଡ଼ିଆ ଖଣ୍ଡ, ହାତରେ ଚକଟା ହୋଇଥିବା ଛେନା, କାଜୁ, କିସମିସ୍, ଗୁଜୁରାତି ଗୁଣ୍ଡ, ମରିଚ ଗୁଣ୍ଡ, ହେଙ୍ଗୁ ଏବଂ ୨ ଚାମଚ ଗାଈ ଘିଅ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏହାପରେ ଆଞ୍ଚକୁ ଧିମା କରି ସେହି ଫୁଟୁଥିବା ମିଶ୍ରଣରେ ଅଳ୍ପ ଅଳ୍ପ କରି ଚାଉଳ ଗୁଣ୍ଡ ପକାଇ ଚାଟୁ ସାହାଯ୍ୟରେ କ୍ରମାଗତ ଭାବେ ଗୋଳାନ୍ତୁ, ଯେପରି କୌଣସି ମୁଣ୍ଡା ବାନ୍ଧିବ ନାହିଁ ଏବଂ ମିଶ୍ରଣଟି ଶକ୍ତ ହୋଇ କଡ଼େଇ ଛାଡ଼ିବା ପର୍ଯ୍ୟନ୍ତ ଏହି ଜନ୍ତଣୀକୁ ରାନ୍ଧି ସାମାନ୍ୟ ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ । ଏବେ ଏକ ମୋଟା ସସପ୍ୟାନ୍ କିମ୍ବା ବେକିଙ୍ଗ ପାତ୍ରରେ ଘିଅ ଲଗାଇ ତାର ତଳ ଓ ଚାରିପାଖରେ କଦଳୀ ପତ୍ର ବିଛାଇ ଦିଅନ୍ତୁ। ପତ୍ର ଉପରେ ସାମାନ୍ୟ ଘିଅ ଲଗାଇ ପ୍ରସ୍ତୁତ ଜନ୍ତଣୀକୁ ସେଥିରେ ଢାଳି ହାତରେ ସମାନ ଭାବେ ଦବାଇ ସେଟ୍ କରିଦିଅନ୍ତୁ। ଉପରୁ କିଛି କଟା ନଡ଼ିଆ ଓ କାଜୁ ସଜାଇ ଆଉ ଏକ କଦଳୀ ପତ୍ର ଘୋଡ଼ାଇ ଦିଅନ୍ତୁ । ଶେଷରେ, ଗ୍ୟାସ୍ ଉପରେ ଏକ ମୋଟା ତାୱା ରଖି ତା' ଉପରେ ଏହି ପିଠା ପାତ୍ରଟିକୁ ରଖନ୍ତୁ ଏବଂ ଏକ ଭାରି ଢାଙ୍କୁଣୀ ଘୋଡ଼ାଇ ସମ୍ପୂର୍ଣ୍ଣ ଧିମା ଆଞ୍ଚରେ ୪୫ ରୁ ୬୦ ମିନିଟ୍ ପର୍ଯ୍ୟନ୍ତ ସିଝାନ୍ତୁ । ପିଠା ସମ୍ପୂର୍ଣ୍ଣ ଥଣ୍ଡା ହେବା ପରେ ଏହାକୁ କାଟି ନିଅନ୍ତୁ । ଏହାକୁ ପାରମ୍ପରିକ ଉପାୟରେ ଚୁଲିରେ ମଧ୍ୟ ପ୍ରସ୍ତୁତ କରାଯାଇ ପାରିବ ।

# ଇତିହାସ

୧୮୮୩- କୋଲକାତାରେ ଭାରତର ପ୍ରଥମ ସାର୍ବଜନୀନ ଷ୍ଟାର୍ ଥିଏଟର ହଲ୍‌ର ଆରମ୍ଭ ।
୧୮୮୪- ଲର୍ଡ୍ସ ମଇଦାନରେ ପ୍ରଥମ କ୍ରିକେଟ୍ ମ୍ୟାଚ୍ ଆୟୋଜିତ ।
୧୮୮୮- ବ୍ରିଟେନ୍‌ର ଆବିଷ୍କାରକ ଡନଲପ୍ ଟାୟାର ଓ ଟ୍ୟୁବ୍ ଉଦ୍ଭାବନ କଲେ ।
୧୯୦୬- ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରଥମ ଅଧ୍ୟକ୍ଷ ବ୍ୟୋମେଶ ଚନ୍ଦ୍ର ବାନାର୍ଜୀଙ୍କ ଦେହାନ୍ତ ।
୧୯୬୨- ସୀମାରେ ଭାରତ-ଚୀନ୍ ଯୁଦ୍ଧ ।
୧୯୪୭- ସମ୍ବିଧାନରେ ଜାତୀୟ ପତାକାକୁ ଗ୍ରହଣ କରାଗଲା ।
୧୯୬୩- କାଶୀ ବିଦ୍ୟାପୀଠକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ।
୧୯୮୮- ଭାରତୀୟ ରାଷ୍ଟ୍ରୀୟ ଉପଗ୍ରହ (ଇନ୍‌ସ୍ୟାଟ୍ ୧ସି)ର ପ୍ରକ୍ଷେପଣ ।
୨୦୦୭- ପ୍ରତିଭା ପାଟେଲ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହେଲେ ।
୨୦୦୭- ଭାରତ-ଆମେରିକା ପରମାଣୁ ଚୁକ୍ତି ଫର୍ମାଟ୍ ପ୍ରସ୍ତୁତ ।

## ହାଃହାଃ

ରୋଗୀ: ଡାକ୍ତରବାବୁ, ମୋର ଗୋଟେ ବହୁତ ବଡ଼ ସମସ୍ୟା ଅଛି। ମୁଁ କାହା ସହ କଥା ହେଲା ବେଳେ ମତେ ସେ ମଣିଷଟି ଦେଖାଯାଏନି।
ଡାକ୍ତର: (ଆଶ୍ଚର୍ଯ୍ୟ ହୋଇ) ଆଚ୍ଛା ! ଏମିତି କେତେବେଳେ ହୁଏ ?
ରୋଗୀ: ଯେତେବେଳେ ମୁଁ ଫୋନ୍‌ରେ କଥା ହୁଏ !



**ମେଷ:** କିଛି କାର୍ଯ୍ୟରେ ବିଳମ୍ବ, ଅର୍ଥଲାଭ, ଦୂରଯାତ୍ରା, ମାନସିକ ଅଶାନ୍ତି, ଲୋକସମ୍ପର୍କ ବୃଦ୍ଧି, ଅଯଥା କଷ୍ଟ, ପାରିବାରିକ ସୁଖ। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା- ଭଗବାନ ବିଷ୍ଣୁ ।

**ବୃଷ:** ପିଲାଙ୍କସୁଖ, ବ୍ୟବସାୟରେ ସାମାନ୍ୟ ଲାଭ, ଶତ୍ରୁ ପରାଜିତ, ମନସ୍ତାପ, ଦ୍ରବ୍ୟଲାଭ, ଆଶା ସଫଳ, ଶରୀର ସୁସ୍ଥ, ସମ୍ପତ୍ତିଲାଭ। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ମା' ମହାଲକ୍ଷ୍ମୀ ।

**ମିଥୁନ:** ହେବାକାର୍ଯ୍ୟ ବିଳମ୍ବ, ସ୍ୱଜନେ ବିରୋଧ, ଶୁଭଖବର, ବାଣିଜ୍ୟରେ ସ୍ୱଳ୍ପଲାଭ, ସନ୍ତାନସମସ୍ୟା। ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**କର୍କଟ:** ଦ୍ରବ୍ୟଲାଭ, ସମ୍ମାନପ୍ରାପ୍ତି, ବ୍ୟକ୍ତି ସହାୟତା, ଶତ୍ରୁ ପରାଜିତ, କର୍ମକ୍ଷେତ୍ରେ ଲାଭ, ଦାମ୍ପତ୍ୟ ସୁଖ, ନୂତନ ସମାଚାର । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**ସିଂହ:** ଅର୍ଥହାନି, ବନ୍ଧୁସହଯୋଗ, ଆଶା ସଫଳ, ଦୂରଯାତ୍ରା, ପାରିବାରିକ ସହଯୋଗ, ନୂତନ କର୍ମପ୍ରତି ଆଗ୍ରହ, ଦେବକାର୍ଯ୍ୟରେ ସନ୍ତୋଷ, ସ୍ୱଜନ ବିରୋଧ। ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ମା' ସନ୍ତୋଷୀ ।

**କନ୍ୟା:** ବାଣିଜ୍ୟେ ଲାଭ, ବନ୍ଧୁସମସ୍ୟା, ବିଶିଷ୍ଟ କାର୍ଯ୍ୟରେ ଲାଭ, ସମ୍ମାନପ୍ରାପ୍ତି, ସନ୍ତାନଲାଭ, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୯, ଆରାଧନା-ପ୍ରଭୁ ହନୁମାନ ।

**ତୁଳା:** କିଛି କାର୍ଯ୍ୟରେ ଅଶାନ୍ତି, ଦ୍ରବ୍ୟଲାଭ, ପାରିବାରିକ ଖୁସି, ଦାମ୍ପତ୍ୟଖୁସି, ସମ୍ପତ୍ତିଲାଭ, ବନ୍ଧୁଲାଭ, ନୂତନ ନିଯୁକ୍ତି, ଦୂରଯାତ୍ରା ସଫଳ । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୧୦, ଆରାଧନା- ବୃଷଭ ମହାରାଜ ।

**ବିଛା:** ଅର୍ଥଲାଭ, କର୍ମକ୍ଷେତ୍ରେ ପରିଶ୍ରମ, ଶୁଭଖବର, ଦୂରଯାତ୍ରାରେ କଷ୍ଟ, ସମସ୍ୟା ସମାଧାନ, ବିଶିଷ୍ଟ କାର୍ଯ୍ୟରେ ଧନଲାଭ। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା- ବିଷ୍ଣୁଭଗବାନ ।

**ଧନୁ:** ଶତ୍ରୁରେ ବିଜୟ, ଅଯଥା ଚିନ୍ତା, ଧନଲାଭ, ଗୃହେ କଳହ, ଦୂରଯାତ୍ରା, ଦାମ୍ପତ୍ୟଖୁସି, ବିଦ୍ୟାରେ ସଫଳ, ନୂତନ ନିଯୁକ୍ତି । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ଭଗବତୀ ।

**ମକର:** ଶୁଭ ଆଲୋଚନା, ବ୍ୟବସାୟରେ ସ୍ୱଳ୍ପଲାଭ, ବିଦ୍ୟାରେ ସଫଳ , ଦୂରଯାତ୍ରା, ଅନୁଷ୍ଠାନରୁ ଲାଭ, ଶୁଭକାର୍ଯ୍ୟେ ଧନବ୍ୟୟ। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୭, ଆରାଧନା- ମା' ଗୋଚିଳାଇ ।

**କୁମ୍ଭ:** ସ୍ୱାସ୍ଥ୍ୟଚିନ୍ତା, ପରିବାର ସମସ୍ୟା, ଅଳ୍ପଲାଭ, ସନ୍ତାନଚିନ୍ତା, ଶତ୍ରୁସମସ୍ୟା, ଶୁଭ ଆଲୋଚନା। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ମୀନ:** ଦ୍ରବ୍ୟଲାଭ, ଶୁଭଖବର, ପାରିବାରିକ ଶାନ୍ତି, ଦାମ୍ପତ୍ୟଖୁସି, ଲୋକସମ୍ପର୍କବୃଦ୍ଧି, ଯାତ୍ରା ସଫଳ, ଦେବଦର୍ଶନ। ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ମା' ମଙ୍ଗଳା।

**ଆଷାଢ଼ ଶୁକ୍ଳପକ୍ଷ ଅଷ୍ଟମୀ**
**୨୧.୭.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ପୋଲିସ ଫେରାଇଲା ୩୮୦ ଚୋରି ମୋବାଇଲ

# ହୋଟେଲରୁ ଜଣେ ଗିରଫ, ୧୫୦ ମୋବାଇଲ ଜବତ

ଭୁବନେଶ୍ୱର, (ସବ୍ୟୁ) : କଟକ-ଭୁବନେଶ୍ୱରରେ ଚାଲୁଥିବା ଆମ ବସ୍‌ରୁ ଆନ୍ତଃରାଜ୍ୟ ମହିଳା ଲୁଟେରାମାନେ ମୋବାଇଲ



ଚୋରି କରିଥାନ୍ତି । ସେହି ଚୋରି ମୋବାଇଲକୁ ଗ୍ୟାଙ୍ଗ ମୁଖ୍ୟ ନେଇ ବାଂଲାଦେଶରେ ବିକ୍ରି କରିଥାଏ । ପୋଲିସ ଲୋକଙ୍କୁ ଫେରାଇଥିବା ୩୮୦ ଚୋରି ମୋବାଇଲ ମଧ୍ୟରୁ କେତେକ ପୁରୀ ରଥଯାତ୍ରାରୁ ଚୋରି ହୋଇଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି ।

ଡିସିପି ଜଗମୋହନ ମିନାଙ୍କ କହିବାନୁଯାୟୀ ମାଷ୍ଟରକ୍ୟାଣ୍ଟିନ ଆମ ବସ୍‌ଷ୍ଟାଣ୍ଡରେ ଠିଆ ହୋଇଥିବା ଜଣେ ଯାତ୍ରୀଙ୍କ ପକେଟରୁ ଏକ ଆପେଲ ଆଇଫୋନ୍ ଜଣେ ଚୋରି କରିନେଇ ଖସିଯାଇଥିଲା । ଏ ସମ୍ପର୍କରେ ସେ କ୍ୟାପିଟାଲ ଥାନାରେ ଏତଲା କରିବା ପରେ ପୋଲିସ ଟ୍ରାକିଂ କରି ଅଶୋକନଗରର ଏକ ହୋଟେଲରେ ପହଞ୍ଚିଥିଲା । ସେହି ହୋଟେଲରେ ୧୧୮ ନମ୍ବର ରୁମ୍ ବୁକ୍ କରି ରହୁଥିଲା ଆନ୍ତଃରାଜ୍ୟ ଲୁଟ୍ ଗ୍ୟାଙ୍ଗର ମୁଖ୍ୟ ଏମ୍‌ଡି ସାଏମ ଅଲ୍ଲୀ । ତା'ବ୍ୟାଗ୍ ଯାଞ୍ଚ କରିବାରୁ ୧୫୦ଟି ମୋବାଇଲ ମିଳିଥିଲା । ଅଲ୍ଲୀକୁ ପୋଲିସ ଥାନାକୁ ଆଣି ବିସ୍ତୃତ ଭାବେ ପଚରାଉଚରା କରିବା ପରେ ସେ ବଞ୍ଜାରା ଗ୍ୟାଙ୍ଗ ସମ୍ପର୍କରେ କହିଥିଲା ।

ଭୁବନେଶ୍ୱର ପୋଲିସ ଜବତ କରିଥିବା ୩୮୦ ମୋବାଇଲ ଲୋକଙ୍କୁ ମୋବାଇଲ ମେଳାରେ ଫେରସ୍ତ ହୋଇଛି ସୋମବାର । ମୋବାଇଲ ମେଳାରେ ପୋଲିସ କମିଶନର, ଡିସିପି ଓ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ଉପସ୍ଥିତ ଥିଲେ । ମୋବାଇଲ ମାଲିକମାନଙ୍କୁ ପୋଲିସ ଡାକି ସେବା ଭବନଠାରେ ବସାଇ ଆତିଥ୍ୟ ପ୍ରଦାନ କରିବା ସହ ସେମାନଙ୍କୁ ମୋବାଇଲ ଫେରାଇଥିଲା । ମୋବାଇଲ ପାଇବା ପରେ ପୋଲିସର କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରୁଛନ୍ତି ।

### ଚାଷୀଙ୍କୁ ସରକାରଙ୍କ ଅଗ୍ରାଧିକାର

# ଚାଷ ଲାଗି ଆଗ ଜଳ, ପରେ ବିଦ୍ୟୁତ ଉତ୍ପାଦନ

ଭୁବନେଶ୍ୱର(ସବ୍ୟୁ): ଜଳାଶୟଗୁଡ଼ିକରେ ଥିବା ପାଣିକୁ ପ୍ରଥମେ ପାନୀୟ ଜଳ ଏବଂ ଚାଷ କାର୍ଯ୍ୟ ପାଇଁ ସଂରକ୍ଷିତ ରଖାଯିବ । ଏହା ପରେ ବିଦ୍ୟୁତ ଉତ୍ପାଦନ ପାଇଁ ପାଣି ଦିଆଯିବ । ଗତବର୍ଷ ତୁଳନାରେ ଏଥର ଜଳସ୍ତର କମ୍ ଥିବାରୁ କୃଷି ଓ ଜଳସମ୍ପଦ ବିଭାଗ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ସରକାର । ଯେପରି ଖରିଫ ଚାଷରେ କୌଣସି ଅସୁବିଧା ନହୁଏ, ଏଥିପାଇଁ କେନ୍ଦ୍ର କୃଷି ମନ୍ତ୍ରଣାଳୟ ସହ ମଧ୍ୟ ଆଲୋଚନା କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ।



ରାଜ୍ୟରେ କମ୍ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ସ୍ଥିତିକୁ ନେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଶ୍ରୀ ସିଂହଦେଓ ସ୍ପଷ୍ଟ କରିଛନ୍ତି, ବାଲିମେଳା ଓ ମାଛକୁଣ୍ଡ ଭଳି ବଡ଼ ବଡ଼ ଜଳାଶୟର କ୍ୟାଚମେଣ୍ଟ ଅଞ୍ଚଳରେ କମ୍ ବର୍ଷା ହୋଇଥିବାରୁ ସରକାର ସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ଜନସାଧାରଣଙ୍କୁ ଆଦୌ ନଡରିବାକୁ ଆଶ୍ୱାସନା ଦେଇଛନ୍ତି । ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବାଲିମେଳାରେ ବିଦ୍ୟୁତ ଉତ୍ପାଦନକୁ କିଛି ଦିନ ପାଇଁ ବନ୍ଦ ରଖାଯାଇଛି । କମ୍ ବର୍ଷା ସେ‰ ବିକଳ୍ପ ବ୍ୟବସ୍ଥା ଯୋଗୁଁ ରାଜ୍ୟରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ରହିଛି । ତେଣୁ ବିଦ୍ୟୁତ ବା ପାଣି ଅଭାବ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ ।

ଏହି ସମସ୍ୟାର ସମାଧାନ ପାଇଁ ସରକାର ଏକ ବ୍ୟାପକ ଆପଦକାଳୀନ ଯୋଜନା ପ୍ରସ୍ତୁତ କରିଛନ୍ତି । ଫସଲକୁ ବଞ୍ଚାଇବା ପାଇଁ କୃଷି, ଶକ୍ତି ଓ ଜଳସମ୍ପଦ ବିଭାଗ ମିଳିତ ଭାବେ କାମ କରୁଛନ୍ତି । ଜଳ-ବିଦ୍ୟୁତ ଉତ୍ପାଦନ କମିଥିବାରୁ ଶକ୍ତି ବିଭାଗ ଗ୍ରିଡକୋ ଏବଂ ଓଏଚ୍‌ପିସି ଜରିଆରେ ବାହାର ଗ୍ରିଡ୍‌ରୁ ବିଦ୍ୟୁତ ଆଣିବାକୁ ବ୍ୟବସ୍ଥା କରିଛନ୍ତି । ଯାହାଦ୍ୱାରା ଲୋକମାନେ ନିରବଚ୍ଛିନ୍ନ ବିଦ୍ୟୁତ ପାଇପାରିବେ ।

ସେହିପରି ମାଛକୁଣ୍ଡ ପ୍ରକଳ୍ପର ବୈଷୟିକ ସମସ୍ୟା ଦୂର କରିବା ପାଇଁ ଓଡ଼ିଶା ସରକାର ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଆଲୋଚନା ଚଳାଇଛନ୍ତି । ଯେପରି ଏହି ପ୍ରକଳ୍ପରୁ ଶୀଘ୍ର ପୁଣିଥରେ ସମ୍ପୂର୍ଣ୍ଣ ବିଦ୍ୟୁତ ଉତ୍ପାଦନ ଆରମ୍ଭ ହୋଇପାରିବ । ରାଜ୍ୟ ସରକାର ସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖିଛନ୍ତି ଏବଂ ଜଳ ଓ ଶକ୍ତିର ସଠିକ୍ ପରିଚାଳନା ପାଇଁ ପ୍ରତିବଦ୍ଧ ଅଛନ୍ତି । ବୈଠକରେ ଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ବିଶାଳ କୁମାର ଦେବ, ଜଳସମ୍ପଦ ବିଭାଗ ଶାସନ ସଚିବ ଶୁଭା ଶର୍ମା ଏବଂ କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ବିଭାଗୀୟ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ ।

## ବଜ୍ରପାତରେ ଜଣେ ମୃତ

ନିମାପଡ଼ା ,(ସବ୍ୟୁ): ନିମାପଡ଼ା ଥାନା ଅନ୍ତର୍ଗତ ଭିଳିଗ୍ରାମ ପଞ୍ଚାୟତ ନିମଘର ଗ୍ରାମରେ ସୋମବାର ଅପରାହ୍ନର ବଜ୍ରପାତ ଘଟି ଜଣେ ମେଣ୍ଢା ଚାଷୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଏହି ଗ୍ରାମର ବଂଶୀଧର ବେହେରା ବୋଲି ଜଣାପଡିଛି । ଅପରାହ୍ନରେ ଘର ନିକଟ ପଡ଼ିଆରେ ବଂଶୀଧର ମେ଼ଣ୍ଢା ଚରାଉଥିବା ବେଳେ ବଜ୍ରପାତ ତାଙ୍କ ଉପରେ ପଡ଼ିଥିଲା । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଏସମ୍ପର୍କରେ ମୃତକଙ୍କ ପୁଅ ଅକ୍ଷୟ ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

### ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# ଆଦେଶ ପାଳନ ନ ହେଲେ ତିନି ପୁଲିସ ଅଧିକାରୀଙ୍କୁ ହାଜର ନିର୍ଦ୍ଦେଶ

କଟକ, (ସବ୍ୟୁ) : ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ କରିବାରେ ବାରମ୍ବାର ବିଳମ୍ବ ଅଭିଯୋଗକୁ ନେଇ ଓଡ଼ିଶା ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କନ୍ଧମାଳ ଜିଲାର ପୂର୍ବତନ କନଷ୍ଟେବଲ ବଂଶୀଧର ବାରିକଙ୍କ ସେବା ସମ୍ବନ୍ଧୀୟ ମାମଲାରେ କୋର୍ଟଙ୍କ ରାୟ ପାଳନ ନ ହେବାରୁ ହାଇକୋର୍ଟ ଜୁଲାଇ ୩୧ ତାରିଖ ସୁଦ୍ଧା ଅଦାଲତଙ୍କ ଆଦେଶ ପାଳନ ସମ୍ପର୍କିତ ସତ୍ୟପାଠ ଦାଖଲ ନ ହେଲେ, ପୁଲିସ ପର୍ସୋନେଲ ଡିଆଇଜି (କଟକ), ଦକ୍ଷିଣାଞ୍ଚଳ (ବ୍ରହ୍ମପୁର) ଆଇଜି ଏବଂ କନ୍ଧମାଳ ଏସପିଙ୍କୁ ଭର୍ଚୁଆଲ ମାଧ୍ୟମରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ମୁରହରି ଶ୍ରୀ ରମଣ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି।

୨୦୨୩ ମସିହାରେ ପୂର୍ବତନ କନଷ୍ଟେବଲ ବଂଶୀଧର ବାରିକଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ରିଟ୍ ମାମଲାରେ ୨୦୨୪ ନଭେମ୍ବର ୨୦ ତାରିଖରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଏହି ରାୟକୁ ପରବର୍ତ୍ତୀ ସମୟରେ ଖଣ୍ଡପୀଠ କାୟମ ରଖିଥିଲେ। ତେବେ ରାୟ କାର୍ଯ୍ୟକାରୀ ନ ହେବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକ ସମୟ ଆବେଦନ କରାଯାଇଥିଲା। କନ୍ଧମାଳ ଏସପିଙ୍କ ପକ୍ଷରୁ ଦିଆଯାଇଥିବା ଲିଖିତ ସୂଚନାରେ ଦର୍ଶାଯାଇଥିଲା ଯେ କନଷ୍ଟେବଲଙ୍କୁ ପୁନଃ ଚାକିରିରେ ଅବସ୍ଥାପିତ କରିବା ପାଇଁ ଗୃହ ବିଭାଗ ଓ ଉଚ୍ଚପଦସ୍ଥ ଅଧିକାରୀଙ୍କ ଅନୁମୋଦନ ଆବଶ୍ୟକ ଏବଂ ଏହି ପ୍ରକ୍ରିୟା ଜାରି ରହିଛି; ମାତ୍ର, କୋର୍ଟ ପୂର୍ବରୁ ବାରମ୍ବାର ସମୟ ପ୍ରଦାନ କରିସାରିଥିବା ଦର୍ଶାଇ ସରକାରୀ ଓକିଲଙ୍କ ମୌଖିକ ସମୟ ଆବେଦନକୁ ଖାରଜ କରିଦେଇଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, ଯଦି ଜୁଲାଇ ୩୧ ସୁଦ୍ଧା ଆଦେଶ ପାଳନର ସତ୍ୟପାଠ ଦାଖଲ କରାନଯାଏ, ତେବେ ଉପରୋକ୍ତ ତିନିଜଣ ଅଧିକାରୀଙ୍କ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୨୭ରେ ଜନ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

# ୨୨ରୁ ଆରମ୍ଭ ହେବ ପଞ୍ଜୀକରଣ

ଭୁବନେଶ୍ୱର, (ସବ୍ୟୁ): ଆଗାମୀ ୨୭ତାରିଖ, ସୋମବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀୟୁନିଟ୍-୨,ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ସକାଳ୮ ଘଟିକା ସମୟରୁ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣଜୁଲାଇ ୨୨ ତାରିଖଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ,ଆଗ୍ରହୀ ଜନସାଧାରଣଜନଶୁଣାଣିପୋର୍ଟାଲ (https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

### ସଂଶୋଧିତ ଇଂରାଜୀ ବନାନ ତ୍ୱରିତ କାର୍ଯ୍ୟକାରୀ ଲାଗି ନିର୍ଦ୍ଦେଶ

# ସଂଶୋଧିତ ବନାନ ବ୍ୟବହାର ଲାଗି ଜିଲ୍ଲାପାଳଙ୍କୁ ରାଜସ୍ୱ ସଚିବଙ୍କ ଚିଠି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ଜିଲ୍ଲା, ଉପଖଣ୍ଡ, ତହସିଲ, ବ୍ଲକ୍ ଏବଂ ସହରାଞ୍ଚଳମାନଙ୍କର ନାମର ସଂଶୋଧିତ ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଜାରି କରିଛନ୍ତି ।

ରାଜ୍ୟ ସରକାର ଚଳିତବର୍ଷ ଗତ ଜୁନ୍ ୨୨ ତାରିଖରେ ଓଡ଼ିଆ ଉଚ୍ଚାରଣ ସହ ସାମଞ୍ଜସ୍ୟ ରଖି ଜିଲ୍ଲା, ଉପଖଣ୍ଡ, ତହସିଲ, ବ୍ଲକ୍ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ଇଂରାଜୀ ବନାନ ସଂଶୋଧନ କରି ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏହି ସଂଶୋଧନ କେବଳ ଇଂରାଜୀ ବନାନ ସମ୍ବନ୍ଧୀୟ ଏବଂ ପ୍ରଶାସନିକ ଏକକଗୁଡ଼ିକର ନାମରେ କୌଣସି ପରିବର୍ତ୍ତନ କରାଯାଇନାହିଁ ।

ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼. ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ରାଜ୍ୟ ସରକାରଙ୍କ ବିଜ୍ଞପ୍ତିରେ ଉଲ୍ଲିଖିତ ସଂଶୋଧିତ ଇଂରାଜୀ ବନାନକୁ ସମସ୍ତ ସରକାରୀ

**୬ ମାସରେ ବେସରକାରୀ ସଂସ୍ଥାରେ ଲାଗିବ ସଂଶୋଧିତ ନାମଫଳକ**

ଦସ୍ତାବିଜ, ପତ୍ରାଚାର, ଅଧିସୂଚନା, ଅଭିଲେଖ, ୱେବ୍‌ସାଇଟ୍, ପୋର୍ଟାଲ୍, ବିଜ୍ଞାପନ ତଥା ନାମଫଳକ ଓ ଅନ୍ୟାନ୍ୟ ସରକାରୀ ବ୍ୟବହାରରେ ଅନିବାର୍ଯ୍ୟ ଭାବେ ପ୍ରୟୋଗ କରାଯିବ । ଏଥିସହ ଜିଲ୍ଲାସ୍ତରର ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍ଥାନୀୟ ସଂସ୍ଥା ଓ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକୁ ଏହି ସଂଶୋଧିତ ବନାନର ସମ୍ପୂର୍ଣ୍ଣ ବ୍ୟବହାର ସୁନିଶ୍ଚିତ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୁହାଯାଇଛି । ଏଥିସହିତ ଏ ସମ୍ପର୍କରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବଳିତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ୍ ଉପରୋକ୍ତ ଚିଠି ପାଇବାର ୧୫ ଦିନ ମଧ୍ୟରେ ବିଭାଗକୁ ପ୍ରେରଣ କରିବାକୁ କୁହାଯାଇଛି । ସେହିପରି ସମ୍ପୃକ୍ତ ପ୍ରଶାସନିକ ଏକକ ଗୁଡ଼ିକରେ ବ୍ୟବସାୟିକ ଓ ବେସରକାରୀ ସଂସ୍ଥାମାନଙ୍କୁ ସଂଶୋଧିତ ଇଂରାଜୀ ବନାନ୍ ଅନୁଯାୟୀ ନିଜର ନାମଫଳକ ପରିବର୍ତ୍ତନ କରିବାକୁ ୬ ମାସର ସମୟ ଦିଆଯାଇଛି । ସଂଶୋଧିତ ଇଂରାଜୀ ବନାନର ସମ୍ପୂର୍ଣ୍ଣ ବ୍ୟବହାର ଦ୍ୱାରା ରାଜ୍ୟର ଭାଷାଗତ ଓ ସାଂସ୍କୃତିକ ପରିଚୟର ସୁରକ୍ଷା ସହିତ ସମସ୍ତ ସରକାରୀ ଅଭିଲେଖ ଓ ପ୍ରଶାସନିକ କାର୍ଯ୍ୟରେ ସମାନତା ଓ ସଠିକତା ବଜାୟ ରହିବ ।

### ହାଣ୍ଡିଶାଳରେ ପରିବା ପ୍ରହାର

# ପରିବା ଆକାଶ ଛୁଆଁ, ୬୦ରୁ ତଳକୁ ଖସୁନି ଦର

ଭୁବନେଶ୍ୱର(ସବ୍ୟୁ): ବାଇଗଣ କେଜି ୮୦, ଟମାଟୋ ୬୦, ଭେଣ୍ଡି ବି ୬୦ ଟଙ୍କା । ବିନ୍ସ, ସଜନା ଛୁଇଁ ଆଡ଼କୁ ଦେଖିବାକୁ ଡର ଲାଗୁଛି । ୫୦ ତଳକୁ ପରିବା ନାହିଁ । ରାଜ୍ୟରେ ହଠାତ ବଢିଗଲା ପନିପରିବା ଦାମ୍ । ସପ୍ତାହେ ଭିତରେ ଦର ଦୁଇଗୁଣା ହୋଇଛି । ୪ ଦିନ ତଳେ ୨୫ରୁ ୩୦ ଟଙ୍କାରେ ବିକ୍ରି ହେଉଥିବା ପରିବା ଏବେ ୬୦ ଉପରେ।

କଟକ ଛତ୍ରବଜାରର ଦାମ୍ ଅନୁସାରେ, ବାଇଗଣ କେଜି ୭୦ରୁ ୮୦ ଟଙ୍କା, କଲରା ୬୦, ପୋଟଳ ୮୦, ଜହ୍ନି ୬୦, ବିନ୍ସ ୧୩୦, ସଜନା ଛୁଇଁ ୧୫୦, ଧନିଆଁ ପତ୍ର କେଜିକୁ ୨୦୦ ଟଙ୍କା । କେଉଁ ଗୋଟିକ ପରିବାର ୫୦-୬୦ରୁ କମ୍ ନାହିଁ । ଭୁବନେଶ୍ୱରରୁ ଭଦ୍ରକ ଯାଏଁ, ସବୁଠି ସମାନ ସ୍ଥିତି । ହାଣ୍ଡିଶାଳରେ ହଠାତ ପରିବା ପ୍ରହାର



ଖାଉଟିଙ୍କ ଅଣ୍ଟା ଭାଙ୍ଗିଦେଇଛି । ଦୋକାନୀଙ୍କଠୁ ଦାମ୍ ଶୁଣି ହୋସ୍ ଉଡ଼ିଯାଉଛି । ବ୍ୟାଗ୍ ଫୁଲ୍ କରି ପରିବା ଆଣୁଥିବା ଗରାଖଙ୍କ ପାଇଁ ଚିନ୍ତା ପାଲଟିଛି ଅମୂଲ ମୂଲ । ପୂର୍ବରୁ ଯେତିକି ଟଙ୍କାରେ ବ୍ୟାଗ୍ ଫୁଲ୍ ହେଉଥିଲା ଏବେ ସେତିକିରେ ଅଧା ବି ଭରୁନି । କାହିଁକି ରକେଟ୍ ବେଗରେ ବଢ଼ିଗଲା ପରିବା ଦାମ୍ ? ସପ୍ତାହକରେ ଦର ଡବଲ୍ ହେବା ପଛରେ କାରଣ କଣ? ଲଘୁଚାପ ବର୍ଷାରେ ଆଠଗଡ଼ ଅଞ୍ଚଳର ବୁଡ଼ି ନଷ୍ଟ ହୋଇଯାଇଛି ଏକର ଏକର ଜମିର ଫସଲ । ଅମଳ ସମୟରେ ସବୁକିଛି ଛାରଖାର ହୋଇଯାଇଛି । କେବଳ ଆଠଗଡ଼ ନୁହେଁ, ରାଜ୍ୟର ବିଭିନ୍ନ ସ୍ଥାନରେ ଏମିତି ଅବସ୍ଥା । ବ୍ୟବସାୟୀଙ୍କ କହିବା ଅନୁସାରେ, ଲଗାଣ ବର୍ଷା ଯୋଗୁଁ ପନିପରିବା ଫସଲ ନଷ୍ଟ ହୋଇଯାଇଛି । ସାଧାରଣତଃ ବର୍ଷା ଦିନେ ସ୍ଥାନୀୟ ପରିବା ବଜାରକୁ ଆସିଥାଏ । କିନ୍ତୁ ଏବେ ମାର୍କେଟକୁ ଲୋକାଲ ପରିବା ଆସୁନି । ବାହାର ରାଜ୍ୟରେ ଆମଦାନୀ ହେଉଥିବା ପରିବା ବି ବର୍ଷା ମାଡ଼ ଖାଇ ନଷ୍ଟ ହୋଇଯାଉଛି । ଅନ୍ୟପଟେ ରଥଯାତ୍ରା କାରଣରୁ ପୁରୀକୁ ପୂର୍ବାପେକ୍ଷା ଅଧିକ ପରିବା ଯୋଗାଣ ହେଉଛି । ଏଣୁ ଚାହିଦା ଅଧିକ ଓ କମ୍ ଉପଲବ୍ଧତା କାରଣରୁ ସ୍ୱାଭାବିକ ଭାବେ ଦାମ୍ ବଢୁଛି । ବେପାର ମଧ୍ୟ ଘାଟାରେ ଚାଲୁଛି ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଭିତରେ ଅନେକ ଅତ୍ୟାବଶ୍ୟକ ସାମଗ୍ରୀର ଦାମ୍ ପୂର୍ବରୁ ବଢିସାରିଛି । ଖାଇବା ତେଲଠୁ ଆରମ୍ଭ କରି ଏଲପିଜି ଓ ପେଟ୍ରୋଲ-ଡିଜେଲ୍ ଦାମ୍ ଖାଉଟିଙ୍କୁ ଚିନ୍ତାରେ ପକାଇଛି । ଏଭଳି ସ୍ଥିତିରେ ବର୍ଦ୍ଧିତ ପରିବା ଦର ମଧ୍ୟବିତ୍ତଙ୍କ ମୁଣ୍ଡ ଉପରେ ଚଡ଼କ ପକାଇଛି ।

# ଭାଇଗିରି କରୁଥିବା ଗ୍ୟାଙ୍ଗର ୬ ଗିରଫ, ମାରଣାସ୍ତ୍ର ଜବତ

ଭୁବନେଶ୍ୱର, (ସବ୍ୟୁ) : ମୈତ୍ରୀବିହାର ଥାନା ଅଞ୍ଚଳରେ ଭାଇଗିରି କରୁଥିବା ଗ୍ୟାଙ୍ଗର ୬ଜଣଙ୍କୁ ଗିରଫ କରିଛି ପୋଲିସ । ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରାଯାଇଥିବା ପୋଲିସ କହିଛି । ଚଳିତ ମାସ ୩ ତାରିଖ ରାତି ପ୍ରାୟ ୧୧ଟା ସମୟରେ ଅଭିଯୁକ୍ତ ଗୁନୁ ଓରଫ କେ.କମଲଦେବ ରାଓ, ଓମ୍ ସାହୁ ଏବଂ ସାଗର ଓରଫ କାଳିଆ ବିଶ୍ୱାଳ ଜନତାନଗର ପୂଜା ମଣ୍ଡପ ନିକଟରେ ଅଭିଯୋଗକାରୀ ସଚିନ ପ୍ରଧାନ (୨୬) ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ ମାରିଥିଲେ । ପରଦିନ ଅପରାହ୍ନ ପ୍ରାୟ ୩ଟାରୁ ସାଢେ ୩ଟା ମଧ୍ୟରେ ଉକ୍ତ ଅଭିଯୁକ୍ତମାନଙ୍କ ସହ ଦେବାଶିଷ ଓରଫ ହାତୀ ପ୍ରଧାନ, ରାହୁଲ ନାୟକ ଓରଫ ବାଉନ, ସୁନୀଲ ଓରଫ ସୋମୁ ବିଶ୍ୱାଳ, ସାହିଲ ଓରଫ ଗୁଡୁ ଦିଗାଲ ଓ ସାଗର ଓରଫ କାଳିଆ ବିଶ୍ୱାଳ ମିଳିତ ଭାବେ ଜନତାନଗର ପୂଜା ମଣ୍ଡପ ନିକଟରେ ଅଭିଯୋଗକାରୀଙ୍କୁ ଘେରି ଧାରୁଆ ଅସ୍ତ୍ରରେ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । ଗୁନୁ ଓରଫ କେ.କମଲଦେବ ରାଓ ଏକ ଲମ୍ବା



ଖଣ୍ଡାରେ ଅଭିଯୋଗକାରୀଙ୍କ ମୁଣ୍ଡକୁ ଆକ୍ରମଣ କରିବା ବେଳେ ସେ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିବାରୁ ତାଙ୍କ ଡାହାଣ କାନ୍ଧରେ ରବିର ଆଘାତ ଲାଗିଥିଲା ।

ଅନ୍ୟ ଅଭିଯୁକ୍ତମାନେ ମଧ୍ୟ କାଠ ବାଡିରେ ବାଡେଇବା ସହ ଗୋଇଠା, ମୁଥ ଓ ଅନ୍ୟାନ୍ୟ ଉପାୟରେ ତାଙ୍କୁ ମାଡ ମାରିଥିଲେ । ଘଟଣା ସମୟରେ ଅଭିଯୋଗକାରୀଙ୍କୁ ଉଦ୍ଧାର କରିବାକୁ ଆସିଥିବା ଲୋକମାନଙ୍କୁ ମଧ୍ୟ ଧମକ ଦେଇ ଘଉଡାଇ ଦେଇଥିଲେ । ଅଭିଯୋଗକାରୀ ଭଉଣୀଙ୍କ ପ୍ରତି ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ । ସମସ୍ତ ଅଭିଯୁକ୍ତ ମାରଣାସ୍ତ୍ର ପ୍ରଦର୍ଶନ କରି ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ସହ ଅଭିଯୋଗକାରୀ ଓ ତାଙ୍କ ପରିବାରକୁ ହତ୍ୟା କରିବାର ଧମକ ଦେଇ ଘଟଣାସ୍ଥଳରୁ ଖସିଯାଇଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୋମବାର ପୁରୀ ସମୁଦ୍ର କୂଳ ଅଞ୍ଚଳରେ ଚଢାଉ କରାଯାଇଥିଲା । ଅଭିଯୁକ୍ତ ଗୁନୁ ଓରଫ କେ.କମଲଦେବ ରାଓ, ଓମ୍ ସାହୁ, ଦେବାଶିଷ ଓରଫ ହାତୀ ପ୍ରଧାନ, ରାହୁଲ ନାୟକ ଓରଫ ବାଉନ, ସୁନୀଲ ଓରଫ ସୋମୁ ବିଶ୍ୱାଳ ଏବଂ ସାହିଲ ଓରଫ ଗୁଡୁ ଦିଗାଲଙ୍କୁ ଗିରଫ କରାଯାଇଥିଲା । କେ.କମଲ ଦେବ ପାଖରୁ ଗୋଟିଏ ଲମ୍ବା ଖଣ୍ଡା ଜବତ କରାଯାଇଛି । କମଲଦେବ ରାଓ ବିରୋଧରେ ମୈତ୍ରୀ ବିହାର ଥାନାରେ ଚାରୋଟି ମାମଲା ଥିବାବେଳେ ହାତୀ ପ୍ରଧାନ ବିରୋଧରେ ଗୋଟିଏ ମାମଲା ଥିବା ପୋଲିସ କହିଛି । ୬ଜଣଙ୍କୁ ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବିଭିନ୍ନ ମନ୍ଦିରରୁ ଚୋରି ଘଟଣା, ୪ ଗିରଫ

ଚୌଦ୍ୱାର,(ସବ୍ୟୁ) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଶାଳଗାଁ ପଂଚାୟତରେ ଥିବା ବିଭିନ୍ନ ମନ୍ଦିରରୁ ଗତ ତିନିଦିନ ଧରି ବିଭିନ୍ନ ଅଳଙ୍କାର ଚୋରି ହେବା ଘଟଣାରେ ନେଇ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ପୁଲିସ୍ ଏହାକୁ ନେଇ ତଦନ୍ତ କରୁଥିବା ବେଳେ ରବିବାର ରାତିରେ ଭୟରପୁର ରାମମନ୍ଦିରରୁ ଚୋରି ହେବା ପରେ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ଚୋରି କରିଥିବା ୪ଜଣ ଅଭିଯୁକ୍ତଙ୍କୁ ଗ୍ରାମବାସୀ ଚିହ୍ନି ପାରିଥିଲେ । ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ୪ଜଣ ବନ୍‌ଜାରାଙ୍କୁ ଚିହ୍ନଟ ହୋଇଥିବା ବେଳେ ସେମାନେ ଅଂଚଳର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଭାବେ ରହି ସେଠାରେ ଥିବା ମନ୍ଦିରଗୁଡ଼ିକୁ ଟାର୍ଗେଟ୍ କରୁଥିଲେ । ଏହି ଚୋରମାନଙ୍କୁ ଚିହ୍ନିବା ପରେ ଗ୍ରାମବାସୀମାନେ ସକାଳୁ ଆଖପାଖରେ ଅଂଚଳରେ ଥିବା ବିଭିନ୍ନ ରେଲୱେ ଷ୍ଟେସନରେ ଖୋଜାଖୋଜି କରିବା ବେଳେ ଚାରବାଟିଆ ରେଲୱେ ଷ୍ଟେସନରେ ଗ୍ରାମବାସୀ ୪ଜଣଙ୍କୁ କାବୁ



କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ଦୁଇଜଣ ସେଠାରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ । ଏ ନେଇ ଉଭୟ ଟାଙ୍ଗୀ ଓ ଚୌଦ୍ୱାର ଥାନାକୁ ଖବର ଦେଇଥିଲେ । ପରେ ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ସେଠୀ ଓ ଚୌଦ୍ୱାର ପୁଲିସ୍ ଘଟଣାସ୍ଥଳରେ ପହଂଚି ଚୋରମାନଙ୍କୁ ନିଜ ହେପାଜତ୍‌କୁ ନେବା ସହ ସେମାନେ ଷ୍ଟେସନ ନିକଟରେ ଲୁଚାଇଥିବା ସମସ୍ତ ଅଳଙ୍କାରକୁ ପୁଲିସ୍ ଜବତ କରିଥିଲା । ଏହି ଘଟଣାରେ ଟାଙ୍ଗୀ ପୁଲିସ୍ ଜଣେ ନାବାଳକକୁ ଗିରଫ୍ କରିଥିବା ବେଳେ ଅନ୍ୟ ୩ଜଣଙ୍କୁ ଚୌଦ୍ୱାର ପୁଲିସ୍ ଗିରଫ୍ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଆଗକୁ ଏହି ୩ ଜଣ ଚୋରଙ୍କୁ ରିମାଣ୍ଡରେ ଅଣାଯାଇ ପୂର୍ବରୁ ଟାଙ୍ଗୀ ଓ ଚୌଦ୍ୱାର ଅଂଚଳରେ ଥିବା ବିଭିନ୍ନ ମନ୍ଦିରରୁ ଚୋରି ଘଟଣାର ତଦନ୍ତ କରାଯିବା ନେଇ ଟାଙ୍ଗୀ ଥାନା ଅଧିକାରୀ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି । ଫେରାର୍ ଦୁଇ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ୍ କରାଯିବା ନେଇ ଚୌଦ୍ୱାର ଥାନା ଅଧିକାରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି ।

### ସହକର୍ମୀଙ୍କ ନିର୍ଯାତନାର ଶିକାର ହୋଇ ବିଏସ୍ କଲେଜ ଅଧ୍ୟକ୍ଷଙ୍କ ଆତ୍ମହତ୍ୟା ଉଦ୍ୟମ

# ପୂର୍ବତନ ଅଧ୍ୟକ୍ଷଙ୍କ ନାମରେ ମାମଲା ରୁଜୁ

ଚଣ୍ଡିଖୋଲ, (ସବ୍ୟୁ): ନିଜ ସହକର୍ମୀ ତଥା ପ୍ରାକ୍ତନ ଅଧ୍ୟକ୍ଷଙ୍କ ନିର୍ଯାତନାର ଶିକାର ହୋଇ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ (ବିଏସ କଲେଜ)ର ଅଧ୍ୟକ୍ଷ ନାରାୟଣଚନ୍ଦ୍ର ମୁଦୁଲିଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା ଏବେ କେବଳ ଯାଜପୁର ଜିଲ୍ଲା ନୁହେଁ ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଉକ୍ତ କଲେଜର ପୂର୍ବତନ ଅଧ୍ୟକ୍ଷଙ୍କ ନିର୍ଯାତନା ସହି ନପାରି ଶ୍ରୀ ମୁଦୁଲି ପୂର୍ବରୁ ଦୁଇଥର ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ଏହି ସମସ୍ତ କଥା ଜାଣି ମଧ ପ୍ରାକ୍ତନ ଅଧ୍ୟକ୍ଷ ତାଙ୍କୁ ଭୀଷଣ ମାନସିକ ଚାପ ଦେବା ଫଳରେ ପ୍ରଫେସର ଶ୍ରୀ ମୁଦୁଲି ଏବେ ତୃତୀୟ ଥର କିଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଏବେ ଅତି ସଂକଟାପନ୍ନ ଅବସ୍ଥାରେ ସେ କଟକ ବଡ଼ ମେଡିକାଲ ଆଇସିୟୁରେ ଚିକିତ୍ସାଧିନ ଅଛନ୍ତି। ପ୍ରଫେସର ମୁଦୁଲିଙ୍କ ଘର କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅଧିନରେ ହୋଇଥିବାରୁ ତାଙ୍କ ପୁଅ ଏଥିନେଇ ସେଠାରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷଙ୍କ ନାମରେ ଏତଲା ଦେବା ପରେ ଏବେ ସେହି ଏତଲା ଯାଜପୁର ଜିଲ୍ଲାର ବଡଚଣା ଥାନାକୁ ସ୍ଥାନାନ୍ତର ହୋଇଛି। ଏତଲା ମିଳିବା ପରେ ବଡଚଣା ଥାନାରେ ଜୁଲାଇ ୧୯ ତାରିଖରେ ୨୫୨ ନମ୍ବରରେ ମାମଲା ପଞ୍ଜୀକରଣ ହୋଇଛି। ମାମଲା ପଞ୍ଜିକୃତ ହେବାପରେ ଘଟଣାକୁ ରଫାଦଫା କରିବା ପାଇଁ ଅଭିଯୁକ୍ତ ପ୍ରାକ୍ତନ ଅଧ୍ୟକ୍ଷଙ୍କ ପକ୍ଷରୁ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଶ୍ରୀ ମୁଦୁଲିଙ୍କ ପରିବାର ଉପରେ ପ୍ରବଳ ଚାପ ପକାଇବା ସହ ସେଥିପାଇଁ ଟଙ୍କା ଯାଚୁଥିବା ନେଇ ଶ୍ରୀ ମୁଦୁଲିଙ୍କ ପୁଅ ସଂଗିନ ଅଭିଯୋଗ କରିଛନ୍ତି।

ଘଟଣାସ୍ଥଳରୁ ଶ୍ରୀ ମୁଦୁଲିଙ୍କ ଲିଖିତ ଏକ ସୁଇସାଇଡ ନୋଟ ପୋଲିସରୁ ମିଳିଥିବା ଜଣାପଡିଛି। ସେ କଲେଜର ପୂର୍ବତନ ଅଧ୍ୟକ୍ଷଙ୍କୁ ନିଜର ଏହି ଚରମ ନିଷ୍ପତ୍ତି ନେବା ପାଇଁ ସମ୍ପୂର୍ଣ୍ଣ ଦାୟୀ କରିବା ସହ ତାଙ୍କ ବିରୋଧରେ ମାନସିକ ନିର୍ଯାତନା ଓ ବିଶ୍ୱାସ ଘାତକତାର ସଂଗୀନ ଅଭିଯୋଗ ଆଣିଛନ୍ତି। ଶ୍ରୀ ମୁଦୁଲିଙ୍କ ପରିବାରର ଅଭିଯୋଗ ଓ ସୁଇସାଇଡ ନୋଟରୁ ମିଳିଥିବା ତଥ୍ୟ ଅନୁଯାୟୀ ପୂର୍ବତନ ଅଧ୍ୟକ୍ଷ ବହୁ ଆର୍ଥିକ ଅନିୟମିତତାରେ ସଂପୃକ୍ତ ଥିଲେ। ଏଥିସହ ସମ୍ପୃକ୍ତ ପ୍ରାକ୍ତନ ଅଧ୍ୟକ୍ଷ ଅବସର ପୂର୍ବରୁ ସେ କଲେଜ କର୍ମଚାରୀଙ୍କ ଗୋପନୀୟ ଚରିତ୍ର ପଞ୍ଜିକା (ସିସିଆର) ଉଲ୍ଲେଖ କରିନଥିଲେ। ଆର୍ଥିକ କାରବାରର ସମସ୍ତ ପ୍ରମାଣ ଦେବା ସହିତ ସମସ୍ତ ଷ୍ଟାଫ ମାନଙ୍କର ସିସିଆର ରିପୋର୍ଟରେ ସ୍ୱାକ୍ଷର କରିଦେବେ ବୋଲି ଅଧ୍ୟକ୍ଷ ଶ୍ରୀ ମୁଦୁଲିଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଶ୍ୱାସନା ଉପରେ ଭରସା କରି ବର୍ତ୍ତମାନର ଅଧ୍ୟକ୍ଷ ଶ୍ରୀ ମୁଦୁଲି ପୂର୍ବତନ ଅଧ୍ୟକ୍ଷଙ୍କ ପେନସନ ସମ୍ବନ୍ଧୀୟ କ୍ଲିୟରାନ୍ସ ପତ୍ରରେ ସ୍ୱାକ୍ଷର କରିଥିଲେ। ତେବେ ଅବସର ଗ୍ରହଣ କରିବାର ୩ ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ ପୂର୍ବତନ ଅଧ୍ୟକ୍ଷ ନିଜ ପ୍ରତିଶ୍ରୁତି ପାଳନ କରିନଥିଲେ। ଯାହା ଫଳରେ ଉଚ୍ଚ ଶିକ୍ଷା ବିଭାଗ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ନିକଟରେ ଠିକ୍ ସମୟରେ ସିସିଆର ରିପୋର୍ଟ ଦାଖଲ ହୋଇପାରି ନ ଥିଲା। ଏହି ବିଳମ୍ବ ପାଇଁ କଲେଜ କର୍ମଚାରୀ ଅଧ୍ୟକ୍ଷ ଶ୍ରୀ ମୁଦୁଲିଙ୍କୁ ଦାୟୀ କରିଥିଲେ। ଫଳରେ ଶ୍ରୀ ମୁଦୁଲି ଏହି ସମୟ ମଧ୍ୟରେ ଥରେ ଆତ୍ମହତ୍ୟା ପାଇଁ ରେଳ ଲାଇନକୁ ଯାଇଥିଲା ବେଳେ ଆଉଥରେ ବିଦ୍ୟୁତ ତାରକୁ ନିଜ ଦେହରେ ସଂଯୋଗ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ପ୍ରାକ୍ତନ ଅଧ୍ୟକ୍ଷ ଅବଗତ ହୋଇଥିଲେ ମଧ ଅଧ୍ୟକ୍ଷ ଶ୍ରୀ ମୁଦୁଲିଙ୍କୁ ପୂର୍ବ ପରି ମାନସିକ ନିର୍ଯାତନା ଦେବା ସହିତ ତାଙ୍କ ସମୟର କଲେଜ କାଗଜ ପତ୍ରରେ ଦସ୍ତଖତ ଦେଇନଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କ ଶୋଇବା ଘରୁ ମିଳିଥିବା ସୁଇସାଇଡ ନୋଟରେ 'ମୋ ମୃତ୍ୟୁ ପାଇଁ ବିଏସ କଲେଜର ପୂର୍ବତନ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା ସମ୍ପୂର୍ଣ ଭାବେ ଦାୟୀ ରହିବେ' ବୋଲି ଲେଖାଯାଇଛି। ଏନେଇ ପୂର୍ବତନ କଲେଜ ଅଧ୍ୟକ୍ଷ ଶ୍ରୀ ମାହାଲାଙ୍କୁ ଯୋଗାଯୋଗ କରିବାରୁ 'ମୁଁ କଲେଜରୁ ଅବସର ନେବା ପରେ ତାଙ୍କୁ ଚାର୍ଜ ଦେଇଥିଲି। ସେତେବେଳେ ମୁଦୁଲି ବାବୁ ସିସିଆର କରିବାର ଥିଲା। ସେ ସିସିଆର କରି ନ ଥିଲେ। ସେ ମୋ ନିକଟକୁ ଆସିଥିଲେ କିନ୍ତୁ ଏଥିରେ କିଛି ଭୁଲ ଥିଲାରୁ ଠିକ୍ କରିବାକୁ ତାଙ୍କୁ କହିଥିଲି। ହେଲେ ମିଳିଥିବା ସୁସାଇଡନୋଟ ସମ୍ପର୍କରେ ପଚାରିବାରୁ ସେ ତାହାର କୌଣସି ଉତ୍ତର ଦେଇ ନଥିଲେ। ଏ ସମ୍ପର୍କରେ ବଡଚଣା ଥାନା ଅଧିକାରୀଙ୍କୁ ପଚାରିବାରେ ସେ ଘଟଣାର ତଦନ୍ତ ଚାଲିଛି ଓ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି କହିଛନ୍ତି। ଅପରପକ୍ଷରେ ଏହି ଘଟଣା ସମ୍ପର୍କରେ ଜଣିବା ପରେ କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଯାଜପୁର ଉପଜିଲ୍ଲାପାଳ କଲେଜରେ ପହଞ୍ଚି ସମସ୍ତ ବିଷୟରେ ଅନୁଧ୍ୟାନ କରିବା ସହ ଅଭିଯୁକ୍ତ ପ୍ରାକ୍ତନ ଅଧ୍ୟକ୍ଷଙ୍କୁ ପଚରା ଉଚରା କରିଥିବା ଜଣାପଡ଼ିଛି। ତେବେ ଏହି ସ୍ପର୍ଶକାତର ତଦନ୍ତ କରି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଶ୍ରୀ ମୁଦୁଲିଙ୍କ ପୁଅ ଗିରିଶ ପାତ୍ର ଓ ତାଙ୍କ ପରିବାର ବର୍ଗ ଦାବି କରିଛନ୍ତି।

## ନିଟ୍ ପରୀକ୍ଷାରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା








ଭୁବନେଶ୍ୱର (ସବ୍ୟୁ): ସଦ୍ୟ ପ୍ରକାଶିତ ସର୍ବଭାରତୀୟ ମେଡିକାଲ୍ ପ୍ରବେଶିକା ପରୀକ୍ଷା ନିଟ୍‌ରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ଅର୍ଜନ କରିଛନ୍ତି। ମୋଟ ୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ବିଶ୍ୱଜିତ୍ ପ୍ରୀୟଦର୍ଶୀ ୬୧୫ ମାର୍କ, ରୂପେଶ ରଞ୍ଜନ ସାହୁ ୫୬୮ ମାର୍କ, ଶୁଭଲକ୍ଷ୍ମୀ ମୁଦୁଲୀ ୫୭୫ ମାର୍କ, ଗୋପୀନାଥ ସେଠି - ୫୨୪ ମାର୍କ, ସ୍ୱାଧୀନ ମେହେର - ୫୪୫ ମାର୍କ ଓ ଡାଙ୍ଗି ମାଝି ୫୪୫ ମାର୍କ ରଖି ଶ୍ରେଷ୍ଠ ତାଲିକାରେ ସ୍ଥାନୀତ ହୋଇ ଅନୁଷ୍ଠାନର ଗୌରବ ବଢାଇବା ସହ ଆଗାମୀ ବର୍ଷ ପରୀକ୍ଷା ଦେବାକୁ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଉକ୍ତ ଅନୁଷ୍ଠାନର ପାରଂପାରିକ +୨ ବିଜ୍ଞାନ ପାଠ ସହ ସ୍ୱତନ୍ତ୍ରଭାବେ ତାଲିମ୍‌ପ୍ରାପ୍ତ ଅଭିଜ୍ଞ ଅଧ୍ୟାପନା ମଣ୍ଡଳୀଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ କରାଯାଇଥାଏ। ଆଗ୍ରହୀ ଛାତ୍ରଛାତ୍ରୀମାନେ ନିୟମିତ +୨ ବିଜ୍ଞାନ ସହ ବିଭିନ୍ନ ପ୍ରତିଯୋଗୀତାମୂଳକ ପରୀକ୍ଷାରେ ସଫଳତା ନିମନ୍ତେ ଶିକ୍ଷକମାନଙ୍କର ନିରନ୍ତର ଚେଷ୍ଟା ଛାତ୍ରଛାତ୍ରୀମାନଙ୍କ ସଫଳତା ପଛର ଅନ୍ୟତମ କାହାଣୀ ବୋଲି ଅନୁଷ୍ଠାନର ସଭାପତି ତଥା କିଟ୍ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ସଦସ୍ୟ ଡଃ. ଚିତ୍ତ ରଞ୍ଜନ ମିଶ୍ର କହିବା ସହ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

### ଅବକାରୀ ବିଭାଗର ଚଢ଼ାଉ

## ୧୧ ଲକ୍ଷ ଟଙ୍କାର ବ୍ରାଉନସୁଗର ସହ ଆସାମୀ ଗିରଫ



ଜଟଣୀ, (ସବ୍ୟୁ) : ଅବକାରୀ ଅଧିକ୍ଷିକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଭ୍ରାମ୍ୟମାଣ ନିରୀକ୍ଷିକା ମାନସି ନାୟକଙ୍କ ନେତୃତ୍ୱରେ ଜଟଣୀ ସହରାଞ୍ଚଳରେ ଚଢ଼ାଉ କରାଯାଇ ରାମଚନ୍ଦ୍ରପୁର ବଜାର ଅଞ୍ଚଳର ଲିପୁନୀ ଦାସ ଓରଫ ମିଲୁ (୨୫ ) ଙ୍କ ହେପାଜତରୁ ୧୧୦ ଗ୍ରାମ୍ ବ୍ରାଉନ ସୁଗାର ଜବତ କରାଯାଇଅଛି। ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୧ ଲକ୍ଷ ଟଙ୍କା ହେବ ବୋଲି ସବ ଇନ୍ସପେକ୍ଟର ସୁଜିତ କୁମାର ମୁଦୁଲି କହିଛନ୍ତି କ୍ଷ ଏହି ସମ୍ପର୍କରେ ଅବକାରୀ ଥାନାରେ ୧୪୫/୨୦୨୬-୨୭ରେ ଏକ ମାମଲା ରୁଜୁ କରାଯାଇ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅନ୍ୟ ମାନଙ୍କ ମଧ୍ୟରେ ଏଏସଆଇ ସଞ୍ଜୟ କୁମାର ରାଉତ, ବିକାଶ ଚନ୍ଦ୍ର ରାଉତ, ଅଶେଷ କୁମାର ପ୍ରଧାନ ଏବଂ ସ୍ୱପ୍ନାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ ।

## ବର୍ଷା ପାଣିରେ ୨୦ ଘର ଜଳବନ୍ଦି

ଚନ୍ଦନପୁର ,(ସବ୍ୟୁ): ପୁରୀ ପୌରପାଳିକା ଅଧିନ ବାଲିସାହି ଓ ଗୋପାଳ ତୀର୍ଥ ମଠର ପଛ ପଟରେ ସାମାନ୍ୟ ବର୍ଷା ହେଲେ ଜଳ ନିଷ୍କାସନ ହୋଇ ନ ପାରିବାରୁ ଏଠାରେ ବାସ କରୁଥିବାପ୍ରାୟ ୨୦ ପରିବାର ଏକ ପ୍ରକାର ଜଳବନ୍ଦି ହୋଇ ରହିଛନ୍ତି । ସେମାନେ ବାରମ୍ବାର ପୌର ପାଳିକା ରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନଥିବା କହିଛନ୍ତି । ବର୍ଷାଜଳ ଜମି ରହିଥିବାରୁ ଯାତାୟତରେ ବାଧା ସୃଷ୍ଟି ହେବା ସହିତ ମଶା , ମାଛି ଓ ବିଭିନ୍ନ ପ୍ରକାର ପୋକ ସେଠାରେ ବସବାସ କରୁଥିବା ଜନସାଧାରଣ ଉପରେ ଦାଉ ସାଧୁଛନ୍ତି । ଯଦି ଆସନ୍ତା ୭ ଦିନ ମଧ୍ୟରେ ଜଳ ନିଷ୍କାସନ ର ସ୍ଥାୟି ସମାଧାନ କରା ନଯାଏ ସେମାନେ ରାଜରାସ୍ତା ଓହ୍ଲାଇବେ ବୋଲି ପ୍ରଶାସନକୁ ଚେତାବନି ଦେଇଛନ୍ତି ।

## ମାରଣାସ୍ତ୍ର ଦେଖାଇ ୫୦ହଜାର ଲୁଟ

ବଲଙ୍ଗା ,(ସବ୍ୟୁ): ବଲଙ୍ଗା ବଜାରରେ ଜଣେ ଯୁବକଙ୍କ ଠାରୁ ମାରଣାସ୍ତ୍ର ଦେଖାଇ ଅଭିଯୁକ୍ତ ବାପ ପୁଅ ୫୦ହଜାର ଟଙ୍କା ଲୁଟ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଲଙ୍ଗା ଥାନା ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ସତ୍ୟତା ନେଇ ତଦନ୍ତ ଜାରି ରହିଛି । ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ନୁଆଗୋପାଳ ପୁର ବସ୍ତିର ରାଜେଶ ସାହା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ବଲଙ୍ଗା ବଜାରରେ ଥିବା ତାଙ୍କ ଜାଗାରେ ମଟନ ଦୋକାନ ପାଇଁ ରାଜେଶ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଥିଲା ବେଳେ ଏହି ଥାନା ଅନ୍ତର୍ଗତ ଉଚ୍ଛୁପୁର ଶେରଗଡ ବସ୍ତିର କବୁ ଖାଁ ଓ ତାଙ୍କ ପୁଅ ରାଜା ଖାଁ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ରାଜେଶଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଜୀବନରେ ମାରିଦେବାର ଧମକ ଦେଇ ରାଜେଶଙ୍କ ଠାରୁ ୫୦ହଜାର ଟଙ୍କା ଲୁଟି ନେଇଥିଲେ ବୋଲି ରାଜେଶ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ।

## ବିଶିଷ୍ଟ ଗାଳ୍ପିକ ପ୍ରଦୀପ୍ତ କୁମାର ମିଶ୍ରଙ୍କ ପରଲୋକ



ଭୁବନେଶ୍ୱର, (ସବ୍ୟୁ): କମଳା ନେହେରୁ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ବିଶିଷ୍ଟ ଗାଳ୍ପିକ ପ୍ରଦୀପ୍ତ କୁମାର ମିଶ୍ରଙ୍କର ୬୮ ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ ୧୭ତାରିଖ ଦିନ କିଡନୀ ଜନିତ ରୋଗରେ ପରଲୋକ ହୋଇଯାଇଛି । ତାଙ୍କର ତିନୋଟି ଗଳ୍ପ ସଂଚୟନ "ଛଦ୍ମ ଘଟ", "କୁହୁଡି ଖେଳ", ଏବଂ "କାନ୍ଥ" ଗୁଣୀ ପାଠକ ମହଲରେ ଗଭୀର ସଂବେଦନାଶୀଳତାର ସ୍ତର ପାଇଁ ଆଦୃତ ହୋଇଥିଲା । ଚତୁର୍ଥ ଗଳ୍ପସଂଚୟନ ଆସନ୍ତା ଅଗଷ୍ଟ ୨ ତାରିଖରେ ଲୋକାର୍ପଣ ହେବାକୁ ସ୍ଥିର ହୋଇଥିଲା। ପ୍ରଥମ ଗଳ୍ପ ସଂଚୟନ "ଛଦ୍ମଘଟ" ର ଦ୍ୱିତୀୟ ସଂସ୍କରଣ ମଧ୍ୟ ପ୍ରକାଶିତ ହୋଇଛି । ବହୁ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସେ ସଂବର୍ଦ୍ଧିତ ହୋଇଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ସଂସ୍କାର ସଂପନ୍ନ ହୋଇଯାଇଛି । ଖଣ୍ଡପଡ଼ାଗଡର ମୂଳ ନିବାସୀ ଶ୍ରୀ ମିଶ୍ର ଭୁବନେଶ୍ୱରରେ ଅବସ୍ଥାନ କରୁଥିଲେ । ପତ୍ନୀ ସୁସ୍ମିତା ଏବଂ ପୁତ୍ର ଅଭିଷେକଙ୍କୁ ସେ ଛାଡି ଯାଇଛନ୍ତି ।

## ଲିଫ୍ଟ ବାହାନାରେ ଦୁଷ୍କର୍ମ ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଲିଫ୍ଟ ଦେବା ବାହାନାରେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପିତାପଲ୍ଲୀ ନିକଟ ରତନପୁର ଜଙ୍ଗଲକୁ ନେଇ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୁକ୍ତ ସୁନୀଲ ପାତ୍ରକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ରବିବାର ସକାଳ ପ୍ରାୟ ୧୦ଟା ବେଳେ ଅଭିଯୋଗକାରିଣୀ ଖୋର୍ଦ୍ଧା କଲେକେଫାରଏଟ୍ ଛକରେ ଠିଆ ହୋଇଥିଲେ । କାରଣ ମାମୁଙ୍କୁ ଦେଖା କରିବା ପାଇଁ ସେ କଟକ ଯିବା ଉଦ୍ଦେଶ୍ୟରେ ବସ୍‌କୁ ଅପେକ୍ଷା କରିଥିଲେ । ଏହି ସମୟରେ ଅଭିଯୁକ୍ତ ସୁନୀଲ ମୋଟରସାଇକେଲରେ ଆସି ତାଙ୍କୁ ଖଣ୍ଡଗିରି ପାଖରେ ଛାଡିଦେବି ବୋଲି କହି ପ୍ରଲୋଭିତ କରିଥିଲା । ଅଭିଯୋଗକାରିଣୀ ଯୁବତୀ ତା'ସହ ବାଇକ୍‌ରେ ଆସିବା ପରେ ସେ ରତନପୁର ଜଙ୍ଗଲ ଅଞ୍ଚଳକୁ ନେଇଯାଇ ତାଙ୍କ ଇଚ୍ଛା ବିରୋଧରେ ଜବରଦସ୍ତି ଦୁଷ୍କର୍ମ ଉଦ୍ୟମ କରିଥିଲା । ଅଭିଯୋଗକାରିଣୀ ବିରୋଧ କରିବାରୁ ଅଭିଯୁକ୍ତ ଏକ ଛୁରିରେ ତାଙ୍କ ପେଟକୁ ଆଘାତ କରି ଆହତ କରିଥିଲା । ପୁନର୍ବାର ଉଦ୍ୟମ କରିବା ସମୟରେ ଜଣେ ପଥଚାରୀ ସେହି ସ୍ଥାନକୁ ଆସୁଥିବା ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ମୋଟରସାଇକେଲରେ ପଳାଇ ଯାଇଥିଲା । ଅଭିଯୋଗକାରିଣୀ ଜଙ୍ଗଲରେ ମୁଖ୍ୟ ରାସ୍ତାକୁ ବାଟ ନପାଇବାରୁ ୧୧୨ ନମ୍ବରକୁ ଫୋନ୍ କରି ସହାୟତା ମାଗିଥିଲା । ପୋଲିସ ପହଞ୍ଚି ୩ଘଣ୍ଟା ପରିଶ୍ରମ କରିବା ପରେ ଯୁବତୀଙ୍କୁ ଉଦ୍ଧାର କରିଥିଲା ।

## ବ୍ରାହ୍ମଣବାଡରେ "ବିଷ୍ଣୁପ୍ରିୟା ସେବା ସମିତି' ପକ୍ଷରୁ ବୃକ୍ଷ ରୋପଣ



କଟକ, (ସ୍ୱପ୍ର) : କଟକ ସଦରର ଅଗ୍ରଣୀ ସାମାଜିକ ସଙ୍ଗଠନ "ବିଷ୍ଣୁପ୍ରିୟା ସେବା ସମିତି' ପକ୍ଷରୁ ରବିବାର ସ୍ଥାନୀୟ ଆୟତପୁର ପଞ୍ଚାୟତ ବ୍ରାହ୍ମଣବାଡ ଠାରେ ଫଳ, ପୁଷ୍ପ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଷ୍ଣୁପ୍ରିୟା ସେବା ସମିତିର ସଭାପତି ତଥା କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଥିଭାବେ ଭାରତମସଲାର ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ପଣ୍ଡା, ବିଜେପି ନେତା ହୃଷିକେଶ ଜେନା, ସୁବୋଧ ବେହେରା ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ପୂର୍ବରୁ ଏହି ସଙ୍ଗଠନ ମାଧ୍ୟମରେ ସଦର ଅଞ୍ଚଳର ବିଭିନ୍ନ ପଞ୍ଚାୟତ ନଦୀ ପଠାରେ ବ୍ୟାପକ ବୃକ୍ଷ ରୋପଣ କରାଯାଇ ଏହାର ରକ୍ଷଣା ବେକ୍ଷଣା କରାଯାଉଛି । ଅତିଥିମାନେ ଜୀବଜଗତ ପାଇଁ ବୃକ୍ଷର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।

## ରାଜଧାନୀରୁ ୧.୩୨ କୋଟି ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଆନ୍ତଃରାଜ୍ୟ ଚାଲାଣକାରୀ ବୋଲେରୋ ଗାଡିରେ



ଗଞ୍ଜେଇ ନେଇ ରାଜଧାନୀ ବାଟେ ଯାଉଥିବା ବେଳେ ଏସ୍‌ଟିଏଫ୍ ସୂଚନା ପାଇ ସେହି ଗାଡିକୁ ପିଛା କରିଥିଲା । ପୋଲିସ ପିଛା କରିଥିବା ସେମାନେ ଜାଣି ଜାତୀୟ ରାଜପଥରୁ ଗାଡି ବୁଲାଇ ବାଙ୍କୁଆଳ ଆଡକୁ ଯାଇଥିଲେ । ବାଙ୍କୁଆଳ ବାଲିଯାତ୍ରା ପଡିଆରୁ ସେହି ଗାଡିକୁ କାବୁ କରିବା ସହ ସେଥିରେ ଯାଉଥିବା ଦୁଇ ଚାଲାଣକାରୀଙ୍କୁ ଗିରଫ କରିଥିଲା । ଗାଡି ଯାଞ୍ଚ କରିବା ବେଳେ ସେଥିରୁ ୨୬୩ କେଜି ଗଞ୍ଜେଇ ମିଳିଥିଲା । ଯାହାର ଆନୁମାନିକ ମୂଲ୍ୟ ୧.୩୨କୋଟି ଟଙ୍କା ହେବ ବୋଲି ଏସ୍‌ଟିଏଫ୍ କହିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ନରସିଂହ ଦିଗାଲ (୩୬) ଓ ମୃତ୍ୟୁଞ୍ଜୟ ଦିଗାଲ (୨୯) । ଦୁଇଜଣଙ୍କ ଘର କନ୍ଧମାଳ ଜିଲ୍ଲାରେ । ଗିରଫ ଦୁଇଜଣ ବୋଲେରୋ ଗାଡିରେ କନ୍ଧମାଳରୁ ଗଞ୍ଜେଇ ନେଇ ଝାଡଖଣ୍ଡ ଅଭିମୁଖେ ଯାଉଥିବା ଏସ୍‌ଟିଏଫ୍ ତଦନ୍ତକାରୀ ଟିମ୍ ସୂତ୍ରରୁ ପ୍ରକାଶ । କନ୍ଧମାଳ ଗଞ୍ଜେଇ କେବଳ ଝାଡଖଣ୍ଡ ନୁହେଁ ଦେଶର ବିଭିନ୍ନ ରାଜ୍ୟରେ ଅଧିକ ଦାମ୍‌ରେ ବିକ୍ରି ହେଉଥିବାରୁ ମାଫିଆମାନେ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ କରି ଅଧିକ ମୂଲ୍ୟ ପାଉଛନ୍ତି । ରାଜଧାନୀରୁ ୧.୩୨କୋଟି ଟଙ୍କାର ଗଞ୍ଜେଇ ଜବତ ହେବା ପ୍ରଥମ ଘଟଣା ବୋଲି ଚର୍ଚ୍ଚା ହେଉଛି । ଗିରଫ ଦୁଇ ଚାଲାଣକାରୀଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଓଡ଼ିଶାରେ 'ଓର୍ଜୁ' ଘଣ୍ଟାର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଲେକର୍ବ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଅଧିକୃତ ଚ୍ୟାନେଲ୍ ପାର୍ଟନର 'ସ୍ୱସ୍ତିକ ଏଣ୍ଟର ପ୍ରାଇଜେସ୍' ପକ୍ଷରୁ ଭୁବନେଶ୍ୱରସ୍ଥ 'ଟାଇମ୍ ୱାଲର୍ଡ' ଠାରେ 'ଓର୍ଜୁ' ଘଣ୍ଟାର ଉନ୍ମୋଚନ ଉତ୍ସବ ଗତ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲେକର୍ବ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଆଞ୍ଚଳିକ ପ୍ରବନ୍ଧକ(ଉତ୍ତର ଓ ପୂର୍ବ) ପବନ ଶର୍ମା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଏହି ଶୁଭାରମ୍ଭ ଓଡ଼ିଶାର ଗ୍ରାହମାନଙ୍କ ପାଇଁ ଏକ ସ୍ୱଦେଶୀ ଘଣ୍ଟା ବ୍ରାଣ୍ଡ 'ଓର୍ଜୁ'କୁ ପରିଚିତ କରାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଅତ୍ୟାଧୁନିକ ପ୍ରିମିୟମ୍ ଡିଜାଇନ୍ ସହିତ ବିଶ୍ୱସ୍ତରୀୟ କାରୁକାର୍ଯ୍ୟର ଅପୂର୍ବ ସମନ୍ୱୟ ଆଣିଦେବ। ଏହା ହେଉଛି ଲେକର୍ବ ଇଣ୍ଡିଆର ଏକ ପ୍ରମୁଖ ଘଣ୍ଟା ବ୍ରାଣ୍ଡ, ଯାହାକୁ ଆଜିର ଯୁଗର ସଫଳ ଓ ସଂଗ୍ରାମୀ ବ୍ୟକ୍ତିମାନଙ୍କ ପାଇଁ ଏକ ସୁଲଭ ମୂଲ୍ୟରେ ପ୍ରିମିୟମ୍ ଟାଇମ୍‌ପିସ୍ ପ୍ରଦାନ କରିବାର ସଂକଳ୍ପ ସହ ସୃଷ୍ଟି କରାଯାଇଛି। କାଶ୍ମୀର ଶବ୍ଦ 'ଓର୍ଜୁ'ରୁ




ଏହି ବ୍ରାଣ୍ଡର ନାମକରଣ କରାଯାଇଛି, ଯାହାର ଅର୍ଥ ହେଉଛି 'ଉତ୍ତମ ସ୍ୱାସ୍ଥ୍ୟ'। ଏହି ଘଣ୍ଟାର କିଛି ବୈଶିଷ୍ଟ୍ୟ ମଧ୍ୟରେ ରହିଛି ସାଫାୟାର କ୍ରିଷ୍ଟାଲ ଗ୍ଲାସ୍। ଯାହା ସ୍କ୍ରାଚ ପ୍ରତିରୋଧକ ଓ ସମୟକୁ ସ୍ପଷ୍ଟ ଭାବେ ଦେଖିବାକୁ ସହାୟତା କରେ। ସେହିପରି ଏଥିରେ ସହଜରେ ଷ୍ଟ୍ରାପ୍ ବଦଳାଇବା ପାଇଁ ଇଜି ରିଲିଜ ମେକାନିଜିମ୍ ଦିଆଯାଇଛି। ଏହାଛଡ଼ା ସଲିଡ୍ ଲିଙ୍କ୍ ଷ୍ଟେନ୍‌ଲେସ୍-ଷ୍ଟିଲ୍ ବ୍ରେସ୍‌ଲେଟ୍ ହାତକୁ ଏକ ଚମତ୍କାର ଅନୁଭୂତି ଓ ଆରାମ ପ୍ରଦାନ କରିଥାଏ। ଏହି ଘଣ୍ଟାର କିଛି ଆକର୍ଷଣୀୟ କଲେକ୍ସନ ମଧ୍ୟ ରହିଛି। ସେଗୁଡ଼ିକ ହେଲା କ୍ଲାସିକ ଆନାଲଗ, ଏଲିଗାଣ୍ଟ ମଲ୍ଟିଫଙ୍କସନ, ରିଚ କ୍ରୋନୋଗ୍ରାଫ ଓ ଅଟୋମାଟିକ୍ସ।

### ଜଳ ନିଷ୍କାସନ ପଥ ବନ୍ଦକୁ ନେଇ ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ପୁବୁସାହି କପିଳେଶ୍ୱରପୁର ଗ୍ରାମବାସୀ

# ସରକାରୀ ଜମି ଚିହ୍ନଟ କରି ସ୍ଥାୟୀ ଡ୍ରେନ ନିର୍ମାଣ ପାଇଁ ଦାବି

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ପଂଚାୟତ ସମିତି ଅଧିନସ୍ଥ ପୁବୁସାହି ଗ୍ରାମ ପଂଚାୟତ କପିଳେଶ୍ୱରପୁର ଗ୍ରାମରେ ଦୀର୍ଘଦିନ ଧରି ଲାଗି ରହିଥିବା ଜଳ ନିଷ୍କାସନ ସମସ୍ୟା ଏବେ ଉଗ୍ର ରୂପ ଧାରଣ କରିଛି। ଏହାର ସ୍ଥାୟୀ ସମାଧାନ ଦାବିରେ ସୋମବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଖୋର୍ଦ୍ଧା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜବରଦଖଲ ହଟାଇ ସରକାରୀ ଜମି ଚିହ୍ନଟ କରି ଡ୍ରେନ ନିର୍ମାଣ ସହ ପାଣି ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରିବାକୁ ସେମାନେ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପୁବୁସାହି ମହାବୀର ଓ ଶନି ମନ୍ଦିର ପର୍ଯ୍ୟନ୍ତ ପୂର୍ବରୁ ନିର୍ମାଣ ହୋଇଥିବା ଜଳ ନିଷ୍କାସନ ନାଳ ସମ୍ପୂର୍ଣ୍ଣ ହୋଇନଥିବାରୁ ଗ୍ରାମର ଅପରିଷ୍କାର ପାଣି ସିଧାସଳଖ ମନ୍ଦିର ସମ୍ମୁଖ ରାସ୍ତାରେ ପ୍ରବାହିତ ହେଉଛି। ଏହାଫଳରେ କପିଳେଶ୍ୱର ମହାଦେବ ମନ୍ଦିରକୁ ଯାତାୟାତ କରୁଥିବା ଭକ୍ତମାନଙ୍କ ସହିତ ତିନୋଟି ପୋଖରୀ, ଚାଷଜମି ଓ ବିଲକୁ ଯାଉଥିବା ଗ୍ରାମବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଋତୁରେ ପରିସ୍ଥିତି ଆହୁରି ସଙ୍କଟଜନକ ହୋଇପଡୁଥିବାରୁ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ମଧ ପ୍ରକାଶ ପାଇଛି। ଗ୍ରାମବାସୀ ମାନେ ଦାବି କରିଛନ୍ତି ଯେ, ପୂର୍ବରୁ ଏହି ନାଳର ପାଣି ଶନି ମନ୍ଦିର ପାଖ



ଦେଇ ପଶ୍ଚିମ ଦିଗକୁ ପ୍ରବାହିତ ହୋଇ କପିଳେଶ୍ୱରପୁର ମୌଜାର ସରକାରୀ ପ୍ଲଟ ନଂ–୪୩୦ (ଏରିଆ ୦.୨୦୦ ଡିସିମିଲ) ଓ ପ୍ଲଟ ନଂ–୪୩୧ (ଏରିଆ ୦.୫୧୫ ଡିସିମିଲ) ମାଧ୍ୟମରେ ଚାଷଜମିକୁ ନିଷ୍କାସିତ ହେଉଥିଲା। କିନ୍ତୁ ପରବର୍ତୀ ସମୟରେ ଜଣେ ବ୍ୟକ୍ତି ଘର ନିର୍ମାଣ କରି ପାଣି ଯିବା ରାସ୍ତାରେ ଜୋରଜବରଦସ୍ତ ମୋରମ ପକାଇ ଜଳ ନିଷ୍କାସନ ପଥକୁ ବନ୍ଦ କରିଦେଇଥିବାରୁ ଗ୍ରାମର ଆବର୍ଜନା ପାଣି ଏବେ ରାସ୍ତା ଉପରେ ଜମି ରହୁଛି। ଏଥିସହ ଶନିମନ୍ଦିର ସମ୍ମୁଖରେ ଅର୍ଦ୍ଧନିର୍ମିତ ଏକ କୋଠା ଦୀର୍ଘଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ରହିଥିବାରୁ ସମସ୍ୟା ଆହୁରି ବଢ଼ିଛି।

ଏହି ସମସ୍ୟାର ସମାଧାନ ପାଇଁ ୨୬ ଏପ୍ରିଲ ୨୦୨୬ ତାରିଖରେ ପୁବୁସାହି ଶ୍ରୀଜଗନ୍ନାଥ ଆଶ୍ରମ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଏକ ସମାଧାନ ବୈଠକ ଆୟୋଜିତ ହୋଇଥିଲା।

ଅର୍ଜୁନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଖୋର୍ଦ୍ଧା ପଂଚାୟତ ସମିତିର ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ବରସାହି ସରପଂଚ ଶରତ ଚନ୍ଦ୍ର ବେହେରା, ନାଳିପଡ଼ା-ଅର୍ଜୁନପୁର ସରପଂଚ ସୂର୍ଯ୍ୟ ପ୍ରସାଦ ମହାନ୍ତି, ପୁବୁସାହି ସମିତି ସଭ୍ୟ ପ୍ରମୋଦ କୁମାର ସ୍ୱାଇଁ ଓ ସରପଂଚ ଙ୍କ ପ୍ରତିନିଧି ମନମୋହନ ମହାପାତ୍ରଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହି ବୈଠକରେ ଶନି ମନ୍ଦିର ଠାରୁ ପଶ୍ଚିମ ପାର୍ଶ୍ୱରେ ହନୁମାନ ମନ୍ଦିର ପାଚେରୀ କଡ଼ ଦେଇ ଏକ ନୂତନ ଡ୍ରେନ ନିର୍ମାଣ କରି ନିକଟସ୍ଥ ସରକାରୀ ଜମିରେ ସମ୍ପ ନିର୍ମାଣ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତି ହୋଇଥିଲା। ଡ୍ରେନ ଉପରେ ସ୍ଲାବ ପକାଯିବ, କାମ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ପାଣି ଛଡ଼ାଯିବ ନାହିଁ ଏବଂ ଗ୍ରାମ୍ୟ କମିଟିକୁ ପଂଚାୟତ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ମଧ ନିଷ୍ପତି ହୋଇଥିଲା। ଏହାସହ ଗ୍ରାମବାସୀଙ୍କ ଦାବି ଅନୁଯାୟୀ ଏକ ନୂତନ ଗ୍ରାମ୍ୟ କମିଟି ଗଠନ କରିବା ଏବଂ ପୂର୍ବରୁ ଡ୍ରେନ ନିର୍ମାଣକୁ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ରୁଜୁ ହୋଇଥିବା ମାମଲାର ଆଇନଗତ ସମାଧାନ ପାଇଁ ଗ୍ରାମ୍ୟ କମିଟି ଆବଶ୍ୟକ ପଦକ୍ଷେପ ନେବାକୁ ମଧ ସ୍ଥିର କରାଯାଇଥିଲା। କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗ ହେଉଛି, ବୈଠକରେ ନିଆଯାଇଥିବା ସମସ୍ତ ନିଷ୍ପତିକୁ ଅବମାନନା କରି ସମ୍ପୃକ୍ତ ବ୍ୟକ୍ତି ପୁଣିଥରେ ଜଳ ନିଷ୍କାସନ ପଥକୁ ବନ୍ଦ କରିଦେଇଛନ୍ତି। ଫଳରେ ଗ୍ରାମରେ ପୁଣି ପୂର୍ବଭଳି ଜଳ ଜମି ରହି ଲୋକଙ୍କ ଦୈନନ୍ଦିନ ଜୀବନ ବ୍ୟାହତ ହେଉଛି। ଏହି ପରିସ୍ଥିତିରେ ଖୋର୍ଦ୍ଧା ତହସିଲଦାରଙ୍କୁ ଦିଆଯାଇଥିବା ଦାବିପତ୍ରରେ ଗ୍ରାମବାସୀମାନେ ସରକାରୀ ପ୍ଲଟ ନଂ–୪୩୦ ଓ ୪୩୧କୁ ତୁରନ୍ତ ମାପଚିହ୍ନଟ କରି ଜବରଦଖଲ ହଟାଇବା, ସ୍ଥାୟୀ ଡ୍ରେନ ନିର୍ମାଣ ପାଇଁ ନକ୍ସା ପ୍ରସ୍ତୁତ କରିବା ଏବଂ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ପ୍ରଶାସନ ଶୀଘ୍ର ହସ୍ତକ୍ଷେପ କରି ସମସ୍ୟାର ସ୍ଥାୟୀ ସମାଧାନ ନକଲେ ଆଗାମୀ ଦିନରେ ବୃହତର ଗଣଆନ୍ଦୋଳନ କରିବାକୁ ମଧ ଗ୍ରାମବାସୀ ସଚେତନ କରିଛନ୍ତି।



ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ମାଉସୀ ମା'ମନ୍ଦିରରେ ମହାପ୍ରଭୁଙ୍କ ହରିହର ବେଶ
ଫଟୋ: ସୌମ୍ୟ ରଞ୍ଜନ ପଟ୍ଟନାୟକ

## ନବଜାତ ଶିଶୁକୁ ରାସ୍ତାରେ ଫିଙ୍ଗି ଦେଇ ଚାଲିଗଲା ଜନ୍ମଦାତ୍ରୀ

ଭଞ୍ଜନଗର, (ସବ୍ୟୁ) : ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜାଗଡ ନିକଟ ରାସ୍ତା କଡରୁ ସୋମବାର ଅପରାହ୍ନରେ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି । ଉଦ୍ଧାର କରିଥିବା ଶିଶୁପୁତ୍ରକୁ ଗ୍ରାମବାସୀଙ୍କ ସହଯୋଗରେ ଚିକିତ୍ସା ପାଇଁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଛନ୍ତି । ସୂଚନା ପ୍ରକାରେ କୌଣସି ଜଣେ ମହିଳା ଶିଶୁ ପୁତ୍ରଟିକୁ ଜାତୀୟ ରାଜପଥ କଡ଼ରେ ଛାଡି ଚାଲିଯାଇଥିଲା । ସେହି ରାସ୍ତାରେ ଯାଉଥିବା



ଜଣେ ମହିଳା ଶିଶୁପୁତ୍ରର କାନ୍ଦ ଓ କୁକୁର ମାନଙ୍କର ଭୁକିବା ଦେଖି ଘଟଣା ସ୍ଥଳକୁ ଯାଇଥିଲେ । ପରେ ନବଜାତ ଛୁଆକୁ ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ତୁରନ୍ତ ଚିକିତ୍ସା ପାଇଁ ଭଞ୍ଜନଗର ମେଡିକାଲକୁ ନେଇଥିଲେ । ସେଠାରେ ଶିଶୁପୁତ୍ରଟିର ଚକିତ୍ସା ଚାଲିଛି । ତେବେ କୌଣସି ମହିଳା ଅବୈଧ ସନ୍ତାନ ଜନ୍ମ କରିବା ପରେ ନିଜକୁ ଲୋକଲଜ୍ୟାରୁ ରକ୍ଷା ପାଇବାପାଇଁ ଏପରି ଛୁଆଟିକୁ ନେଇ ରାସ୍ତା କଡରେ ଛାଡି ଚାଲିଯାଇଥିବ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି ।

### ଶିକ୍ଷା ବଞ୍ଚାଅ...ଦେଶ ବଞ୍ଚାଅ

## ସୋନମ ୱାଙ୍ଗଚୁକଙ୍କ ଆନ୍ଦୋଳନକୁ ସମର୍ଥନ କରି ଶାନ୍ତିପୂର୍ଣ୍ଣ ଧାରଣା

ବ୍ରହ୍ମପୁର, ( ସବ୍ୟୁ) : ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଦେଶର ଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ଅବ୍ୟବସ୍ଥାକୁ ନେଇ ଦେଶର ପ୍ରଖ୍ୟାତ ବୈଜ୍ଞାନିକ ଓ ପରିବେଶବିତ୍ ସୋନମ ଓ୍ୱାଙ୍ଗଚୁକ ଚଳାଇଥିବା ନ୍ୟାୟିକ ଲଢେଇକୁ ସମର୍ଥନ ଜଣାଇ ଆଜି ବ୍ରହ୍ମପୁର ସଚେତନ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଗାନ୍ଧୀନଗର ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଠାରେ ଏକ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଧାରଣା ଅନୁଷ୍ଠିତ ହୋଇଯାଇଛି । ଧାରଣାରେ ବୁଦ୍ଧିଜୀବୀ, ଶିକ୍ଷାବିତ, ପରିବେଶବିତ, ଛାତ୍ରଛାତ୍ରୀ, ଅଭିଭାବକ, ଯୁବସମାଜ ଏବଂ ବିଭିନ୍ନ ସାମାଜିକ ସଂଗଠନର ଶତାଧିକ ସଚେତନ ନାଗରିକ ସାମିଲ ହୋଇଥିଲେ । ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଅନେକ ଛାତ୍ରଛାତ୍ରୀ ମାନସିକ ଚାପରେ ଆତ୍ମହତ୍ୟା କରିବା ଭଳି ଦୁଃଖଦ ଘଟଣା ଘଟିଛି । ଏହା ଦେଶର ଶିକ୍ଷା ବ୍ୟବସ୍ଥାର ବିଫଳତାକୁ ଦର୍ଶାଉଛି । ସୋନମ ଓ୍ୱାଙ୍ଗଚୁକ ଏହି ବିଷୟକୁ ନେଇ ଦୀର୍ଘ ୨୦ ଦିନ ଆମରଣ ଅନଶନରେ ବସିବା ପରେ ମଧ୍ୟ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇନାହାନ୍ତି । ତାଙ୍କ ସ୍ୱାସ୍ଥ୍ୟ ଅବନତି ହେବା ପରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଜୋରଜବରଦସ୍ତ ଭାଙ୍ଗିଦେବା ଗଣତନ୍ତ୍ର ଉପରେ ଆକ୍ରମଣ । ନିଟ୍ ସମେତ ସମସ୍ତ ପ୍ରତିଯୋଗିତା ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ କଠୋର ଆଇନ ପ୍ରଣୟନ କରାଯାଉ,




ପ୍ରଶ୍ନପତ୍ର ଲିକ୍ ଘଟଣାର ସ୍ୱାଧୀନ ତଦନ୍ତ କରାଯାଇ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ, ଛାତ୍ର ଅନୁକୂଳ ଶିକ୍ଷା ନୀତି ପ୍ରଣୟନ କରି ସୋନମ ଓ୍ୱାଙ୍ଗଚୁକଙ୍କ ଦାବି ଗୁଡିକୁ ତୁରନ୍ତ ବିଚାର କରାଯାଉ । ଧାରଣାକାରୀ ମାନେ କହିଛନ୍ତି, ଶିକ୍ଷା ବଞ୍ଚିଲେ ଦେଶ ବଞ୍ଚିବ । ନିଟ ତଥା ବିଭିନ୍ନ ପରୀକ୍ଷାରେ ଦୁର୍ନୀତି ରୋକିବାରେ ବିଫଳ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଓ ଓଡ଼ିଶାର ତ୍ରୁଟି ପୂର୍ଣ୍ଣ ପାଠ୍ୟ ପୁସ୍ତକର ପ୍ରକାଶ କରିବା ପାଇଁ ଦାୟୀ ଓଡିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ଇସ୍ତଫା ଦାବି କରାଯାଇଥିଲା । ସରକାର ଯଦି ତୁରନ୍ତ ଉକ୍ତ ଦାବି ନମାନନ୍ତି ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଧାରଣାରେ ମତ ପ୍ରକାଶ ପାଇଛି । ଆଜିର ଧାରଣା କାର୍ଯ୍ୟକ୍ରମକୁ ଆପ୍ ନେତା ଆଦିତ୍ୟ ନାରାୟଣ ରଥ ସଂଯୋଜନା କରିଥିବା ବେଳେ ଶିକ୍ଷାବିତ୍ତ ସୁଧୀର ରାଉତ, ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟା, ସିପିଏମ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ସିପିଆଇ ରାଜ୍ୟ ନେତା ପ୍ରକାଶ ପାତ୍ର, ଏସ.ୟୁ.ସି.ଆଇ ଜିଲ୍ଲା ସମ୍ପାଦକ ସୋମନାଥ ବେହେରା, ସିପିଆଇ ରେଡ ଷ୍ଟାର ରାଜ୍ୟ ସମ୍ପାଦକ ଶଙ୍କର ଇନିକଲାବ, ବାମପନ୍ଥୀ ଶ୍ରମିକ ନେତା ପ୍ରତାପ ପ୍ରଧାନ, ଫୋରଓ୍ୱାର୍ଡ ବ୍ଲକ ଜିଲ୍ଲା ସଭାପତି ବିଭୁ ପାଢ଼ୀ, ଶିକ୍ଷକ ନେତା ଶ୍ୟାମସୁନ୍ଦର ଖାଡ଼ଙ୍ଗା, ସାମ୍ବାଦିକ ରବି ରଥ, ଅଶୋକ ଦଳାଇ, କିଶୋର ଚନ୍ଦ୍ର ପାତ୍ର, ଗଗନ ମଲ୍ଲିକ, ଲୋକନାଥ ପରିଡ଼ା, ହେତୁବାଦୀ ସଂଗଠନ ସଭାପତି ନନ୍ଦେଶୁ ସେନାପତି, ସାମାଜିକ କର୍ମୀ ପ୍ରିତିଶ ପାଣିଗ୍ରାହୀ, ହିମାଂଶୁ ଶେଖର ସାହୁ ପ୍ରମୁଖ ଶତାଧିକ ବିଭିନ୍ନ ସଂଗଠନର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

### ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀର ଦ୍ୱିତୀୟ ଦିନ

## ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାଲାପ

ବାରିପଦା, (ସବ୍ୟୁ) : ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମ୍ଏସ୍ସିବି) ବିଶ୍ୱବିଦ୍ୟାଳୟ କନଭେନସନ୍ ହଲ୍‌ରେ ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀର ଦ୍ୱିତୀୟ ଦିନ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ସହ ଏକ ସ୍ୱତନ୍ତ୍ର ବାର୍ତ୍ତାଲାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ କହିଥିଲେ ଯେ, ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ସମାଜର ଶେଷ ସ୍ତରର ଲୋକଙ୍କ ପାଖରେ ସରକାରଙ୍କ ଜନହିତକର ଯୋଜନାକୁ ପହଞ୍ଚାଉଥିବା ପ୍ରମୁଖ ଆଧାର । ସେମାନଙ୍କ ତୃଣମୂଳ ସ୍ତରର ସମସ୍ୟାର ସମାଧାନ ଏବଂ କାର୍ଯ୍ୟପରିବେଶର ଉନ୍ନତି ରାଜ୍ୟ ସରକାରଙ୍କ ପ୍ରାଥମିକତା ବୋଲି ସେ କହିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ, ସୁଭଦ୍ରା' ଯୋଜନାର ସଫଳ କାର୍ଯ୍ୟାନ୍ୱୟନରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ । ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମିର ବିକାଶ, ପାଚେରି ନିର୍ମାଣ, ସୁପରଭାଇଜର ପଦବୀ ପୂରଣ, ଏସ୍ଏନ୍‌ପି ଅନ୍ତର୍ଗତ ଅଣ୍ଡାର ମୂଲ୍ୟ ବୃଦ୍ଧି ସମେତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାର ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରୁଛନ୍ତି । ସେହିପରି ସୁଭଦ୍ରା ଯୋଜନାର ପରବର୍ତ୍ତୀ କିସ୍ତି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପ୍ରକ୍ରିୟା ଜିଲ୍ଲା ଓ ବ୍ଲକ୍ ସ୍ତରରେ ଚାଲିଥିବା ବିଷୟ ମଧ୍ୟ ସେ ସୂଚନା ଦେଇଥିଲେ । ଏହି ଅବସରରେ ନଗର



ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ସମାଜରେ ମାତୃଓ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପ୍ରାରମ୍ଭିକ ଶିକ୍ଷାର ଦୃଢ଼ ଭିତ୍ତି ସୃଷ୍ଟି କରୁଛନ୍ତି । ସେମାନଙ୍କ ନିଷ୍ଠାପୂର୍ଣ୍ଣ ସେବା ଯୋଗୁଁ ସରକାରଙ୍କ କଲ୍ୟାଣମୂଳକ ଯୋଜନାଗୁଡ଼ିକ ସଫଳତାର ସହ ଲୋକଙ୍କ ନିକଟରେ ପହଞ୍ଚିପାରୁଛି । ସରକାର ସେମାନଙ୍କ କାର୍ଯ୍ୟକୁ ସର୍ବଦା ସମ୍ମାନ ଦେବା ସହ ସେମାନଙ୍କ କଲ୍ୟାଣ ଓ ସୁବିଧା ପ୍ରତି ପ୍ରତିବଦ୍ଧ ବୋଲି ସେ କହିଥିଲେ । ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୮୦୦ରୁ ଅଧିକ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଏହି ବାର୍ତ୍ତାଲାପ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଉପମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ମତବିନିମୟ କରିଥିଲେ । ଏହି ଅବସରରେ ସେମାନେ ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ପରାମର୍ଶ ଓ ଦାବି ଉପସ୍ଥାପନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ସେଗୁଡ଼ିକର ଗୁରୁତ୍ୱର ସହ ସମୀକ୍ଷା କରି ଯଥାଶୀଘ୍ର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ କୃତିବାସ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ହେରାପଞ୍ଚମୀରେ ରଥ ଭାଙ୍ଗିଲେ ମହାଲକ୍ଷ୍ମୀ

ବୁଗୁଡ଼ା, (ସବ୍ୟୁ): ପବିତ୍ର ହେରାପଞ୍ଚମୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡପ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ବାକୁ ମିଳିଛ । ମହାପ୍ରଭୁ ଗୋଟିଏ ଦିନ ଭାଇଭଉଣୀଙ୍କୁ ନେଇଗୁଣ୍ଡିଚା ବୁଲି ଆସିବେ କହି ପାଞ୍ଚ ଦିନ ହେଲା ମନ୍ଦିରକୁ ଫେରି ନଥିବାରୁ କ୍ରୋଦ୍ଧ ଜର୍ଜରିତା ମହାଲକ୍ଷ୍ମୀ ପାଲିଙ୍କିରେ ଆସି ଆଡପମଣ୍ଡପରେ ପହଞ୍ଚି ଥିଲେ । ସେଠାରେ ପୂଜାପାଠ ସହ ଅଭିମାନିନୀ ଲକ୍ଷ୍ମୀଙ୍କୁ ବୁଝାଶୁଝା ପରେ ମହାପ୍ରଭୁଙ୍କ ଠାରେ ଶ୍ରୀଘ୍ର ଲେଉଟିବାର ସର୍ତ୍ତ ରଖି ଲକ୍ଷ୍ମୀ ମନ୍ଦିରକୁ ଫେରିଥିଲେ । ଫେରିବା ବାଟରେ ସେ ମହାପ୍ରଭୁଙ୍କ ରଥ ଭାଙ୍ଗିଥିଲେ । ଉକ୍ତ କାର୍ଯ୍ୟକ୍ରମ ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା । ପୂଜକ ଶ୍ରୀଧର ପଣ୍ଡାଙ୍କ ସମେତ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟଗଣ ଉକ୍ତ କାର୍ଯ୍ୟକ୍ରମକୁ ରୀତିନୀତି ପ୍ରକାରେ ସମ୍ପାଦନ କରିଥିଲେ ।

## ବାଇକ୍ ଚୋର ଗିରଫ

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ପୋଲିସ ଏକ ବାଇକ୍ ଚୋରଙ୍କୁ ଧରିଛ । ଅଭିଯୁକ୍ତଙ୍କ ନିକଟରୁ ଏକ ଚୋରା ବାଇକ ଜବତ କରିଛି । ଗିରଫ ଅଭିଯୁକ୍ତ ହେଉଛନ୍ତି ନେତାଜୀ ନଗର ୮ମ ଲାଇନର ନରେଶ କୁମାର ବେହେରା (୨୯) । କେସ୍ ନଂ-୧୩୭/୨୬ରେ ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଶକ୍ତିନଗର ୧ମ ଲାଇନର କାର୍ତ୍ତିକ ସାହୁ (୨୬)ଙ୍କ ଏକ କଳା ନୀଳ ରଙ୍ଗର ହିରୋ ହୋଣ୍ଡା ପ୍ୟାସନ୍ ପ୍ରୋ ରେଜିଷ୍ଟ୍ରେସନ୍ ନଂ ଓଡ଼ି - ୩୨ଜେ -୩୧୭୧ ବାଇକ୍ ଟି ଚୋରି ହୋଇଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ଘଟଣା ସ୍ଥଳ ନିକଟରେ ଲାଗିଥିବା ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ବେଳେ ଜଣେ ଅଜଣା ବ୍ୟକ୍ତି ବାଇକର ହ୍ୟାଣ୍ଡେଲ୍ ଲକ୍ ଭାଙ୍ଗି ବାଇକ୍ ଚୋରି କରିଥିବା ଜଣାପଡ଼ିଥିଲା । ସିସି ଟିଭି ଫୁଟେଜ୍ ଯାଞ୍ଚରୁ ପୂର୍ବରୁ ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ନରେଶ କୁମାର ବେହେରା ବୋଲି ଚିହ୍ନଟ କରିଥିଲା । ପରେ ତାଙ୍କୁ ଗିରଫ କରିଥିବା ପୋଲିସ କହିଛି ।

## ଦୁଇ ମୋବାଇଲ ଲୁଟେରା ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଜିଆରପି ପୋଲିସ ସୋମବାର ଦୁଇଜଣ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି । ସେମାନେ ହେଲେ ଆନ୍ଧ୍ରପ୍ରଦେଶ ପୂର୍ବ ଗୋଦାବରୀର ମିକଲ ସାଇ(୨୫) ଓ ଯାଜପୁର କୋରାଇ ଥାନା ଅନ୍ତର୍ଗତ ପୂର୍ବକୋଟର ଅନିଲ ଦାସ(୧୯) । ପୋଲିସ ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ଜବତ କରିଛି । ଉକ୍ତ ମୋବାଇଲ ଗୁଡିକ ସେମାନେ ଟ୍ରେନ ଯାତ୍ରୀଙ୍କ ଲୁଟ କରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି । ଲୁଟେରା ଗ୍ୟାଙ୍ଗର ଉକ୍ତ ଦୁଇ ଅଭିଯୁକ୍ତ ବ୍ରହ୍ମପୁର ଆସି ଟ୍ରେନ ଯାତ୍ରୀଙ୍କୁ ରିକି କରୁଥିବା ବେଳେ ରେଳ ସୁରକ୍ଷା ବଳ(ଆରପିଏଫ) ହାବୁଡ଼ରେ ଧରା ପଡିଥିଲେ । ମାମଲା ନଂ ୮୫/୨୬ ରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅନ୍ୟପଟେ ଜବତ ମୋବାଇଲ ଦୁଇଟି ପ୍ରକୃତ ମାଲିକଙ୍କୁ ପୋଲିସ ହସ୍ତାନ୍ତର କରିଥିବା କହିଛି । ପ୍ରକାଶ ଯେ ଲୁଟେରା ମାନେ ବିଭିନ୍ନ ଉପାୟରେ ଚଳନ୍ତା ଟ୍ରେନ ଓ ପ୍ଲାଟଫର୍ମରୁ ଯାତ୍ରୀଙ୍କୁ ଟାର୍ଗେଟ କରି ସେମାନଙ୍କ ମୂଲ୍ୟବାନ ସାମଗ୍ରୀ ଲୁଟି ନେଉଛନ୍ତି । ଏନେଇ ଅଭିଯୋଗ ପରେ ପୋଲିସ ପ୍ଲାଟଫର୍ମରେ ପେଟ୍ରୋଲିଂ କଡାକଡି କରୁଛି । ଏହି ଧାରାରେ ଆଜି ଉକ୍ତ ଦୁଇଜଣ ଯୁବକ ପ୍ଲାଟଫର୍ମରେ ସନ୍ଦେହଜନକ ଭାବେ ବୁଲୁଥିବା ବେଳେ ତାଙ୍କୁ ଧରି ପଚରାଉଚରା ବେଳେ ପୋଲିସ ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ଜବତ କରିଥିଲା । ସେ ଦୁଇଟି ମୋବାଇଲ ସେମାନେ ଗତ ୧୫ ତାରିଖରେ ଟ୍ରେନ ଯାତ୍ରୀଙ୍କ ଲୁଟ କରିଥିବା ପୋଲିସକୁ କହିଥିଲେ । ପରେ ସେମାନଙ୍କୁ ଗିରଫ କରାଯାଇଥିଲା ।

## ଜଗା ଦର୍ଶନ ପାଲଟିଲା ଶେଷ ଯାତ୍ରା

ଛତ୍ରପୁର, (ସବ୍ୟୁ) : ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଟ୍ରେନ୍‌ରେ ଘରକୁ ଫେରୁଥିବା ବେଳେ ଜଣେ ଭକ୍ତଙ୍କ ଅକାଳ ମୃତ୍ୟୁ ଘଟିଛି । ଛତ୍ରପୁର ରିକାପଲ୍ଲୀ ଅଞ୍ଚଳର ବାସିନ୍ଦା ରବୀନ୍ଦ୍ର ସେନାପତି (୭୦) ଟ୍ରେନରେ ଚଢୁଥିବା ସମୟରେ ଗୋଡ଼ ଖସିଯିବାରୁ ଟ୍ରେନ୍ ଚକା ତଳେ ପଡ଼ି ପ୍ରାଣ ହରାଇଥିବା ସୂଚନା ମିଳିଛି । ଏହି ଦୁର୍ଘଟଣା ସୋମବାର ସକାଳେ ଖୋର୍ଦ୍ଧା ଜିଲାର ନିରାକାରପୁର ରେଳ ଷ୍ଟେସନରେ ଘଟିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ରବୀନ୍ଦ୍ର ସେନାପତି ରବିବାର ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ । ସେଠାରୁ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନକୁ ଆସି ହାଓଡ଼ା-ତିରୁପତି ଏକ୍ସପ୍ରେସ୍ ଯୋଗେ ଛତ୍ରପୁର ଫେରୁଥିଲେ । ଟ୍ରେନଟି ନିରାକାରପୁର ଷ୍ଟେସନରେ ଅଟକିଥିବା ବେଳେ ସେ ଚା' ନେବା ପାଇଁ ଓହ୍ଲାଇଥିଲେ । ପରେ ହାତରେ ଚା' କପ୍ ଧରି ଟ୍ରେନରେ ଚଢୁଥିବା ସମୟରେ ହଠାତ ଟ୍ରେନ୍ ଚାଲିଯାଇଥିଲା । ଫଳରେ ତାଙ୍କ ଗୋଡ଼ ଖସିଯାଇ ସେ ଟ୍ରେନ୍ ଚକା ତଳେ ପଡ଼ିଯାଇଥିଲେ । ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଖବର ପାଇ ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି ।

## ପିପୁଲ୍ଲି କଲେଜରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ପିପୁଲ୍ଲି କଲେଜରେ ନୂତନ ଅଧ୍ୟକ୍ଷ ଭାବେ ଭଗବାନ ଶତପଥୀ ଯୋଗଦାନ କରିଥିବା ଜଣାଯାଇଛି । କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ବଦଳି ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ଡିଗ୍ରୀ କଲେଜକୁ ହୋଇଥିଲା ବେଳେ ତାଙ୍କରି ସ୍ଥାନରେ ନୂତନ ଅଧ୍ୟକ୍ଷଙ୍କ ଯୋଗ ଦେଇଛନ୍ତି । ସେ ପୂର୍ବରୁ ବଲାଙ୍ଗୀର ଜିଲ୍ଲା ଯୋଗିସର୍ଡା ଗ୍ରାମସ୍ଥିତ ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ । ସେ ଦାୟିତ୍ୱ ଗ୍ରହଣ କରିବା ପରେ କଲେଜର କର୍ମଚାରୀଗଣ



ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ତେବେ ନୂତନ ଅଧ୍ୟକ୍ଷ ପିପୁଲ୍ଲି କଲେଜର ଶୈକ୍ଷିକ ଅଭିବୃଦ୍ଧି ସାଙ୍ଗକୁ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଉଦ୍ୟମ ଜାରି ରଖିବେ ବୋଲି ମତବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷରେ ଦୀର୍ଘ ବର୍ଷ ବ୍ୟବଧାନରେ ପିପୁଲ୍ଲି କଲେଜରେ ସ୍ଥାୟୀ ଅଧ୍ୟକ୍ଷ ଭାବେ ଡ. ପୁରୁଷୋତ୍ତମ ମିଶ୍ର ଗତ ୪ ଜୁନ୍ ୨୦୨୫ରେ ଯୋଗ ଦେଇଥିଲେ ।

## ସମ୍ଭାଗ ସ୍ତରୀୟ ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ ବୈଠକ ଉଦ୍‌ଯାପିତ



ବ୍ରହ୍ମପୁର, (ସବ୍ୟୁ) : ସରସତୀ ଶିଶୁ ବିଦ୍ୟା ମନ୍ଦିର ନୀଳକଣ୍ଠନଗରର ନଗର ପରିସରରେ ଶିକ୍ଷାବିକାଶ ସମିତି, ଓଡିଶାଙ୍କ ଦକ୍ଷିଣପୂର୍ବ ସମ୍ଭାଗ ସ୍ତରୀୟ ସମସ୍ତ ସରସତୀ ଶିଶୁ ବିଦ୍ୟାମନ୍ଦିରର ୭୨ ଜଣ ସମ୍ପାଦକ ଓ ୭୨ ଜଣ ପ୍ରଧାନାଚାର୍ଯ୍ୟ ମାନଙ୍କୁ ନେଇ ଏକ ବାର୍ଷିକ ସାମୂହିକ ବୈଠକ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭ ପର୍ଯ୍ୟାୟରେ ଶିକ୍ଷାବିକାଶ ସମିତିର ଜିଲ୍ଲା ପ୍ରମୁଖ ଉପେନ୍ଦ୍ର ପଣ୍ଡା ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ ସାଗତ ଭାଷଣ ପ୍ରଦାନ କରିଥିବା ବେଳେ, ଶିକ୍ଷାବିକାଶ ସମିତି, ଓଡ଼ିଶାଙ୍କ ସମ୍ପାଦକ ସରୋଜ ହାତୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନିଜର ସାଙ୍ଗଠନିକ ବହୁମୂଲ୍ୟବାନ ମାର୍ଗଦର୍ଶନ ଦେଇଥିଲେ । ଦକ୍ଷିଣପୂର୍ବ ସମ୍ଭାଗର ସଭାପତି ଡଃ. ତାରା ପ୍ରସାଦ ଦାଶ ଅଧ୍ୟକ୍ଷୀୟ ଅଭିଭାଷଣ ପ୍ରଦାନ କରିଥିଲେ । ଶିକ୍ଷାବିକାଶ ସମିତି ଦ୍ୱାରା ଆୟୋଜିତ ମେଧା ପରୀକ୍ଷାରେ ଉତ୍କୃଷ୍ଟତା ହାସଲ କରିଥିବା ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ସମ୍ଭାଗ ସମ୍ପାଦକ ଦୀପକ ମହାରଣା ଅତିଥି ଏବଂ ପ୍ରଧାନାଚାର୍ଯ୍ୟ ଓ ସମ୍ପାଦକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ଦକ୍ଷିଣପୂର୍ବ ସମ୍ଭାଗର ସଂଯୋଜକ ବିଭୂତି ଭୂଷଣ ପାଇକରାୟ, ସହ ସଂଯୋଜକ ପଦ୍ମନାଭ ସାମଲ, ଫୁଲବାଣୀ ବିଭାଗ ନିରୀକ୍ଷକ ସନ୍ତୋଷ କୁମାର ପଣ୍ଡା, ଶିଶୁବାଟିକା ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ୍, ସ୍ଥାନୀୟ ପରିଚାଳନ ସମିତିର ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, ସମ୍ଭାଗର କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ, ପ୍ରଦୀପ କୁମାର ଦାଶ, ସଦସ୍ୟ କେ. ଗୀତାଞ୍ଜଳି ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

## ରସାୟନ ବିଜ୍ଞାନୀ ଡଃ ବିଜୟ କୁମାର ପଟ୍ଟନାୟକଙ୍କ ଶୋକସଭା

କଟକ, (ସ୍ୱପ୍ର) : ବିଶିଷ୍ଟ ରସାୟନ ବିଜ୍ଞାନୀ ଡଃ ବିଜୟ କୁମାର ପଟ୍ଟନାୟକଙ୍କ ବିୟୋଗରେ ବିଜ୍ଞାନ ପ୍ରଚାର ସମିତି ଆନୁକୂଲ୍ୟରେ ଏକ ଶୋକସଭା ସମିତି କାର୍ଯ୍ୟାଳୟ ଦୋଳମୁଣ୍ଡେଇ ଠାରେ ଅନୁଷ୍ଠିତ ହୋଇଯାଇଛି । ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ପଟ୍ଟନାୟକଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ । ସେ ରେଭେନ୍ସା କଲେଜରେ ରସାୟନ ବିଜ୍ଞାନର ଅଧ୍ୟାପକ ଥିଲେ ଓ ପରେ ବି.ଜେ.ବି. କଲେଜର ଅଧ୍ୟକ୍ଷ ଭାବିବେଶ ସଫଳତାର ସହିତ ଦାୟିତ୍ୱ ତୁଲାଇଥିଲେ । ସେ ଜଣେ ସରଳ ଓ ମିଷ୍ଟଭାଷୀ ଲୋକ ଥିଲେ । ଗତ ୧୭ ତାରିଖ ସକାଳେ ହୃଦଘାତରେ ତାଙ୍କର ପରଲୋକ



ହୋଇଛି । ମତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା । ସେ ଜଣେ ଜନପ୍ରିୟ ବିଜ୍ଞାନ ଲେଖକ ଓ ବିଜ୍ଞାନ ପ୍ରଚାରକ ଥିଲେ । ସେ ବିଜ୍ଞାନ ପ୍ରଚାର ସମିତିର ଆଜୀବନ ସଦସ୍ୟ ଓ ପୂର୍ବତନ ସେକ୍ରେଟାରୀ ଥିଲେ । ଏହି ଶୋକସଭାରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଭାରତୀ ବେହେରା, ପ୍ରଫେସର ନାରାୟଣ ଚନ୍ଦ୍ର ପାଳ, ପ୍ରଫେସର ଧରଣୀଧର ଜେନା, ପ୍ରଫେସର ସୁବାସିନୀ ଲେଙ୍କା, ଡା. ସଚ୍ଚିଦାନନ୍ଦ ଶତପଥୀ, ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳ, ଡା. ପଦ୍ମନାଭ ବେହେରା, ମହେନ୍ଦ୍ର କୁମାର କାୟସ୍ଥ, ଡଃ ଶିବଶଙ୍କର ନାୟକ, କବିତା ପାଟ୍ଟଶାଣୀ, ନିରଞ୍ଜନ ପାତ୍ର, ଡଃ ଅକ୍ଷୟ କୁମାର ଦାଶ, ଅରବିନ୍ଦ କର, ବ୍ରଜବନ୍ଧୁ ପୃଷ୍ଟି, ଡଃ ହେମନ୍ତ ପରିଡା ପ୍ରମୁଖ ସ୍ୱର୍ଗତ ପଟ୍ଟନାୟକଙ୍କର ସ୍ମୃତି ଚାରଣ କରି ତାଙ୍କର ଅମର ଆତ୍ମାର ସଦଗତି କାମନା କରିଥିଲେ । ଯୁଗ୍ମ ସମ୍ପାଦକ ଅରବିନ୍ଦ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେପି ଏସ୍‌ଟି ମୋର୍ଚ୍ଚା ମୟୂରଭଞ୍ଜ (ପୂର୍ବ) ଜିଲ୍ଲା କମିଟି ନୂତନ ପଦାଧିକାରୀଙ୍କ ନାମ ଘୋଷିତ

ବାରିପଦା, (ସବ୍ୟୁ) : ବିଜେପି ଏସ୍‌ଟି ମୋର୍ଚ୍ଚା, ମୟୂରଭଞ୍ଜ (ପୂର୍ବ) ଜିଲ୍ଲା କମିଟିର ନୂତନ ପଦାଧିକାରୀ ତାଲିକା ପ୍ରକାଶ ପାଇଛି । ବିଜେପି ମୟୂରଭଞ୍ଜ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋହିଙ୍କ ଅନୁମୋଦନ କ୍ରମେ ଏସଟି ମୋର୍ଚ୍ଚା ଜିଲ୍ଲା ସଭାପତି ସୁକୁଲ ମୁର୍ମୁ ନୂତନ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ପ୍ରକାଶିତ ତାଲିକା ଅନୁଯାୟୀ ଜିଲ୍ଲା ଉପସଭାପତି ଭାବେ ଉଦଳାର କ୍ଷେତ୍ରମୋହନ ସିଂହ, ବାରିପଦାର ବିଜୟ ହାଁସଦାଃ, ବଡସାହିର ଚିନ୍ତାମଣି ହେମ୍ବ୍ରମ, ମୋରଡାର ଭାଗବତ ମାରାଣ୍ଡି ଓ ବାଙ୍ଗିରିପୋଷିର ଜଗଦୀଶ ଟୁଡୁଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ବାରିପଦାର କାଳୀଚରଣ ମାରାଣ୍ଡି ଓ ଉଦଳାର କାର୍ତ୍ତିକ ଟୁଡୁ, ସମ୍ପାଦକ ଭାବେ ବାଙ୍ଗିରିପୋଷିର ସୁନାରାମ ସିଂ, ଉଦଳାର ମାଳତୀ ମୁର୍ମୁ, ବଡସାହିର ବାସନ୍ତୀ ମୁର୍ମୁ, ମୋରଡାର ରାଇବାହାଦୁର ହେମ୍ବ୍ରମ ଓ ବାରିପଦାର ଧର୍ମପଦ ସିଂ ଓ କୋଷାଧ୍ୟକ୍ଷ ଭାବେ ବାରିପଦାର ଫାଗୁରାମ ମୁର୍ମୁ ପ୍ରମୁଖ ମନୋନୀତ ହୋଇଛନ୍ତି । ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମୋରଡାର ତପନ ସିଂ, ରୁଣ୍ଡୁ ହାଁସଦାଃ, ଜୟପ୍ରକାଶ ମୁର୍ମୁ, ବାଙ୍ଗିରିପୋଷିର ପିଥାନାଥ ହାଁସଦାଃ, ଚୈତନ ନାୟକ, ଅନିଲ ସିଂ, ଉଦଳାର ପଦ୍ମଲୋଚନ ସୋରେନ, ସୁରେଶ ସିଂ, ରନାକର ସିଂ, ହୃଷିକେଶ ସିଂ, ବଡସାହିର ବ୍ରହ୍ମେଶ୍ୱର ମୁର୍ମୁ, ସରସ୍ୱତୀ ମୁର୍ମୁ, ଲୋମ୍ବଧର ମାଝୀ, ବାରିପଦାର ଦୁଖିରାମ ମୁର୍ମୁ, ସଞ୍ଜୟ ମୁର୍ମୁ, ସୁନୀ ସିଂ ଓ ଅଜିତ କୁମାର ସୋରେନ ପ୍ରମୁଖ ମନୋନୀତ ହୋଇଛନ୍ତି ।

## ଝାଡାବାନ୍ତିରେ ୨୦ ଆକ୍ରାନ୍ତ

ରାଜନଗର, (ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅଞ୍ଚଳରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି । ଲଗାଣ ବର୍ଷା ସାଙ୍ଗକୁ ଜଳେଇବା କାରଣରୁ ଝାଡାବାନ୍ତି ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଏକ ସପ୍ତାହ ହେଲା ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି ।ଅଧିକାଂଶ ରୋଗୀ ମେଡିକାଲ ନେଇ ଘରକୁ ଚାଲିଯାଇଥିବା ବେଳେ ଗତ ୩ ଦିନରେ ୨୦ ଜଣ ରୋଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅତିମିକ୍ତନ ଜଣାପଡିଛି । ଗତ ୩ ଦିନରେ ମଙ୍ଗଳସାହୁରର ଚନ୍ଦ୍ରମଣି ଜେନା, ଚନ୍ଦ୍ରଧରପୁରର ଲିସାରାଣୀ ପାତ୍ର, ଏଣ୍ଡୁଲପୁରର ବାସନ୍ତୀ ରାଉତ, କନ୍ଥିଆର ପାଣ୍ଡବ ପ୍ରଧାନ, ବଳରାମପୁରର ସୀମା ନାୟକ, ନାଉକଣାର ମଧୁସ୍ମିତା ନାୟକ, ପ୍ରମିଳା ପ୍ରଧାନ, ମଦନପୁରର ଶ୍ରୀମତୀ ନାୟକ, ରାଜନଗରର ପ୍ରଜ୍ଞାନ ମିଶ୍ର, ଗୋପାଳପୁରର ପ୍ରତିପ୍ରଜ୍ଞା ମହାନ୍ତି, କୁକୁଡାଗାଁର ମହେଶ୍ୱର ସାହୁ, ବେଲପାଳର କଳାକାର ସେଠୀ, ଯଦୁଚନ୍ଦ୍ରପୁର ଲକ୍ଷ୍ମୀପ୍ରିୟା ରାଉତ, କୃଷ୍ଣଦାସପୁରର ଶ୍ୟାମ ସୁନ୍ଦର ଜେନା, ଓକିଲପାଳ ସୀତାଞ୍ଜଳି ରାଉତ, ବାହାରଗଡର ଦେବକିତ ସେଠୀ, ବିନୋଦ ଦାସ, ବିଶାଖ୍ରୀ ସ୍ୱାଇଁ, କେରେଡାଗଡର ବର୍ଷା ମାହିଁ ପ୍ରମୁଖ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି ।ଅନ୍ୟପକ୍ଷରେ ଦୈନିକ ୫୦ରୁ ଅଧିକ ରୋଗୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ମେଡିକାଲ ନେଇ ଘରକୁ ଯାଉଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡିଛି । ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଲୋକମାନଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଉଛି ।

## ହରିପୁର ଜଗନ୍ନାଥ ମଠରେ ନୀତିକାନ୍ତି

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଂଚାୟତ ହରିପୁର ଜଗନ୍ନାଥ ମଠ ରେ ଘୋଷ ଯାତ୍ରା, ମାଉସୀ ମା ମନ୍ଦିରରେ ମଧ୍ୟ ବେଶ ଉତ୍ସାହର ସହ ଠାକୁର ପୂଜା ପାଉଛନ୍ତି । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ରଥ ମାଉସୀ ମା ମନ୍ଦିରରେ ରହି ନୀତିକାନ୍ତି ମଧ୍ୟରେ ପ୍ରତିଦିନ ପୂଜା ପାଉଛନ୍ତି । କମିଟି ସଭାପତି ପରମାନନ୍ଦ ସାହୁ, ଟ୍ରଷ୍ଟି ସନାତନ ସାହୁ, ପଣ୍ଡିତ ଅଭିମନ୍ୟୁ ପତି, ବାବନ ପତି, ନିକିକାନ୍ତ ପତି, ଶଙ୍କର୍ଷଣ ଦାସ, ରମେଶ ପୂଜା ନୀତିକାନ୍ତି ଦେଇ ପୂଜା ବିଧି ପାଳନ କରୁଛନ୍ତି । ମାଉସୀ ମା ମନ୍ଦିର ରେ ଭଜନ, କୀର୍ତନ, ସଂକ୍ରିତନ ଆଦି ସଂ ।ସ୍କୃତିକ କାର୍ଯ୍ୟକ୍ରମ ଜାରିରହିଛି ।

# ଖଟିଆରେ ବୁହା ହେଲେ ରୋଗୀ

ପାରାଦୀପ (ଜିପ୍ର) / ଜଗତସିଂହପୁର(ସବ୍ୟୁ) : ରାସ୍ତା ନଥିବାରୁ ଦେଢ଼ କିଲୋମିଟର ବୁହା ହୋଇ ଆସିଲେ ରୋଗୀ । କାଦୁଅ ପଚପଚ ରାସ୍ତାରେ ଆମ୍ବୁଲାନସ ପଶିବାକୁ ମନା କରି ଦେବାରୁ ଲୋକେ ରୋଗୀକୁ ବାଧ ହୋଇ ଖଟିଆରେ କାନ୍ଧେଇ ବୁହାଇଥିଲେ ଏଭଳି ଦୃଶ୍ୟ ଘଟିଛି ଉପକୂଳବର୍ତ୍ତୀ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ରାହଗାଣ ପଞ୍ଚାୟତ ପାଟପୁର ଗ୍ରାମରେ । ଲୋକେ ନଦୀ ପର୍ବତ ଘେରା ଉପାନ୍ତ ଅଞ୍ଚଳରେ ଏଭଳି ଦୃଶ୍ୟ ଦେଖୁଥିବା ବେଳେ ଖୋଦ ଉପକୂଳବର୍ତ୍ତୀ ଜଗତସିଂହପୁର ଜିଲ୍ଲାରେ ଏଭଳି ଦୟନୀୟ ଚିତ୍ର ଦେଖି ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି।

ରାହାଣ ପଞ୍ଚାୟତର ଲକ୍ଷଣ ଦାସଙ୍କ ପତ୍ନୀ ଗୁରୁବାରୀ ଦାସ(୬୫)ଙ୍କର ଝାଡାବାନ୍ତିରେ ଦେହ ଅସୁସ୍ଥ ହୋଇ ପଡିବାରୁ ମେଡିକାଲ ନେବାକୁ ସ୍ଥିର କରିଥିଲେ।ପରିବାର ଲୋକେ ପ୍ରଥମେ ଏକ ଅଟୋକୁ ଭଡା ଠାରୁ ଯଥେଷ୍ଟ ଅଧିକ ନେବା ପାଇଁ କହି ଡାକିଥିଲେ ହେଁ କାଦୁଅ ଥିବା ଗାଁକୁ ଯିବାକୁ ଅଟୋ ସିଧା ମନା କରିଦେଇଥିଲା।ଫଳରେ ସଂପର୍କୀୟମାନେ ଗୁରୁବାରୀଙ୍କୁ ମେଡିକାଲ ନେବା ପାଇଁ ୧୦୮କୁ ଫୋନ କରିଥିଲେ।ମାତ୍ର ଆମ୍ବୁଲାନସ ଗାଁ ମୁଣ୍ଡରେ ପହଞ୍ଚିବା ପରେ ଭିଷଣ



କାଦୁଅ ଦେଖି ଚକା ଦବି ଯିବାର ଆଶଙ୍କା କରି ଗାଁ ଭିତରକୁ ଯିବାକୁ ରାଜି ହୋଇନଥିଲା।ଫଳରେ ଲୋକେ ଜୀବନ ବଞ୍ଚାଇବା ପାଇଁ ପ୍ରାୟ ଦେଢ କିଲୋମିଟର ପର୍ଯ୍ୟନ୍ତ ଗୁରୁବାରୀଙ୍କୁ ଏକ ଖଟିଆରେ କାନ୍ଧେଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବା ପରେ ଗୁରୁବାରୀ ମେଡିକାଲ ଯାଇଥିଲେ।କେବଳ ମେଡିକାଲ କେଶ ନୁହେଁ ପିଲାମାନେ ସ୍କୁଲ ଯାଇ ପାରୁନାହାନ୍ତି।ବର୍ଷା ଦିନରେ ରାସ୍ତା ଚଳିବା ମୁସ୍କିଲ।କୌଣସି କାର୍ଯ୍ୟ ପାଇଁ ବାହାରକୁ ଯିବାକୁ ହେଲେ ସାଇକେଲକୁ କାନ୍ଧେଇବାକୁ ନେଇ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଯିବାକୁ ହେବା।କେବଳ ରାସ୍ତା ସମସ୍ୟା ନୁହେଁ ଏହି ଗାଁରେ ପିଇବା ପାଣିର ମଧ୍ୟ ସମସ୍ୟା ରହିଛି।ଭଲ ପାଣି ପିଇବାକୁ ହେଲେ ୧ କିଲୋମିଟର ଚାଲିବାକୁ ପଡୁଛି ବୋଲି କହିଛନ୍ତି ଗ୍ରାମର ଭାରତୀ ଦାସ,କବିତା ଦାସ,ଗୁରୁବାରୀ ଦାସ ପ୍ରମୁଖ ଗ୍ରାମବାସୀ।

ଏହି ରାସ୍ତା ଖଣ୍ଡିଏ ପାଇଁ ଗ୍ରାମବାସୀମାନେ ବାରମ୍ବାର ସ୍ଥାନୀୟ ଜନ ପ୍ରତିନିଧି ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରୀ କରିଥିଲେ ହେଁ କେହି ଶୁଣୁ ନାହାନ୍ତି।ନିର୍ବାଚନ ସମୟରେ ନେତାମାନେ ଆସି ରାସ୍ତା ନିର୍ମାଣ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥାନ୍ତି।ମାତ୍ର ଭୋଟ ସରିଗଲେ ସେମାନଙ୍କର ଆଉ ଦେଖା ମିଳି ନଥାଏ ବୋଲି ଲୋକେ ଅଭିଯୋଗ କରିଛନ୍ତି।ପାଟପୁର ଗ୍ରାମର ପ୍ରାୟ ୨୦ ଘର ଲୋକେ ଗାଁ ଭିତରୁ ବାହାରି ୧୫ଏ କେନାଲ ବନ୍ଧ କଡରେ ଦୀର୍ଘ ବର୍ଷ ହେବ ଘର କରି ରହୁଛନ୍ତି।ମାତ୍ର ରାସ୍ତା ଖଣ୍ଡିଏ ପାଇଁ ସମସ୍ତଙ୍କୁ ଗୁହାରି କରିଥିଲେ ହେଁ କେହି ଶୁଣୁ ନଥିବା ଅଭିଯୋଗ କରିଛନ୍ତି ଗ୍ରାମର ଖଗ୍ଗ ଦାସ,ଭରତ ଦାସ ପ୍ରମୁଖ ଗ୍ରାମବାସୀ।ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପାଟପୁର ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଦାବୀ ହେଉଛି।

### ମୋଷ୍ଟ ୱାଣ୍ଟେଡ ବାବର ଗିରଫ

## ୪୫ ଗ୍ରାମ ବ୍ରାଉନସୁଗର, ୩୨ ହଜାର ଟଙ୍କା ଜବତ

ପାରାଦୀପ, (ଜିପ୍ର) : ମୋଷ୍ଟ ୱାଣ୍ଟେଡ ନିଶା ମାଫିଆ ବାବର ଗିରଫ ହୋଇଛି । ଯାଞ୍ଚ ପରେ ତାଙ୍କ ପାଖରୁ ୪୫ ଗ୍ରାମର ବ୍ରାଉନସୁଗାର ଓ ନିଶା କାରବାରରେ ବ୍ୟବହୃତ ନଗଦ ୩୨ ହଜାର ଟଙ୍କା ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ଲକଡାଉନ ସମୟରେ ମଧ୍ୟ ଜଣେ ଯୋଗାଣ ବ୍ରାଉନସୁଗାର ବ୍ୟବସାୟୀ ହୋଇଥିବା ବେଳେ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ ବେପାର କରୁଥିବା ସମ୍ପର୍କରେ ପାରାଦୀପ ଅବକାରୀ ରେଞ୍ଜକୁ ଅଭିଯୋଗ ମିଳିଥିଲା ।



ସେବେଠାରୁ ସେ ଅବକାରୀ ବିଭାଗର ସ୍କାନରରେ ଥିଲା । ଗ୍ରାହକଙ୍କୁ ଯୋଗାଣ କରିବାକୁ ଯାଉଥିବା ବେଳେ ସେ ଆଜି ହେରୋଇନ ରଖିଥିବାର ସୂଚନା ପାଇବା ପରେ ପାରାଦୀପ ଅବକାରୀ ରେଞ୍ଜର ନିରିକ୍ଷକ ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ପାରାଦୀପ ଅବକାରୀ ଥାନାର ଉପନିରୀକ୍ଷକ ଧର୍ମପଦ ଦାସ, ଏ ଏସ ଆଇ ରାଧାଧର ସେଠୀ, କନଷ୍ଟେବଲ ଜୟଦେବ ପାତ୍ର, ମନୋରଞ୍ଜନ ଦାସ, ସନ୍ତୋଷୀ ସାହୁଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା । ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ପାରାଦୀପ ଅବକାରୀ ରେଞ୍ଜର କର୍ମଚାରୀ ଏବଂ ଡିଲ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ମନୋଜ ନନ୍ଦୀ ବାବର । ଜବତ ହେରୋଇନର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୪,୫୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲ୍ଲା ଦୌରାଜଜ କୁଜଙ୍ଗଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ କୁ ପଠାଇଛନ୍ତି । ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବହୁ ମାମଲା ଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ । ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ । ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟକୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି ଅବକାରୀ ବିଭାଗ ।

# ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ଚୟନରେ ବ୍ୟାପକ ଦୁର୍ନୀତି

ରଘୁନାଥପୁର, (ସବ୍ୟୁ) : ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ହିତାଧିକାରୀ ଚୟନରେ ବ୍ୟାପକ ଦୁର୍ନୀତି ହୋଇଥିବା ସମ୍ପର୍କରେ ରଘୁନାଥପୁର ବ୍ଲକ ଚିକଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠି ସଙ୍ଗୀନ ଅଭିଯୋଗ କରିଛନ୍ତି ।ସୋମବାର ସରପଞ୍ଚ ସେଠି ଏ ସମ୍ପର୍କରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି ।ସରକାରୀ ଯୋଜନାରୁ ଯେପରି ଯୋଗ୍ୟ ବ୍ୟକ୍ତି ବାଦ ନପଡନ୍ତି ସେଥିପାଇଁ ପୁନଃ ତଦନ୍ତ କରିବା ପାଇଁ ସେ ଦାବି କରିଛନ୍ତି ।ସରପଞ୍ଚ ସେଠୀଙ୍କ ଅଭିଯୋଗ ଅନୁଯାଇ ବ୍ଲକ ପ୍ରଶାସନର ନିର୍ଦ୍ଦେଶ କ୍ରମେ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ପିଇଓ ଓ ଏଡିଇଓ ଦ୍ୱାରା ତଦନ୍ତ କରାଯାଇ ପ୍ରାଥମିକ ପର୍ଯ୍ୟାୟରେ ୫୫୫ ଜଣଙ୍କ ନାମ ତାଲିକା ବ୍ଲକକୁ ପଠାଯାଇଥିଲା । ଏହାର ସ୍ୱଚ୍ଛତା ପାଇଁ ପୁନଶ୍ଚ ବ୍ଲକ ପ୍ରଶାସନର ପତ୍ର ସଂଖ୍ୟା ୨୮୨୨ ଅନୁଯାଇ ବ୍ଲକ ପକ୍ଷରୁ ପ୍ରେରିତ କର୍ମଚାରୀଙ୍କ ଦ୍ୱାରା ତଦନ୍ତ କରାଯାଇ ଏହାକୁ ସଂକ୍ଷିପ୍ତ କରାଯାଇ ୨୭୦ ଜଣଙ୍କ ଏକ ସଂକ୍ଷିପ୍ତ ତାଲିକା ପ୍ରକାଶ ପାଇଥିଲା ।ତେବେ ୨୮୫ ଜଣଙ୍କ ନାମ କାହିଁକି ବାଦ ପଡ଼ିଲା ସେ ସମ୍ପର୍କରେ ବ୍ଲକ ପକ୍ଷରୁ ଜଣାଗଲା ନାହିଁ ବୋଲି ସରପଞ୍ଚ ସେଠି ପ୍ରକାଶ କରିଛନ୍ତି ।ଏତଦବ୍ୟତୀତ ବ୍ଲକ ପକ୍ଷରୁ ପତ୍ର ସଂଖ୍ୟା ୨୬୮୧/୨୯/୦୬/୨୬ ରେ ସଂକ୍ଷିପ୍ତ ତାଲିକାକୁ ନେଇ ଦାବି ଆପତ୍ତି ପାଇଁ ୧୫ ଦିନ ଅବଧି ଦିଆଯାଇଥିଲା ।ଗ୍ରାମସଭା ପୂର୍ବରୁ ସମସ୍ତ ଆପତ୍ତି ଅଭିଯୋଗ ସମାଧାନ ପାଇଁ ନିଷ୍ପତ୍ତି ନିଆଯାଇଥିଲେ ବେଳେ ଦାୟୀତ୍ୱରେ ଥିବା କର୍ମଚାରୀ ଚିକଣିଆ ପଞ୍ଚାୟତର ପ୍ରାପ୍ତ ୭୨ ଅଭିଯୋଗକୁ ୧୫ ଜୁଲାଇ ସୁଧା ବ୍ଲକକୁ ପଠାଇନଥିଲେ ।ଅଭିଯୋଗ ଗୁଡ଼ିକର ସମାଧାନ ନହୋଇ ୧୭ ଜୁଲାଇରେ ଅନୁଷ୍ଠିତ ଗ୍ରାମସଭାରେ ୩୪ ଜଣଙ୍କର ଏକ ଅସ୍ଥାୟୀ ଯୋଗ୍ୟ ତାଲିକା ପ୍ରକାଶିତ କରାଗଲା ।ପ୍ରକାଶିତ ତାଲିକାରେ କୌଣସି ଅଧିକାରୀଙ୍କ ଦସ୍ତଖତ ନଥିବାବେଳେ ଏହା କିପରି ଆଉ କାହା ପ୍ରରୋଚନାରେ ହେଲା ଏଥିରେ ସରପଞ୍ଚଙ୍କ ହାତ ଅଛି ବୋଲି ଲୋକେ ଆଲୋଚନା କରୁଥିବାର ସରପଞ୍ଚ ସେଠି ଅଭିଯୋଗ କରିଛନ୍ତି ।ସେହିପରି ଗତ ଫନି ବାତ୍ୟାରେ ସସ୍ମିତା ମହାନ୍ତି ,ସ୍ୱାମୀ ପ୍ରଫୁଲ୍ଲ ମହାନ୍ତିଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ସର୍ଭେ ଟିମ କିପରି ଓ କାହା ପ୍ରରୋଚନାରେ ତାଙ୍କ ନାମକୁ ବାଦ ଦେଲେ ଏହାର ତଦନ୍ତ କରିବା ପାଇଁ ସେଠି ଦାବୀ କରିଛନ୍ତି ।ଏହାଛଡା ପଞ୍ଚାୟତରେ ଅନ୍ତୋଦୟ ଯୋଜନାର ମାର୍ଗଦର୍ଶିକାକୁ ଜଳାଞ୍ଜଳି ଦେଇ ମନଇଚ୍ଛା ଅଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଗୃହ ଦିଆଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି ।ଏ ସମସ୍ତ ଘଟଣାର ଭିଜିଲାନ୍ସ ସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟତା ଲୋକଲୋଚନକୁ ଆସିବ ବୋଲି ସରପଞ୍ଚ ସେଠି ଦାବୀ କରିଛନ୍ତି ।

## ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ, ପୋଲିସ ଚୁପ୍

ଯାଜପୁର, (ସବ୍ୟୁ) : ଯାଜପୁର ସଦର ଥାନା ଅନ୍ତର୍ଗତ ମିରଚାନ୍ଦପୁର ଗ୍ରାମରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଗ୍ରାମର ଅଶୋକ ଦଳାଇଙ୍କ ପୁଅ ଜଗନ ଦଳାଇଙ୍କ ବିରୋଧରେ ଏହି ଅଭିଯୋଗ ଆଣିଛନ୍ତି ପୀଡିତାଙ୍କ ପରିବାର । ପରିବାର ପକ୍ଷରୁ ଅଭିଯୋଗ ଅନୁସାରେ, ଅଭିଯୁକ୍ତ ନାବାଳିକାଙ୍କୁ ଏକ ପୁରୁଣା ଓ ନିର୍ଜନ ଘରକୁ ନେଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିଲେ ।ସେହି ସମୟରେ ନାବାଳିକାଙ୍କ ମା' ଓ ଭାଉଜ ସେଠାରେ ପହଞ୍ଚିଥିଲେ । ସେମାନେ ନାବାଳିକାଙ୍କୁ ଉଦ୍ଧାର କରିବା ବେଳେ ସେ ଅଚେତ ଅବସ୍ଥାରେ ଥିବା ସହ ପୋଷାକ ବିହୀନ ଅବସ୍ଥାରେ ଥଲା ।ସେମାନଙ୍କୁ ଦେଖି ଅଭିଯୁକ୍ତ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ମଧ ପରିବାର ପକ୍ଷରୁ କୁହାଯାଇଛି । ଘଟଣା ପରେ ପୀଡିତାଙ୍କ ବାପା ଓ ମା' ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି । କିନ୍ତୁ ଅଭିଯୋଗ ଦାଖଲ ହେବାର ପ୍ରାୟ ୨୫ ଦିନ ବିତିଯାଇଥିଲେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ଅଭିଯୋଗ କରିଛନ୍ତି ପରିବାର ସଦସ୍ୟ ।

## ଦିବ୍ୟାଙ୍ଗ ପରିବାର ଗୃହ ପାଇବାରୁ ବଞ୍ଚିତ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ଗ୍ରାମପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଅନ୍ତୋଦୟ ଗ୍ରାମୀଣ ଗୃହ ଯୋଜନା) କାର୍ଯ୍ୟାଦେଶ ବଂଟନରେ ବ୍ୟାପକ ଅନିୟମିତତା ଓ ଚଂଚକତା କରାଯାଇଥିବାର ଅଭିଯୋଗ ହୋଇଛି । ଏପରିକି ବ୍ଲକ ପ୍ରଶାସନର ଦାୟୀତ୍ୱ ହୀନତା କାରଣରୁ ଜଣେ ଦିବ୍ୟାଙ୍ଗ ଏହି ଯୋଜନାରେ ଗୃହ ପାଇବାରୁ ବଂଚିତ ହୋଇଥିବାର ଅଭିଯୋଗ ହୋଇଛି । ବନ୍ଧକାଟିଆ ଗ୍ରାମର ଭାଗ୍ୟଧର ସ୍ୱାଇଁ ଜଣେ ଦିବ୍ୟାଙ୍ଗ ଅଟନ୍ତି । ଦାରିଦ୍ରସୀମାରେଖା ତଳେ ତାଙ୍କ ପରିବାର ରହିଛନ୍ତି । ତାଙ୍କ ପରିବାର ଏହି ଯୋଜନାରେ ଗୃହ ପାଇବାକୁ ସମ୍ପୂର୍ଣ୍ଣ ହକଦାର ଅଟନ୍ତି । ମାତ୍ର ବ୍ଲକ ପ୍ରଶାସନ ତରଫରୁ ଚଂଚକତା କରାଯାଇ ତାଙ୍କର ନାମକୁ ଏହି ତାଲିକାରୁ ବାଦ ଦିଆଯାଇଥିବାର ଅଭିଯୋଗ ହୋଇଛି । ଏପରିକି ଏହି ପଂଚାୟତରେ ବହୁ ଥିଲାବାଲା ରାଜନୈତିକ ଚାପରେ ଓ ମୋଟା ଅଙ୍କର ଅର୍ଥ ଦେଇ ଗୃହ ହାତେଇଥିବାର ନଜିର ଥିଲା ବେଳେ ରହସ୍ୟ ଜନକ ଭାବେ ଏହି ଦିବ୍ୟାଙ୍ଗ ପରିବାର ଗୃହ ପାଇବାରୁ ବଂଚିତ ହୋଇଥିବାର ଭାଗ୍ୟଧରଙ୍କ ପତ୍ନୀ କୁନମୁନ ପ୍ରଧାନ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାର ନିରପେକ୍ଷ ତଦନ୍ତ କରାଯାଇ ତାଙ୍କ ପରିବାରକୁ ଗୃହ ଯୋଗାଇ ଦେବା ନିମନ୍ତେ ଦୃଢ ଦାବି କରିଛନ୍ତି ।

## ବିଶ୍ୱହିନ୍ଦୁ ପରିଷଦ ଯାଜପୁର ଜିଲ୍ଲା ପକ୍ଷରୁ ପରିଚୟ ବର୍ଗ କର୍ମଶାଳା

ଚଣ୍ଡିଖୋଲ,(ସବ୍ୟୁ) : ବିଶ୍ୱହିନ୍ଦୁ ପରିଷଦର ଯାଜପୁର ଜିଲ୍ଲା ପକ୍ଷରୁ ବଡଚଣା ବ୍ଲକର ଧାନମଣ୍ଡଳ ଠାରେ ପରିଚୟ ବର୍ଗ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୬୦ ବର୍ଷ ପରେ ଯାଜପୁର ଜିଲ୍ଲାର ବଡ଼ଚଣାରେ ବିଶ୍ୱହିନ୍ଦୁ ପରିଷଦର ଏହି ଯାଜପୁର ଜିଲ୍ଲା ପରିଚୟ ବର୍ଗ ଅନୁଷ୍ଠିତ ହୋଇଥିବା ଜଣାପଡିଛି । ଏଥି ପୂର୍ବରୁ ୧୯୬୬ ମସିହାରେ ବଡ଼ଚଣା ବ୍ଲକରେ ପ୍ରଥମେ ଚଣ୍ଡିଖୋଲ ସ୍ଥିତ ମା ଚଣ୍ଡୀମନ୍ଦିର ପରିସରରେ ବିଶ୍ୱହିନ୍ଦୁ ପରିଷଦର ଯାଜପୁର ଶାଖା । ସ୍ଥାପନା ହୋଇଥିଲା । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ବଡ଼ଚଣା ମାଟିରେ ବିଶ୍ୱ ହିନ୍ଦୁ ପରିଷଦର ବର୍ଗ କେବେ କରାଯାଇ ନଥିଲା । ଆୟୋଜିତ ଏହି ବର୍ଗ କର୍ମଶାଳାକୁ ବିଶିଷ୍ଟ ସମାଜସେବୀ ରାଜେଶ ମହାଲିକ ଉଦଘାଟନ କରିଥିଲେ ।ମୁଖ୍ୟ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ବିଭାଗ ସଂଗଠନ ମନ୍ତ୍ରୀ ବିପିନ ବିହାରୀ ପଣ୍ଡା ଯୋଗ ଦେଇଥିଲେ ।ବର୍ଗାଧିକାରୀ ଭାବେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ ରାଜକିଶୋର ମଲିକ,ଜିଲ୍ଲା ସଭାପତି ସମିରକୁମାର ମହାନ୍ତି ଓ ବଡ଼ଚଣା ପ୍ରଖଣ୍ଡ ସଭାପତି ହେମଶକୁମାର ଜେନା ପ୍ରମୁଖ ଏଥିରେ ଯୋଗଦେଇଥିଲେ । ସେହିପରି ସମାରୋହ ସତ୍ରରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ସନ୍ତୋଷ ମହାପାତ୍ର,ମୁଖ୍ୟ ବକ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦ ବିଭାଗ ସଂଗଠନ ମନ୍ତ୍ରୀ ବିପିନବିହାରୀ ପଣ୍ଡା, ଅନ୍ୟତମ ଅତିଥିଭାବେ ଓଡିଶା ପୂର୍ବପ୍ରାନ୍ତ ମାତୃଶକ୍ତି ସହ ସଂଯୋଜିକା ପ୍ରଣତି ସାହୁ ଯୋଗ ଦେଇ ପରିଷଦର ସାଂଗଠନିକ କାର୍ଯ୍ୟ ଧାରା ସମ୍ପର୍କରେ ଶିବିରାର୍ଥୀ ମାନଙ୍କୁ ଅବଗତ କରାଇଥିଲେ ।ସେବା,ସଂସ୍କାର ଓ ସୁରକ୍ଷା,ଏହି ତିନୋଟି ବିଷୟକୁ ଗୁରୁତ୍ୱ ଦେଲେ ବ୍ୟବସ୍ଥା ସୁସଙ୍ଗତ



ହେବା ସହ ସୁସ୍ଥ ସମାଜ ଗଠନ ହୋଇପାରିବ ଓ ଧର୍ମର ସୁରକ୍ଷା ହେବ ବୋଲି ସେମାନେ ମତ ରଖିଥିଲେ । କେନ୍ଦ୍ରାପଡ଼ା ବିଶ୍ୱହିନ୍ଦୁ ପରିଷଦ ବିଭାଗ ସଂଯୋଜକ ବୀରେନ୍ଦ୍ର ସାମଲ ଏହି ବର୍ଗର ମୁଖ୍ୟ ପ୍ରଶିକ୍ଷକ ଥିଲେ । ଗତ ୧୮ ତାରିଖରୁ ଏହା ଆରମ୍ଭ ହୋଇ ୧୯ ତାରିଖରେ ଉଦଯାପିତ ହୋଇଥିଲା ।ଏହି ବର୍ଗରେ ୧୦ଟି ପ୍ରଖଣ୍ଡ ଓ ୨ଟି ନଗରରୁ ଶତାଧିକ ସଦସ୍ୟ ସାମିଲ ହୋଇଥିଲେ । ବହୁ ବୁଦ୍ଧିଜୀବୀ ଏହି ସମାରୋହରେ ଯୋଗଦେଇ ଥିଲାବେଳେ ବଡ଼ଚଣା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସହଯୋଗ କରାଯାଇଥିଲା ।

## ଜନଶୁଣାଣି : ୧୮ ର ତତ୍କାଳ ସମାଧାନ

ମହାକାଳପଡ଼ା ,(ସବ୍ୟୁ ):ମହାକାଳପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିର ରେ ପଂଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଜିଲ୍ଲା ପାଳ ରଘୁରାମଆରଆୟାର, ଏସଡ଼ିପିଓ ଜ୍ୟୋତିରଞ୍ଜନ ଗୌଡା,ପିଡି ଅଜାମ୍ବର ମହାନ୍ତି,ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଡ଼ିଏସଏସଓ ସଂଗ୍ରାମ କେଶରୀ ବେଉରା,ଉପଜିଲ୍ଲାପାଳ ଅରୁଣ ନାୟକ, ସ୍ଥାନୀୟ ତହସିଲଦାର ତଥା ଦାୟିତ୍ୱ ନ୍ୟସ୍ତ ବିଡ଼ିଓ ରବିନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଉପସ୍ଥିତ ଥିଲେ । ଶିବିର ରେ ଆରଡ଼ି, ସାଲାଇନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ପ୍ରାଣୀ ସମ୍ପଦ, ବନବିଭାଗ ଓ ମତ୍ସ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ମିଳିତ ଜନଶୁଣାଣି ଶିବିର ରେ ସାମୁହିକ ଓ ବ୍ୟକ୍ତି ଗତ ୮୦ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଛି । ଜିଲ୍ଲାପାଳ ଜଣକୁ ସିଏମଆରଏଫ ପା=ରୁ ୫୦୦୦ଟଙ୍କା ପ୍ରଦାନ କରିବା ସହିତ ୫ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଛନ୍ତି । ଏତଦବ୍ୟତୀତ ୧୮ଗୋଟି ଅଭିଯୋଗର ତତକାଳ ସମାଧାନ ହୋଇଥିବାର ଜଣାପଡିଛି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଅଧିକାଂଶ ପିଏମଓ୍ୱାଇ ରେ PM। ଗୃହ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ରାସନ କାର୍ଡ, ସୁଭଦ୍ରା ହିତାଧିକାରୀ ଆଦି ଅଭିଯୋଗ ଥିବାର ଜଣାପଡିଛି । ଅସମାହିତ ଅଭିଯୋଗ ଗୁଡିକ ସୁଚାରୁ ତଦନ୍ତ କରି ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବାକୁ ସୂଚନା ଦିଆଯାଇଥିବାର ଜିଲ୍ଲାପାଳ କହିଛନ୍ତ

## ସାଲେପୁର ବଜାର ଟ୍ରାଫିକ ସମସ୍ୟା

ସାଲେପୁର, (ସବ୍ୟୁ) : ସାଲେପୁର ବଜାର ଟ୍ରାଫିକ ସମସ୍ୟା ଓ ସାଲେପୁର କଲେଜ ରୋଡରେ ବେପରୁଆ ବାଇକ ଚାଳକଙ୍କ ପାଇଁ ବାରମ୍ବାର ଘଟୁଥିବା ଦୁର୍ଘଟଣାକୁ ନେଇ ସୋମବାର ସାଲେପୁର ପୋଲିସ ସଦଳବଳେ ବଜାରରେ ପହଂଚି ଥିଲେ । ସାଲେପୁର ଆଦର୍ଶ ଥାନା ଆଇ.ଆଇ.ସି ମହେଶ୍ୱର ବେହେରାଙ୍କ ନେତୃତ୍ୱରେ ସାଲେପୁର ପୋଲିସ ଟିମ ସୋମବାର ସାଲେପୁର ବଜାର ମଧ୍ୟରେ ନୋ ପାର୍କିଙ୍ଗ ଷ୍ଟାଣ୍ଡ ରଖିବା ସହିତ ରାସ୍ତା ଉପରେ ରଖୁଥିବା ଯାନ ବାହାନ ଗୁଡିକୁ ନରଖିବା ପାଇଁ ସଚେତନତା ସୃଷ୍ଟି କରିଥିଲେ । ସ୍ଥାନୀୟ ବ୍ୟବସାୟୀମାନେ ନିଜ ସାମ୍ନାରେ ରାସ୍ତାକୁ ଅବରୋଧ ନକରିବାକୁ ଅନୁରୋଧ କରିଥିଲେ । ବଜାର ମଧ୍ୟରେ ଟ୍ରାଫିକ ସମସ୍ୟା ନଉପୁଜିବା ପାଇଁ ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟୀ ମାନଙ୍କ ସହଯୋଗ କରିବା ପାଇଁ ସାଲେପୁର ଏସ.ଡି.ପି.ଓ ବିରଞ୍ଚି ନାରାୟଣ ପତି ନିବେଦନ କରିଛନ୍ତି ।ସାଲେପୁର କଲେଜ ରୋଡ଼ରେ ରୋଡ଼ ରୋମିଓ ବାଇକ ଚାଳକ ମାନଙ୍କୁ ସ ।ବାଡ଼ କରାଯିବ ଓ ଯେଉଁ କଲେଜ ଛାତ୍ର ଛାତ୍ରୀମାନେ କଲେଜକୁ ଗାଡି ନେଇ ଆସୁଛନ୍ତି ଯଦି ସେମାନଙ୍କର ଡ୍ରାଇଭିଙ୍ଗ ଲାଇସେନ୍ସ ଏବଂ ଗାଡିର ସମସ୍ତ ଡକୁମେଣ୍ଟ ଠିକ ନଥିବ ତେବେ ଯାଞ୍ଚ କରାଯାଇ ଫାଇନ ଆଦାୟ ସହିତ ଆବଶ୍ୟକ ସ୍ଥଳେ ଗାଡି ଜବତ କରାଯିବ ବୋଲି ଏସ.ଡି.ପି.ଓ ଶ୍ରୀ ପତି ପ୍ରକାଶ କରିଛନ୍ତି । ତେଣୁ ପ୍ରଥମ ପର୍ଯ୍ୟାୟରେ ଆଜି ସାଲେପୁର ପୋଲିସ ପକ୍ଷରୁ ସଚେତନ ସୃଷ୍ଟି କରାଯାଇଛି । କୌଣସି ବ୍ୟବସାୟୀ ରାସ୍ତା ଅବରୋଧ କରି ବ୍ୟବସାୟ ନକରିବା ଓ ଦୋକାନ ବୋର୍ଡ ରାସ୍ତା ଉପରେ ନରଖିବା ପାଇଁ ମଧ୍ୟ ଅନୁରୋଧ କରାଯାଇଛି ।ଆଗାମୀ ଦିନରେ ରାସ୍ତା ଅବରୋଧ କାରି ଓ ବେପରୁଆ ବାଇକ ଚାଳକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବବୋଲି ସାଲେପୁର ପୋଲିସ ପକ୍ଷରୁ ପ୍ରକାଶ କରାଯାଇଛି । ଆଜି ମଧ୍ୟ ଅମାନିଆଁ ଗାଡିଙ୍କ ଠାରୁ ୮ ହଜାର ଟଙ୍କା ଫାଇନ କରାଯାଇଥିବା ପୋଲିସ ପକ୍ଷରୁ ପ୍ରକାଶ ।

# ଚାଇଲ୍ଡ ଲାଇନ ଆଡଭାଇଜରୀ ବୋର୍ଡ ତ୍ରୈମାସିକ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, (ସବ୍ୟୁ) : କିଶୋର କିଶୋରୀଙ୍କ ସଶକ୍ତୀକରଣ, ବାଲ୍ୟ ବିବାହ ନିରାକରଣ, ଶିଶୁ ଶ୍ରମ ଉଚ୍ଛେଦ ଏବଂ ଚାଇଲ୍ଡଲାଇନ ଆଡଭାଇଜରୀ ବୋର୍ଡ ସମ୍ପର୍କିତ ତ୍ରୈମାସିକ ସମୀକ୍ଷା ବୈଠକ ଆଜି କେନ୍ଦ୍ରାପଡ଼ା କଲେକଫରେଟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ବୈଠକ ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଶିଶୁମାନଙ୍କର ସୁରକ୍ଷା, ଶିକ୍ଷା, ସଶକ୍ତୀକରଣ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ସୁନିଶ୍ଚିତ କରିବା ସମାଜର ସାମୂହିକ ଦାୟିତ୍ୱ । ବାଲ୍ୟ ବିବାହ ଏବଂ ଶିଶୁ ଶ୍ରମ ଭଳି ସାମାଜିକ କୁପ୍ରଥାକୁ ସମୂଳେ ଦୂର କରିବା ପାଇଁ ସମସ୍ତ ବିଭାଗର ସମନ୍ୱୟ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ ।ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହ ଗତ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକରେ ନିଆଯାଇଥିବା ନିଷ୍ପତ୍ତି, ଜିଲ୍ଲା କାର୍ଯ୍ୟଯୋଜନାର ଅଗ୍ରଗତି ଏବଂ କିଶୋର କିଶୋରୀଙ୍କ ସଶକ୍ତୀକରଣ ଓ ବାଲ୍ୟ ବିବାହ ନିରାକରଣ କ୍ଷେତ୍ରରେ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।ବୈଠକରେ ଗତ ସମୀକ୍ଷା ବୈଠକର ନିଷ୍ପତ୍ତିଗୁଡ଼ିକର ଅନୁପାଳନ, ବାଲ୍ୟ ବିବାହ ମୁକ୍ତ ଗ୍ରାମ ଓ ଓ୍ୱାର୍ଡ ଗଠନ, ବାଲ୍ୟ ବିବାହ ମାମଲାରେ ଶିଶୁ କଲ୍ୟାଣ କମିଟିର ଭୂମିକା, "ଅଦ୍ୱିକା' କାର୍ଯ୍ୟକ୍ରମ, "ଆଡୋଲେସେଣ୍ଟ ଶକ୍ତି' କାର୍ଯ୍ୟକ୍ରମ, ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ନିରାକରଣ ସଚେତନତା ଅଭିଯାନ "ପ୍ରତିଜ୍ଞା' ଓ "ଅକ୍ଷୟ ତୃତୀୟା' ଅବସରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ଏହା ସହିତ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ଉତ୍ତମ କାର୍ଯ୍ୟପଦ୍ଧତି ଏବଂ ସଫଳ କେସ ଷ୍ଟଡି ଉପସ୍ଥାପନ କରାଯାଇଥିଲା । ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ମୁକ୍ତ ଆଲୋଚନା ଅନୁଷ୍ଠିତ ହୋଇଥିଲା ।ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଡିଏସପି ପୋଲିସ ବବିତା ଦଳାଇ,ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷା ସାଗତିକା ପାତ୍ର, ଜିଲ୍ଲାର ନିୟୋଜନ ଅଧିକାରୀ ଇନ୍ଦ୍ରାଣୀ ମଲ୍ଲିକ, ଜିଲ୍ଲା ସଂଯୋଜକ ମହିଳା ସଶକ୍ତିକରଣ ଲଳାଟେନ୍ଦୁ ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ,ସମସ୍ତ ସିଡିପିଓ,ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସଂସ୍ଥାର ପ୍ରତିନିଧି ଏବଂ ଟାସ୍କଫୋର୍ସର ସଦସ୍ୟମାନେ ଉପସ୍ଥିତ ରହିଥିଲେ । ଶେଷରେ ପ୍ରୋଟେକ୍ସନ ଅଫିସର କମ ପ୍ରୋବେସନ ଅଫିସର ଶ୍ରୀମତୀ ସବିତା ରାଣୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରାବଣ ମାସର ପ୍ରଥମ ସୋମବାର, ଗୋକର୍ଣ୍ଣେଶ୍ୱର ମନ୍ଦିରରେ କାଉଡିଆଙ୍କ ଭିଡ

ଧର୍ମଶାଳା, ( ସବ୍ୟୁ) : ଧର୍ମଶାଳା ବ୍ଲକ ଭାଲୁଖାଇ ନିକଟସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଆଜି ଶ୍ରାବଣ ମାସର ପ୍ରଥମ ସୋମବାରରେ ଜଳାଭିଶେକ ପାଇଁ କାଉଡିଆଙ୍କ ଭିଡ ଲାଗିରହିଥିଲା। ଆଜି ଆଖପାଖ ଅଂଚଳର ବହୁ ସଂଖ୍ୟାରେ କାଉଡିଆ ବ ।ରହ୍ମଣି ନଦୀରୁ ଢାଳରେ ପାଣି ନେଇ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ବାବାଙ୍କ ଠାରେ ଜଳଲାଗି କରିବାକୁ ଶହ ଶହ କାଉଡିଆଙ୍କ ଭିଡ ଲାଗି ରହିଥିଲା। ପହଡ ଖୋଲିବ । ପରେ ଜଳଲାଗି କରାଯାଇଥିଲା। ହରିବୋଲ, ହୁଳାହୁଳିରେ ସମଗ୍ର ଅଂଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ତେବେ ବିଭିନ୍ନ ସ୍ଥାନରୁ ଅସୁଥିବା କାଉଡଆମାନେ କିଭଳି ଧାଡିରେ ଆସି ସୃଙ୍ଖଳିତ ଭାବେ ଜଳାଭିଶେକ କରିପରିବେ ସେଥିଲାଗି ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆସନ୍ତା ସୋମବାରକୁ କାଉଡିଆ ମାନଙ୍କ ସଂଖଯା ଆହୁରି ଅଧିକ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

## ରାସ୍ତାରେ ଆଣ୍ଠୁଏ ପାଣି

ମାହାଙ୍ଗା, (ସବ୍ୟୁ) : ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତର ବାଲିପଡା ଗ୍ରାମକୁ ପଂଚାୟତ ଶ୍ରୀଧରକୁଅଁର ଉଚ୍ଚ ବିଦ୍ୟାଳୟ ପାଶ୍ୱର୍ଦେଇ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ବର୍ଷାଦିନେ ଶୋଚନୀୟ ହୋଇପଡିଛି । ଢ଼ଳେଇରାସ୍ତାର ଠାକୁରାଣୀ ନିକଟରେ ପାଣି ଜମୁଥିବାରୁ ସେହି ବାଟଦେଇ ଆସୁଥିବା ଶହ ଶହ ଛାତ୍ରଛାତ୍ରୀ ପ୍ରତିଦିନ ସମସ୍ୟାଭୋଗୁଛନ୍ତି । ସେହିପରି ପଂଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ସ୍ୱାସ୍ଥ୍ୟଆରୋଗ୍ୟ କେନ୍ଦ୍ରକୁ ରୋଗୀମାନେ ରାସ୍ତାର ଅବସ୍ଥାଯୋଗୁ ଆସୁପାରୁନାହାନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଉ ନଥିବା ଅଭିଯୋଗ ହେଉଛି । ତୁରନ୍ତ ଏହି ରାସ୍ତାର ମରାମତି ପାଇଁ ସର୍ବସାଧାରଣରେ କଟକ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

## ପତ୍ନୀଙ୍କୁ ହତ୍ୟା ଉଦ୍ୟମ

ବଳଙ୍ଗା ,(ସବ୍ୟୁ) :ପାରିବାରିକ ବିବାଦକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ବାଲିଆ ଶାସନ ଗ୍ରାମରେ ନିଶାସକ୍ତ ସ୍ୱାମୀ ପନିୀକୁ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ବାଲିଆ ଶାସନ ଗ୍ରାମର ମହେଶ୍ୱର ଖଟୋଇଙ୍କ ପତ୍ନୀ ପୂଜା ଖଟୋଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ୪ମାସ ତଳେ ମହେଶ୍ୱର ମଦ୍ୟପାନ କରି ପତ୍ନୀ ପୂଜାକୁ ମାରପିଟ କହିବାରୁ ପୂଜା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଥାନାକୁ ଡ଼ାକି ଉଭୟଙ୍କ ମଧ୍ୟରେ ସମାଧାନ କରିବା ସହ ଭବିଷ୍ୟତରେ ମହେଶ୍ୱର ପୂଜାଙ୍କୁ ମାରପିଟ କରିବେନି ବୋଲି ଥାନାରେ ପ୍ରତିଶୃତି ଦେଇଥିଲେ । ସେଠାରୁ ଆସି ମହେଶ୍ୱର ବାହାରକୁ କାମ କରିବା ପାଇଁ ଯାଇଥିଲେ । ତେବେ ଗତ ଶନିବାର ରାତିରେ ପୂଜା ଓ ତାଙ୍କର ୨ପୁଅ ଝିଅ ଘରେ ଥିଲା ବେଳେ ମହେଶ୍ୱର ନିଶାଗ୍ରସ୍ତ ଅବସ୍ଥାରେ ଘରେ ପହଁଚି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ମାଡ ମାରିଥିଲେ । ପୂଜା ପ୍ରତିବାଦ କରିବାରୁ ମହେଶ୍ୱର ହାତରେ ଧରିଥିବା ହେଲମେଟରେ ପୂଜାଙ୍କୁ ଆକ୍ରମଣ କରି ଗଳାଚିପି ହତ୍ୟା ଉଦ୍ୟମ କରିଥିଲା । ପାଟି ଶୁଣି ପଡୋଶୀ ମାନେ ଆସିବାରେ ଆସାମୀ ମହେଶ୍ୱର କଟୁରୀରେ ହାଣି ହତ୍ୟା କରିବାକୁ ଧମକ ଦେଇ ପଳାଇ ଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି ।

## ସାରଦା ଏକାଡେମୀର ଶିକ୍ଷୟିତ୍ରୀ ଅପର୍ଣ୍ଣା ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଝଙ୍କଡ଼ ,(ସବ୍ୟୁ) :ବାଣୀକ୍ଷେତ୍ର ଝଙ୍କଡ଼ ସାରଳାପୀଠ କନକପୁର ସ୍ଥିତ ସାରଦା ଏକାଡେମୀର ପୂର୍ବତନ ସଂସ୍କୃତଶିକ୍ଷକ ତଥା ବାଗ୍ମୀ ପଣ୍ଡିତ ବୈଷ୍ଣବ ଚରଣ ପଣ୍ଡାଙ୍କ କନ୍ୟା ତଥା ସମ୍ପ୍ରତି ମା ସାରଳା ଠାକୁରାଣୀଙ୍କର ମୁଖ୍ୟପୂଜକ ରଞ୍ଜନ କୁମାର ପଣ୍ଡାଙ୍କ ଭଉଣୀ ଦୀର୍ଘବର୍ଷବର୍ଷ ଧରି ସାରଦା ଏକାଡେମୀରେ ଜଣେ ନୀତିବାନ ଆଦର୍ଶ ଶିକ୍ଷୟିତ୍ରୀ ଭାବରେ ସ୍ୱୟଂ ପ୍ରତିଷ୍ଠା ଓ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇଆସିଥିଲେ । ମାତ୍ର ଅସୁସ୍ଥ ହୋଇ କିଛିମାସ ହେଲା ଚିକିତ୍ସିତ ହୋଇଆସୁଥିବା ବେଳେ ତାଙ୍କର ଆକସ୍ମିକ ପରଲୋକ ହୋଇଯାଇଛି । ଏହି ଦୁଃଖଦ ଖବର ପହଞ୍ଚିବା ପରେ ଏକାଡେମୀର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଅନିନ୍ଦିତା ମିଶ୍ରଙ୍କ ସଭାପତିତ୍ୱରେ ଏକ ଶୋକସଭାରେ ଜ୍ଞାନରଞ୍ଜନ ଲେଙ୍କା, ମାନସ କୁମାର ପୃଷ୍ଟି, ବିମଳପ୍ରସାଦ ପାଣିଗ୍ରାହୀ, ଦୀପକ କୁମାର ସ୍ୱାଇଁ, ଅନୁସୂୟା ବଳ, ସସ୍ମିତା ମଲ୍ଲିକ, ଅଶ୍ରୁମୋଚନ ବେହେରା, ସଂଜୀବ ରଞ୍ଜନ ଗୋଛାୟତ, ସ୍ୱର୍ଣ୍ଣଲତା ସାମଲ, ଇତିଶ୍ରୀ ମହାନ୍ତି, ଅନୁଜସ୍ୱପ୍ନଜିତ ନାୟକ ଓ ପ୍ରାକ୍ତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ



ସରୋଜ କୁମାର ମହାନ୍ତି ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାର୍ଥୀମାନେ, ଦିବଂଗତ ଆତ୍ମାର ସଦଗତି କାମନା ନିମନ୍ତେ ନିରବପ୍ରାର୍ଥନା କରିବାପରେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଅଭିମାନୀ ମହାଲକ୍ଷ୍ମୀ ଭାଙ୍ଗିଲେ ନନ୍ଦିଘୋଷ:ସାଙ୍ଗରେ ଯାଇଥିଲେ ପଞ୍ଚୁ ମହାଦେବ

ରଣପୁର ନ(ସବ୍ୟୁ): ଦ୍ୱିତୀୟ ଶ୍ରୀକ୍ଷେତ୍ରଭାବେ ପରିଚିତ ରଣପୁର ରଥ ଯାତ୍ରାର ହେରାପଞ୍ଚମୀ ଅବସରରେ ଚଳଚଞ୍ଚଳ ହୋଇଉଠିଛି। ଚତୁର୍ଦ୍ଧାମୁର୍ତୀଙ୍କୁ ଦର୍ଶନ କରିବାପାଇଁ ବିଭିନ୍ନ ଅଞ୍ଚଳରୁ ବହୁସଂଖ୍ୟରେ ଶ୍ରଦ୍ଧାଳୁଙ୍କ ଭିଡଜମିଥିବା ପରିଲିଖିତ ହୋଇଛି। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥ ପତ୍ନୀ ମହାଲକ୍ଷ୍ମୀ ଙ୍କୁ ବଡଦେଉଳରେ ଏକାକି ଛାଡି ମହାପ୍ରଭୁ ବଡ ଭାଇ ବଳଭଦ୍ର ଓ ଭଉଣୀ ଶୁଭଦ୍ରା ଙ୍କୁ ସାଙ୍ଗରେ ଧରି ନଅ ଦିନ ପାଇଁ ମାଉସୀ ମା ମନ୍ଦିର ଯାତ୍ରା କରିଥିବାରୁ ଆଜି କ୍ରୋଧାନ୍ୱିତ ହୋଇ ମା ଲକ୍ଷ୍ମୀ ମହାପ୍ରଭୁଙ୍କ ନନ୍ଦିଘୋଷ ରଥକୁ ଭାଙ୍ଗିଥିଲେ। ତେବେ ଭଉଣୀ ବିମଳାଙ୍କ ଠାରୁ ମୋହିନୀ ଚୂର୍ଣ୍ଣ ପାଇ ପଞ୍ଚୁ ମହାଦେବ ଗହଣରେ ଯଥା ଶ୍ରୀ ସ୍ୱପ୍ନେଶ୍ୱରଦେବ, ଶ୍ରୀ ଚଣ୍ଡେଶ୍ୱରଦେବ , ଶ୍ରୀ ବାଲୁଙ୍କେରଶ୍ୱଦେବ , ଶ୍ରୀ ହରିହରେଶ୍ୱରଦେବ ,ଓ ଶ୍ରୀ ଦଣ୍ଡାବାଲୁଙ୍କେଶ୍ୱରଦେବ ଆଦି ଶ୍ରୀଜୀୟୁ ମାନଙ୍କୁ ସାଙ୍ଗରେ ଧରି ଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିଥିଲେ। ଗୁଣ୍ଡିଚା ମନ୍ଦିର ରେ ଜଗନ୍ନଥଙ୍କ ପାଇଁ ବିଭିନ୍ନ ପ୍ରକାର ବେଞ୍ଜନ ପରାସା ଯାଇଥିବା ମହାଲକ୍ଷ୍ମୀ ଦେଖିବାକୁ ପାଇଥିଲେ। ପରେ ଗୁଣ୍ଡିଚା ମନ୍ଦିର ରେ ଆଳତୀ ସମାପନ ହୋଇଥିଲା। ଆଳତୀ ପରେ ମହାଲକ୍ଷ୍ମୀ ନନ୍ଦିଘୋଷ ରଥ ନିକଟରେ ପହଞ୍ଚିଥିଲେ । ସେଠାରେ କ୍ରୋଧାନ୍ୱିତ ମା ଲକ୍ଷ୍ମୀ ନନ୍ଦିଘୋଷ ରଥକୁ ଭାଙ୍ଗି ଶ୍ରୀ ମନ୍ଦିର ଅଭିମୁଖେ ପ୍ରସ୍ଥାନ କରିଥିଲେ, ଏଣୁ ଆସନ୍ତାକାଲି ମଙ୍ଗଳବାର ତିନି ରଥ ଦକ୍ଷିଣ ମୋଡ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ଠାରୁ ଜଣାଯାଇଛି। ଆଡପ ମଣ୍ଡପରେ ତିନି ଠାକୁର ଆଜି ରାଜରାଜେଶ୍ୱରୀ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି ।

## ପୈତୃକ ସମ୍ପତ୍ତି ଲାଗି ରକ୍ତାକ୍ତ ସଂଘର୍ଷ

କଣାସ,(ସବ୍ୟୁ): ପୈତୃକ ସମ୍ପତ୍ତି ଲାଗି ହୋଇଛି ରକ୍ତାକ୍ତ ସଂଘର୍ଷ । ଏହି ଘଟଣା ଘଟିଛି ପୁରୀ ଜିଲ୍ଲା କଣାସ ବ୍ଲକ ଚାନ୍ଦପଡ଼ା ବଳାଜିତପୁର ଗାଁରେ । ଘଟଣାକୁ ନେଇ କଣାସ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି । ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ବଳାଜିତିପୁର ଚାନ୍ଦପଡ଼ା ଗ୍ରାମର ଗୋଲାପ ନାୟକ ପୁଅ ଧଡୁ ନାୟକ ମଧ୍ୟରେ ଗତ ଶନିବାର ଦିନ ଜଗାବଡିକୁ କେନ୍ଦ୍ର କରି ପାଟିତୁଣ୍ଡ ମାରପିଟ ହୋଇଥିବା ଗୋଲାପ ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପୁଅ ଧଡୁ ନାୟକ ତାଙ୍କ ମୁଣ୍ଡକୁ ଧରି କାନ୍ଥରେ ମାଡ଼ କ ଆକ୍ରମଣ କରିଥିଲେ ।ଏନେଇ କଣାସ ଥାନା ପକ୍ଷରୁ ୧୫୭/୨୦୨୬ ରେ ଏକ ମାମଲା ରୁଜୁ କରାଯାଇଛି ।ପୁଅ ଧଡୁ ନାୟକ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି ତାଙ୍କ ଭଉଣୀ ରାଧାମଣୀ ନାୟକ ଓ ଭାଇ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛନ୍ତି ।ସେ ଭୁବନେଶ୍ୱରରୁ ଚିକିତ୍ସା ହୋଇ ଘରକୁ ଫେରୁଛନ୍ତି ।ଏନେଇ କଣାସ ଥାନା ପକ୍ଷରୁ ୧୫୮ /୨୦୨୬ ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ତଦନ୍ତକାରୀ ଅଫିସର ଏସଆଇ ସୁମନ କୁଜୁର ପ୍ରକାଶ କରିଛନ୍ତି ।

## ଧରାପଡ଼ିଲା ଏଟିଏମ ଲୁଟେରା

କଣ୍ଟାପଡ଼ା, (ସବ୍ୟୁ) : ଓଲଟପୁର ଥାନା ପୁଲିସ ଜଣେ ଏଟିଏମ ଲୁଟେରାକୁ କାବୁ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ଜଣକ କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ କୁଅଁରପୁର ଅଞ୍ଚଳର କାଳନ୍ଦୀ ଜେନା (୨୮) ବୋଲି ଜଣାପଡ଼ିଛି । ତା'କୁ ସୋମବାରଦିନ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଭୁବନେଶ୍ୱର ମଞ୍ଚେଶ୍ୱର ରେଳବାଇ କଲୋନୀର ପ୍ରଦୀପ୍ତକୁମାର ମହାରଣା ଜଗତସିଂହପୁର ଯାଉଥିଲାବେଳେ ଓଲଟପୁର ଥାନା ଅନ୍ତର୍ଗତ ବାଗଲପୁରଠାରେ ଥିବା ଏସବିଆଇ ଏଟିଏମ କାଉରରୁ ଟଙ୍କା ଉଠାଇଥିଲେ। ବର୍ଷା ହେଉଥିବାରୁ ସେ ତରତର ହୋଇ କାଉଣ୍ଟରଛାଡ଼ି ପଳାଇଥିଲେ। ତେବେ ଭୁଲ ବଶତଃ ତାଙ୍କ ଏଟିଏମ କାର୍ଡ଼ ଟି ସେଠାରେ ରହିଯାଇଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ କାଳନ୍ଦୀ ଉକ୍ତ କାର୍ଡ଼ ବ୍ୟବହାର କରି ପ୍ରଦୀପ୍ତଙ୍କ ଆକାଉରେ ଥିବା ସମସ୍ତ ଟଙ୍କା ଉଠାଇନେଇଥିଲା। ଏହା ଜଣାପଡ଼ିବା ପରେ ପ୍ରଦୀପ୍ତ ଓଲଟପୁର ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତି କରି ଏଏସଆଇ ପ୍ରଶାନ୍ତ କୁମାର ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ଘଟଣାର ତଦନ୍ତ କରିବା ସହିତ ଏଟିଏମ କାଉଣ୍ଟରରେ ଲାଗିଥିବା ସିସିଟିଭି କାମେରା ଯାଞ୍ଚ କରି ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିଲା।।

## ନା ବାଳିକାକୁ ଗଣ ଦୁଷ୍କର୍ମ : ଦୁଇ ନାବାଳକ କୋର୍ଟ ଚାଲାଣ

ନିମାପଡ଼ା,(ସବ୍ୟୁ): ଚାରିଛକ ଥାନା ଅଂଚଳରେ ଏକ ଲଜ୍ୟା ଜନକ ଘଟଣା ଘଟିଛି। ଜଣେ ୧୨ବର୍ଷିଆ ନା ବାଳିକାକୁ ୨ଜଣ ୧୪ ବର୍ଷର ନାବାଳକ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୁଲିସ ପୋସ୍କ ଆକ୍ଟ ଆଇନରେ ଏହି ଦୁଇ ନା ବାଳକକୁ ଅଟକ ରଖି ଏକ ମାମଲା ରୁଜୁ କରିଛି। ପୁଲିସ ଉଭୟଙ୍କୁ ଡାକ୍ତରୀ ମାଇନା କରିବା ସହିତ ଦୁଇ ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ପଠାଇଥିବା ଜଣାପଡିଛି। ପ୍ରକାଶ ଯେ, ଗ୍ରାମରେ ଥିବା ପୋଖରୀ ତୁଠ ଗାଧୁଆ ଘରକୁ ନାବାଳିକାକୁ ଡାକିନେଇ ୨ ନାବାଳକ ଦୁଷ୍କର୍ମ କରିଥିଲେ ।

## ବର୍ଷା ପାଣିରେ ୨୦ ଘର ଜଳବନ୍ଦୀ



ଚନ୍ଦନପୁର ,(ସବ୍ୟୁ): ପୁରୀ ପୌରପାଳିକା ଅଧିନ ବାଲିସାହି ଓ ଗୋପାଳ ତୀର୍ଥ ମଠର ପଛ ପଟରେ ସାମାନ୍ୟ ବର୍ଷା ହେଲେ ଜଳ ନିଷ୍କାସନ ହୋଇ ନ ପାରିବାରୁ ଏଠାରେ ବାସ କରୁଥିବାପ୍ରାୟ ୨୦ ପରିବାର ଏକ ପ୍ରକାର ଜଳବନ୍ଦି ହୋଇ ରହିଛନ୍ତି । ସେମାନେ ବାରମ୍ୱାର ପୌର ପାଳିକା ରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା କହିଛନ୍ତି । ବର୍ଷାଜଳ ଜମି ରହିଥିବାରୁ ଯାତାୟତରେ ବାଧା ସୃଷ୍ଟି ହେବା ସହିତ ମଶା , ମାଛି ଓ ବିଭିନ୍ନ ପ୍ରକାର ପୋକ ସେଠାରେ ବସବାସ କରୁଥିବା ଜନସାଧାରଣ ଉପରେ ଦାଉ ସାଧୁଛନ୍ତି । ଯଦି ଆସନ୍ତା ୭ ଦିନ ମଧ୍ୟରେ ଜଳ ନିଷ୍କାସନ ର ସ୍ଥାୟି ସମାଧାନ କରା ନଯାଏ ସେମାନେ ରାଜରାସ୍ତା ୁ ଓହ୍ଲାଇବେ ବୋଲି ପ୍ରଶାସନକୁ ଚେତାବନି ଦେଇଛନ୍ତି ।

## ରଥଯାତ୍ରାରେ ଇଣ୍ଡିଆ ଆକ୍ସନ ପ୍ରୋଜେକ୍ଟସର ବିଶ୍ରାମ କେନ୍ଦ୍ର

ଚନ୍ଦନପୁର,(ସବ୍ୟୁ): ଚଳିତ ବର୍ଷ ଶ୍ରୀଜଗନ୍ନାଥ ରଥଯାତ୍ରା ସମୟରେ ପୁରୀକୁ ଆସୁଥିବା ଭକ୍ତମାନଙ୍କ ପାଇଁ ଭାରତ ଆକ୍ସନ ପ୍ରୋଜେକ୍ଟ ପକ୍ଷରୁ ଏକ ବୃହତ ତୀର୍ଥଯାତ୍ରୀ ବିଶ୍ରାମ ଏବଂ ରିଫ୍ରେସମେଂଟ ଜୋନ୍ (ବିଶ୍ରାମ କେନ୍ଦ୍ର) ସ୍ଥାପନ କରାଯାଇଛି । ଭାରତ ଆକ୍ସନ ପ୍ରୋଜେକ୍ଟ ଗ୍ରାମୀଣ ଭାରତରେ ଉଦ୍ୟୋଗ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିଥାଏ । ପୁରୀରେ ଭକ୍ତମାନଙ୍କ ଯାତ୍ରାକୁ ଅଧିକ ଆରାମଦାୟକ ଏବଂ ମର୍ଯ୍ୟାଦାଜନକ କରିବା ପାଇଁ ବିଶ୍ରାମ କେନ୍ଦ୍ର ଏହାର ଏକ ଛୋଟ ଅବଦାନ । ରଥଯାତ୍ରା ସମୟରେ ତୀର୍ଥଯାତ୍ରୀମାନଙ୍କ ବସିବା, ବିଶ୍ରାମ କରିବା ଏବଂ ସତେଜ ହେବା ପାଇଁ ଏକ ସୁରକ୍ଷିତ, ପରିଷ୍କାର ଏବଂ ଆଶ୍ରୟସ୍ଥଳ ପ୍ରଦାନ କରିବା ପାଇଁ ପୁରୀ ବେଳାଭୂମିରେ ବିଶାଳ ବିଶ୍ରାମ କେନ୍ଦ୍ର ସୁବିଧା ସୃଷ୍ଟି କରାଯାଇଛି । ଏହି ବିଶ୍ରାମ ଏବଂ ରିଫ୍ରେସମେଂଟ ଜୋନରେ ଜୈବ-ଶୌଚାଳୟ ଏବଂ ଚେଞ୍ଜିଙ୍ଗ ରୁମ୍ ମଧ୍ୟ ଅଛି ।ଏହି ପଦକ୍ଷେପ ସମ୍ପର୍କରେ ଇଣ୍ଡିଆ ଆକ୍ସନ୍ ପ୍ରୋଜେକ୍ଟର ସହ-ପ୍ରତିଷ୍ଠାତା ଶ୍ରୁତି ଚତୁର୍ବେଦୀ କହିଛନ୍ତି, ଲୋକମାନେ ଦେଶ ସାରାରୁ ଜଗନ୍ନାଥ ପୁରୀକୁ ଆସିଥାନ୍ତି, ରଥଯାତ୍ରାର ଅଂଶଗ୍ରହଣ କରିବା ପାଇଁ ସେମାନେ ଶହ ଶହ ଓ ବେଳେବେଳେ ହଜାର ହଜାର କିଲୋମିଟର ଯାତ୍ରା କରି ଆସିଥାନ୍ତି । ଏହି ବିଶ୍ରାମ କେନ୍ଦ୍ର ସେମାନଙ୍କର ଯାତ୍ରାକୁ ଟିକିଏ ସହଜ କରିବା ପାଇଁ ଆମର ଛୋଟ ଅବଦାନ ।


ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
24001/316/2627
ଘୋଷଣା

No. RDM-LAA-MBJ-0013-2024/17709 R&DM, Dated. 14.05.2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( RFCTLAR & R. Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା - କୁରାଢ଼ିକ, ଥାନା-ବୈଶିଙ୍ଗା, ନଂ.୧୭୭, ତହସିଲ-ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, କୁରାଢ଼ିକ ସବ୍-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୩୩୮୧୧ ତା. ୦୧.୧୦.୨୦୨୪ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା - କୁରାଢ଼ିକ, ଥାନା-ବୈଶିଙ୍ଗା, ନଂ.୧୭୭, ତହସିଲ-ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା - ମୟୂରଭଞ୍ଜ | ତହସିଲ- ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କୁରାଢ଼ିକ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୨.୬୪ | ଏକର ୨.୨୪ | ଏଥି ସହିତ ସଂଲଗ୍ନ |

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା - ମୟୂରଭଞ୍ଜ | ତହସିଲ- ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୦୭.୧୧.୨୦୨୪ ।

ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା- ୧୦୩/୨୦୨୩
ଏ. ୨.୨୪ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, କୁରାଢ଼ିକ ସବ୍-ମାଇନର ନିମନ୍ତେ
ମୌଜା-କୁରାଢ଼ିକ, ଥାନା- ବୈଶିଙ୍ଗା, ନଂ-୧୭୭, ତହସିଲ - ବେତନଟୀ, ଜିଲ୍ଲା : ମୟୂରଭଞ୍ଜ

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୫ | ୪୦୦ | ୦.୧୭ | ୦.୧୭ | ଶାରଦ ତିନି | ଅଭିରାମ ମହାନ୍ତ, ପି: ଚୈତନ ମହାନ୍ତ, ଜା : କୁଡୁମି, ବା: ନିଜଗାଁ |
| ୬ | ୫୩୮/୭୫୭ | ୦.୨୨ | ୦.୦୬ | ଶାରଦ ଦୁଇ | ଆଗନୁ ମହାନ୍ତ, ଜାନକୀ ମହାନ୍ତ, ପି: ନବ ମହାନ୍ତ, ରତନି ମହାନ୍ତ,, ସ୍ୱା: ନବ ମହାନ୍ତ, ଜା : କୁଡୁମି, ବା: ନିଜଗାଁ |
| ୧୦ | ୩୯୭ | ୦.୧୯୫ | ୦.୦୮ | ଶାରଦ ତିନି | ଇନ୍ଦ୍ରମଣି ମହାନ୍ତ, ସ୍ୱା : ଦରିଆନାଥ ମହାନ୍ତ, ମଲ୍ଲିମଣି ମହାନ୍ତ, ସ୍ୱା: ଚନ୍ଦ୍ରମୋହନ ମହାନ୍ତ ଜା: କୁଡୁମି, ବା: ନିଜଗାଁ |
| ୧୨ | ୨୪୨ | ୦.୦୭ | ୦.୦୨ | ଶାରଦ ଦୁଇ | ଉଦ୍ଧବ ମହାନ୍ତ, ପି: କାଳିଆଶିବା ମହାନ୍ତ, ଜା : କୁଡୁମି, ବା: ନିଜଗାଁ |
| ୧୪ | ୩୮୫<br>୩୮୬ | ୦.୩୨<br>୦.୧୮ | ୦.୧୦<br>୦.୦୩ | ଶାରଦ ଦୁଇ<br>ଶାରଦ ଦୁଇ | ଉପେନ୍ଦ୍ର ମହାନ୍ତ, ପି: ବିଶ୍ୱନାଥ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୩ | ୩୯୦ | ୦.୧୨ | ୦.୦୩ | ଶାରଦ ଦୁଇ | କାହ୍ନୁଚରଣ ମହାନ୍ତ, ପି: ଗୋବିନ୍ଦ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୧ | ୩୬୫ | ୦.୬୦ | ୦.୦୮ | ଶାରଦ ଦୁଇ | ଜୟରାମ ମହାନ୍ତ, ପି: ବଳରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୩ | ୨୩୭ | ୦.୪୭ | ୦.୦୮ | ଶାରଦ ଦୁଇ | ଝୁରା ମାଝୀ, ରାମ ମାଝୀ, ଭାଦ ମାଝୀ, ପି : ବାଣିକୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୮ | ୩୮୯ | ୦୦୯ | ୦.୦୬ | ପତିତ | ଝୁନୁପୁକି ମହାନ୍ତ, ସ୍ୱା: ଶଶଧର ମହାନ୍ତ, ଜା: କୁଡୁମି, ବା: କୁଆଳିଭଙ୍ଗା |
| ୫୦ | ୨୨୩ | ୦.୪୯ | ୦.୦୬ | ଶାରଦ ତିନି | ଠାକୁରା ମାଝୀ, ଶଙ୍ଖାରୀ ମାଝୀ, ପି: ଗଦାଧର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୫୫ | ୨୩୪ | ୦.୭୪ | ୦.୧୫ | ଶାରଦ ଦୁଇ | ଦାଶ ବାଝୀ, କାଦୁ ମାଝୀ, ପି: ରାମ ମାଝୀ, ଭାଦାଡ ମାଝୀ, କାହ୍ନୁ ମାଝୀ, ପି: ବାଣିକୁ ମାଝୀ, ଖାପି ମାଝୀ, ପି: ମାସାଙ୍ଗ ମାଥୀ, ବାଣିକୁ ମାଝୀ, ପି: ଡୁକୁରା ମାଝୀ, ଚରଣ ମାଝୀ, ସୁବୁଦା ମାଝୀ, ନାରସିଂ ମାଝୀ, ପି: ମାଝୀଆ ମାଝୀ, ଜା–ସାନ୍ତାଳ, ବା: ନିଜଗାଁ |
| ୬୫ | ୩୮୩<br>୩୬୮ | ୧.୦୮<br>୦.୬୮ | ୦.୧୧<br>୦.୦୬ | ଶାରଦ ଦୁଇ<br>ଶାରଦ ଦୁଇ | ନିତ୍ୟାନନ୍ଦ ମହାନ୍ତ, ମୁକ୍ତା ମହାନ୍ତ, ଶାନ୍ତ ମହାନ୍ତ,, ସାନଚନି ମହାନ୍ତ, ଶରଧା ମହାନ୍ତ, ପି: ନବୀନ ମହାନ୍ତ, ଭାଲୁ ମହାନ୍ତ, ସ୍ୱା: ନବୀନ ମହାନ୍ତ, ଶିଶୁ ମହାନ୍ତ, ସ୍ୱା: ଗୌରହରି ମହାନ୍ତ, ମନୋରଥ ମହାନ୍ତ, ସୁରଥ ମହାନ୍ତ, କମଳା ମହାନ୍ତ, ରୁଞ୍ଜ ମହାନ୍ତ, ପି: ଗୌରହରି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୭୨ | ୨୧୭<br>୨୧୮ | ୦.୩୫<br>୦.୧୮ | ୦.୦୬<br>୦.୦୪ | ଶାରଦ ଦୁଇ<br>ଶାରଦ ଦୁଇ | ପାରାଓ ମାଝୀ, ଖେଲା ମାଝୀ, ନରସିଂହ ମାଝୀ, ପି: ସାଲକୁ ମାଝୀ, ରାମ ମାଝୀ, ପି: ଗଦରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୭୫ | ୩୬୯<br>୩୬୫/୭୮୬ | ୦.୩୨<br>୦.୩୪ | ୦.୦୧<br>୦.୦୬ | ଶାରଦ ଦୁଇ<br>ଶାରଦ ତିନି | ପୁରସ୍ତମ ମହାନ୍ତ, ପି: ବଳରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୮୨ | ୨୪୩ | ୦.୦୬ | ୦.୦୨ | ଶାରଦ ଦୁଇ | ବିକଳଚନ୍ଦ୍ର ମହାନ୍ତ, ପି: ହରମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୯୮ | ୩୯୯/୭୦୩<br>୩୯୯ | ୦.୧୪<br>୦.୧୧ | ୦.୦୫<br>୦.୦୫ | ଶାରଦ ଦୁଇ<br>ଶାରଦ ତିନି | ମନବୋଧ ମହାନ୍ତ, ଅଭିରାମ ମହାନ୍ତ, ପି: ଚୈତନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୦୨ | ୩୮୨ | ୦.୮୦ | ୦.୧୦ | ଶାରଦ ଦୁଇ | ମୁସୁରୀ ମହାନ୍ତ, ସ୍ୱା: ଲାଲ ମୋହନ ମହାନ୍ତ, ଜା: କୁଡୁମି, ବା ନିଜଗାଁ |
| ୧୦୮ | ୨୧୬ | ୦.୪୬ | ୦.୦୮ | ଶାରଦ ଦୁଇ | ରାମ ମାଝୀ, ସାବୁଆ ମାଝୀ, ଠାକୁରା ମାଝୀ, ସଂଖାରୀ ମାଝୀ, ପି: ଗଦରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୧୦ | ୨୩୮ | ୧.୬୦ | ୦.୦୧ | ଶାରଦ ଦୁଇ | ରାମଜିତ ମାଝୀ, ସାଗରାମ ମାଝୀ, କାଦୁ ମାଝୀ, ବାଦ୍‌ଡୁ ମାଝୀ, ପି: ରଘୁନାଥ ମାଝୀ, ଗୁଜା ମାଝୀ, ପି: ରାମଜିତ ମାଝୀ, ଜା: ସାନ୍ତାଳ, ବା: ଚାଞ୍ଚପା |
| ୧୨୧ | ୨୨୦<br>୨୨୫<br>୨୦୫ | ୦.୪୮<br>୦.୧୬<br>୦.୨୭ | ୦.୧୦<br>୦.୦୪<br>୦.୧୦ | ଶାରଦ ଦୁଇ<br>ଶାରଦ ତିନି<br>ଡାହି ଏକ | ଲାଖାଇ ମାଝୀ, ପି: ଭିମା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୩୪ | ୨୧୯<br>୨୦୬<br>୨୨୪ | ୦.୨୧୫<br>୦.୧୯<br>୦.୦୪୫ | ୦.୦୪<br>୦.୦୨<br>୦.୦୪୫ | ଶାରଦ ଦୁଇ<br>ଆଶୁ<br>ଶାରଦ ତିନି | ସିଙ୍ଗରାଏୀ ମାଝୀ, ଗୁଡୁରା ମାଝୀ, ପି: ଶଙ୍କର ମାଝୀ, ପାରାଓ ମାଝୀ, ଖେଲା ମାଝୀ, ନାର୍ଶିଙ୍ଗ ମାଝୀ, ସିଙ୍ଗରାଏୀ ମାଝୀ, ପି: ଶିରିକା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୩୬ | ୨୨୨<br>୨୦୩<br>୨୦୪ | ୦.୦୫<br>୦.୧୦<br>୦.୦୪ | ୦.୦୨<br>୦.୦୨<br>୦.୦୨ | ଶାରଦ ତିନି<br>ଡାହି ଏକ<br>ଡାହି ଏକ | ଶ୍ରୀକା ମାଝୀ, ପି: ବଡ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୧ | ୩୬୫/୭୮୭ | ୦.୩୬ | ୦.୦୭ | ଶାରଦ ତିନି | ସୁରେଶ ଚନ୍ଦ୍ର ମହାନ୍ତ, ପି: ବଳରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୪୬/୧୧ | ୨୩୬ | ୦.୬୫ | ୦.୦୭ | ଶାରଦ ଦୁଇ | ସୁନ୍ଦରା ମାଝୀ, ପି: ପାତୁ ମାଝୀ, ଘାସିରାମ ମାଝୀ, ପି: ସୁବୁଦା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୬/୨୫ | ୨୨୪/୮୧୪ | ୦.୦୧୫ | ୦.୦୧୫ | ଶାରଦ ତିନି | ସାଲଖାନ ମୁର୍ମୁ, ପି: ହରି ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୬/୫୨ | ୩୮୪/୮୩୯ | ୦.୦୯ | ୦.୦୬ | ଶାରଦ ଦୁଇ | ସାଲଖାନ ମୁର୍ମୁ, ପି: ହରି ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୬/୫୯ | ୩୮୪/୮୪୪ | ୦.୦୯ | ୦.୦୧ | ଶାରଦ ଦୁଇ | ବେଣୁଧର ମହାନ୍ତ, ପି: ଉପେନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୪୬/୯୩ | ୩୮୫/୮୬୫ | ୦.୧୦ | ୦.୦୪ | ଶାରଦ ଦୁଇ | ଲକ୍ଷ୍ମୀଧର ମହାନ୍ତ, ପି: ରମେଶ ମହାନ୍ତ,, ଜା: କୁଡୁମି, ବା: ନିଜଗାଁ |
| ମୋଟ | ୩୯ ପ୍ଲଟକୁ | ଏ. ୧୨.୬୪ ଡେ.ମି. | ଏ. ୨.୨୪ ଡେ.ମି. | | |

ରାଜ୍ୟପାଳନଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR : 24001/24001/3/26-27/0091


## ବରାହ ଅବତାରରେ ମହାପ୍ରଭୁ

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲାର କୁଞ୍ଜବଂନଗଡ଼ରେ ବିଜେ ଶ୍ରୀ ଶ୍ରୀ ପତିତପାବନ ମହାପ୍ରଭୁ ଆଡ଼ପ ମଣ୍ଡପରେ ବରାହ ଅବତାର ବେଶ ଧାରଣ କରି ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଭବିଷ୍ଯୁ ପୁରାଣ ଓ ବରାହ ପୁରାଣ ଅନୁଯାୟୀ ହିରଣାକ୍ଷ ଅସୁର ପୃଥିବୀକୁ ଧଂସ କରିବା ପାଇଁ ଅନନ୍ତ ଜଳଧି ମଧ୍ୟରେ ନିମଜ୍ଜିତ କରି ରଖିବା ଯୋଗୁଁ ବିପଦ ସୃଷ୍ଟି ହେଲା।


ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
24001/302/2627
ଘୋଷଣା

No. RDM-LAB-GM-0010-2025/16327 R&DM, Dated. 17.04.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( RFCTLAR & R. Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା - ପଟିଗୁଡା, ଥାନା- ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ**ରେ ନିମ୍ନ ସୂଚିତ 'କ' ତଫସିଲ ଜମିରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଗଞ୍ଜାମ ଜିଲ୍ଲାରେ ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୧୮୯୩୨ ତା. ୨୩.୦୫.୨୦୨୫ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା - ପଟିଗୁଡା, ଥାନା- ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନା ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା - ଗଞ୍ଜାମ | ତହସିଲ- ସାନଖେମୁଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପଟିଗୁଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୨.୭୧୬ | ଏକର ୩.୩୫୫ | ଏଥି ସହିତ ସଂଲଗ୍ନ |

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା - ଗଞ୍ଜାମ | ତହସିଲ- ସାନଖେମୁଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୩୧.୦୭.୨୦୨୫ ।

ପଟିଗୁଡା ଗ୍ରାମର ଜମିର ବିବରଣୀ
ମୌଜା-ପଟିଗୁଡା, ତହସିଲ : ସାନଖେମୁଣ୍ଡି, ଜିଲ୍ଲା - ଗଞ୍ଜାମ

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ (ଏକର) | କିସମ | ଅଧିଗ୍ରହଣ ହେବାକୁ ଥିବା ରକବା (ଏକର) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୨୩ | ୭୧୮ | ଶ୍ରୀ ରାମେଶ୍ୱର, ଶ୍ରୀ ବୁଦ୍ଧେଶ୍ୱର ମହାଦେବ ବିଜେ : ନିଜଗାଁ, ସେବାୟତ ବା: ଉତ୍ତମା ରଣା, ସିମାଞ୍ଚଳ ରଣା, ଶିବ ରଣା, ପି: ସାରଥି ରଣା, ଚନ୍ଦ୍ରମା ରଣା, ସ୍ୱା: ସାରଥି ରଣା, ସହଦେବ ରଣା, ପି: ନଟବର ରଣା, ଭାନୁ ରଣା, ସ୍ୱା: ନଟବର ରଣା, ଜା: ମାଳି, ବା: ନିଜଗାଁ | ୫.୯୩୮ | ପଦର | ୦.୯୬ | |
| ୨ | ୫୩ | ୯୦୧ | ଶ୍ରୀ ଗ୍ରାମଦେବତୀ ଠାକୁରାଣୀ ବିଜେ, ନିଜଗାଁ, ମାର୍ଫତ ବା: କୃଷ୍ଣ ଗୌଡ଼, ପରି ଗୌଡ଼, ଅଭି ଗୌଡ଼, ବାୟା ଗୌଡ଼, ରମେଶ ଗୌଡ଼, ପି– ଅର୍ଜୁନ ଗୌଡ଼, ହନୁ ଗୌଡ଼, ଗେଲି ଗୌଡ଼, ପି: ହାଡୁ ଗୌଡ଼, ବିୟଜ ଗୌଡ଼, ପ୍ରମୋଦ ଗୌଡ଼, ପି: ସଇତ ଗୌଡ଼, ଲାଣ୍ଡି ଗୌଡ଼, ସ୍ୱା: ସଇତ ଗୌଡ଼, ଜା: ଗଉଡ଼, ବା: ନିଜଗାଁ | ୦.୧୪ | ପଦର | ୦.୦୬ | |
| ୩ | ୫୪ | ୮୯୦<br>୮୮୮<br>୮୮୯ | ଶ୍ରୀ ସମଡାଙ୍ଗ ଠାକୁରାଣୀ ବିଜେ: ନୂଆଗାଁ ସେବାୟତ, ବା: କୃଷ୍ଣ ଗୌଡ଼, ପରି ଗୌଡ଼, ଅଭି ଗୌଡ଼, ବାୟା ଗୌଡ଼ ରମି ଗୌଡ଼, ବାୟାଣି ଗୌଡ଼, ପି: ଅର୍ଜୁନ ଗୌଡ଼, ହନୁ ଗୌଡ଼, ବିଜୟ ଗୌଡ଼, ପ୍ରମୋଦ ଗୌଡ଼, ଦମୟନ୍ତି ଗୌଡ଼, ଶଶି ଗୌଡ଼, ଜମ୍ବୁ ଗୌଡ଼, ବାସିନି ଗୌଡ଼, ପି : ସଇତ ଗୌଡ଼, ଲାଣ୍ଡି ଗୌଡ଼, ସ୍ୱା: ସଇତ ଗୌଡ଼, ଗେଲି ଗୌଡ଼, ପି: ହାଡୁ ଗୌଡ଼, ଜା: ଗଉଡ଼, ବା: ନିଜଗାଁ | ୦.୧୫<br>୦.୩୯<br>୦.୧୪୫ | ବିଲ ଅଣଜଳସେଚିତ ଦୁଇ | ୦.୦୨୫<br>୦.୧୮<br>୦.୦୨ | |
| ୪ | ୬୭ | ୮୩୫ | ଗୁରୁବାରି ନାଏକ, ପି: ମଧୁ ନାଏକ, ଜା: ବୋଡା, ବା: ନିଜଗାଁ | ୦.୨୬ | ବିଲ ଅଣଜଳସେଚିତ ଦୁଇ | ୦.୧୮ | |
| ୫ | ୭୩ | ୭୧୯<br>୭୨୦<br>୭୨୫ | ଗୋବିନ୍ଦ ମହାରଣା, ପି: କନ୍ଧ ମହାରଣା, ଜା: ବଢ଼େଇ, ବା: ନିଜଗାଁ | ୦.୩୬<br>୦.୦୬୫<br>୦.୩୫ | ପଦର | ୦.୧୨<br>୦.୦୪୫<br>୦.୦୨ | |
| ୬ | ୧୨୦ | ୧୦୫୩<br>୧୦୫୪ | ତବତିଆ ଗୌଡ଼, ଯୋଗି ଗୌଡ଼, ଉଲି ଗୌଡ଼, ମଲା ଗୌଡ଼, ପି: ଭିକା ଗୌଡ଼, ଜା: ଗୌଡ଼, ବା: ନିଜଗାଁ | ୦.୪୨୫<br>୦.୪୫ | ପଦର | ୦.୦୭<br>୦.୩୭ | |
| ୭ | ୧୫୮ | ୭୨୪ | ଦୟାନିଧି ମହାରଣା, ପି: ମାଗୁଣି ମହାରଣା, ଜା: ବଢ଼େଇ, ବା: ନିଜଗାଁ | ୦.୩୨୫ | ପଦର | ୦.୦୯ | |
| ୮ | ୨୫୨ | ୯୧୯<br>୮୯୬ | ବୁଦ୍ଧିଆ ବେହେରା, ପି: କନ୍ଧ ବେହେରା, ଜା: କୁମ୍ଭାର, ରଙ୍କ ଗୌଡ଼, ଶୁକ୍ରୁ ଗୌଡ଼, ବୁଦ୍ଧିଆ ଗୌଡ଼, ବାୟା ଗୌଡ଼, ପି: ଲକ୍ଷ୍ମଣ ଗୌଡ଼, ରୂପା ଗୌଡ଼, ସ୍ୱା: ଲକ୍ଷ୍ମଣ ଗୌଡ଼, ଜା: ଗୌଡ଼, ବା: ନିଜଗାଁ | ୦.୧୧<br>୦.୦୯ | ବିଲ ଅଣଜଳସେଚିତ ଦୁଇ | ୦.୦୨<br>୦.୦୫ | |
| ୯ | ୨୬୦ | ୮୯୩ | ଭଗବାନ ଗୌଡ଼, ପି: ଭରତ ଗୌଡ଼, ଜା: ଗୌଡ଼, ବା: ନିଜଗାଁ | ୦.୨୬୫ | ବିଲ ଅଣଜଳସେଚିତ ଦୁଇ | ୦.୧୮ | |
| ୧୦ | ୩୧୫ | ୮୩୬ | ରାଧା ନାଏକ, ତାରେଣି ନାଏକ, ମଙ୍ଗୁଳୁ ନାଏକ, ପି: ଦଣ୍ଡାସି ନାଏକ, ଚମ୍ପା ନାଏକ, ସ୍ୱା: ଦଣ୍ଡାସି ନାଏକ, ବିଟୁ ନାଏକ, ରାଇବାରୀ ନାଏକ, ପି: ପୁନିଆ ନାଏକ, ଯମୁନା ନାଏକ, ସ୍ୱା: ପୁନିଆ ନାଏକ, ଜା: ବୋଡା, ବା: ନିଜଗାଁ | ୦.୨୩ | ବିଲ ଅଣଜଳସେଚିତ ଦୁଇ | ୦.୧ | |
| ୧୧ | ୩୪୫ | ୮୯୪<br>୮୯୫ | ସନ୍ୟାନୀ ଗୌଡ଼, ଝରା ଗୌଡ଼, ପି: କୃପା ଗୌଡ, ସାଇବ ଗୌଡ଼, ବିର ଗୌଡ଼, ପି: ରାମ ଗୌଡ଼, କୌତୁକି ଗୌଡ଼, ସ୍ୱା: ରାମ ଗୌଡ଼, ରଙ୍କ ଗୌଡ଼, ଶୁକ୍ରୁ ଗୌଡ଼, ବୁଦ୍ଧିଆ ଗୌଡ଼, ବାୟା ଗୌଡ଼, ପି : ଲକ୍ଷ୍ମଣ ଗୌଡ଼, ରୂପା ଗୌଡ଼, ସ୍ୱା: ଲକ୍ଷ୍ମଣ ଗୌଡ଼, ଜା: ଗୌଡ଼, ବା: ନିଜଗାଁ | ୦.୦୭<br>୦.୦୯ | ବିଲ ଅଣଜଳସେଚିତ ଦୁଇ | ୦.୦୭<br>୦.୦୮ | |
| ୧୨ | ୪୦୧ | ୮୯୭<br>୮୮୦ | ହନୁ ଗୌଡ଼, ପି: ସଇତ ଗୌଡ଼ ଜା: ଗୌଡ଼, ବା: ନିଜଗାଁ | ୦.୧୬<br>୦.୪ | ବିଲ ଅଣଜଳସେଚିତ ଦୁଇ<br>ପଦର | ୦.୦୩୫<br>୦.୦୧୫ | |
| ୧୩ | ୪୧୦/୪୯ | ୯୦୦ | ଜିତୁ ଗୌଡ଼, ପି: ବିଭୀଷଣ ଗୌଡ଼, ଜା: ଗୌଡ଼, ବା: ପଟିଗୁଡା | ୦.୧୯ | ବିଲ ଅଣଜଳସେଚିତ ଦୁଇ | ୦.୦୯ | |
| ୧୪ | ୪୧୦/୮୭ | ୮୨୦ | ପଞ୍ଚାନନ ଗୌଡ, ଗୋବର୍ଦ୍ଧନ ଗୌଡ଼, ପି: ସୋମନାଥ ସର୍ଦ୍ଧାର, ଜା: ଗୌଡ଼, ବା: ନିଜଗାଁ | ୦.୫୯୩ | ପଦର | ୦.୦୩ | |
| ୧୫ | ୪୧୦/୧୮୪ | ୯୦୨<br>୯୦୩<br>୯୦୪ | ଲିପସା ବିଶ୍ୱାସରା, ପି: ପ୍ରମୋଦ ବିଶ୍ୱାସରା | ୦.୨୭<br>୦.୧୨<br>୦.୬୩୫ | ବିଲ ଅଣଜଳସେଚିତ ଦୁଇ<br>ବିଲ ଅଣଜଳସେଚିତ ଦୁଇ<br>ପଦର | ୦.୧୬<br>୦.୦୭<br>୦.୨୦୫ | |
| ୧୬ | ୪୧୦/୯୦ | ୮୨୨ | ଉଆଳି ଗୌଡ, ପି: ଭାସ୍କର ଗୌଡ, କୃଷ୍ଣ ଗୌଡ଼, ହରି ଗୌଡ, ଜା: ଗୌଡ, ବା: ନିଜଗାଁ | ୦.୩୧୫ | ବିଲ ଅଣଜଳସେଚିତ ଦୁଇ | ୦.୦୬ | |
| ୧୭ | ୪୧୦/୯୧ | ୮୨୧ | ବିଶ୍ୱନାଥ ଗୌଡ଼, ପି: ହରି ଗୌଡ଼, ଜା : ଗୌଡ଼, ବା: ନିଜଗାଁ | ୦.୧୮ | ବିଲ ଅଣଜଳସେଚିତ ଦୁଇ | ୦.୦୫ | |
| | | | | | ମୋଟ | ୩.୩୫୫ ଏକର | |

ରାଜ୍ୟପାଳନଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR : 24001/24001/3/26-27/0077

# ସମ୍ପାଦକୀୟ

## ସଂସଦର ମୌସୁମୀ ଅଧିବେଶନ

ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇଛି । ଏହି ଅଧିବେଶନକୁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି । ଏହି ଅଧିବେଶନ ଆରମ୍ଭ ହେବାର ଦିନକ ପୂର୍ବରୁ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ସରକାର ଏକ ସର୍ବଦଳୀୟ ବୈଠକ କରାଇଥିଲେ । ଗଣତାନ୍ତ୍ରିକ ପଦ୍ଧତିରେ ଏପରି ସର୍ବଦଳୀୟ ବୈଠକର ଆବଶ୍ୟକତା ଅବଶ୍ୟ ରହିଛି । କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ୪୦ଗୋଟି ରାଜନୀତିକ ଦଳର ପ୍ରାୟ ୫୮ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ଜୁଲାଇ ୨୦ରୁ ଆରମ୍ଭ ହୋଇଥିବା ଏହି ଅଧିବେଶନ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ ବୋଲି କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଏହା ୨୫ ଦିନର ବୈଠକ ବୋଲି ମଧ୍ୟ କୁହାଯାଉଛି । ସରକାରୀ ଦଳର ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ଏହି ବୈଠକରେ ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରେ ଥିଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା, କେନ୍ଦ୍ର ଆଇନ ଓ ନ୍ୟାୟ ବିଭାଗର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲା, କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍ ମୁରୁଗାନ ଓ ଅନ୍ୟମାନେ । କେନ୍ଦ୍ର ସଂସଦୀୟ ବିଭାଗର ମନ୍ତ୍ରୀ କୀରନ ରିଜଜୁ ଏହି ବୈଠକରେ ବିରୋଧୀ ଦଳର ସହଯୋଗ ପାଇଁ ମଧ୍ୟ ନିବେଦନ କରିଥିଲେ ।

**ଆରମ୍ଭରୁ ଏହି ମୌସୁମୀ ଅଧିବେଶନକୁ ଶୃଙ୍ଖଳିତ କରି ସୁରୁଖୁରୁରେ ଚଲାଇବା ଲାଗି ବିଜେପି ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ସରକାର ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି, ତାହା ଫଳପ୍ରଦ ହୋଇ ପାରିଲେ ଖୁବ୍ ଭଲ କଥା ହେବ । ନଚେତ୍ ବିରୋଧୀ ଦଳ ନିଜର ପ୍ରଭାବ ପ୍ରଦର୍ଶନ ପାଇଁ ଏହି ଅଧିବେଶନକୁ ସୁରୁଖୁରୁରେ ଚଲାଇ ଦେବ ନାହିଁ ବୋଲି ଜଣା ପଡୁଥିଲା । ତାହା ହିଁ ହେଲା । ଅବଶ୍ୟ ଇଣ୍ଡିମେଣ୍ଟ ଭିତରେ ଏବେ ଫାଟ ଦେଖା ଦେଲାଣି । ଆଉ ପ୍ରାୟ ସାତ ମାସ ପରେ ଭାରତର ବିଶାଳ ରାଜ୍ୟ ଉତ୍ତର ପ୍ରଦେଶରେ ସାଧାରଣ ନିର୍ବାଚନ ହେବା ପୂର୍ବରୁ ଆସନ ଭାଗବଣ୍ଟାକୁ ନେଇ କଂଗ୍ରେସ ଓ ସମାଜବାଦୀ ପାର୍ଟି, ମଧ୍ୟରେ ଥିବା ଅଡୁଆ ଏ ପର୍ଯ୍ୟନ୍ତ ଛିଣ୍ଡିବାକୁ ନାହିଁ । ପୂର୍ବରୁ ଡିଏମ୍କେ ଦଳ ସଂସଦରେ କଂଗ୍ରେସ ଦଳ ସହିତ ବସିବ ନାହିଁ ବୋଲି ଘୋଷଣା କରିଥିଲା । ଏବେ ତୃଣମୂଳ କଂଗ୍ରେସ ଦଳର ୨୦ ଜଣ ବିଦ୍ରୋହୀ ସାଂସଦ ନୂତନ ଦଳ ଗଢ଼ି ସାରିଛନ୍ତି ଏବଂ ସେମାନେ ବିଜେପି ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସହ ରହିବେ । ମହାରାଷ୍ଟ୍ରରେ ମଧ୍ୟ ଇଣ୍ଡିମେଣ୍ଟରେ ଫାଟ ପରିଲକ୍ଷିତ ହୋଇଛି । ବିରୋଧୀ ଇଣ୍ଡିମେଣ୍ଟକୁ ଏବେ ସଂସଦରେ ସଂଖ୍ୟା ହ୍ରାସର ଭୟ ମଧ୍ୟ ଘାରୁଛି ।**

ସଂସଦର ଏହି ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସର୍ବଦଳୀୟ ବୈଠକରେ ତୃଣମୂଳ କଂଗ୍ରେସର ୨୦ ଜଣ ବିଦ୍ରୋହୀ ସାଂସଦଙ୍କୁ ନେଇ ଗଠିତ ନୂତନ ଏନ୍‌ସିପିଆଇ (ନେସନାଲିଷ୍ଟ ସିଟିଜନସ୍ ପାର୍ଟି ଅଫ୍ ଇଣ୍ଡିଆ) କୁ ଏହି ସର୍ବଦଳୀୟ ବୈଠକକୁ ବସିବାକୁ ଅନୁମତି ଦିଆଯାଇ ଥିବାରୁ ବିରୋଧୀ ଇଣ୍ଡିମେଣ୍ଟ ଏହାର ପ୍ରତିବାଦ କରି ସର୍ବଦଳୀୟ ବୈଠକକୁ ବର୍ଜନ କରିଥିଲା । ସେମାନେ କହିଥିଲେ ଯେ ଏ ହେଉଛି ପ୍ରତୀକାତ୍ମକ ବର୍ଜନ । ସରକାରୀ ଦଳର ଏହିପରି ଏକତରଫା ନିଷ୍ପତ୍ତି ବିରୋଧରେ ଇଣ୍ଡିମେଣ୍ଟ ପକ୍ଷରୁ ଏପରି ପ୍ରତିବାଦ ଅବଶ୍ୟ କରାଯାଇଥିଲା ଏବଂ ଏହି ମୌସୁମୀ ଅଧିବେଶନରେ ଇଣ୍ଡିମେଣ୍ଟର ଏ ସଂକ୍ରାନ୍ତରେ ପ୍ରତିବାଦର ସ୍ୱର ଆହୁରି ତୀବ୍ର ହେବ ବୋଲି ମଧ୍ୟ ସୂଚନା ମିଳିଥିଲା । ଏହି ବୈଠକରେ ଇଣ୍ଡିମେଣ୍ଟ ପକ୍ଷରୁ କଂଗ୍ରେସ ଦଳର ସାଧାରଣ ସଂପାଦକ ଜୟରାମ ରମେଶଙ୍କ ସମେତ ସୌଗତ ରାୟ, ମହୁଆ ମୈତ୍ର, ଗୌରବ ଗୋଗାଇ, କେ ସୁରେଶ, ଧର୍ମେନ୍ଦ୍ର ଯାଦବ ଓ ଜନ୍ ବ୍ରିଟାସ ପ୍ରଭୃତି ସମାଜବାଦୀ ପାର୍ଟି, ସିପିଆଇଏମ୍ ଓ ଅନ୍ୟାନ୍ୟ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ଆରମ୍ଭରୁ ଏହି ମୌସୁମୀ ଅଧିବେଶନକୁ ଶୃଙ୍ଖଳିତ କରି ସୁରୁଖୁରୁରେ ଚଲାଇବା ଲାଗି ବିଜେପି ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ସରକାର ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି, ତାହା ଫଳପ୍ରଦ ହୋଇ ପାରିଲେ ଖୁବ୍ ଭଲ କଥା ହେବ । ନଚେତ୍ ବିରୋଧୀ ଦଳ ନିଜର ପ୍ରଭାବ ପ୍ରଦର୍ଶନ ପାଇଁ ଏହି ଅଧିବେଶନକୁ ସୁରୁଖୁରୁରେ ଚଲାଇ ଦେବ ନାହିଁ ବୋଲି ଜଣା ପଡୁଥିଲା । ତାହା ହିଁ ହେଲା । ଅବଶ୍ୟ ଇଣ୍ଡିମେଣ୍ଟ ଭିତରେ ଏବେ ଫାଟ ଦେଖା ଦେଲାଣି । ଆଉ ପ୍ରାୟ ସାତ ମାସ ପରେ ଭାରତର ବିଶାଳ ରାଜ୍ୟ ଉତ୍ତର ପ୍ରଦେଶରେ ସାଧାରଣ ନିର୍ବାଚନ ହେବା ପୂର୍ବରୁ ଆସନ ଭାଗବଣ୍ଟାକୁ ନେଇ କଂଗ୍ରେସ ଓ ସମାଜବାଦୀ ପାର୍ଟି, ମଧ୍ୟରେ ଥିବା ଅଡୁଆ ଏ ପର୍ଯ୍ୟନ୍ତ ଛିଣ୍ଡିବାକୁ ନାହିଁ । ପୂର୍ବରୁ ଡିଏମ୍କେ ଦଳ ସଂସଦରେ କଂଗ୍ରେସ ଦଳ ସହିତ ବସିବ ନାହିଁ ବୋଲି ଘୋଷଣା କରିଥିଲା । ଏବେ ତୃଣମୂଳ କଂଗ୍ରେସ ଦଳର ୨୦ ଜଣ ବିଦ୍ରୋହୀ ସାଂସଦ ନୂତନ ଦଳ ଗଢ଼ି ସାରିଛନ୍ତି ଏବଂ ସେମାନେ ବିଜେପି ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସହ ରହିବେ । ମହାରାଷ୍ଟ୍ରରେ ମଧ୍ୟ ଇଣ୍ଡିମେଣ୍ଟରେ ଫାଟ ପରିଲକ୍ଷିତ ହୋଇଛି । ବିରୋଧୀ ଇଣ୍ଡିମେଣ୍ଟକୁ ଏବେ ସଂସଦରେ ସଂଖ୍ୟା ହ୍ରାସର ଭୟ ମଧ୍ୟ ଘାରୁଛି । ରାଜ୍ୟସଭାରେ ଆସନ ଅଦଳବଦଳ ମଧ୍ୟ ହେଉଛି । ଏସବୁ ଇଣ୍ଡିମେଣ୍ଟ ପାଇଁ ଚିନ୍ତାର କାରଣ ହେଉଛି । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ କଂଗ୍ରେସ ଦଳର ହୋଇଥିଲେ ମଧ୍ୟ ସଂସଦରେ ବିରୋଧୀ ଦଳର ମତାମତ ଓ ସମାଲୋଚନାକୁ ବେଖାତିର ନ କରି ସମ୍ମାନ ଦେଉଥିଲେ । ଏବେ ଇଣ୍ଡିମେଣ୍ଟ ନେହରୁଙ୍କର ସେହି ନୀତି ଓ ଆଦର୍ଶକୁ ନେଇ ବାଟ ଚାଲିଲେ, ଭାରତରେ ଗଣତନ୍ତ୍ରର ସୁସ୍ଥ ପରମ୍ପରା ରହିଛି ବୋଲି ଅନ୍ତତଃ ପ୍ରତିପାଦିତ ହୋଇ ପାରିବ । ଚଳିତ ୨୦ ତାରିଖରୁ ସଂସଦର ଅଧିବେଶନ ଆରମ୍ଭ ହେବାମାତ୍ରେ, ବିରୋଧୀ ଦଳ ଲୋକସଭାରେ ହଙ୍ଗାମା କରି ଆରମ୍ଭରୁ ଅଧିବେଶନକୁ ଚଳାଇ ଦେଇ ନଥିଲେ । ଏହା ଦୁର୍ଭାଗ୍ୟର ବିଷୟ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମ୍ମୁଖରେ କେତୋଟି ଆହ୍ୱାନ



**ଡକ୍ଟର ସନ୍ତୋଷ କୁମାର ମହାପାତ୍ର**

ଗତ ଜୁଲାଇ ୧୯ ତାରିଖରେ ବ୍ୟାଙ୍କର ଜାତୀୟକରଣ ଦିବସ ପାଳନ ହୋଇଯାଇଛି । କିନ୍ତୁ ଜାତୀୟକରଣର ଲକ୍ଷ୍ୟ କେତେ ପୂରଣ ହୋଇଛି ଏବଂ ବ୍ୟାଙ୍କର ଘରୋଇକରଣ ପାଇଁ ଯେଉଁ ଉଦ୍ୟମ ହେଉଛି , ତାହା ଦେଶ ହିତରେ ନା ଘରୋଇ କମ୍ପାନୀଙ୍କ ସ୍ୱାର୍ଥରେ ତାହା ଆଲୋଚନା ହେବା ଉଚିତ । ଯାହା ହେଉନାହିଁ । ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମ୍ମୁଖରେ କଣ ଆହ୍ୱାନ ରହିଛି, ତାହା ମଧ୍ୟ ସମୀକ୍ଷା ହେବା ଉଚିତ । ଭାରତର ସ୍ୱାଧୀନତା ପରବର୍ତ୍ତୀ ଆର୍ଥିକ ଇତିହାସକୁ ଯଦି ଅନୁଧ୍ୟାନ କରାଯାଏ, ତେବେ ବ୍ୟାଙ୍କ ଜାତୀୟକରଣ ନିଷ୍ପତ୍ତି ଏକ ଯୁଗାନ୍ତକାରୀ ଓ ଐତିହାସିକ ପଦକ୍ଷେପ ଥିଲା ।

ଏହା କେବଳ ବ୍ୟାଙ୍କଗୁଡ଼ିକର ମାଲିକାନା ବଦଳାଇବାର ଏକ ସରକାରୀ ପ୍ରକ୍ରିୟା ନଥିଲା, ବରଂ ଦେଶର ବ୍ୟାଙ୍କିଙ୍ଗ୍ ଚିନ୍ତାଧାରାରେ ଏକ ମୌଳିକ ଓ କଲ୍ୟାଣକାରୀ ଦର୍ଶନର ଆବାହନ ଥିଲା । ବ୍ୟାଙ୍କ ଜାତୀୟକରଣ ହେଉଛି ବେସରକାରୀ ବ୍ୟାଙ୍କଗୁଡ଼ିକର ମାଲିକାନା ଓ ନିୟନ୍ତ୍ରଣକୁ ସରକାରଙ୍କ ଅଧୀନକୁ ଆଣି ସେଗୁଡ଼ିକୁ ରାଷ୍ଟ୍ରାୟତ୍ତ ବା ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କରେ ପରିଣତ କରିବା । ଭାରତରେ ବ୍ୟାଙ୍କ ଜାତୀୟକରଣ ପ୍ରକ୍ରିୟା କେତେକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଦେଇ ଅଗ୍ରସର ହୋଇଥିଲା । ୧୯୪୯ ମସିହାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଜାତୀୟକରଣ କରାଯାଇଥିଲା, ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସରକାରଙ୍କ ନିୟନ୍ତ୍ରଣକୁ ଆସିଥିଲା ।

ପରେ ୧୯୫୫ ମସିହାରେ 'ଇମ୍ପେରିଆଲ ବ୍ୟାଙ୍କ ଅଫ୍ ଇଣ୍ଡିଆ'କୁ ପୁନର୍ଗଠନ କରାଯାଇ 'ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ' (SBI) ଗଠନ କରାଯାଇଥିଲା । ବ୍ୟାଙ୍କ ଜାତୀୟକରଣର ସବୁଠାରୁ ଐତିହାସିକ ପଦକ୍ଷେପ ୧୯ ଜୁଲାଇ ୧୯୬୯ରେ ଗ୍ରହଣ କରାଯାଇ ଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ନେତୃତ୍ୱରେ ସରକାର ୫୦ କୋଟି ଟଙ୍କାରୁ ଅଧିକ ଜମାରାଶି ଥିବା ୧୪ଟି ପ୍ରମୁଖ ବାଣିଜ୍ୟିକ ବ୍ୟାଙ୍କକୁ ଜାତୀୟକରଣ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ୧୯୮୦ ମସିହାରେ ୨୦୦ କୋଟି ଟଙ୍କାରୁ ଅଧିକ ଜମାରାଶି ଥିବା ଆଉ ୬ଟି ବାଣିଜ୍ୟିକ ବ୍ୟାଙ୍କକୁ ଜାତୀୟକରଣ କରାଯାଇଥିଲା । ଏହା ପରେ ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଅଧିକାଂଶ ଅଂଶ ରାଷ୍ଟ୍ରାୟତ୍ତ ବା ସାର୍ବଜନୀନ କ୍ଷେତ୍ରର ନିୟନ୍ତ୍ରଣକୁ ଆସିଥିଲା । ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ସାଧାରଣ ଲୋକଙ୍କ ଆର୍ଥିକ ବିକାଶର ଏକ ଶକ୍ତିଶାଳୀ ହତିଆରରେ ପରିଣତ କରିବା ଏବଂ 'ଶ୍ରେଣୀ ବ୍ୟାଙ୍କିଙ୍ଗ୍' (Class Banking) ରୁ 'ଜନ ବ୍ୟାଙ୍କିଙ୍ଗ୍' (Mass Banking) ଆଡ଼କୁ ଅଗ୍ରସର ହେବା ଥିଲା ଏହାର ମୂଳ ଲକ୍ଷ୍ୟ ।

ବାସ୍ତବରେ ପ୍ରମୁଖ ବାଣିଜ୍ୟିକ ବ୍ୟାଙ୍କର ଜାତୀୟକରଣ ଭାରତର ଆର୍ଥିକ ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା ଥିଲା । ଏହା କୌଣସି ଆକସ୍ମିକ କିମ୍ବା ପୃଥକ ନୀତିଗତ ନିଷ୍ପତ୍ତି ନଥିଲା ବରଂ ଗଭୀର ଆର୍ଥିକ ସଙ୍କଟ, ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଗଠନମୂଳକ ଦୁର୍ବଳତା ଏବଂ ସେହି ସମୟର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପରିସ୍ଥିତିର ପରିଣାମ ଥିଲା । ଏହି ପଦକ୍ଷେପର ଉଦ୍ଦେଶ୍ୟ ଥିଲା ବ୍ୟାଙ୍କିଙ୍ଗକୁ କେବଳ କେତେକ ବଡ଼ ଶିଳ୍ପଗୋଷ୍ଠୀଙ୍କ ସେବାରେ ସୀମିତ ରଖିବା ପରିବର୍ତ୍ତେ ଜାତୀୟ ବିକାଶ ଓ ସାମାଜିକ ନ୍ୟାୟର ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ କରିବା । ୧୯୬୦ ଦଶକ ଭାରତ ପାଇଁ ଗଭୀର ଆର୍ଥିକ ସଙ୍କଟର ସମୟ ଥିଲା ।

ଦେଶ ୧୯୬୨ର ଚୀନ୍ ଯୁଦ୍ଧ ଏବଂ ୧୯୬୫ର ପାକିସ୍ତାନ ଯୁଦ୍ଧରୁ ଯାହା ବାହାରିଥିଲା, ସରକାରୀ ଅର୍ଥନୀତି ଉପରେ ତାହା ବିପୁଳ ଚାପ ସୃଷ୍ଟି କରିଥିଲା । ଏହା ସହିତ ଦଶକର ମଧ୍ୟଭାଗରେ କ୍ରମାଗତ ମରୁଡ଼ି ଯୋଗୁଁ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଥିଲା । ଫଳସ୍ୱରୂପ କୃଷିର ଆଧୁନିକୀକରଣ ଏବଂ ସବୁଜ ବିପ୍ଳବକୁ ସଫଳ କରିବା ଜାତୀୟ ପ୍ରାଥମିକତାରେ ପରିଣତ ହୋଇଥିଲା । ସେହି ସମୟରେ ୧୯୬୬ରେ ଭାରତୀୟ ଟଙ୍କାର ଅବମୂଲ୍ୟାୟନ ଦେଶର ବିକାଶ ଏବଂ ପଞ୍ଚବାର୍ଷିକ ଯୋଜନାଗୁଡ଼ିକର ଅର୍ଥଯୋଗାଣ ପାଇଁ ଘରୋଇ ସଞ୍ଚୟକୁ ସଂଗଠିତ କରିବାର ଆବଶ୍ୟକତାକୁ ସ୍ପଷ୍ଟ କରିଥିଲା ।

ଜାତୀୟକରଣ ପୂର୍ବରୁ ଅଧିକାଂଶ ବଡ଼ ବାଣିଜ୍ୟିକ ବ୍ୟାଙ୍କ ବଡ଼ ବଡ଼ ଶିଳ୍ପଗୋଷ୍ଠୀଙ୍କ ମାଲିକାନା ଓ ନିୟନ୍ତ୍ରଣରେ ଥିଲେ । ଏହାର ପରିଣାମ ସ୍ୱରୂପ ବ୍ୟାଙ୍କ ଋଣ ମୁଖ୍ୟତଃ ବୃହତ୍ ଶିଳ୍ପ, ବଡ଼ ବ୍ୟବସାୟ ଏବଂ ସହରାଞ୍ଚଳରେ ସୀମିତ ରହୁଥିଲା । ଅନ୍ୟପକ୍ଷରେ କୃଷି, କ୍ଷୁଦ୍ର ଶିଳ୍ପ, ଗ୍ରାମୀଣ ଉଦ୍ୟୋଗ ଏବଂ ସମାଜର ଦୁର୍ବଳ ବର୍ଗ ଯଥେଷ୍ଟ ସଂସ୍ଥାଗତ ଋଣ ପାଇ ପାରୁନଥିଲେ । ଏହା ସହିତ କ୍ରମାଗତ ମରୁଡ଼ି ଯୋଗୁଁ ସୃଷ୍ଟି ହୋଇଥିବା ଖାଦ୍ୟ ସଙ୍କଟ ସରକାରଙ୍କ ପାଇଁ ବଡ଼ ଚିନ୍ତାର କାରଣ ସାଜିଥିଲା । ଏପରି ସ୍ଥିତିରେ 'ସବୁଜ ବିପ୍ଳବ'କୁ ସଫଳ କରିବା ଏବଂ କୃଷି କ୍ଷେତ୍ରର ଆଧୁନିକୀକରଣ ପାଇଁ ବ୍ୟାପକ ସଂସ୍ଥାଗତ ଋଣର ଆବଶ୍ୟକତା ଦେଖାଦେଲା । ଜାତୀୟକରଣ ପୂର୍ବରୁ ଅଧିକାଂଶ ବଡ଼ ବାଣିଜ୍ୟିକ ବ୍ୟାଙ୍କ କେତେକ ସୀମିତ ବେସରକାରୀ ଶିଳ୍ପଗୋଷ୍ଠୀଙ୍କ ନିୟନ୍ତ୍ରଣରେ ଥିଲେ ।

ଜନସାଧାରଣଙ୍କ ସଞ୍ଚିତ ଜମାରାଶିକୁ ଏହି ବ୍ୟାଙ୍କଗୁଡ଼ିକ କେବଳ ସହରାଞ୍ଚଳ ଓ କର୍ପୋରେଟ୍ ସ୍ୱାର୍ଥରେ ବ୍ୟବହାର କରୁଥିଲେ । କୃଷକ, କ୍ଷୁଦ୍ର ଉଦ୍ୟୋଗୀ ଏବଂ ସମାଜର ଦୁର୍ବଳ ବର୍ଗ ଶସ୍ତା ସରକାରୀ ଋଣ ପାଇବାରୁ ବଞ୍ଚିତ ଥିଲେ । ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଜାତୀୟ ବିକାଶର ଆବଶ୍ୟକତା ପୂରଣ କରିବା ପରିବର୍ତ୍ତେ ମୁଖ୍ୟତଃ କର୍ପୋରେଟ୍ ସ୍ୱାର୍ଥକୁ ସେବା ଯୋଗାଉଥିଲା । ଏହି ଅସମାନ ଋଣ ବଣ୍ଟନ ବ୍ୟବସ୍ଥା ମୌଳିକ ପରିବର୍ତ୍ତନର ଆବଶ୍ୟକତାକୁ ଚାହିଁ ସୃଷ୍ଟି କରିଥିଲା । ଏହି ବୈଷମ୍ୟକୁ ଦୂର କରିବା ପାଇଁ ୧୯୬୭ରେ ଅଣାଯାଇଥିବା 'ସାମାଜିକ ନିୟନ୍ତ୍ରଣ' (Social Control) ନୀତି ମଧ୍ୟ ବିଫଳ ହେଲା ।

**କ୍ରମଶଃ...**

**ସ୍ତମ୍ଭକାର ତଥା ଅର୍ଥନୀତିଜ୍ଞ**
**ମୋ-୯୪୩୭୨୦୮୭୬୨**

# ଗୋଟିଏ ଧର୍ମରେ ଯୁବକମାନଙ୍କ ପାଇଁ ମାର୍ଗଦର୍ଶନ



**କିଶୋର ରଥ**

ଯୁବପିଢ଼ି ହେଉଛନ୍ତି ଦେଶର ଶକ୍ତି ଏବଂ ଭବିଷ୍ୟତର ଆଶା । ସେମାନଙ୍କର ଶକ୍ତି, ସୃଜନଶୀଳତା ଏବଂ ଆଗ୍ରହ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ । ଇତିହାସ କୁହେ ଯେଉଁ ଯୁବକମାନେ ନିଜଠାରୁ ଅଧିକ ଚିନ୍ତା କରିବାକୁ ସାହସ କରିଥିଲେ ସେମାନେ ଅନେକ ସାମାଜିକ ଆନ୍ଦୋଳନ, ବୈଜ୍ଞାନିକ ଆବିଷ୍କାର ଏବଂ ସମାଜ ବିକାଶ କାର୍ଯ୍ୟରେ ନେତୃତ୍ୱ ନେଇଛନ୍ତି । ତଥାପି ଯୁବପିଢ଼ି ପରିବର୍ତ୍ତନର ପ୍ରତିନିଧି ହେବା ପାଇଁ ସେମାନଙ୍କୁ ସ୍ପଷ୍ଟ ନେତୃତ୍ୱ ଓ ଆବଶ୍ୟକୀୟ ପଥ ଯାହା ସେମାନଙ୍କୁ ଦକ୍ଷତା, ଆତ୍ମବିଶ୍ୱାସ ଏବଂ ସମାଜ ପ୍ରତି ଦାୟିତ୍ୱବୋଧ ବିକାଶ କରିବାରେ ସାହାଯ୍ୟ କରେ ।

ନେତୃତ୍ୱ କେବଳ କାରବାର ପଦବୀ ହାସଲ କରିବା ବିଷୟରେ ନୁହେଁ । ପ୍ରକୃତ ନେତୃତ୍ୱର ଅର୍ଥ ହେଉଛି ଅନ୍ୟମାନଙ୍କର ସେବା କରିବା, ସମସ୍ୟା ସମାଧାନ କରିବା, ଲୋକଙ୍କୁ ପ୍ରେରଣା ଦେବା ଏବଂ ସାଧାରଣ ଲୋକଙ୍କ ମଙ୍ଗଳ ପାଇଁ କାମ କରିବା ।

ଆଜିର ବିଶ୍ୱରେ, ଯେଉଁଠାରେ ସମାଜ ଦାରିଦ୍ର୍ୟ, ବେକାରୀ, ଭୁଲ ସୂଚନା, ସାମାଜିକ ବିଭାଜନ ଏବଂ ପରିବେଶଗତ ଚିନ୍ତା ଭଳି ସମସ୍ୟାର ସମ୍ମୁଖୀନ ହେଉଛି, ସେଠାରେ ଯୁବକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଇସଲାମ ଦାୟିତ୍ୱପୂର୍ଣ୍ଣ ନେତୃତ୍ୱର ବିକାଶକୁ ଦୃଢ଼ ଭାବରେ ଉତ୍ସାହିତ କରେ ଏବଂ ସମାଜକୁ ଅବଦାନ ଦେବାକୁ ଚାହୁଁଥିବା ଯୁବକମାନଙ୍କ ପାଇଁ ମୂଲ୍ୟବାନ ମାର୍ଗଦର୍ଶନ ଆବଶ୍ୟକ କରେ ଓ ପ୍ରତ୍ୟେକ ପିଢ଼ି କିଛି ଆହ୍ୱାନ ଏବଂ ସୁଯୋଗ ଉତ୍ତରାଧିକାରୀ ଭାବରେ ପାଇଥାନ୍ତି ।

ଆଜିର ଯୁବପିଢ଼ିର ଦାୟିତ୍ୱ କେବଳ ନିଜ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା ଉଚିତ ନୁହେଁ ବରଂ ଅନ୍ୟମାନଙ୍କ ପାଇଁ ଏକ ଉତ୍ତମ ଭବିଷ୍ୟତ ସୃଷ୍ଟି କରିବାରେ ସାହାଯ୍ୟ କରିବା ସହିତ ଯୁବକମାନଙ୍କୁ ସମାଜ ସେବା, ଶିକ୍ଷା, ସାମାଜିକ କଲ୍ୟାଣ, ଉଦ୍ୟୋଗ ଏବଂ ସାମାଜିକ ସହଭାଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରିବା ।

ଯେତେବେଳେ ଯୁବପିଢ଼ିଙ୍କୁ କମ୍ ବୟସରେ ଦାୟିତ୍ୱ ନେବାକୁ ଉତ୍ସାହିତ କରାଯାଏ, ସେମାନେ ଦଳଗତ କାର୍ଯ୍ୟ, ଯୋଗାଯୋଗ ଏବଂ ଦାୟିତ୍ୱବୋଧ ଭଳି ଗୁରୁତ୍ୱପୂର୍ଣ୍ଣ ଗୁଣଗୁଡ଼ିକ ଶିଖନ୍ତି । ଏହି ଗୁଣଗୁଡ଼ିକ ସେମାନଙ୍କୁ ଦାୟିତ୍ୱବାନ ନାଗରିକ ହେବାରେ ସାହାଯ୍ୟ କରେ ଯେଉଁମାନେ ସେମାନଙ୍କ ସମ୍ପ୍ରଦାୟରେ ସକାରାତ୍ମକ ଅବଦାନ ଦେଇପାରିବେ ।

ନେତୃତ୍ୱକୁ ଏକ ବିଶ୍ୱାସ ବୋଲି ଇସଲାମ ଧର୍ମ ବିବେଚନା କରେ । ନେତାମାନେ ସଚ୍ଚୋଟପଣିଆ, ନ୍ୟାୟ ଏବଂ କରୁଣା ସହିତ ଲୋକଙ୍କ ସେବା କରିବାକୁ ଆଶା କରାଯାଏ ଓ କୁରାନ୍ ଏହି ଶିକ୍ଷା ଦିଏ ଯେଉଁ ନେତୃତ୍ୱ ଦାୟିତ୍ୱ ବହନ କରେ, ଏହା ବ୍ୟକ୍ତିଗତ ଲାଭ କିମ୍ବା ସ୍ଥିତି ବିଷୟରେ ନୁହେଁ ବରଂ ନ୍ୟାୟ ଏବଂ ସଚ୍ଚୋଟତାର ସହିତ କର୍ତ୍ତବ୍ୟ ପାଳନ କରିବା ବିଷୟରେ । ନେତୃତ୍ୱ ପ୍ରତ୍ୟେକ ସ୍ତରରେ ରହିଛି । ଜଣେ ଶିକ୍ଷକ ଛାତ୍ରମାନଙ୍କୁ ନେତୃତ୍ୱ ଦିଅନ୍ତି, ପିତାମାତା ପରିବାରକୁ ନେତୃତ୍ୱ ଦିଅନ୍ତି, ସମ୍ପ୍ରଦାୟ ସ୍ୱେଚ୍ଛାସେବକମାନେ ପ୍ରକଳ୍ପଗୁଡ଼ିକୁ ନେତୃତ୍ୱ ଦିଅନ୍ତି ଏବଂ ଯୁବକମାନେ ସେମାନଙ୍କ ପଡ଼ୋଶୀ ଏବଂ ଅନୁଷ୍ଠାନ ମଧ୍ୟରେ ସକାରାତ୍ମକ ପଦକ୍ଷେପ ନେଇଥାନ୍ତି ।

ପୟଗମ୍ବର ମହମ୍ମଦ, ବୟସ ନିର୍ବିଶେଷରେ ପ୍ରତିଭା ଏବଂ ଚରିତ୍ରକୁ ଚିହ୍ନିଥିଲେ, ଯେମିତିକି ଉସାମା ଇବନ୍ ଜାୟଦଙ୍କୁ ବହୁତ ଛୋଟ ଅବସ୍ଥାରେ ଏକ ଗୁରୁତ୍ୱପୂର୍ଣ ସାମରିକ ଅଭିଯାନର ନେତୃତ୍ୱ ନେବା ପାଇଁ ନିଯୁକ୍ତ କରାଯାଇଥିଲା ଓ ଅନେକ ବୟସ୍କ ଏବଂ ଅଭିଜ୍ଞ ସାଥୀ ତାଙ୍କ ସେନାର ଅଂଶ ଥିଲେ, ତଥାପି ପୟଗମ୍ବର ତାଙ୍କ ଦକ୍ଷତା ଏବଂ ଚରିତ୍ର ଯୋଗୁଁ ତାଙ୍କୁ ନେତୃତ୍ୱ ଦାୟିତ୍ୱ ଦେଇଥିଲେ । ସେହିପରି ଅଲି ଇବନ୍ ଆବି ତାଲିବ ଯୁବକ ଅବସ୍ଥାରେ ଇସଲାମ ଧର୍ମ ଗ୍ରହଣ କରିଥିଲେ ଏବଂ ମୁସଲମାନ ସମ୍ପ୍ରଦାୟକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ସାହସ, ଜ୍ଞାନ ଏବଂ ପ୍ରତିବଦ୍ଧତା ଦର୍ଶାଏ କିପରି ଯୁବକମାନେ ସମାଜର ସ୍ତମ୍ଭ ହୋଇପାରିବେ । ଏହି ଉଦାହରଣଗୁଡ଼ିକ ଦର୍ଶାଏ ଯେ ଇସଲାମ ଯୁବ ଅଂଶଗ୍ରହଣକୁ ଉତ୍ସାହିତ କରେ ଏବଂ ଦକ୍ଷତା, ସମର୍ପଣ ଏବଂ ନୈତିକ ଚରିତ୍ରକୁ ମୂଲ୍ୟ ଦିଏ ।

ଯୁବକମାନଙ୍କ ପାଇଁ ନେତୃତ୍ୱ ପଥ ନିର୍ମାଣ କରିବା ପାଇଁ ପରିବାର, ଶିକ୍ଷାନୁଷ୍ଠାନ, ସମ୍ପ୍ରଦାୟ ସଂଗଠନ ଏବଂ ଧାର୍ମିକ ନେତାମାନଙ୍କ ପ୍ରୟାସ ଆବଶ୍ୟକ ଓ ଯୁବକମାନଙ୍କୁ ଶିଖିବା ଏବଂ ଯୋଗଦାନ ଦେବାର ସୁଯୋଗ ଆବଶ୍ୟକ । ସମାଜ ସେବା ହେଉଛି ଏକ ପ୍ରଭାବଶାଳୀ ପଥ । ଶିକ୍ଷାଗତ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଅଭିଯାନ, ପରିବେଶଗତ ପଦକ୍ଷେପ କିମ୍ବା ରିଲିଫ୍ କାର୍ଯ୍ୟକଳାପରେ ସ୍ୱେଚ୍ଛାସେବା ଯୁବପିଢ଼ିଙ୍କୁ ନେତୃତ୍ୱ ଦକ୍ଷତା ବିକାଶ କରିବା ସହିତ ସାମାଜିକ ଆହ୍ୱାନଗୁଡ଼ିକୁ ବୁଝିବାରେ ସାହାଯ୍ୟ କରେ ଓ ଅନ୍ୟ ଏକ ପଥ ହେଉଛି ଶିକ୍ଷା ଏବଂ ଦକ୍ଷତା ବିକାଶ । ନେତୃତ୍ୱ ପାଇଁ ଜ୍ଞାନ ଆବଶ୍ୟକ । ଯୁବପିଢ଼ିଙ୍କୁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଯୋଗାଯୋଗ, ସାଧାରଣ ପ୍ରଶାସନ, ସାମାଜିକ କାର୍ଯ୍ୟ ଏବଂ ଉଦ୍ୟୋଗ ଭଳି କ୍ଷେତ୍ରରେ ବିଶେଷଜ୍ଞତା ବିକାଶ କରିବାକୁ ଉତ୍ସାହିତ କରାଯିବା ଉଚିତ ।

ଇସଲାମ ଧର୍ମ ଜ୍ଞାନ ଅନ୍ୱେଷଣ ଉପରେ ବହୁତ ଗୁରୁତ୍ୱ ଦିଏ । ଜ୍ଞାନ ଯୁବପିଢ଼ିଙ୍କୁ ସମସ୍ୟା ଚିହ୍ନଟ କରିବାକୁ ଏବଂ ସମାଜ ପାଇଁ ବ୍ୟବହାରିକ ସମାଧାନ ବିକଶିତ କରିବାକୁ ସଶକ୍ତ କରେ । ଆଧୁନିକ ସମାଜ ପ୍ରାୟତଃ ନେତୃତ୍ୱକୁ ଖ୍ୟାତି କିମ୍ବା କର୍ତ୍ତୃପକ୍ଷ ସହିତ ଜଡିତ କରିଥାଏ । ତଥାପି, ଇସଲାମ ସେବକ ନେତୃତ୍ୱକୁ ପ୍ରୋତ୍ସାହିତ କରେ । ପୟଗମ୍ବର ମହମ୍ମଦ ତାଙ୍କ ଜୀବନ ଲୋକଙ୍କୁ ସାହାଯ୍ୟ କରିବାରେ, ଗରିବଙ୍କୁ ସମର୍ଥନ କରିବାରେ, ବିବାଦ ସମାଧାନ କରିବାରେ ଏବଂ ସମ୍ପ୍ରଦାୟ ମଧ୍ୟରେ ଏକତା ଗଠନ କରିବାରେ ବିତାଇଥିଲେ ଓ ଭବିଷ୍ୟତର ଯୁବ ନେତାମାନେ ଏହି ଆଦର୍ଶକୁ ଅନୁକରଣ କରି ଅବହେଳିତ ପିଲାମାନଙ୍କ ପାଇଁ ଶିକ୍ଷାଗତ କାର୍ଯ୍ୟକ୍ରମକୁ ସମର୍ଥନ କରି, ସ୍ୱଚ୍ଛତା/ପରିବେଶ ଅଭିଯାନ ଆୟୋଜନ କରି, ଧର୍ମ ଆଲୋଚନା ଏବଂ ସାମାଜିକ ସମୟକୁ ପ୍ରୋତ୍ସାହିତ କରି, ସମାଜର ବୟସ୍କ କିମ୍ବା ଦୁର୍ବଳ ସଦସ୍ୟମାନଙ୍କୁ ସହାୟତା କରି, ସାକ୍ଷରତା ଏବଂ ଡିଜିଟାଲ୍ ସଚେତନତାକୁ ଉତ୍ସାହିତ କରି ସମାଜରେ ପରିବର୍ତ୍ତନ ଆଣିପାରିବେ । ଏହି କାର୍ଯ୍ୟକଳାପଗୁଡ଼ିକ ଛୋଟ ମନେହୁଏ, କିନ୍ତୁ ଏହା ଅର୍ଥପୂର୍ଣ୍ଣ ପରିବର୍ତ୍ତନ ସୃଷ୍ଟି କରିବା ସହିତ ସମ୍ପ୍ରଦାୟକୁ ମଜବୁତ କରେ ।

ଆଜିର ଯୁବପିଢ଼ି ଭୁଲ ସୂଚନା, ପଦାର୍ଥ ଅପବ୍ୟବହାର ସମେତ ଅନ୍ୟାନ୍ୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ନିଷ୍କ୍ରିୟ ପର୍ଯ୍ୟବେକ୍ଷକ ହେବା ପରିବର୍ତ୍ତେ, ଯୁବପିଢ଼ି ସମାଧାନର ଅଂଶ ହୋଇପାରିବେ ।

ସାମାଜିକ ଗଣମାଧ୍ୟମକୁ ଦାୟିତ୍ୱର ସହ ବ୍ୟବହାର କରି ଯୁବପିଢ଼ି ସଚେତନତା ପ୍ରସାର କରିପାରିବେ, ସକାରାତ୍ମକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିପାରିବେ ଏବଂ କ୍ଷତିକାରକ କାହାଣୀକୁ ପ୍ରତିହତ କରିପାରିବେ । ସେମାନେ ଆଲୋଚନା, ପରାମର୍ଶ କାର୍ଯ୍ୟକ୍ରମ ଏବଂ ସମ୍ପ୍ରଦାୟ ପଦକ୍ଷେପ ଆୟୋଜନ କରିପାରିବେ ଯାହା ଏକତା ଏବଂ ବୁଝାମଣାକୁ ଉତ୍ସାହିତ କରେ । ପୟଗମ୍ବର ମହମ୍ମଦଙ୍କ ବିଶ୍ୱସନୀୟତା ଏବଂ ସାଧୁତା ଲୋକଙ୍କ ସମ୍ମାନ ଏବଂ ବିଶ୍ୱାସ ଅର୍ଜନ କରିଥିଲା । ଏହି ଗୁଣଗୁଡ଼ିକୁ ପାଳନ କରୁଥିବା ଯୁବକମାନେ ସମାଜକୁ ବିଭାଜିତ କରିବା ପରିବର୍ତ୍ତେ ଏକତା ଡୋରିରେ ବାନ୍ଧି ରଖନ୍ତି । ନେତାମାନେ ନୀତି ଏବଂ କରୁଣା ଦ୍ୱାରା ପରିଚାଳିତ ହେଲେ ସମ୍ପ୍ରଦାୟଗୁଡ଼ିକ ଲାଭାନ୍ୱିତ ହୁଅନ୍ତି ।

**ଭିଏସ୍‌ଏସ୍ ନଗର,**
**ଭୁବନେଶ୍ୱର**

# ମହାପ୍ରଭୁଙ୍କ ଗୁଣ୍ଡିଚା ବାଡ଼ି



**ଅଲେଖ ଚନ୍ଦ୍ର ସାମଲ**

ମୁକ୍ତି ଓ ତୃପ୍ତି ପ୍ରଦାନକାରୀ ପଦ୍ମାଳୟା ପ୍ରାଣ ବଲ୍ଲଭ ଶ୍ରୀଜଗନ୍ନାଥଙ୍କ ପବିତ୍ର ସତ୍ତାର ଅନ୍ୱେଷଣ ଅନେକ କଥା, ମତ, ପଥ ଓ ତତ୍ତ୍ୱ ମଧ୍ୟରେ କରାଯାଇଛି । ପିଣ୍ଡ ମଧ୍ୟରେ ବ୍ରହ୍ମାଣ୍ଡ ଓ ଶ୍ରୀଜଗନ୍ନାଥଙ୍କ ସ୍ଥିତିର ପରିକଳ୍ପନା ସେହିପରି ଏକ ତତ୍ତ୍ୱ, ଯାହା ଏଠାରେ ଆଲୋଚନାର ପ୍ରସଙ୍ଗ । ପଣ୍ଡିତ, ଜ୍ଞାନୀ, ସିଦ୍ଧସାଧକ ଏବଂ କବିମାନେ ପିଣ୍ଡ ମଧ୍ୟରେ ବ୍ରହ୍ମାଣ୍ଡର ସ୍ୱରୂପ କିପରି ବ୍ୟକ୍ତ କରିଛନ୍ତି, ତାହା ପ୍ରଥମେ ଆଲୋଚନା କରାଯାଉ ଏବଂ ଏହା ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କଠାରୁ ଆରମ୍ଭ କରାଯାଉ ।

ଆଦିକବି ସାରଳା ଦାସଙ୍କ ମତରେ 'ତାଳୁରେ ଶିରରେ ବିଜେ କରିଛନ୍ତି ବ୍ରହ୍ମା' । ପଞ୍ଚସଖା ଯୁଗର ସାଧକ ତଥା କବି ବଳରାମ ଦାସ ଆମ ଶରୀରର ନାଭିରେ ବ୍ରହ୍ମାଙ୍କର ସ୍ଥାନ ନିରୂପଣ କରି 'ବ୍ରହ୍ମାଣ୍ଡ ଭୂଗୋଳ'ରେ ଲେଖିଛନ୍ତି – 'ଦଶ ଅକ୍ଷର ନାଭି କହି । ବ୍ରହ୍ମା ନଗର ସେ ଅଟଇ ।' ଗୁଣ୍ଡିଚା ଯାତ୍ରାରେ ଆସିବେ ଚତୁର୍ଦ୍ଧା ବିଗ୍ରହ । ଗୁଣ୍ଡିଚା ଘର ଆଡ଼ପ ମଣ୍ଡପରେ ଦର୍ଶନ ଦେବେ । ମହାପ୍ରଭୁଙ୍କ ଆବିର୍ଭାବ ସ୍ଥଳ ହୋଇଥିବାରୁ ବହୁ ସଂଖ୍ୟାରେ ଭକ୍ତଙ୍କ ଆଗମନ ହେବ । ଗୁଣ୍ଡିଚା ମନ୍ଦିରର ନିର୍ମାଣ ଶୈଳୀ ଶ୍ରୀମନ୍ଦିର ଠାରୁ ଭିନ୍ନ । ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ଗୁଣ୍ଡିଚା ମନ୍ଦିରର ଦୂରତା ପ୍ରାୟ ତିନି କିଲୋମିଟର ।

ବଡ଼ ଦାଣ୍ଡ ସୀମାରେ ଗୁଣ୍ଡିଚା ଘର ଅବସ୍ଥିତି । ପ୍ରାଚୀନ ଲେଖକଙ୍କ ଲିଖିତ ରେକର୍ଡ଼ ମୁତାବକ ସିଂହଦ୍ୱାରଠାରୁ ଦେଢ଼ ମାଇଲ ଦୂରରେ ଗୁଣ୍ଡିଚା ମନ୍ଦିର ଅବସ୍ଥିତ । ଏହି ମନ୍ଦିରଟି ପୂର୍ବ ଐଶାନ୍ୟ କୋଣରେ ରହିଛି । ପୀଢ଼ ନିର୍ମାଣ ଶୈଳୀରେ ମନ୍ଦିର ନିର୍ମିତ ହୋଇଛି । ମନ୍ଦିର ଉଚ୍ଚତା ୭୫ଫୁଟ । ଭାଗୀରଥୀ ମହାପାତ୍ରଙ୍କ ରଚିତ 'ରତ୍ନକୋଷ ବା ବୃହତ୍ ବିବିଧ ସଂଗ୍ରହ' ପୁସ୍ତକର ଉଲ୍ଲେଖ ପ୍ରକାରେ ଗୁଣ୍ଡିଚା ଘର ବେଢ଼ାର ଲମ୍ବ ୪୩୦ ଫୁଟ ଓ ଓସାର ୩୨୦ ଫୁଟ । ଏହାର ଚତୁଃପାର୍ଶ୍ୱରେ ୨୦ ଫୁଟ ଉଚ୍ଚ ଏବଂ ୫ଫୁଟ ୨ଇଞ୍ଚ ବହଳ ପ୍ରାଚେରୀ ରହିଛି । ଗୁଣ୍ଡିଚା ମନ୍ଦିର ମଧ୍ୟରେ ଥିବା ମଣ୍ଡପ ତଥା ରତ୍ନବେଦୀ ୪ଫୁଟ ଉଚ୍ଚ ଓ ୧୯ ଫୁଟ ଲମ୍ବା । ରଥରୁ ଅବତରଣ ହେବା ପରେ ଚତୁର୍ଦ୍ଧା ବିଗ୍ରହ ଏହା ଉପରେ ବିଜେ କରିଥାନ୍ତି ।

ଚୈତନ୍ୟ ଚିରିତାମୃତ ଗ୍ରନ୍ଥରୁ ବିଦିତ ହୁଏ ଯେ ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ଚୈତନ୍ୟ ମହାପ୍ରଭୁ ଗୁଣ୍ଡିଚା ଘରର ଗମ୍ଭୀରା, ଭିତର ଓ ବେଢ଼ା ଅଗଣା, ଜଗମୋହନ ଭୋଗ ମଣ୍ଡପ, ରୋଷଶାଳା ଆଦି ତାଙ୍କ ପାର୍ଷଦମାନଙ୍କ ଦ୍ୱାରା ମାର୍ଜନ କରୁଥିଲେ । ସେହି ସମୟ ବେଳକୁ ୧୫୧୦ରୁ ୧୫୨୭ ମଧ୍ୟରେ ଗୁଣ୍ଡିଚା ଘରର ମନ୍ଦିର ସିଂହାସନ ଆଦି ପଥରରେ ନିର୍ମିତ ହୋଇ ସାରିଥିଲା । ସେତେବେଳେ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳ ଚାଲିଥିଲା ବୋଲି ଉଲ୍ଲେଖ ରହିଛି । ବଳରାମ ଦାସ 'ବିରାଟ ଗୀତା'ରେ ମଧ୍ୟ ଶରୀରକୁ ନନ୍ଦିଘୋଷ ଭାବେ ବର୍ଣ୍ଣନା କରିଛନ୍ତି । ତାଙ୍କ ମତରେ ଶରୀର ରୂପୀ ନନ୍ଦିଘୋଷର ଷୋଳଗୋଟି ଚକ । ଶରୀର ମଧ୍ୟରେ ବଳଭଦ୍ର, ସୁଭଦ୍ରା, ସୁଦର୍ଶନଙ୍କ ସମେତ ଜଗନ୍ନାଥଙ୍କର ଅବସ୍ଥିତି ଜ୍ଞାନ-ନୟନରେ ଅବଲୋକନ କରି ବଳରାମ ଦାସ 'ଗୁପ୍ତ ଗୀତା'ରେ ଲେଖିଛନ୍ତି – 'ନାସିକା ସୁଦର୍ଶନ କହି ଅଧର ସୁଭଦ୍ରା ଅଟଇ। ନୟନ ଜଗନ୍ନାଥ ଜାଣ ବଳଭଦ୍ର ଯେ ଶ୍ରବଣ ।' ଏହିପରି ଭାବରେ ପିଣ୍ଡ ବ୍ରହ୍ମାଣ୍ଡ ଓ ଜଗନ୍ନାଥଙ୍କର ସ୍ଥିତିର ଉପଲବ୍ଧି ହୁଏ । ଜଗନ୍ନାଥ ଶୂନ୍ୟ ସ୍ୱରୂପ ସେ ପୁଣି ପୂର୍ଣ୍ଣବ୍ରହ୍ମ । କ୍ଷର-ଅକ୍ଷର, ରୂପ-ଅରୂପ, ଆକାର-ନିରାକାର ସବୁଠି ତ ତାଙ୍କର ଅସ୍ତିତ୍ୱ, ସବୁଠି ତାଙ୍କର ରାଜତ୍ୱ ଏଣୁ ଜଗନ୍ନାଥ କୃପା ପ୍ରାପ୍ତ କବି ବଳରାମ ଦାସ 'ଅମର କୋଷ ଗୀତା'ରେ ଲେଖିଛନ୍ତି – 'ସହସ୍ର ଘଟ ଏକ କରି, ସକଳ ଘଟେ ଜଳ ପୁରି । ଚାହିଁଲେ ସର୍ବ ଘଟେ ବସି, ଏକା ହୋଇଲେ ପରକାଶି । ଘଟ ଭାଙ୍ଗିଲେ ଜଳାଗଲା, ସେ ଜଳ ଶୂନ୍ୟେ ଲୀନ ହେଲା । ଏ ରୂପ ସକଳ ଶରୀରରେ, ପୁରି ଅଛନ୍ତି ନିରାକାରେ ।'

**ପୂର୍ବତନ ଡି.ଏଫ.ଓ.ପଲାଇ, ବାଲିଚନ୍ଦ୍ରପୁର,**
**ଯାଜପୁର, ମୋ- ୯୪୩୭୨୫୭୧୨୩**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆରମ୍ଭରୁ...

ତେବେ ଲୋକସଭାରେ ବିରୋଧୀ ସାଂସଦମାନେ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲା ବେଳେ ବାଚସ୍ପତି ଓମ ବିର୍ଲା ଗୃହ ପରିଚାଳନାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ମାତ୍ର ସାଂସଦମାନେ ସ୍ଲୋଗାନ ଜାରି ରଖିବା ଓ ଗୃହର ମଧ୍ୟଭାଗକୁ ଆସି ହଟଗୋଳ କରିବାରୁ ଗୃହ କାର୍ଯ୍ୟକୁ ମୁଲତବୀ ରଖାଯାଇଥିଲା । ମୌସୁମୀ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିରୋଧୀ ଦଳଙ୍କୁ କହିଛନ୍ତି ଯେ, ସଂସଦର କାର୍ଯ୍ୟରେ ଅଂଶଗ୍ରହଣ କରନ୍ତୁ । ତାଙ୍କର ବିଶ୍ୱାସ ଯେ, ଯେଉଁଥିରେ ତଥ୍ୟ ରହିଛି ସେଥି ନେଇ ହୋହାଲ୍ଲା କରିବା ଆବଶ୍ୟକ ନାହିଁ । ଯଦି ତଥ୍ୟ ଓ ତର୍କ ରହିଛି ତା' ହେଲେ ସ୍ୱର ଉତ୍ତୋଳନ କରିବାରେ ଆବଶ୍ୟକ ନାହିଁ । ଆଶା କରୁଛି ଯେ, ସାଂସଦରେ ହେବାକୁଥିବା ଆଲୋଚନା ହେବ । ସାଂସଦମାନେ ଗୃହ କାର୍ଯ୍ୟରେ ଭାଗ ନିଅନ୍ତୁ । ତେବେ ସାଂସଦମାନେ ବିରୋଧ ଜାରି ରଖିବାରୁ ଗୃହକାର୍ଯ୍ୟକୁ ମୁଲତବୀ କରାଯାଇଥିଲା ।

## ଗୁଣ୍ଡିଚା...

ଧର୍ମପତ୍ନୀ ମହାଲକ୍ଷ୍ମୀଙ୍କୁ ଛାଡି ବଡ ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ଧରି ଜନ୍ମ ବେଦୀକୁ ନବ ଦିନାତ୍ମକ ଯାତ୍ରା କରିଛନ୍ତି । ଦୀର୍ଘ ଦିନ ଧରି ମହାପ୍ରଭୁଙ୍କ ସହ ମହାଲକ୍ଷ୍ମୀଙ୍କ ସାକ୍ଷାତ ହୋଇନାହିଁ । ସେଥି ପାଇଁ ମହାଲକ୍ଷ୍ମୀ ବ୍ୟସ୍ତ ବିବ୍ରତ ହୋଇପଡିଛନ୍ତି । ହେରା ପଞ୍ଚମୀ ଦିନ ଅର୍ଥାତ ଗତକାଲି ରାତିରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ ମହାଲକ୍ଷ୍ମୀ । ଗତକାଲି ସନ୍ଧ୍ୟା ଆଳତୀ ପରେ ଏକ ସୁସଜ୍ଜିତ ବିମାନ ପଟ୍ଟୁଆରରେ ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ନନ୍ଦିଘୋଷ ରଥ ନିକଟରେ ମହାଲକ୍ଷ୍ମୀ ପହଞ୍ଚିବା ପରେ ପତିମହାପାତ୍ର ସେବାୟତ କର୍ପୂର ବନ୍ଦାପନା, ବଳିତା ବନ୍ଦାପନା, ଚାଉଳ ବନ୍ଦାପନା ଇତ୍ୟାଦି କରିଥିଲେ । ସେପଟେ ଗୁଣ୍ଡିଚା ମନ୍ଦିରକୁ ମହାଲକ୍ଷ୍ମୀ ଯିବାବେଳେ ମହାପ୍ରଭୁଙ୍କ ଠାରୁ ମୁଖଦୃଷ୍ଟିତ ଅଧରମାଳା ମହାଲକ୍ଷ୍ମୀଙ୍କୁ ପ୍ରଦାନ କରାଯାଇଥିଲା । ସେହି ସମୟରେ ସନ୍ଧ୍ୟାଧୂପ ଚାଲିଥିବାରୁ ଟେରା ପଡିଥିବା କାରଣରୁ ମହାପ୍ରଭୁଙ୍କ ଭେଟ ନ ପାଇ ରାଗରେ ଅଭିମାନ କରିଥିଲେ ମା ମହାଲକ୍ଷ୍ମୀ । ରାଗ ଜର୍ଜରିତ ଅଭିମାନିନୀ ମହାଲକ୍ଷ୍ମୀ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରିବା ସମୟରେ ଭିତରଚ୍ଛ ମହାପାତ୍ର ଦହିପତି ମଣୋହି ନୀତି କରିଥିଲେ । ଏହାପରେ ଅଭିମାନିନୀ ମହାଲକ୍ଷ୍ମୀ ନନ୍ଦିଘୋଷ ରଥର ଚକ ଭାଙ୍ଗି ହଡବାଡ ଓ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ପ୍ରସ୍ଥାନ କରିଥିଲେ । ବିଳମ୍ବିତ ରାତ୍ରିରେ ଅନୁଷ୍ଠିତ ମହାପ୍ରଭୁଙ୍କ ଏହି ନୀତିକାନ୍ତି ଦେଖିବା ପାଇଁ ଗୁଣ୍ଡିଚା ମନ୍ଦିର ଓ ଶରଧାବାଲି ଅଂଚଳରେ ପ୍ରବଳ ଭକ୍ତ ଭିଡ ହୋଇଥିଲେ । ସେପଟେ ମହାପ୍ରଭୁଙ୍କ ହେରାପଞ୍ଚମୀ ନିତି ଦେଖିବାକୁ ଗତକାଲି ରାତିରେ ହୋଇଥିଲା ହଜାର ହଜାର ଭକ୍ତଙ୍କ ଗହଳି ଚହଳି । ମହାଲକ୍ଷ୍ମୀ ବଡଦାଣ୍ଡରେ ଫେଣ୍ଟି ଖାଇ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ । ପ୍ରଥମେ ରଥଭଙ୍ଗା ନିତି ସାରି ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିଥିଲେ । ଏହାପରେ ମହାପ୍ରଭୁଙ୍କ ମନ୍ଦିରରେ ପହଞ୍ଚିବା ପରେ ନାଗ ମହାଲକ୍ଷ୍ମୀ ରାଗ ଜର୍ଜରିତ ହୋଇ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ । ତେବେ ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କ କଳି ଭକ୍ତଙ୍କୁ ବେଶ୍ ରୋମାଞ୍ଚିତ କରିଥିଲା । କେବଳ ଯେ ପ୍ରତି ପରିବାରରେ ଯେଉଁ କଳି ଝଗଡ଼ା ଲାଗେ ତାହା ନୁହେଁ ମହାପ୍ରଭୁଙ୍କ ପରିବାରରେ ମଧ୍ୟ ଏହି ସମସ୍ୟା ରହିଥାଏ । ଭକ୍ତମାନେ ରାତି ଉଜାଗର ରହି ମହାପ୍ରଭୁଙ୍କ ଲିଳା ଦର୍ଶନ କରିଛନ୍ତି । ମହାପ୍ରଭୁଙ୍କ ସହ ଅଭିମାନିନୀ ମହାଲକ୍ଷ୍ମୀ ରାଗଜର୍ଜରିତ ହୋଇ ଫେରିଯିବା ଖବର ପାଇବା ପରେ ମହାପ୍ରଭୁ ବାହୁଡା ଯାତ୍ରା ପାଇଁ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପରମ୍ପରା ଆଧାରରେ ଷଷ୍ଠୀ ତିଥିରେ ତିନିରଥର ଦକ୍ଷିଣ ମୋଡ କରାଯିବ ।

## ସାର...

ଦିଆଯାଇଛି । ଏଥିରେ ୨୦.୫ ପ୍ରତିଶତ ନାଇଟ୍ରୋଜେନ୍ ଏବଂ ୨୩ ପ୍ରତିଶତ ସଲଫର୍ ରହିଥିବାରୁ ଏହା ମାଟିର ଉର୍ବରତା ବଢ଼ାଇବାରେ ସହାୟକ ହେବ । ସେହିପରି ଡିଏପିର ବିକଳ୍ପ ଭାବେ 'କମ୍ପ୍ଲେକ୍ସ ଫର୍ଟିଲାଇଜର୍ସ' ବ୍ୟବହାର କରିବାକୁ କେନ୍ଦ୍ର ପକ୍ଷରୁ କୁହାଯାଇଛି । ତେବେ ସାର ସଙ୍କଟକୁ ନେଇ ସରକାରଙ୍କ ଦ୍ୱୈତ୍ୟ ଆଭିମୁଖ୍ୟ ବର୍ତ୍ତମାନ ବିବାଦର କାରଣ ପାଲଟିଛି । ଗୋଟିଏ ପଟେ ବିଭାଗୀୟ ମନ୍ତ୍ରୀ ଗଣମାଧ୍ୟମ ଆଗରେ ରାଜ୍ୟରେ କୌଣସି ସାର ଅଭାବ ନାହିଁ ବୋଲି ସଫେଇ ଦେଉଛନ୍ତି, ଅନ୍ୟପଟେ ବିକଳ୍ପ ସାର ବ୍ୟବହାର କରିବାକୁ ବିଭାଗ ପକ୍ଷରୁ କୁହାଯାଉଛି । ମନ୍ତ୍ରୀଙ୍କ କଥା ଏବଂ ବାସ୍ତବ ସ୍ଥିତି ମଧ୍ୟରେ ଥିବା ଏହି ଦ୍ୱନ୍ଦକୁ ନେଇ ବିରୋଧୀ ଦଳ ଏବେ ସରକାରଙ୍କୁ କଡ଼ା ଟାର୍ଗେଟ କରିଛନ୍ତି । ସରକାର ଚାଷୀଙ୍କୁ ପ୍ରକୃତ ତଥ୍ୟ ନଦେଇ ଭୁଆଁ ବୁଲାଉଛନ୍ତି ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି ।

କୃଷି ବିଶେଷଜ୍ଞଙ୍କ ମତରେ, ଆଗକୁ ଯଦି ତୁରନ୍ତ ଏହି ସାର ସଙ୍କଟର ସ୍ଥାୟୀ ସମାଧାନ ନହୁଏ, ତେବେ ରାଜ୍ୟରେ ଧାନ ଉତ୍ପାଦନ ବ୍ୟାପକ ମାତ୍ରାରେ ହ୍ରାସ ପାଇବାର ଆଶଙ୍କା ରହିଛି । ସାର ଅଭାବରୁ ଫସଲ ଅମଳ କମିଲେ, ତାହା କେବଳ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିବ ନାହିଁ, ବରଂ ରାଜ୍ୟର ସାମଗ୍ରିକ ଆର୍ଥିକ ବ୍ୟବସ୍ଥା ପାଇଁ ଏକ ବଡ଼ ସଙ୍କଟ ସୃଷ୍ଟି କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ମତପ୍ରକାଶ ପାଉଛି । ଏନେଇ ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଚାଷୀ ସଂଗଠନ ମାନେ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି ।

## ଏସ୍ଆଇଆର୍...

କରିପାରିନଥିଲେ, ଯେଉଁମାନଙ୍କ ନାମ ୨୦୦୨ ତାଲିକାରେ ନଥାଇ କେବଳ ୨୦୦୫ ତାଲିକାରେ ରହିଛି, ସେମାନଙ୍କୁ ନୋଟିସ୍ ଯାଇଛି । ଏହାବ୍ୟତୀତ ନାମ, ବୟସ, ଠିକଣା ବା ପିତାମାତାଙ୍କ ନାମରେ ଭୁଲ ଥିଲେ, ସର୍ଭେ ସମୟରେ ଭୋଟର ଘରେ ଉପସ୍ଥିତ ନଥିଲେ ଏବଂ ପୁରୁଣା ତାଲିକା ସହ ଲିଙ୍କେଜ୍ ନଥିବା ଭୋଟରମାନଙ୍କୁ ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ପାଇଁ ନୋଟିସ୍ ପଠାଯାଇଛି ।

ମାଲକାନଗିରି ଭଳି ଆଦିବାସୀ ବହୁଳ ଜିଲ୍ଲାରେ ଏହି ସମସ୍ୟା ଉତ୍କଟ ରୂପ ନେଇଛି । ସମଗ୍ର ଜିଲ୍ଲାରେ ନୋ ମ୍ୟାପିଂ ତାଲିକାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଭୋଟର ଥିବା ବେଳେ ନାମ ସଂଶୋଧନ ଲାଗି ୫୦ ହଜାରରୁ ଅଧିକ ଭୋଟର ଅଛନ୍ତି । କେବଳ କାଲିମେଳା ବ୍ଲକର ୨୩ଟି ପଞ୍ଚାୟତରୁ ୨ ହଜାର ଲୋକଙ୍କୁ ନୋଟିସ୍ ପଠାଯାଇଥିବାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା । ହେଲେ ସେଠାରେ ହାତଗଣତି କର୍ମଚାରୀ ଥିବାରୁ ଶୁଣାଣିରେ ବ୍ୟାପକ ବିଳମ୍ବ ହୋଇଥିଲା । ତାଲିକାରୁ ବାଦ୍ ପଡୁଥିବା ନିରୀହ ଆଦିବାସୀମାନେ ନୂଆ କରି ଫର୍ମ ୬ ଦାଖଲ କରିବା ନେଇ କିଛି ବୁଝିପାରୁନଥିବାରୁ ହଟହଟା ହେଉଛନ୍ତି ।

ଅନ୍ୟପଟେ ଏସ୍ଆଇଆର୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଗଞ୍ଜାମ ଜିଲ୍ଲାରେ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଜିଲ୍ଲାରେ ଗ୍ରାମପଞ୍ଚାୟତସ୍ତରରେ ହେଉଥିବା ଜନଅଭିଯୋଗ ଶୁଣାଣିକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ବନ୍ଦ ରଖାଯାଇଛି । ଭୋଟର ତାଲିକା ସଂଶୋଧନ କାର୍ଯ୍ୟକୁ ପ୍ରାଥମିକତା ଦେବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ଙ୍କ ପକ୍ଷରୁ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀମାନଙ୍କୁ ଏନେଇ ଜରୁରୀ ନିର୍ଦ୍ଦେଶ ଜାରି କରାଯାଇଛି । ଭୋଟର ସଂଶୋଧନ ପ୍ରକ୍ରିୟାକୁ ଅଧିକ ସରଳ ଓ ସୂଚନାଭିତ୍ତିକ କରିବାକୁ ସାଧାରଣରେ ଦାବି ହେଉଛି ।

## ତ୍ରିପୁରା...

ସେ ପହଞ୍ଚିଲା ବେଳକୁ ନାଡୀ, ରକ୍ତଚାପ ଏବଂ ଶ୍ୱାସକ୍ରିୟ ଭଳି ଜୀବନ ବଞ୍ଚିବାର କୌଣସି ଲକ୍ଷଣ ନଥିଲା । ଆମର ସମସ୍ତ ଉଦ୍ୟମ ସତ୍ତ୍ୱେ ଜୀବନର କୌଣସି ଲକ୍ଷଣ ଦେଖାନଯିବାରୁ ଦିନ ୧୨.୪୮ ରେ ତାଙ୍କୁ ମୃତ୍ୟୁ ଘୋଷଣା କରାଯାଇଥିଲା । କାରଣ ଅସ୍ପଷ୍ଟ ଥିବାରୁ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ୧୯୯୪ ବ୍ୟାଚର ତ୍ରିପୁରା କ୍ୟାଡର ଆଇପିଏସ ଅଧିକାରୀ ଅନୁରାଗ ଧଙ୍କଡ ମେ ୨୦୨୫ରେ ତ୍ରିପୁରାର ଡିଜିପି ଭାବେ ଦାୟିତ୍ୱ ନେଇଥିଲେ । ଏହା ପୂର୍ବରୁ ୨୦୧୩ରୁ ୨୦୧୬ ମଧ୍ୟରେ ଡିଜିପି (ଇଣ୍ଟେଲିଜେନ୍ସ), ଅତିରିକ୍ତ ଡିଜିପି ଓ ପୋଲିସ ଆଇଜି ଭାବେ କାର୍ଯ୍ୟ କରିଥିଲେ । କେନ୍ଦ୍ରୀୟ ଡେପ୍ୟୁଟେସନ ସମୟରେ କେନ୍ଦ୍ରୀୟ ତଦନ୍ତ ସିବିଆଇ ଓ ବିଏସଏଫରେ ମଧ୍ୟ ସେବା କରିଥିଲେ ତାଙ୍କୁ ପୋଲିସ ପଦକ ଏବଂ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପୋଲିସ ପଦକ ସମେତ ଅନେକ ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

## ପ୍ରତିବାଦକାରୀଙ୍କ...

ନିକଟରେ ସୁରକ୍ଷା ଲାଗି ଅନେକ ବ୍ୟାରିକେଡ କରାଯାଇଥିଲା । ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କୁ ଯନ୍ତରମନ୍ତରରେ ପୋଲିସ ଅଟକି ରଖିଛି । ସିଜେପି ନେତାମାନେ ଅଭିଯୋଗ କରିଛନ୍ତି ଯେ, ପ୍ରତିବାଦକାରୀ ଓ ପୋଲିସ ମଧ୍ୟରେ ଅନେକ ସ୍ଥାନରେ ମୁହାଁମୁହିଁ ହୋଇଛି । ଯନ୍ତରମନ୍ତର, କନଷ୍ଟିଚ୍ୟୁସନ କ୍ଲବ, ରେଳଭବନ, ଶାସ୍ତ୍ରୀ ଭବନ, ଜନପଥ ଓ ଆରବିଆଇ ନିକଟରେ ମଧ୍ୟ ହଜାର ହଜାର ପ୍ରତିବାଦକାରୀଙ୍କୁ ପୋଲିସ ହଟକି ରଖିଥିଲା । ଶାସ୍ତ୍ରୀ ଭବନରେ ନିକଟରେ ସୁରକ୍ଷାକର୍ମୀମାନେ ପ୍ରତିବାଦକାରୀଙ୍କ ଉପରକୁ ଲୁହାବୁହା ଗ୍ୟାସ ମାଡ଼ କରିଥିଲେ । ସେହିଭଳି ରେଳଭବନ ନିକଟରେ ମଧ୍ୟ ବ୍ୟାପକ ପୋଲିସ ଓ ଅର୍ଦ୍ଧସାମରିକ ବଳକୁ ମୁତୟନ କରାଯାଇ ଅନେକ ବ୍ୟାରିକେଡ କରାଯାଇଥିଲା । କନଷ୍ଟିଚ୍ୟୁସନ କ୍ଲବ ନିକଟରେ ସୁରକ୍ଷାକର୍ମୀ ଓ ପ୍ରତିବାଦକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା । ରିଜର୍ଭ ବ୍ୟାଙ୍କ ନିକଟରେ ପ୍ରତିବାଦକାରୀମାନେ ପହଞ୍ଚି ସ୍ଲୋଗାନ ଦେବାରୁ ସୁରକ୍ଷାକର୍ମୀମାନେ ବଳ ପ୍ରୟୋଗ କରି ନିଷିଦ୍ଧ ଅଞ୍ଚଳରେ ପ୍ରବେଶ କରିବାକୁ ଅଟକାଇଥିଲେ । ବହୁ ସଂଖ୍ୟାରେ ପ୍ରତିବାଦକାରୀ କନଟ ପ୍ଲେସରେ ମଧ୍ୟ ପହଞ୍ଚିଥିଲେ । ଦିଲ୍ଲୀ ମେଟ୍ରୋ ଷ୍ଟେସନରେ ଅନେକ କମ୍ପ୍ୟୁଟରକୁ କର୍ତ୍ତୃପକ୍ଷ ବନ୍ଦ କରିଦେଇଥିଲେ । ଅସ୍ଥାୟୀ ଭାବେ ଗେଟକୁ ବନ୍ଦ କରିଦିଆଯାଇଥିଲା । ପ୍ରତିବାଦକାରୀମାନେ ଅଭିଯୋଗ କରିଛନ୍ତି ଯେ, ମୋବାଇଲ ଯୋଗାଯୋଗ ଓ ଇଣ୍ଟରନେଟକୁ ପ୍ରତିବାଦସ୍ଥଳ ନିକଟରୁ ଜାମର ଲଗାଇ ଅଞ୍ଚଳ କରିଦିଆଯାଇଥିଲା । ଦିଲ୍ଲୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ୫ ହଜାର ପୋଲିସ ଓ ଅର୍ଦ୍ଧ ସାମରିକ ବଳ ମୁତୟନ କରାଯାଇଥିଲା । ସିଏପିଏଫର ମହିଳା ଅଧିକାରୀଙ୍କ ସମେତ ୨୫ ବାଟାଲିୟନ୍ ବିଭିନ୍ନ ସ୍ଥାନରେ ମୁତୟନ ହୋଇଥିଲା । ନୂଆଦିଲ୍ଲୀ ଜିଲ୍ଲାକୁ ୧୫ ସୁରକ୍ଷାକ୍ଷେତ୍ରରେ ବିଭକ୍ତ କରାଯାଇ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା ।

## ନଡ୍ଡାଙ୍କୁ...

ମୁକ୍ତ କରିବା ସହ ଭିଡ଼ିଓ ବାର୍ତ୍ତା ଦେବାକୁ ତାଙ୍କୁ ଅନୁମତି ଦିଆଯାଉ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତି । ନିଟ ପେପର ଲିକ ଘଟଣା ଆତ୍ମ ହତ୍ୟା କରିଥିବା ଛାତ୍ରଙ୍କୁ ୧ କୋଟି ଲେଖାଏଁ କ୍ଷତିପୂରଣ ଦିଆଯାଉ । କେନ୍ଦ୍ରମନ୍ତ୍ରୀ କହିଥିଲେ ଏନେଇ ବରିଷ୍ଠ ନେତାଙ୍କ ସହ ଆଲୋଚନା କରି ଯୋଗାଯୋଗ କରିବେ । ସିଜେପିର ମୁଖପାତ୍ର ସୌରଭ ଦାସ ଓ ଆଶୁତୋଷ ରଙ୍କା ନଡ୍ଡାଙ୍କ ବାସଭବନରେ ତାଙ୍କୁ ସାକ୍ଷାତ କରିଥିଲେ ।

## ସ୍ତ୍ରୀ...

ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ପୁଲିସକୁ ଖବର ଦେଇଥିଲେ । ଅଭିଯୋଗ ପାଇବା ମାତ୍ରେ ପୁଲିସ ପହଞ୍ଚି ତନାଘନା ଆରମ୍ଭ କରିଛି । ଶବ ଗୁଡିକୁ ପୋଷ୍ଟମୋର୍ଟମ ପାଇଁ ହସ୍ପିଟାଲ ପଠାଯାଇଛି ।

ଏହି ଘଟଣା ପରେ ପୂରା ଗାଁରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ପୁଲିସ ଏକ ହତ୍ୟା ମାମଲା ରୁଜୁକରି ଛାନଭିନ୍ ଆରମ୍ଭ କରିଛି । ହତ୍ୟାକାଣ୍ଡର ପ୍ରକୃତ ରହସ୍ୟ ଜାଣିବା ପାଇଁ ପୁଲିସ ଆଖପାଖ ଅଞ୍ଚଳରେ ଥିବା ଲୋକଙ୍କୁ ପଚରାଉଚରା କରୁଛି । ପୁଲିସ ଅଧିକାରୀଙ୍କ କହିବା ଅନୁସାରେ ଅଭିଯୁକ୍ତ ଜଣକ ନିଶାସକ୍ତ ଅବସ୍ଥାରେ ଏହି ଅମାନବୀୟ ଘଟଣା ଘଟାଇ ଥିବା ସନ୍ଦେହ କରାଯାଉଛି । ପ୍ରାଥମିକ ତଦନ୍ତ କରାଯାଉଛି ଅଭିଯୁକ୍ତ ଧରା ପଡ଼ିବା ପରେ ଘଟଣା ପଛର ପ୍ରକୃତ କାରଣ ଜଣା ପଡ଼ିବ ବୋଲି ପୁଲିସ କହିଛି ।

# ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ,(ସବ୍ୟୁ): :ଆମ ମାତୃଭାଷା ପରିଷଦର କର୍କଟ ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀନଗରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ ଉଦଘାଟନ କରିଥିଲେ । ରଥଯାତ୍ରା, ଜାତି ଧର୍ମ ଚେତନାର ଅନେକ ଉର୍ଦ୍ଧ୍ୱରେ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ପଣ୍ଡିତ ନରହରି ଦାଶ, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ସମ୍ମାନିତ ଅତିଥି ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ଶିକ୍ଷାବିତ୍ ଗୟାଧର ପଣ୍ଡା, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୌରାଙ୍ଗ ବାରିକ ଯୋଗଦେଇଥିଲେ ।ଏହି ଅବସରରେ ଶିକ୍ଷାବିତ୍ ପଣ୍ଡିତ ଅଜୟ କୁମାର କର ଓ ପ୍ରାକ୍ତନ ପୋଲିସ୍ ଅଧିକାରୀ ରମେଶ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଉମେଶ ଚନ୍ଦ୍ର ମହାପାତ୍ର, ସାବିତ୍ରୀ ବାନାର୍ଜୀ, ବିପ୍ଳବ କୁମାର ହୋତା, ଅଜୟ ଚନ୍ଦ୍ର ମହାପାତ୍ର, କୈଳାସ ଦାସ, ମୋନାଲିସା ସାହୁ, ସୁରେଶ କୁମାର ସାହୁ, ଶେକ୍ ଅବଦୁଲ ଦୟାନ୍, ମୁସ୍ତାକ୍ ଗହ୍ୱର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଅଧିବକ୍ତା ମନୋରଞ୍ଜନ ଦାସ ମଂଚ ଆହ୍ୱାନ ଓ ଅତିଥି ପରିଚୟ କରିଥିଲେ । ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ପ୍ରାରମ୍ଭିକ ଭଜନ ପରିବେଷଣ ଓ ସମ୍ପାଦକୀୟ ପାଠ କରିଥିଲେ । କବି ମୀନତି ବାରିକ ଭଜନ ପରିବେଷଣ କରି ପୁରସ୍କୃତ ହୋଇଥିଲେ । ସହ ସମ୍ପାଦିକା ମମତା ରାଣୀ ଦାଶମିଶ୍ର ମଂଚ ପରିଚାଳନା ଓ ସଙ୍ଗୀତ ଗାନ କରିଥିଲେ । ଶେଷରେ ସମାଜସେବୀ ନାରାୟଣ ଚନ୍ଦ୍ର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଳାସପୁର ହାଇସ୍କୁଲରେ ସମ୍ବର୍ଦ୍ଧନା ସମାରୋହ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ପଳାସପୁର ସରକାରୀ ହାଇସ୍କୁଲରେ ଚଳିତ ବର୍ଷ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଯୋଗ୍ୟତାର ଅଧିକାରୀ କାର୍ତ୍ତିକ କୁମାର ସାହୁ,ଜେ୍ୟାତି ପ୍ରକାଶ ରାଉତ,ମଧୁସୁଦନ ଘଡାଇ ଓ ବର୍ଷାରାଣୀ ପରିଡାଙ୍କୁ କୁନ୍ତଳା ମେଧା ସମ୍ମାନରେ ସମ୍ମାନୀତ କରାଯାଇ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ଜୟନ୍ତ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ କବି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ମୁଖ୍ୟଅତିଥି,ଯୁବନେତା ତଥା ସମିତିସଭ୍ୟ ପ୍ରତିନିଧି ଅନନ୍ତ ପ୍ରସାଦ ବାରିକ ମୁଖ୍ୟବକ୍ତା,ପରିଚାଳନା କମିଟି ସଭାପତି ମାୟାଧର ସାମଲ ସମ୍ମାନନୀୟ ଅତିଥି,ବିଶିଷ୍ଟ ଗବେଷିକା କୃତିଦୀପା ରାଉତ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପଳାସପୁର ହାଇସ୍କୁଲ ସବୁବେଳେ ବ୍ଲକସ୍ତରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ପଛରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତ୍ୟାଗ ଓ ପିଲାମାନଙ୍କର ଅଧ୍ୟବସାୟ ମୁଖ୍ୟକାରଣ ବୋଲି କହିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ,ଶିକ୍ଷାକର୍ମଚାରୀ ଓ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

# ହିନ୍ଦି ଚଳଚ୍ଚିତ୍ର ନିର୍ମାଣ କରି ନୀଳଗିରି ମାଟିର ପୁଅ ପୁରସ୍କୃତ

ନୀଳଗିରି,(ସବ୍ୟୁ): ନୀଳଗିରି ମାଟିର ପୁଅ ହିନ୍ଦୀ କ୍ଷୁଦ୍ର ଚଳଚ୍ଚିତ୍ର କରି ବାଙ୍ଗାଲୋର ଆନ୍ତର୍ଜାତିକ ସର୍ଟ ଫିଲ୍ମ ଫେଷ୍ଟିଭାଲ ରେ ସମ୍ମାନିତ ହେବା ଗତ ୧୩ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ଓଲିଉଡ ଇଣ୍ଟରନେସନାଲ ଫିଲ୍ମ ଫେଷ୍ଟିଭାଲରେ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର (ହିନ୍ଦୀ)ରେ ପୁରସ୍କୃତ ହୋଇଛନ୍ତି । ନୀଳଗିରି ଥାନା ଅନ୍ତର୍ଗତ କାନପୁର ସନ୍ତରାଗଡିଆ ଅଞ୍ଚଳର ଯୁବ ଆଇ.ଟି ଇଞ୍ଜିନିୟର ତଥା ବାଙ୍ଗାଲୋରର ଏକ ପ୍ରତିଷ୍ଠିତ ଏମ୍.ଏନ୍.ସି ରେ ଚାକିରି କରୁଥିବା ଶୁଭ କଲ୍ୟାଣ ପଟ୍ଟନାୟକ ଅନେକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରି ସୁନାମ ଅର୍ଜନ କରିଛନ୍ତି । ତାଙ୍କର କେତେକ ଚଳଚ୍ଚିତ୍ର ପୁରସ୍କୃତ ହୋଇଥିବା ସ୍ଥଳେ ନିକଟରେ ରିଲିଜ୍ ହୋଇଥିବା ଇକୋଜ ଅଫ୍ ସାଇଲେନ୍ସ କ୍ଷୁଦ୍ର ଚଳଚ୍ଚିତ୍ର ଓଲିଉଡ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ହିନ୍ଦୀ ଭାଷାରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଛି । ଇଣ୍ଡିଆନ ଫିଲ୍ମ ମେକର୍ସ ଆସୋସିଏସନ୍ ଦ୍ୱାରା ଆୟୋଜିତ ଉକ୍ତ ଉତ୍ସବକୁ ବିଧାୟକ ବାବୁ ସିଂ ଉଦଘାଟନ କରିଥିଲେ । ଭାରତର ଅନେକ ଭାଷାରେ ଚଳଚ୍ଚିତ୍ର ଏଥିରେ ପ୍ରଦର୍ଶିତ ହୋଇଥିଲା । ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ଏହି ଉତ୍ସବରେ ଅନେକ ନାମୀଦାମୀ ଚଳଚ୍ଚିତ୍ର ନିର୍ମାତା, ଅଭିନେତା, ଅଭିନେତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ଓ ଉକ୍ତ ଚଳଚ୍ଚିତ୍ର କୁ ବହୁ ପ୍ରଶଂସା କରିଥିଲେ ।

# ମନମୁଖି ସୋଠ ନିର୍ମାଣ କାର୍ଯ୍ୟକୁ ଚାଷୀଙ୍କ ବିରୋଧ

ଭଣ୍ଡାରିପୋଖରୀ,(ସବ୍ୟୁ): ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ବିନା ଟେଣ୍ଡରେ ଜଳସେଚନ ନିମନ୍ତେ ସୋଠ ନିର୍ମାଣ କାର୍ଯ୍ୟକରାଯାଉଛି । ହାଇଲେବୁଲ କେନାଲ ରେଞ୍ଜ-୩ରୁ ଚାଷ ଜମିକୁ ସିଧାସଳଖ ଜଳସେଚନ ପାଇଁ କଇଁସିରା ଗ୍ରାମର ୨ ନଂ ଗୋଳାଗଡିଆ ଓ ୩ନଂ ତିରଣ ଠାରେ କେନାଲ ବନ୍ଧ କଟାଯାଇ ସୋଠ ପକାଯାଉଛି । ବିଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରା ନିର୍ମାଣକାର୍ଯ୍ୟ ତଦାରଖ କରାଯାଉ ନାହିଁ । ବିଭିନ୍ନ ରାଜନୈତିକ ଦଳ ପ୍ରତି ଆନୁଗତ୍ୟ ରଖିଥିବା ଠିକାଦାରଙ୍କୁ ନିର୍ମାଣ କାର୍ଯ୍ୟ ଟେକି ଦିଆଯାଇଛି । ନିର୍ମାଣ ପାଇଁ ଚାଷୀଙ୍କ ମତାମତ ଓ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇ ନାହିଁ । ଜଳସେଚନ ନିମନ୍ତେ ଉପଯୁକ୍ତ ଗୋଲେଇର ସୋଠ ଠାରୁ ଅପେକ୍ଷାକୃତ କମ ଗୋଲେଇର ସୋଠ ବ୍ୟବହାର କରାଯାଉଛି । ପୁଣି ସୋଠ ବସାଯିବା ପୂର୍ବରୁ ବାଲି ଆସ୍ତରଣ ଦିଆଯାଇ ନାହିଁ । ଏବେ ବର୍ଷା ଦିନ ହୋଇଥିବାରୁ କାଦୁଅ ଉପରେ ସୋଠ ସ୍ଥାପନା କରାଯାଉଛି । ଏଭଳି କାର୍ଯ୍ୟକୁ କଇଁସିରା ଗ୍ରାମର ଶ୍ରୀଧର ସ୍ୱାଇଁଙ୍କ ସମେତ ଚାଷୀମାନେ ବିରୋଧ ପ୍ରକଟ କରି ବିଭାଗର ଠିକାଦାର ପ୍ରୀତିକୁ ସମାଲୋଚନା କରିଛନ୍ତି । ଚାଷୀମାନେ ନିର୍ମାଣ ଆବଶ୍ୟକତା ସମ୍ପର୍କରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କୁ ସାକ୍ଷାତ କରି ମତାମତ ରଖିଥିଲେ । ଚାଷୀମାନଙ୍କ ଆବଶ୍ୟକତା ଅନୁଯାୟୀ ନିର୍ମାଣ କରିବାକୁ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜିବ କୁମାର ସାମଲ ନିର୍ଦ୍ଦେଶ ଦେଇଥିଲେ । ହେଲେ ସେହି ନିର୍ଦ୍ଦେଶକୁ ପାଳନ କରାଯାଇ ନାହିଁ । ବିଭାଗୀୟ ସହକାରୀ ଯନ୍ତ୍ରୀ ଚାଷୀଙ୍କ ସ୍ୱାର୍ଥ ଅପେକ୍ଷା ଠିକାଦାରଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବାରୁ ନିର୍ମାଣ ଆଶାନୁରୂପ ହେଉନାହିଁ ବୋଲି ଅଭିଯୋଗ ହୋଇଛି । ଚାଷୀମାନଙ୍କ ଆବଶ୍ୟକତାକୁ ପୂରଣ କରାଯବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସାମଲ ମତ ରଖିଛନ୍ତି ।

# ନଦୀବନ୍ଧ ଅସ୍ଥାୟୀ ମରାମତି ପ୍ରସଙ୍ଗ, ଥାନାରେ ମାମଲା

ଭଣ୍ଡାରିପୋଖରୀ,(ସବ୍ୟୁ): :ଆଖୁଆପଦା ଜଳସମ୍ପଦ ବିଭାଗ ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତ ବଡବନସ୍ତା ଓ ସାନବନସ୍ତା ଗ୍ରାମ ଦ୍ୱୟ ମଧ୍ୟଭାଗରେ ଅବସ୍ଥିତ ଅଧିକାରୀ ଗଡା ନିକଟରେ ଧସିଥିବା ୨ଶହ ଫୁଟ ନଦୀବନ୍ଧର ଅସ୍ଥାୟୀ ନିର୍ମାଣକୁ କେତେକ ଗ୍ରାମବାସୀ ଶନିବାର ବିରୋଧ କରିବା ବିରୋଧରେ ଠିକାଦାର ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ରବିବାର ଆଖୁଆପଦା ସହକାରୀ ଯନ୍ତ୍ରୀ ପରମାନନ୍ଦ ରାଉତ, ଭଦ୍ରକ ସହକାରୀ ଯନ୍ତ୍ରୀ ନରସିଂହ ସୋରେନ ଓ କାର୍ଯ୍ୟକୁ ବିରୋଧ କରୁଥିବା ଗ୍ରାମବାସୀ ଥାନାରେ ପହଞ୍ଚି ଆପୋଷ ବୁଝାମଣା ପାଇଁ ଉଦ୍ୟମ ଚଳାଇଥିଲେ । ବନ୍ଧର ସ୍ଥାୟୀ ମରାମତି ପାଇଁ ବିଭାଗ ପଦକ୍ଷେପ ନେବ ଓ ବନ୍ଧର ଅପରପାଶ୍ୱର୍ରେ ମଧ୍ୟ ଆବଶ୍ୟକୀୟ ନିର୍ମାଣ ହାତକୁ ନିଆଯିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଫଳରେ ସୋମବାର ଠାରୁ ନିର୍ମାଣ କାର୍ଯ୍ୟ ହେବ ବୋଲି ସହକାରୀ ଯନ୍ତ୍ରୀ ଶ୍ରୀ ରାଉତ ସୂଚନା ଦେଇଛନ୍ତି । ୩୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗତ ମଇ ମାସରେ ବୈତରଣୀ ନଦୀ ବନ୍ଧ ପଥର ପଯାଚିଂ କରାଯାଇଥିଲା । ବନ୍ଧ ପୃଷ୍ଠଭାଗରେ ଥିବା ଗଭୀର ନୟନଯୋରୀରେ ବର୍ଷା ଦିନେ ପାଣି ଜମି ରହିବା ଦ୍ୱାରା ୨ ଶହ ଫୁଟ ପଥର ଧସିଯାଇଥିଲା । ଶୁକ୍ରବାର ବିଭାଗ ପକ୍ଷରୁ ହିଟାଚି ଯୋଗେ ବନ୍ଧ ପାଶ୍ୱର୍ରେ ମାଟି ଖୋଳାଯାଇ ବାଲିବସ୍ତା ପକାଯିବା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଭଳି ଅସ୍ଥାୟୀ କାର୍ଯ୍ୟ ବଦଳରେ ସ୍ଥାୟୀ ନିର୍ମାଣ ଦାବି କରି କାର୍ଯ୍ୟକୁ ବିରୋଧ କରାଯାଇଥିଲା ।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଅସୁରାଳି,(ସବ୍ୟୁ): ଘରୁ ନିଖୋଜ ହେବାର ଚାରି ଦିନ ପରେ ଜଣେ ଯୁବକଙ୍କ ମୃତଦେହ ଧାମନଗର ବ୍ଲକ ବୟାଙ୍ଗଡ଼ିହ ପଞ୍ଚାୟତସ୍ଥିତ ନୂଆଗାଁର ଏକ ପାଣି ନାଳରୁ ଉଦ୍ଧାର ହୋଇଛି । ମୃତ ଯୁବକ ହେଲେ ଗଡିଆଳି ପଂଚାୟତ ଝାରଡ଼ିଆ ଗ୍ରାମର ରଶ୍ମି ରଞ୍ଜନ ବେହେରା(୩୮) । ଧୂଷୁରୀ ପୁଲିସ ଏନେଇ ଅପମୃତ୍ୟୁ ମାମଲା ସଂଖ୍ୟା.୧୭/୨୬ ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ତେବେ ରଶ୍ମୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ସ୍ଥାନୀୟ ଝାରଡିଆ ଗ୍ରାମର ପ୍ରଶାନ୍ତ ବେହେରାଙ୍କ ପୁଅ ରଶ୍ମିରଞ୍ଜନ ଚାରି ଦିନ ତଳେ ଘର ଲୋକଙ୍କୁ କିଛି ନକହି କେଉଁ ଆଡେ ଚାଲି ଯାଇଥିଲେ । ସୋମବାର ସକାଳେ ଧାମନଗର-କୋଠାର ସଡ଼କ ପାଶ୍ୱସ୍ତ ଅରୁଣ ବଜାର ନୂଆଗାଁର ଏକ ପାଣି ନାଳରେ କାହାର ମୃତଦେହ ପଡିଥିବା ଲୋକେ ଦେଖିବାକୁ ପାଇଥିଲେ । ମୃତଦେହଟି ଝାରଡିଆ ଗ୍ରାମର ରଶ୍ମିରଂଜନଙ୍କର ବୋଲି ଜଣା ପଡିଥିଲା । ଖବରପାଇ ଧୂଷୁରୀ ପୁଲିସ ଘଟଣା ସ୍ଥାନରେ ପହଂଚି ଶବ ଉଦ୍ଧାର କରିଥିଲା । ଉଦ୍ଧାର ହୋଇଥିବା ରଶ୍ମିଙ୍କ ମୃତଦେହ ସମ୍ପୂର୍ଣ୍ଣ ରୂପେ ଉଲଗ୍ନ ଥିଲା ।

# ପିଏମ୍‌ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ

ବେତନଟୀ (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ଉପକଣ୍ଠ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ରେ ସୋମବାର ଦିନ ବନ ମହୋତ୍ସବ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ପ୍ରଧାନଶିକ୍ଷକ ଅର୍ଜୁନ ସିଂ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ବନାଞ୍ଚଳ ଅଧିକାରୀ ଧ୍ରୁବେନ୍ଦ୍ର ନାଥ ନାଏକ, ସମ୍ମାନିତ ଅତିଥି ଭାବେ ଜୀବନ ଜୀବିକା ସଂଯୋଜକ ନିହାର ରଞ୍ଜନ ସାମଲ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ରଶ୍ମିତା ପାତ୍ର, ଉପ ସଭାପତି ସୁଜନା ମହାରଣା, ସଦସ୍ୟା ରଞ୍ଜିତା କର, ଅଙ୍କିତା ବାରିକ, ସଦସ୍ୟ ଲକ୍ଷ୍ମୀଧର ବିନ୍ଧାଣି,ସତ୍ୟରଞ୍ଜନ ସାହୁ, ବିମଳେନ୍ଦୁ ନାଏକ ଉପସ୍ଥିତ ଥିଲେ । ବନ ମହୋତ୍ସବ ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସର୍ବଶେଷରେ ମୁଖ୍ୟ ଅତିଥି, ଅନ୍ୟ ସମସ୍ତ ଅତିଥିବୃନ୍ଦ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନେ ବୃକ୍ଷ ରୋପଣ କରିଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ଶିକ୍ଷୟିତ୍ରୀ ଇତିଶୀ ମନ୍ତ୍ରୀ, ଶିକ୍ଷକ ପ୍ରକାଶ କୁମାର ଗିରି, ହେମନ୍ତ କୁମାର ଦାସ, ଅମରଜ୍ୟୋତି ସ୍ୱାଇଁ, ରାଜକମଲ ସାତୁଆ, ଅଜୟ କୁମାର ବାରିକ, ସୌରଭ କୁମାର୍ ନନ୍ଦ, ସୁନିଲ କୁମାର ସାହୁ, ଶିକ୍ଷୟିତ୍ରୀ ମନସିନୀ ପଟ୍ଟନାୟକ, କାପୁରା ସୋରେନ, ଯାଜ୍ଞସେନି ବେହେରା, ମୌସୁମୀ ମଣ୍ଡଳ, ଗାୟତ୍ରୀ ରାଉତ ଓ ଖଗେନ ଚନ୍ଦ୍ର ମହାନ୍ତ, ଅଞ୍ଜଳି ମହାନ୍ତି,ହୃଷୀକେଶ ମହାପାତ୍ର, ହିତେଶ ଗନ୍ତାୟତ ଅଣ ଶିକ୍ଷା କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

13001/1232/2627

OFFICE OF THE NOTIFIED AREA COUNCIL, BALUGAON
Balugaon, Khordha, Odisha, Pin-732030,
Email Id.eonac.balugaon2013@gmail.com
No. 889 / Dt. 18.07.2026

QUOTATION CALL NOTICE

Sealed Quotations are invited from the intending Contractors/ Suppliers having valid GST Registration Certrficate/PAN Card / Contractor Registration Certificate for **"Engagement of Hydraulic Excavator, Front End Loader, Tractor on hire basis for Cleaning of Drains, shifting of garbage etc. inside Balugaon NAC area"** The bidder should have quoted their rates including all applicable taxes and charge The sealed quotation should be reach to the undersigned before dt.03.08.2026 up to 1.00 P M through registered post or speed post or by hand. The same will opened at 2.30 PM on the same day in the presence of the bidder or their authorized representatives in the office of the NAC Balugaon. The quotation must be accompanied with self attested copies of Valid GST Registration Certificate/ PAN Card / Contractor Registration Certificate with paper cost of Rs.4.000/- and EMD of Rs. 10,000/- in shape of DD pledged to Executive Officer, Balugaon NAC, Balugaon. The information regarding details of quotations are also available at the website **www.khordha.odisha.gov.in.** The authority reserves the right to reject any or all quotation without assigning any reason thereof.

Sd/- Executive Officer
N.A.C., Balugaon

OIPR : 13001/13148/1/26-27/0001

AFFIDAVIT

By Virtue of an affidavit sworn before the Executive Magistrate, Angul, Odisha on dated 24.10.2025. I Sipali Biswal D/O Pitambar Biswal Vill-Nuapada, P.O-Inkarabandha, P. S.-Angul Sadar, Dist.-Angul, Odisha, Pin - 759129 declare that my actual name is Sipali Biswal. Sipali Biswal may be use for all official dealing and purposes.

Sd/- Sipali Biswal

AFFIDAVIT

By virtue of an affidavit sworn before Executive Magistrate,Nayagarh Odisha on dated 17.07.2026 Banshidhar Sahoo S/o -Binod Sahoo Resident of Village- Sarankul P.O-Sarankul P.S- Sarankul Dist- Nayagarh,PIN-752080 declare that I have changed my minor Son's name from Biki Sahoo to Abinash Sahoo Henceforth, He shall be known as Abinash Sahoo for all purposes.

Sd/- Banshidhar Sahoo

BPMU, CHC, BAUNSUNI
O/o-The Superintendent, CHC Baunsuni.Boudh, PIN-762015
10001/380/2627
Advt. No. 340/BPMU Date : 18/07/2026

TENDER CALL NOTICE FOR HIRING OF VEHICLES FOR RBSK MHT-I & II FOR CHC Baunsuni

Sealed tenders are invited from registered travel agencies/sole proprietor for hiring of commercial light vehicles on a monthly basis. Details regarding eligibility criteria, terms & conditions and the formats of submission of tender (Technical & Price bid) are mentioned in the tender document which may be downloaded from the website: www.boudh.odisha.gov.in Interested agencies/sole proprietor may submit their tenders through Registered/Speed Post in a sealed envelope super-scribing on the top of the sealed envelope as **"Tender for Hiring of Vehicles on Monthly Basis for RBSK MHT-I&II in reference to Advertisement No. 340. dtd. 18.07.2026".** A pre-bid meeting shall be held on **01/08/2026 at 11.00 AM.** Any amendments in the tender document due to decision in the pre-bid meeting shall only be notified in the website mentioned above.

The tenders should reach the office of the Superintendent CHC Baunsuni on or before08/03 /2026 (5PM).The tenders will be opened at **11 AM** on **04/08/2026**. The Superintendent of CHC, Baunusni reserves the right to reject any or all the tenders without assigning any reason thereof.

Sd/- Superintendent
CHC, Baunsuni

OIPR : 10001/10274/1/26-27/0002

GOVERNMENT OF ODISHA
OFFICE OF THE EXECUTIVE ENGINEER, RWS&S DIVISION, NABARANGPUR
E-Mail: eerwssngp@gmail.com
25001/774/2627
Bid Identification No. 07/RWSS-NGP/2026-27/Date:20-07-2026

The Executive Engineer. RWS&S Division. Nabarangpur on behalf of the Governor of Odisha invites Percentage Rate Bids in Single cover (PI contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the work.

| | | |
|---|---|---|
| 1 | Nature of work. | SUPPLYING ALL LABOUR T&P FOR LAYING OF DISTRIBUTION NETWORK PIPELINE INSTALLATION OF SLUICE VALVE & CHAMBER DAMAGED DURING PWD ROAD WIDENING WORK AT PWS TO BADABHARANDI & PUJARIGUDA OF BADABHARANDI GP UNDER UMERKOTE BLOCK |
| 2 | Time period for completion | Two (2) Month. |
| 3 | Estimated Cost. | Rs. 12.04 Lakhs |
| 4 | Total Nos of works | 1 Nos. |
| 5 | Tender cost | Rs.6,000.00/- Each. |
| 6 | Class of Contractor | "D" & "C" |
| 7 | Availability of Bid document in the web site | Dt.24.07.2026 at 01.00 hours to 31.07.2026 up to 17.00 hours. |
| 8 | Last Date of Seeking clarification | During the Office hours of 30.07.2026 up to 01.00 hours |
| 9 | Date of Opening of Bid | Dt. 01.08.2026 at 11.00 AM |

*Note : The amount put to tender is exclusive of GST. The intending bidders should offer their rates which shall be exclusive of GST applicable as per norms. GST applicable on works contract shall be paid over the bill amount at the time of payment of bill.

Further details can be seen in the bidding documents which is available in the e-procurement portal https://www.tendersorissa.gov.in Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

Sd/- Superintending Engineer
R.W.S & S, Division, Nabarangpur

OIPR : 25001/25028/1/26-27/0008

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୯୪୪୭, ମୟୂରଭଞ୍ଜ- ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

## ବିଓବି ସମ୍ବଲପୁର କ୍ଷେତ୍ର ପକ୍ଷରୁ

# ୧୧୯ତମ ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦା, ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ୧୧୯ତମ ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ଅବସରରେ ଚଳିତ ମାସ ୧୭ ତାରିଖରେ ପିଲାମାନଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ଷ୍ଟୋରି ଟେଲିଂ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ୧୮ ତାରିଖରେ ବ୍ୟାଙ୍କ ପକ୍ଷରୁ ସମ୍ବଲପୁର ସିଏସ୍ କଲୋନି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରାଯାଇଥିଲା। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧତା ଅନ୍ତର୍ଗତ ବ୍ୟାଙ୍କ ଅଫ୍ ବରୋଦା ତରଫରୁ ଡଃ. ଆଇଜାକ୍ ସାଣ୍ଟ୍ରା ବାଲ ନିକେତନକୁ ଅତ୍ୟାବଶ୍ୟକୀୟ ଖାଦ୍ୟ ପଦାର୍ଥ ପ୍ରଦାନ କରାଯାଇଥିଲା। କର୍ମଚାରୀମାନଙ୍କ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କ୍ଷେତ୍ରୀୟ କାର୍ଯ୍ୟାଳୟରେ ମହିଳା କର୍ମଚାରୀମାନଙ୍କ ପାଇଁ ଗେମ୍ ଓ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ୨୦ ତାରିଖ ଦିନ ଏକ ବାଇକ୍ ର୍ୟାଲି ଏବଂ ଗ୍ରାହକ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। କ୍ଷେତ୍ରୀୟ ପ୍ରବନ୍ଧକ ପ୍ରଭାକର ଝଟପଟସିଂ ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ କେଦାରନାଥ ବେହେରା ବ୍ୟାଙ୍କର ଦୀର୍ଘ ୧୧୯ ବର୍ଷର ଗୌରବମୟ ଯାତ୍ରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗ୍ରାହକ ସେବା, ସମାଜ କଲ୍ୟାଣ ଏବଂ ଦେଶର ଆର୍ଥିକ ବିକାଶରେ ବ୍ୟାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରାଯାଇଥିଲା।



## ଏଏମ୍/ ଏନ୍ଏ ସ୍ପୋର୍ଟସ୍ ପକ୍ଷରୁ ପାରାଦ୍ୱୀପରେ

# ୧୨୩ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ଯକ୍ଷ୍ମା (ଟିବି) ମୁକ୍ତ ଭାରତ ଅଭିଯାନ ଅଧୀନରେଏଏମ୍/ଏ ନ ଏ ସ ପୋ ର୍ଟ ସ୍ ପ କ୍ଷ ରୁ ଜଗତସିଂହପୁର ଜିଲ୍ଲା ଯକ୍ଷ୍ମା (ଟିବି) କାଉନସିଲ୍ ସହଭାଗିତାରେ କୁଜଙ୍ଗ ବ୍ଲକ ଏବଂ ପାରାଦ୍ୱୀପପୌରାଞ୍ଚଳର ୧୨୩ ଜଣ ଯକ୍ଷ୍ମାରୋଗୀଙ୍କୁ ୩୪୪ଟି ପୁଷ୍ଟିକର ଖାଦ୍ୟ ବାସ୍କେଟ୍ ବଣ୍ଟନ କରିଛି। ଏହି ବହୁ-କ୍ଷେତ୍ରିକ ପଦକ୍ଷେପଟି ଯକ୍ଷ୍ମା ବିରୋଧୀ ଲଢ଼େଇକୁମଜବୁତ କରିବାରେ ପୁଷ୍ଟିକର ଖାଦ୍ୟ ସହାୟତାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଛି, ଯାହାକି ଏହି ରୋଗସହିତ ଲଢୁଥିବା ବ୍ୟକ୍ତିଙ୍କ ପାଇଁ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମାଧାନ ପ୍ରଦାନ କରିଥାଏ। ଏହି ବାସ୍କେଟ୍ ର ଅଂଶବିଶେଷ ଭାବରେ ମିଲ୍କ ପାଉଡର (କ୍ଷୀର ଗୁଣ୍ଡ), ଡାଲି, ରୋଷେଇ ଉପଯୋଗୀ ତେଲ, ଶସ୍ୟ ଜାତୀୟ ସାମଗ୍ରୀ ଏବଂ ମିଲେଟ୍ ଭଳି ବିଶେଷ ଭାବରେ ପ୍ରସ୍ତୁତ ଖାଦ୍ୟ ବାସ୍କେଟ୍ ପ୍ରଦାନ କରାଯାଇଥିଲା। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଏବଂ ରୋଗୀମାନଙ୍କୁ ଶୀଘ୍ର ସୁସ୍ଥ ହେବାରେ ସାହାଯ୍ୟ କରିବା ପାଇଁ ଏହି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ବିଶେଷ ରୂପେ ଚୟନ କରାଯାଇଛି। ଏଏମ୍ / ଏନ୍ଏସ୍ପୋର୍ଟସ୍୨୦୨୩ ମସିହାରୁ ଏହି ରୋଗୀମାନଙ୍କୁ ସହାୟତାର ହାତ ବଢ଼ାଇ ଆସୁଛି ଏବଂ ସେମାନେ ଯେପରି ଅତ୍ୟାବଶ୍ୟକ ସେବା ଓ ସଠିକ୍ ସମୟରେ ସହାୟତା ପାଇପାରିବେ ତାହା ସୁନିଶ୍ଚିତ କରି ୩୦୦୦ ରୁ ଅଧିକଙ୍କ ଜୀବନରେ ସୁଧାର ଆଣିଛି।

ଏହି କାର୍ଯ୍ୟକ୍ରମ ପାରାଦ୍ୱୀପସ୍ଥିତ ବିଜୁ ମେମୋରିଆଲ ହସ୍ପିଟାଲର ସମ୍ମିଳନୀ କକ୍ଷରେ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଥିବା ଅତିଥିମାନଙ୍କ ମଧ୍ୟରେ ଜଗତସିଂହପୁରର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ରଶ୍ମି ରଞ୍ଜନ ପଟ୍ଟନାୟକ, ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ବିପିନ ବିହାରୀ ପାତ୍ର, ଜିଲ୍ଲା ପବ୍ଲିକ ପ୍ରାଇଭେଟ ମିଳିତ ସଂଯୋଜକ ମହମ୍ମଦ ୱାକାର ଅଲ୍ଲୀ,ପାରାଦ୍ୱୀପଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡାକ୍ତର ବସନ୍ତ କୁମାର ରାଉତ, କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ଚିକିତ୍ସା ସଂଯୋଜକ ସୟଦଅମିନୁଲ ଇସଲାମ, ପାରାଦ୍ୱୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଯକ୍ଷ୍ମା ସ୍ୱାସ୍ଥ୍ୟ ପରିଦର୍ଶକ ସୁମିତ୍ର କୁମାର ସ୍ୱାଇଁ ଏବଂ ପାରାଦ୍ୱୀପର ଯକ୍ଷ୍ମା ଚାମ୍ପିଅନ କୁମାରୀ ବନିତା ବର୍ମନ ପ୍ରମୁଖ ସାମିଲ ଥିଲେ। ଏହା ସହିତ ଏଏମ୍ /ଏନ୍ଏସ୍ପୋର୍ଟସ୍ର ବରିଷ୍ଠ ଅଧିକାରୀ ଯଥା ମେକାନିକାଲ ବିଭାଗର ମୁଖ୍ୟ ଲକ୍ଷ୍ମୀକାନ୍ତ ସାହୁ, ଇଲେକ୍ଟ୍ରିକାଲ ବିଭାଗର ମୁଖ୍ୟ ପ୍ରବୀଣ ରାୟ ଏବଂ ଲଜିଷ୍ଟିକ୍ସ ବିଭାଗର ମୁଖ୍ୟ ଶ୍ରୀ ସ୍ମୃତି ରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ।

ଡାକ୍ତର ରଶ୍ମି ରଞ୍ଜନ ପଟ୍ଟନାୟକ କୁଜଙ୍ଗ ବ୍ଲକ ଏବଂ ପାରାଦ୍ୱୀପର ଯକ୍ଷ୍ମା ରୋଗୀମାନଙ୍କୁ ସହାୟତାର ହାତ ବଢ଼ାଇବାରେଏଏମ୍/ଏନ୍ଏସ୍ପୋର୍ଟସ୍ ପ୍ରଥମ କମ୍ପାନୀ ହୋଇଥିବାରୁ ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। ଏହାସହିତସେ କହିଛନ୍ତି ଯେ, ଏଭଳି ସହାନୁଭୂତିପୂର୍ଣ୍ଣ ପଦକ୍ଷେପ କେବଳ ଶୀଘ୍ର ଆରୋଗ୍ୟ ଲାଭ କରିବାରେ ସାହାଯ୍ୟ କରେ ନାହିଁ, ବରଂ ରୋଗୀମାନଙ୍କୁ ବିନା ଭୟ କିମ୍ବା ସଂକୋଚରେ ଆଗକୁ ଆସିବା ପାଇଁ ଅନୁପ୍ରାଣିତ କରିଥାଏ। ଡାକ୍ତର ପଟ୍ଟନାୟକ ଯକ୍ଷ୍ମା ରୋଗୀମାନଙ୍କୁ ନିଜର ରୋଗ ନଲୁଚାଇ ଏହାର ଚିକିତ୍ସା କରିବାକୁ କହିବା ସହ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ସ୍ୱଚ୍ଛତାର ସହିତସଠିକ୍ ସମୟରେ ଡାକ୍ତରୀ ସେବା ନେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ, ଏଏମ୍/ଏନଏସ ପୋର୍ଟସ୍ ସାମଗ୍ରିକ ଭାବେ ରୋଗୀ ସେବାରେ ଯୋଗଦାନ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ ପ୍ରତି ଏହାର ପ୍ରତିବଦ୍ଧତାକୁ ଅଧିକସୁଦୃଢ଼ କରୁଛି।



# ପ୍ରଣବାନନ୍ଦ ବିଦ୍ୟାମନ୍ଦିର ଓ ବି ଏସ୍ ଏସ୍ ଅପର ପ୍ରାଇମେରୀ ବିଦ୍ୟାଳୟରେ ପରିତୋଷିକ ବିତରଣ

ଭୁବନେଶ୍ୱର (ସବ୍ୟୁ): ପ୍ରଣବାନନ୍ଦ ବିଦ୍ୟାମନ୍ଦିର ଓ ବି ଏସ ଏସ ଅପର ପ୍ରାଇମେରୀ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପରିତୋଷିକ ବିତରଣ କରା ହୋଇଛି। ଚଳିତମାସ ୧୩.୧୪.ଓ ୧୫.ତାରିଖରେ। ତିନ ଦିନ ବ୍ୟାପି ସଭାରେ ଉପସ୍ଥିତ ଥିଲେ ଓଡ଼ିଶାର ଓ ପଶ୍ଚିମବଙ୍ଗର ବିଦ୍ୱାନ ବୃନ୍ଦ। ସ୍ୱାମୀ ବିଶ୍ୱାତ୍ମାନନ୍ଦ ପ୍ରଧାନ ସମ୍ପାଦକ ଭାରତ ସେବାଶ୍ରମ ସଙ୍ଘ,ସ୍ୱାମୀ ଶ୍ୟାମାନନ୍ଦ ଅଧ୍ୟକ୍ଷ ଦ୍ୱାରକା, ସ୍ୱାମୀ ଦିବ୍ୟାନନ୍ଦ ଅଧ୍ୟକ୍ଷ ଲଣ୍ଡନ ଶାଖା, ସ୍ୱାମୀ ଜଗନ୍ନାଥାନନ୍ଦ ଭୁବନେଶ୍ୱର , ବୃନ୍ଦାବନ ଅଧ୍ୟକ୍ଷ , ସ୍ୱାମୀ ସୌରଭାନନ୍ଦ ନବଦ୍ୱୀପ,ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୂଳପତି ଡ଼କ୍ଟର ପ୍ରଭାତ କୁମାର ମହାପାତ୍ର, ପୂରୀ ଶ୍ରୀମନ୍ଦିରର ରାମଚନ୍ଦ୍ର ଦାଶ ମହାପାତ୍ର, ଓଡିଶା କୃଷକ ମୋର୍ଚ୍ଚାର ବିଜେପି ଅଧ୍ୟକ୍ଷ ଶୁଭ୍ରାଂଶୁ ମୋହନ ପାଢୀ,ଆଡ଼ଭୋକେଟ ଅମୁଲ୍ୟ ପ୍ରଧାନ, ଡ଼କ୍ଟର ହରିହର ହୋତା, ପୂର୍ବତନ କୁଳପତି ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୂରୀ, ରାଜକିଶୋର ସାହୁ, ଆର ଏସ ଏସ, ପ୍ରାନ୍ତକାରିଣୀ ସଦସ୍ୟ, ସ୍ୱାମୀ ଶୁଭାନନ୍ଦ ପୂରୀ, ଅଧ୍ୟକ୍ଷ ମହିପ୍ରକାଶ ମଠ, ପୂରୀ, ପରିଚାଳନା କରିଥିଲେ ପୂରୀ ଆଶ୍ରମ ର ଅଧ୍ୟକ୍ଷ ସ୍ୱାମୀ ସମ୍ବିଦାନନ୍ଦ ଓ ସନ୍ତୋଷ ଦାଶ,। ଏହାଛଡା ହବନ ଯଜ୍ଞ, ଓଡ଼ଶୀ ନୃତ୍ୟ ଗୁରୁ ନାରାୟଣ ପାଣ୍ଡୟେ ପୂରୀ ଡାନ୍ସ ଅକାଦେମୀ, ଗୁରୁ ସାଗରୀକା ମହାପାତ୍ର ପ୍ରଶାନ୍ତି ନୃତ୍ୟ ପରିଷଦ, ଓ ହଜାର ହଜାର ପୁନ୍ୟାର୍ଥୀଙ୍କ ମଧ୍ୟରେ ଖାଦ୍ୟ ବଣ୍ଟନ ଇତ୍ୟାଦି କରାଯାଇଛି।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ

# ପିପିଲି ଠାରେ କିଷାନ୍ ଦିବସ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): କୃଷକଙ୍କ କଲ୍ୟାଣ ତଥା କୃଷି କ୍ଷେତ୍ରର ବିକାଶକୁ ଦୃଷ୍ଟିରେ ରଖି ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ତରଫରୁ ପିପିଲିଠାରେ କିସାନ୍ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ବରିଷ୍ଠ ଅଧିକାରୀମାନଙ୍କ ସହ ବହୁ ସଂଖ୍ୟକ କୃଷକ ଓ ଗ୍ରାହକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁବ୍ରତ କୁମାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲା ବେଳେ ଭୁବନେଶ୍ୱର କ୍ଷେତ୍ରମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ଏମ୍. ଭି ବାଙ୍ଗାରାଜୁ ସମ୍ମାନିତ ଅତିଥି ରୂପେ ଏଥିରେ ଯୋଗଦେଇଥିଲେ। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ବିଜୟ କୁମାର ମଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇଥିଲା। କିସାନ ଦିବସ ଅବସରରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଓଡିଶାର ସମସ୍ତ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମମାନ ଅୟୋଜନ କରାଯାଇଥିବା ସହ କୃଷକମାନଙ୍କୁ ୧୫୦ କୋଟି ଟଙ୍କାର ଋଣ ବଣ୍ଟନ କରାଯାଇଥିଲା। । ଏହି ପଦକ୍ଷେପ କୃଷକମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ସହ ରାଜ୍ୟର କୃଷି କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବାରେ ସାହାଯ୍ୟ କରିବ। ଓଡିଶାରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ୭ଟି "ଷ୍ଟାର କୃଷି ବିକାଶ କେନ୍ଦ୍ର" କାର୍ଯ୍ୟରତ ଅଛି। କାର୍ଯ୍ୟକ୍ରମ ଅବସରରେ କୃଷକ ଓ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ ଆୟୋଜିତ ହୋଇଥିଲା।ଏଥି ସହିତ କୃଷି କ୍ଷେତ୍ରରେ ଡ୍ରୋନ୍ ବ୍ୟବହାରର ପ୍ରଦର୍ଶନ କରାଯାଇଥିଲା। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟ ଶ୍ୟାମଳ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।





# ଜାତୀୟ ଶିକ୍ଷାନୀତିରେ ଶିଶୁ ବାଟିକାରେ ଅଙ୍ଗନବାଡି କର୍ମୀଙ୍କୁ ଶିକ୍ଷକ ଭାବେ ନିଯୁକ୍ତି ଦାବି

ପୁରୀ, (ସବ୍ୟୁ): ଜାତୀୟ ଶିକ୍ଷାନୀତି ରେ ଶିଶୁ ବାଟିକା ରେ ଅଙ୍ଗନବାଡି କର୍ମୀଙ୍କୁ ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ଦାବୀ କରିଛି ଅଲ୍ ଓଡିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ମହାସଙ୍ଘ ପୁରୀ। ସଂଘ ପକ୍ଷରୁ ରବିବାର ଦିନ ସ୍ଥାନୀୟ ବଳିଆ ପଣ୍ଡା ସ୍ଥିତ ଏକ ହୋଟେଲ ରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମିଳନୀ ରାଜ୍ୟ ସଭାନେତ୍ରୀ ଶ୍ରୀମତି ନନ୍ଦିନୀପଣ୍ଡା ଅଧ୍ୟକ୍ଷତା କରିଥିଲେ। ଶ୍ରୀମତୀ ପଣ୍ଡା କହିଥିଲେ ଜାତୀୟ ଶିକ୍ଷାନୀତିରେ ଶିଶୁ ବାଟିକା ରେ ଅଙ୍ଗନବାଡି କର୍ମୀଙ୍କୁ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଉ। କେନ୍ଦ୍ର ସରକାରଙ୍କ ଆଇସିଡିଏସ ଯୋଜନା ପଚାଶ ବର୍ଷ ପୁର୍ତ୍ତୀ ହେବାକୁ ଯାଉଛି, ତେଣୁ ୫୦ ବର୍ଷ ରୁ ଅଧିକ ଯୋଜନାକୁ ଆଖି ଆଗରେ ରଖି ଅଙ୍ଗନବାଡି କର୍ମୀ ଓ ସହାୟିକା ଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରାଯାଉ। ନିର୍ବାଚନୀ ଇସ୍ତାହାର ରେ ଦୁଇ ହଜାର ଟଙ୍କା ଭତ୍ତା ବୃଦ୍ଧି କୁ ପିଛିଲା ଭାବେ ଲାଗୁ କରି ପ୍ରଦାନ କରା ଯାଉ। ଅଙ୍ଗନବାଡି ୱାର୍କର ରୁ ସୁପରଭାଇଜରର ପ୍ରମୋସନରେ +୨ '+୩' ତତୂର୍ଦ୍ଧ ୱାର୍କର ମାନଙ୍କୁ ସାମିଲ କରି ସଠିକ ଭାବେ ସାଟିଫିକେଟ ଯାଞ୍ଚ କରି ପଦୋନ୍ନତି ଦିଆଯାଉ। ଏସ୍ଏନପି ର ପିଲାପ୍ରତି ମୂଲ୍ୟକୁ ତୁରନ୍ତ ବଜାର ଦର ଯାହା ସେଇ ଅନୁଯାଇ ତାକୁ କମିଟିରେ ଆଲୋଚନା କରି ମେନୁ ସ୍ଥିର କରାଯାଉ। ଟେକ ହୋମ ରାସନ ରେ ଅଣ୍ଡା ମୂଲ୍ୟ ବଜାର ଦର ଅନୁଯାଇ ୧୦ ଟଙ୍କା ବା ୯ ଟଙ୍କା ପ୍ରଦାନ କରାଯାଉ। ପ୍ରତି ମାସର ପ୍ରଥମ ସପ୍ତାହରେ ପୂର୍ବ ପରି କର୍ମୀ ସହାୟିକାଙ୍କୁ ଭତ୍ତା ଏକ କାଳୀନ ପ୍ରଦାନ କରା ଯାଉ । ଅବସର କାଳୀନ ଏକ ଲକ୍ଷ ଟଙ୍କା ଘୋଷଣା ହୋଇ ନିର୍ଦ୍ଦେଶ ନାମା ଥାଇ ମଧ୍ୟ ୱାର୍କର ଓ ସହାୟିକା ପାଇବାରୁ ବଞ୍ଚିତ ହେଉ ଛନ୍ତି ତାକୁ ତୁରନ୍ତ ପ୍ରଦାନ କରାଯିବାକୁ ସେ ଦାବି କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ମହାସଙ୍ଘର ରାଜ୍ୟ କୋଷାଧକ୍ଷ ସୁଶ୍ରୀ ସଂଗୀତା ମହାପାତ୍ର, ରାଜ୍ୟ ଉପସଭାନେତ୍ରୀ ସୌଭାଗ୍ୟମଞ୍ଜରୀ କରଣ ଓ ନମିତା ଦଉ ପୁରୀ ଜିଲ୍ଲା ସମ୍ପାଦକ ଟୁନି ମହାନ୍ତି ଓ ସଭାନେତ୍ରୀ ପ୍ରିୟମ୍ବଦା ମିଶ୍ର ବୈଜୟନ୍ତି ମାଳ ପୁରୀ ଜିଲ୍ଲା ର ୮ ଟି ବ୍ଲକ ରୁ ଅଙ୍ଗନୱାଡି କର୍ମ କର୍ତ୍ତା ମାନେ ଯୋଗ ଦେଇଥିଲେ।




# ସେନକୋ ଗୋଲ୍ଡ ଆଣ୍ଡ ଡ଼ାଇମଣ୍ଡସ୍ର ନୂତନ ଷ୍ଟୋରର ଶୁଭାରମ୍ଭ




ଭୁବନେଶ୍ୱର, (ସବ୍ୟୁ): ନୂଆଖାଇ ଓ ଗଣେଶପୂଜା ଠାରୁ ଆରମ୍ଭ କରି ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଏବଂ ଦୀପାବଳି ପର୍ଯ୍ୟନ୍ତ ପାର୍ବଣ ଋତୁକୁ ସ୍ୱାଗତ କରିବା ପାଇଁ ଓଡ଼ିଶା ପ୍ରସ୍ତୁତ ହେଉଥିବାବେଳେ ସେନକୋ ଗୋଲ୍ଡ ଆଣ୍ଡ ଡ଼ାଇମଣ୍ଡସ୍ ଭୁବନେଶ୍ୱରରେ ଏହାର ଫ୍ଲାଗସିପ ଜନପଥ ଷ୍ଟୋରର ଶୁଭାରମ୍ଭ କରିଛି । ଏହି ଷ୍ଟୋରକୁ ଲୋକପ୍ରିୟ ଅଭିନେତ୍ରୀ ରକୁଲ ପ୍ରୀତସିଂ ଉଦଘାଟନ କରିଥିଲେ । ଏହି ଅବସରରେ ପାର୍ବଣର ଚମକ, କାଳଜୟୀ କାରିଗରୀ ଏବଂ ଆଧୁନିକ ଡ଼ିଜାଇନକୁ ଭଳିକି ଭଳି ଗହଣା ଏଠାରେ ଉପଲବ୍ଧ ରହିଛି । ଯାହା ଗ୍ରାହକମାନଙ୍କୁ ଚଳିତ ଋତୁର ସବୁଠାରୁ ଆଦୃତ ଜୁଏଲାରୀ ଟ୍ରେଣ୍ଡସର ଏକ ଝଲକ ପ୍ରଦାନ କରୁଛି । ଏଥିରେ ବିବାହ ଓ ଉତ୍ସବମାନଙ୍କ ପାଇଁ ଚମତ୍କାର ଡ଼ାଇମଣ୍ଡ କଲେକ୍ସନ ଠାରୁ ଆରମ୍ଭ କରି ପାର୍ବଣ ପୋଷାକ, ଉପହାର ଏବଂ ଦୈନନ୍ଦିନ ବ୍ୟବହାର ପାଇଁ ହାଲୁକା ଓଜନର ସୁନା ଡ଼ିଜାଇନ ସାମିଲ ରହିଛି । ସହିଦନଗର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଅବସ୍ଥିତ ପ୍ରାୟ ୬୫୦୦ ବର୍ଗ ଫୁଟର ଏହି ଫ୍ଲାଗସିପ୍ ଷ୍ଟୋରକୁ ଏକ ଆକର୍ଷଣୀୟ ଜୁଏଲାରୀ ଗନ୍ତବ୍ୟ ସ୍ଥଳ ଭାବେ ଡ଼ିଜାଇନ କରାଯାଇଛି । ଯାହା ଗୋଟିଏ ଛାତ ତଳେ ସେନକୋର ସୁନା, ହୀରା ଏବଂ ପ୍ଲାଟିନମର ବ୍ୟାପକ ସମ୍ଭାରକୁ ଆଣିପାରିଛି । ଏହି ଶୁଭାରମ୍ଭ ଉତ୍ସବରେ ରକୁଲ ପ୍ରିତସିଂ ଏବଂ ସେନକୋ ଗୋଲ୍ଡ ଆଣ୍ଡ ଡ଼ାଇମଣ୍ଡସର ଏମଡ଼ି ଏବଂ ସିଇଓ ଶୁଭଙ୍କର ସେନଙ୍କୁ ରେଡ଼ କାର୍ପେଟ ସ୍ୱାଗତ କରାଯାଇଥିଲା । ଗତ ଏକମାସ ମଧ୍ୟରେ ଭୁବନେଶ୍ୱର ଷ୍ଟୋରରୁ ସପିଙ୍ଗ କରିଥିବା ୧୦ଜଣ ଭାଗ୍ୟଶାଳୀ ଲକିଡ୍ର ବିଜେତାଙ୍କୁ ୧ ଗ୍ରାମର ସୁନାପେଣ୍ଡା ପ୍ରଦାନ କରାଯାଇଥିଲା ।


# ଦୁର୍ଗା ମା'ଙ୍କ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

ଭୁବନେଶ୍ୱର, (ସବ୍ୟୁ): ଶହୀଦନଗର ଦୂର୍ଗା ପୂଜା ସମିତି ଆନୁକୂଲ୍ୟରେ ମା ଦୁର୍ଗାଙ୍କ ପ୍ରତିଷ୍ଠା ଉତ୍ସବ ଓ ତିନିଦିନ ବ୍ୟାପି ହେବାକୁ ଥିବା ବିଶ୍ୱଶାନ୍ତି ମହାଯଜ୍ଞର ପ୍ରଥମ ଦିବସରେ କଳସ ଯାତ୍ରାରେ ଯାଇ କେଦାରଗୌରୀ ମନ୍ଦିରରୁ ମହାପଟୁଆରରେ କଳସ ଯାତ୍ରାରେ ବାହାରି ମଣ୍ଡପରେ ପହଞ୍ଚିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ମଙ୍ଗଳବାର ଠାରୁ ସନ୍ଧ୍ୟାରେ ଭଜନ ସମାରୋହ ସହ ସମୂହ ପ୍ରସାଦ ସେବନର ବ୍ୟବସ୍ଥା ସମିତି ପକ୍ଷରୁ ଆୟୋଜିତ କରାଯାଇଛି ବୋଲି କାର୍ଯ୍ୟକାରି ସଭାପତି ସରୋଜ କୁମାର ପାତ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସଭାପତି ବିଶ୍ୱପ୍ରସାଦ ମହାନ୍ତି, କାର୍ଯ୍ୟକାରି ସଭାପତି ସଚିନନ୍ଦନ ନାୟକ,ସରୋଜ କୁମାର ପାତ୍ର,ସଂପାଦକ ହରିଶ ପ୍ରସାଦ ରଥ,କୋଷାଧକ୍ଷ ମହେନ୍ଦ୍ର କୁମାର ତ୍ରିପାଠୀ, ସଉପଦେଷ୍ଟା ମନୋରଞ୍ଜନ ଦାଶ, ସୁଧୀର କୁମାର ଶତପଥୀ ଦିଲ୍ଲିପ ଦାସ,ଚନ୍ଦନ ପାଳିତ ,ବିଶ୍ୱରଞ୍ଜନ ରାୟ, ଉପସଭାପତି, ଅଚ୍ୟୁତ ପ୍ରସାଦ ବେହେରା, ରାଜକିଶୋର ଦାସ, ଭିଭୁଦତ୍ତ ଦାସ, ଦୀପଙ୍କର ମହାପାତ୍ର,ସହ ସଂପାଦକ, ରଂଜନ ମହାପାତ୍ର, ଗୋପାଳ କୃଷ୍ଣ ମହାନ୍ତି,ସ୍ମୃତିରଞ୍ଜନ ଜେନା, ଆଦର୍ଶ ପଟ୍ଟନାୟକ,ହେମନ୍ତ କୁମାର ମଲ୍ଲିଆ, ଗଂଜନ ସାମଲ,ସନ୍ଦିପ ବେହେରା, ସୋନୁ ଜି ,ବିଭୁ ପଦାରବିନ୍ଦ, ଅଭିମନ୍ୟୁ, ବିଜୁ, କାଳିଆ,ମୁନା ଉପସ୍ଥିତ ଥିଲେ।



# ସୋଆର ପ୍ରତିଷ୍ଠାତା ସଭାପତିଙ୍କ ଦ୍ୱାରା ପ୍ଲାଷ୍ଟିନେସନ୍ ବିଷୟକ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ମାନବ ଶରୀର ସଂରକ୍ଷଣ ବିଜ୍ଞାନ (ପ୍ଲାଷ୍ଟିନେସନ୍) କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଜନ ଡକ୍ଟର ଶିଶିର କୁମାରଙ୍କ ରଚିତ 'ପ୍ରିଜର୍ଭିଂ ଆନାଟୋମି : ଦି ୱାର୍ଲ୍ଡ ଅଫ୍ ପ୍ଲାଷ୍ଟିନେସନ' ଶୀର୍ଷକ ପୁସ୍ତକ ସୋଆ (ଶିକ୍ଷା 'ଓ' ଅନୁସନ୍ଧାନ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଦ୍ୱାରା ନିକଟରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଛି। ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଆନାଟୋମି ବିଭାଗର ପ୍ରଫେସର ଡାକ୍ତର ଶିଶିର କୁମାର ଏହି ପୁସ୍ତକରେ ପ୍ଲାଷ୍ଟିନେସନ୍ର ବୈଜ୍ଞାନିକ ପ୍ରକ୍ରିୟା, ଶିକ୍ଷା, ଗବେଷଣା ଏବଂ ଶରୀର ବିଜ୍ଞାନ ଅଧ୍ୟୟନରେ ବହୁମୁଖୀ ପ୍ରୟୋଗ ସଂପର୍କରେ ବିସ୍ତୃତ ଭାବେ ଉପସ୍ଥାପନା କରିଛନ୍ତି। ଏହା ମେଡିକାଲ୍ ଛାତ୍ରଛାତ୍ରୀ, ଶିକ୍ଷକ, ଗବେଷକ ଏବଂ ଆନାଟୋମି କ୍ଷେତ୍ରରେ କାର୍ଯ୍ୟରତ ବୃତିଜୀବୀମାନଙ୍କ ପାଇଁ ଏକ ଉପଯୋଗୀ ସନ୍ଦର୍ଭ ଗ୍ରନ୍ଥ ଭାବେ ସହାୟକ ହେବ ବୋଲି ପ୍ରଫେସର ନାୟକ ଆଶା ବ୍ୟକ୍ତ କରିଛନ୍ତି। ପୁସ୍ତକର 'ରିସର୍ଚ୍ଚ ଆପିକ୍ଲେସନ୍ ଅଫ୍ ପ୍ଲାଷ୍ଟିନେସନ' ଶୀର୍ଷକ ଅଧ୍ୟାୟଟି ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ର ରିପ୍ରକ୍ଟିଭ୍ ମେଡିସିନ୍ ଆଣ୍ଡ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର(ଡାକ୍ତର) ସୁଜାତା ପ୍ରଧାନ ରଚନା କରିଛନ୍ତି। ଏଥିରେ ପ୍ଲାଷ୍ଟିନେସନ୍ ପ୍ରଯୁକ୍ତିର ଗବେଷଣା କ୍ଷେତ୍ରରେ ବିଭିନ୍ନ ପ୍ରୟୋଗ ଓ ସମ୍ଭାବନା ସଂପର୍କରେ ଆଲୋକପାତ କରାଯାଇଛି। ଡା. ଶିଶିର କୁମାର ଜର୍ମାନୀର ହାଇଡେଲବର୍ଗସ୍ଥ ବାୟୋଡୁର ଜିଏମବିଏଚ୍ ସେଂଟର ଫର୍ ପ୍ଲାଷ୍ଟିନେସନ ଠାରେ ଉନ୍ନତ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ସେ ପ୍ଲାଷ୍ଟିନେସନ୍ ବିଜ୍ଞାନର ପ୍ରବର୍ତ୍ତକ ଡା. ଗୁନ୍ଥର ଭନ୍ ହାଗେନ୍ସଙ୍କ ଦଳର ସଦସ୍ୟମାନଙ୍କଠାରୁ ସିଧାସଳଖ ପ୍ରଶିକ୍ଷଣ ଲାଭ କରିଥିବାରୁ ଏହି କ୍ଷେତ୍ରରେ ତାଙ୍କର ବିଶେଷ ଦକ୍ଷତା ରହିଛି। ଏହି ଅବସରରେ ସୋଆର କୁଳପତି ପ୍ରଫେସର (ଡକ୍ଟର) ପ୍ରଦୀପ୍ତ କୁମାର ନନ୍ଦ ଏବଂ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍, କ୍ୟାମ୍ପସ-୩, ବ୍ରହ୍ମପୁରର ନିର୍ଦ୍ଦେଶକ ଶ୍ରୀ ଦେବପ୍ରସାଦ ଦାଶ ଉପସ୍ଥିତ ଥିଲେ।



## ସନ୍ଫିଷ୍ଟ ମାରୀ ଲାଇଟ୍ ର ରଥ ଯାତ୍ରାରେ 'ସୂର୍ଯ୍ୟ ବରଦାନ'

ଭୁବନେଶ୍ୱର (ସବ୍ୟୁ) : ପ୍ରଚୁର ସୂର୍ଯ୍ୟକିରଣ ପ୍ରାପ୍ତି ସତ୍ତ୍ୱେ ନିଯୁତ ନିଯୁତ ଭାରତୀୟଙ୍କୁ ଭିଟାମିନ ଡି'ର ଅଭାବ ପ୍ରଭାବିତ କରିଚାଲିଛି, ଅନେକ ସମୟରେ ସୀମିତ ସଚେତନତ କାରଣରୁ ଏହା ଜଣାପଡୁନାହିଁ। ଓଡ଼ିଶାର ସଂସ୍କୃତି ସହିତ ଏହାର ଅର୍ଥପୂର୍ଣ୍ଣ ସଂପୃକ୍ତିକୁ ଜାରି ରଖି ସନ୍ଫିଷ୍ଟ ମାରୀ ଲାଇଟ ଏକ ଭିଟାମିନ ଡି' ସଚେତନତା ପ୍ରୟାସ ସନ୍ଫିଷ୍ଟସୂର୍ଯ୍ୟ ବରଦାନ ଆରମ୍ଭ କରିଛି। ଏହି ପ୍ରୟାସ ସୂର୍ଯ୍ୟଙ୍କ ସହିତ ସନ୍ଫିଷ୍ଟ ମାରୀ ଲାଇଟ୍ର ଦୀର୍ଘକାଳୀନ ସମ୍ପର୍କ ଏବଂ "ଭିଟାମିନ ଡି'ର ଉତ୍ତମତା" ବିଷୟ ଆଧାରରେ ପ୍ରସ୍ତୁତ କରାଯାଇଛି। ଓଡ଼ିଶାର ଅନ୍ୟତମ ସର୍ବବୃହତ ସାଂସ୍କୃତିକ ସମାବେଶ ଭାବରେ ରଥ ଯାତ୍ରା ଭିଟାମିନ ଡି' ସମ୍ପର୍କରେ ପରିମାଣାତ୍ମକ ଭାବରେ ଏହାର ବାର୍ତ୍ତା ପ୍ରସାର କରିବାରେ ସନ୍ଫିଷ୍ଟ ମାରୀ ଲାଇଟ୍କୁ ଏକ ଶକ୍ତିଶାଳୀ ମଞ୍ଚ ଯୋଗାଇ ଦେଇଥିଲା। 'ହର୍ କିରନ୍ ମେଁ ଛୁପା ହେ ଭିଟାମିନ ଡି କା ବରଦାନ' (ପ୍ରତ୍ୟେକ କିରଣରେ ଲୁଚି ରହିଛି ଭିଟାମିନ ଡି'ର ବରଦାନ) ଚିନ୍ତନକୁ ନେଇ ଏହି ବ୍ରାଣ୍ଡ ଭକ୍ତଗଣ ଓ ସେମାନଙ୍କ ପରିବାରବର୍ଗଙ୍କୁ ଭିଟାମିନ ଡି' ଆବଶ୍ୟକତା ସମ୍ପର୍କରେ ଅଧିକ ସଚେତନ ହେବାକୁ ଉତ୍ସାହିତ କରିଥିଲା। ଏହି ପ୍ରଚାର ଅଭିଯାନ ସ୍ଥଳଭାଗ ଓ ଅନ୍ଲାଇନ ଉପସ୍ଥିତି ଜରିଆରେ ମଜଭୁତ ଭାବରେ ପ୍ରଦର୍ଶିତ ହୋଇଥିଲା।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

କଟକ, (ସବ୍ୟୁ) : କଟକ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ଚୂଡ଼ାନ୍ତ ଶୁଣାଣି କରି ମୁଖ୍ୟ ଅଭିଯୁକ୍ତ କଟକ ଜିଲା କାନପୁର ଥାନା ଅନ୍ତର୍ଗତ ଗୋଡ଼ିବନ୍ଧ ଗ୍ରାମର ବିଜୟ କୁମାର ରଣା (୩୦)କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡାଦେଶ ଦେବା ସହ ବିଭିନ୍ନ ଧାରାରେ ୬୫ ହଜାର ଟଙ୍କା ଜୋରିମାନା ଲଗାଇଛନ୍ତି। ଏହାସହିତ ପ୍ରମାଣ ଅଭାବରୁ ମାମଲାରେ ସମ୍ପୃକ୍ତ ଅନ୍ୟ ଜଣେ ସହ-ଅଭିଯୁକ୍ତକୁ ଅଦାଲତ ନିର୍ଦୋଷରେ ଖଲାସ କରିଛନ୍ତି। ବିଚାରପତି ହିମାଂଶୁ ଶେଖର ସିଂହ ମାମଲାର ଶୁଣାଣି କରି ଏହି ଆଦେଶ ଦେବା ସହ 'ଓଡ଼ିଶା ଭିକ୍ଟିମ୍ କମ୍ପେନ୍ସେସନ୍ ସ୍କିମ୍' ଅଧୀନରେ ପୀଡ଼ିତା ନାବାଳିକାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ସହାୟତା ଯୋଗାଇଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ), କଟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, ୨୦୨୨ ଏପ୍ରିଲ ୯ ତାରିଖ ମଧ୍ୟାହ୍ନ ପ୍ରାୟ ୩ଟା ରେ କଟକ ଜିଲା କାନପୁର ଥାନା ଅନ୍ତର୍ଗତ ଗୋଡ଼ିବନ୍ଧ ଗ୍ରାମର ଜଣେ ନାବାଳିକା ଟ୍ୟୁସନ ଯିବା ରାସ୍ତାରୁ ନିଖୋଜ ହୋଇଯାଇଥିଲେ। ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପୂର୍ବରୁ ଅଭିଯୁକ୍ତ ଝିଅଟିକୁ ହଇରାଣ ହରକତ କରୁଥିବାରୁ, ସେ ହିଁ ତାଙ୍କ ଝିଅକୁ ଅପହରଣ କରିଥିବା ସନ୍ଦେହ କରି ନାବାଳିକାଙ୍କ ବାପା କାନପୁର ଥାନାରେ ଏତଲା ଦେଇଥିଲେ। ଏହାପରେ ପୁଲିସ ତଦନ୍ତ ଆରମ୍ଭ କରି ଢେଙ୍କାନାଳ ଜିଲା ଭାପୁର ଆଉଟପୋଷ୍ଟ ଅନ୍ତର୍ଗତ ବଡ଼ନାଦାବା ଗ୍ରାମର ଜଣଙ୍କ ଘରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବିଜୟକୁ ଗିରଫ କରିଥିଲା।

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚନ୍ଦ୍ରମଣୀ ଜେନା

ଗ୍ରାମ : ଦକ୍ଷିଣବାଡ଼, ଧାମନଗର, ଭଦ୍ରକ

ଆବିର୍ଭାବ - ୨୧.୧୨.୧୯୪୬

ତିରୋଧାନ - ୨୧.୦୭.୨୦୨୫

ହେ ପୂଜ୍ୟ ପିତାମହ ! ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା, ଆପଣଙ୍କ ଉତ୍ସର୍ଗୀକୃତ ପରୋପକାର, ହିତ ଉପଦେଶ, ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟ ପରାୟଣତା ଓ ଭଲ ପାଇବା ଆମେ କେବେ ଭୁଲି ପାରୁନାହୁଁ। ସବୁବେଳେ ସବୁ ସମୟରେ ଆପଣ ମନେପଡନ୍ତି । ସେପାରିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।

ଆପଣଙ୍କ ହତଭାଗ୍ୟ ପୁତ୍ର : ଅଜିତ ପ୍ରସାଦ, ସତ୍ୟଜିତ୍, ସୁବ୍ରତ, ଦେବବ୍ରତ,ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ ଓ ବନ୍ଧୁବର୍ଗ ।

# ଜଳୁଛି ମଧ୍ୟପ୍ରାଚ୍ୟ, ଯୁଦ୍ଧର ବିରାମ ନାହିଁ

ତେହେରାନ/ୱାସିଂଟନ: ଆମେରିକା ଲଗାତାର ନବମ ରାତିରେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନ ଆକ୍ରମଣରେ ମୃତ ଆମେରିକୀୟ ସୈନିକଙ୍କ ସ୍ମୃତିରେ, ସେମାନଙ୍କୁ ସମ୍ମାନ ଜଣାଇ ଇରାନ ଉପରେ ଆକ୍ରମଣ କରାଯାଉଛି। ଅନ୍ୟପକ୍ଷରେ, ହର୍ମୁଜ୍ ପ୍ରଣାଳୀରେ ସଙ୍କଟ ଜାରି ରହିଛି। ୟୁକେ ମେରିଟାଇମ୍ ଟ୍ରେଡ୍ ଅପରେସନ ଏଜେନ୍ସି କହିଛି ଯେ, ହର୍ମୁଜ୍ ପ୍ରଣାଳୀରେ ଆକ୍ରମଣ ପରେ ଏକ ତେଲ ଟ୍ୟାଙ୍କର୍ରେ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। ଓମାନର କୁମଜାରରୁ ପ୍ରାୟ ୮ ନଟିକାଲ୍ ମାଇଲ୍ ଉତ୍ତରପଶ୍ଚିମରେ ତେଲ ଟ୍ୟାଙ୍କରଟି ଥିବା କୁହାଯାଉଛି। ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଦାବି କରିଛି ଯେ ଦକ୍ଷିଣ ହର୍ମୁଜ୍ ପ୍ରଣାଳୀରେ



ସମୁଦ୍ର ମାଇନ୍ସ ବିସ୍ଫୋରଣରେ ଦୁଇଟି ତେଲ ଟ୍ୟାଙ୍କର୍ କ୍ଷତିଗ୍ରସ୍ତ ହୋଇଛି। ଟ୍ୟାଙ୍କର୍ ଦୁଇଟି ହର୍ମୁଜ୍ ଦେଇ ଯିବାକୁ ଚେଷ୍ଟା କରୁଥିଲେ। ଆମେରିକୀୟ ସେନା ଦ୍ୱାରା ସେମାନଙ୍କୁ ଏହି ରାସ୍ତା ବ୍ୟବହାର କରିବାକୁ ପ୍ରରୋଚିତ କରାଯାଇଥିଲା। ଆଇଆରଜିସି କହିଛି, ଯେପର୍ଯ୍ୟନ୍ତ ଏହି ଅଞ୍ଚଳରେ ଆମେରିକାର ଆକ୍ରମଣ ଜାରି ରହିବ, ସେପର୍ଯ୍ୟନ୍ତ ଏହି ଜଳପଥ ଅସୁରକ୍ଷିତ ରହିବ। ହର୍ମୁଜ୍ ବାଟେ ପେଟ୍ରୋକେମିକାଲ୍ ଉତ୍ପାଦ, ଗ୍ୟାସ୍ ଏବଂ ତେଲର ଏକ ବୁନ୍ଦା ମଧ୍ୟ ପରିବହନ କରିବାକୁ ଅନୁମତି ଦିଆଯିବ ନାହିଁ।

ବିଶ୍ୱକପ୍ ଫାଇନାଲ୍ ପରେ ୱାସିଂଟନ ଫେରିବା ସମୟରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ, ଆମେ ଆଜି ରାତିରେ ସେମାନଙ୍କ ଉପରେ ପୁଣି ଥରେ ଜୋରଦାର ଆକ୍ରମଣ କରିଛୁ। ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ ରବିବାର ବିଳମ୍ବିତ ରାତିରେ ଘୋଷଣା କରିଛି ଯେ ଏହା ଲଗାତାର ନବମ ରାତିରେ ଇରାନ ବିରୁଦ୍ଧରେ ଆକ୍ରମଣ କରିଛୁ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କୁହାଯାଇଛି ଯେ, ହର୍ମୁଜ ପ୍ରଣାଳୀରେ ଇରାନ ବାଣିଜ୍ୟିକ ଜାହାଜ ଏବଂ ନାବିକ ଉପରେ ଆକ୍ରମଣ କରୁଛି। ଇରାନର ସାମରିକ କ୍ଷମତାକୁ ହ୍ରାସ କରିବା ପାଇଁ ଏହି ଆକ୍ରମଣ କରାଯାଇଥିଲା। ଆମେରିକାର ଆକ୍ରମଣର କଡ଼ା ଜବାବ ଇରାନ ଦେଇଛି। କୁଏତ କହିଛି ଯେ, ଆମେ ଇରାନୀ ଡ୍ରୋନ୍ ଆକ୍ରମଣକୁ ରୋକିବାର ପ୍ରୟାସ କରୁଛୁ। ଇରାନର ରିଭୋଲ୍ୟୁସନାରୀ ଗାର୍ଡ ସିରିଆରେ ଏକ 'ଶତ୍ରୁ କମାଣ୍ଡ ସେଣ୍ଟରଦ ଉପରେ ଆକ୍ରମଣ କରିଥିବା ଦାବି କରିଛି। ବାହାରିନର ଗୃହ ମନ୍ତ୍ରଣାଳୟ କହିଛି ଯେ, ଇରାନର ବିମାନ ଆକ୍ରମଣ ଯୋଗୁଁ ସତର୍କତା ସାଇରନ୍ ବାଜିଛି ଏବଂ ନାଗରିକଙ୍କୁ ନିରାପଦ ସ୍ଥାନକୁ ଯିବାକୁ ଅନୁରୋଧ କରାଯାଇଛି। ଇରାନ କହିଛି, କୁଏତରେ ଦୁଇଟି ଆମେରିକୀୟ ଘାଟିକୁ ଟାର୍ଗେଟ କରାଯାଇଛି।

# ମଝି ସମୁଦ୍ରରେ ବୁଡିଲା ଫେରୀ, ୬୬ ନିଖୋଜ

ଜର୍ଜଟାଉନ୍ : ଦକ୍ଷିଣ ଆମେରିକୀୟ ଦେଶ ଗୁଆନାରୁ ଏକ ଦୁଃଖଦ ଦୁର୍ଘଟଣାର ଖବର ଆସିଛି। ମଝି ସମୁଦ୍ରରେ ୧୩୩ ଜଣଙ୍କୁ ନେଇ ଯାଉଥିବା ଏକ ଫେରୀ ଓଲଟି ପଡ଼ିଛି। ଅଧିକାରୀମାନେ ଦୁର୍ଘଟଣାର ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ ଏପର୍ଯ୍ୟନ୍ତ ୬୭ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟମାନଙ୍କୁ ଖୋଜିବା ଜାରି ରହିଛି। ଦୁର୍ଘଟଣାରେ କେତେ ଲୋକଙ୍କ ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନଥିଲେ ମଧ୍ୟ ୬୬ ଜଣ ନିଖୋଜ ଅଛନ୍ତି। ଫେରୀରେ ୧୧୬ ଜଣ ଯାତ୍ରୀ ଏବଂ ୧୭ ଜଣ କର୍ମଚାରୀ ଥିଲେ। ଫେରୀଟି ଏହାର ଓଜନ ଧାରଣ କ୍ଷମତା ମଧ୍ୟରେ ଥିଲା । ଏଥିରେ ୩୦୦ ରୁ ଅଧିକ ଯାତ୍ରୀ ଯିବା ପାଇଁ ଲାଇସେନ୍ସ ଥିଲା।ଗୁଆନାର ପ୍ରଧାନମନ୍ତ୍ରୀ ମାର୍କ ଫିଲିପ୍ସଙ୍କ ଦ୍ୱାରା ଜାରି ସୂଚନା ଅନୁଯାୟୀ, ବୁଡ଼ିଯାଇଥିବା ଫେରୀର ନାମ 'ଏମ୍ଭି ବାରିମାଦ। ଫେରୀଟି ରାଜଧାନୀ ଜର୍ଜଟାଉନରୁ ଉତ୍ତର ଆଟଲାଣ୍ଟିକ୍ ଉପକୂଳ ଦେଇ ପୋର୍ଟ କାଇଟୁମାକୁ ଯାତ୍ରା କରୁଥିଲା। ଏହା ପୋମେରୁନ୍ ନଦୀ ନିକଟରେ ଓଲଟି ପଡ଼ିଥିଲା। ପିଏମ୍ ଫିଲିପ୍ସ



କହିଛନ୍ତି,ଉଦ୍ଧାର ହୋଇଥିବା ୬୭ ଜଣଙ୍କ ମଧ୍ୟରେ ୧୫ ଜଣ ଶିଶୁ ଅଛନ୍ତି। ସେମାନଙ୍କ ମଧ୍ୟରେ ୬ ଜଣ ପୁଅ ଏବଂ ୯ ଜଣ ଝିଅ ଅଛନ୍ତି ଅନ୍ୟମାନଙ୍କ ମଧ୍ୟରେ ୪୧ ଜଣ ପୁରୁଷ ଏବଂ ୧୧ ଜଣ ମହିଳା ଅଛନ୍ତି। ନିଖୋଜ ଥିବା ୬୬ ଜଣଙ୍କର ସନ୍ଧାନ ଜାରି ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଗୁଆନାର ମନ୍ତ୍ରୀ ଜୁଆନ ଏଡଗିଲ୍ ଫେସବୁକରେ କହିଛନ୍ତି ଯେ ଫେରୀଟି ସ୍ଥାନୀୟ ସମୟ ରବିବାର ରାତି ୧୧:୦୧ ରେ ଓଲଟି ପଡ଼ିଥିଲା। ସରକାରୀ ଏବଂ ଘରୋଇ ଡଙ୍ଗା ବ୍ୟବହାର କରି ଘଟଣାସ୍ଥଳରେ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଡଗିଲ୍ କହିଛନ୍ତି ଯେ ଏଥିରେ ୨୫୦ଟି ଲାଇଫ୍ ଜ୍ୟାକେଟ୍, ଦୁଇଟି ଲାଇଫ୍ କ୍ରାଫ୍ଟ ଏବଂ ଛଅଟି ଅନ୍ୟ ଲାଇଫ୍ କ୍ରାଫ୍ଟ ଥିଲା । ଭେସେଲ ଫାଇଣ୍ଡର ଅନୁଯାୟୀ, ୪୦ ମିଟର ଲମ୍ବ ଏହି ଫେରୀ ୧୯୩୯ ମସିହାରେ ନିର୍ମିତ ହୋଇଥିଲା ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବିଦ୍ରୋହୀ ଟିଏମ୍‌ସି ନେତା

ନୂଆଦିଲ୍ଲୀ : ତୃଣମୂଳ କଂଗ୍ରେସ (ଟିଏମ୍ସି) ଛାଡ଼ି ନ୍ୟାସନାଲ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନସିପିଆଇ)ରେ ଯୋଗ ଦେଇଥିବା ବରିଷ୍ଠ ସାଂସଦ ସୁଦୀପ ବନ୍ଦ୍ୟୋପାଧ୍ୟାୟ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିଦ୍ରୋହୀ ଟିଏମ୍‌ସି ସାଂସଦମାନଙ୍କ ପୃଥକ୍ ସଂସଦୀୟ ଗୋଷ୍ଠୀ ସମ୍ପର୍କିତ ଆବେଦନକୁ ଅନୁମୋଦନ କରିବା ପରେ ଏହି ସାକ୍ଷାତ୍ ହୋଇଛି।ସୂଚନା ଅନୁସାରେ, ସୁଦୀପ ବନ୍ଦ୍ୟୋପାଧ୍ୟାୟଙ୍କ ସହ ନୂତନ ଗୋଷ୍ଠୀର ଅନ୍ୟ କେତେକ ସାଂସଦ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ। ସୌଜନ୍ୟମୂଳକ ଏହି ସାକ୍ଷାତ୍ ସମୟରେ ସଂସଦର ଆସନ୍ତା ମୌସୁମୀ ଅଧିବେଶନ, ସଂସଦୀୟ କାର୍ଯ୍ୟକଳାପ ଓ ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ତେବେ ବୈଠକ ପରେ କୌଣସି ପକ୍ଷରୁ ବିସ୍ତୃତ ବିବୃତି ଜାରି କରାଯାଇନାହିଁ। ଲୋକସଭା ବାଚସ୍ପତି ସମ୍ପ୍ରତି ବିଦ୍ରୋହୀ ଟିଏମ୍ସି ସାଂସଦମାନଙ୍କ ପାଇଁ ପୃଥକ୍ ବସିବା ବ୍ୟବସ୍ଥାକୁ ମଞ୍ଜୁର କରିଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ଟିଏମ୍ସିର ୨୦ ଜଣ ଲୋକସଭା ସାଂସଦ ଦଳ ଛାଡ଼ି ଏନ୍ସିପିଆଇରେ ଯୋଗ ଦେଇଥିଲେ। ଏହାକୁ ନେଇ



ଏହାପରେ କେନ୍ଦ୍ର ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ସୁଦୀପ ବନ୍ଦ୍ୟୋପାଧ୍ୟାୟଙ୍କୁ ନୂତନ ଗୋଷ୍ଠୀର ନେତା ଭାବେ ସର୍ବଦଳୀୟ ବୈଠକକୁ ଆମନ୍ତ୍ରଣ କରିଥିଲେ। ଏହାକୁ ନୂଆ ସଂସଦୀୟ ଗୋଷ୍ଠୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି ଭାବେ ଦେଖାଯାଉଛି ।ଉଲ୍ଲେଖଯୋଗ୍ୟ, ତୃଣମୂଳ କଂଗ୍ରେସ ଦଳତ୍ୟାଗ ବିରୋଧୀ ଆଇନ ଅନୁଯାୟୀ ପଦକ୍ଷେପ ଦାବି କରିଥିବାବେଳେ ବିଦ୍ରୋହୀ ସାଂସଦମାନେ ନିଜକୁ ସ୍ୱତନ୍ତ୍ର ସଂସଦୀୟ ଗୋଷ୍ଠୀ ଭାବେ ସ୍ୱୀକୃତି ଦେବାକୁ ଦାବି କରିଥିଲେ। ବାଚସ୍ପତିଙ୍କ ନିଷ୍ପତ୍ତି ପରେ ଏହି ରାଜନୈତିକ ଘଟଣାକ୍ରମ ନୂଆ ମୋଡ଼ ନେଇଛି।

## ରାମମନ୍ଦିର ଦାନ ଚୋରି ମାମଲା

# ରାଜନୀତି ନ କରିବାକୁ ସୁପ୍ରିମକୋର୍ଟଙ୍କ ତାଗିଦ୍

ନୂଆଦିଲ୍ଲୀ : ଅଯୋଧ୍ୟା ରାମମନ୍ଦିର ଦାନ ଚୋରି ମାମଲାରେ ସୁପ୍ରିମକୋର୍ଟ ସୋମବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ରାମ ମନ୍ଦିର ଦାନ ଚୋରି ମାମଲାକୁ ରାଜନୈତିକ ରଙ୍ଗ ନଦେବାକୁ ଆବେଦନ କରିଥିବା ପକ୍ଷଙ୍କୁ କଡ଼ା ଚେତାବନୀ ଦେବା ସହିତ ଏହା କେବଳ ଏକ ଆପରାଧିକ ମାମଲା ବୋଲି କହିଛନ୍ତି। ତେବେ ଦାନ ଚୋରି ମାମଲାର ବିସ୍ତୃତ ଶୁଣାଣି ଆସନ୍ତା ସପ୍ତାହକୁ ସ୍ଥଗିତ ରଖାଯାଇଛି। ଅଯୋଧ୍ୟାର ରାମ ମନ୍ଦିରରେ ଦାନ ଚୋରି ଘଟଣାର କୋର୍ଟ ନିରୀକ୍ଷଣରେ ତଦନ୍ତ ପାଇଁ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି। ସୁପ୍ରିମକୋର୍ଟରେ ହୋଇଥିବା ଆବେଦନଗୁଡ଼ିକରେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଆକାଉଣ୍ଟଗୁଡ଼ିକର ସିବିଆଇ ତଦନ୍ତ, ଫୋରେନସିକ୍ ଅଡିଟ୍ ଓ ନିୟନ୍ତ୍ରକ ଏବଂ ମହାଲେଖା ନିରୀକ୍ଷକ (ସିଏଜି) ଦ୍ୱାରା ଅଡିଟ୍ ଦାବି ଅନ୍ତର୍ଭୁକ୍ତ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଶୁଣାଣି ସମୟରେ, ଖଣ୍ଡପୀଠ କହିଥିଲେ, ଏହା ଅପରାଧ ମାମଲା। କୋର୍ଟର ଏକମାତ୍ର ଉଦ୍ଦେଶ୍ୟ ହେଉଛି ତଦନ୍ତକୁ ସଠିକ୍ ନିଷ୍କର୍ଷରେ ପହଞ୍ଚାଇବା। କୋର୍ଟ ରାଜନୀତି ପାଇଁ ସ୍ଥାନ ନୁହେଁ। କୋର୍ଟ ଏହି ପ୍ରସଙ୍ଗକୁ ରାଜନୀତିକରଣ



ନକରିବାକୁ ମଧ୍ୟ ପକ୍ଷଗୁଡ଼ିକୁ କହିଥିଲେ। ରାମ ମନ୍ଦିରରେ ଦାନ ଚୋରି ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ଗଠନ କରାଯାଇପାରିବ କି ନାହିଁ ସେ ବିଷୟରେ ନିର୍ଦ୍ଦେଶ ନେବାକୁ ସୁପ୍ରିମକୋର୍ଟ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଥିଲେ। ଶୁଣାଣି ସମୟରେ କୋର୍ଟ ମାମଲାର ତଦନ୍ତ କରୁଥିବା ଏସ୍‌ଆଇଟି ଗଠନ ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। କୋର୍ଟ ଏ ସମ୍ପର୍କରେ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖଣ୍ଡପୀଠ ପରାମର୍ଶ ଦେଇଥିଲେ ଯେ, ତଦନ୍ତର ତଦାରଖ ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ଦ୍ୱାରା କରାଯାଇପାରିବ, ଯିଏ ପୂର୍ବରୁ ମାମଲା ପରିଚାଳନା କରିଥିଲେ। କୋର୍ଟ ଏସ୍‌ଆଇଟି ପୁନଃଗଠନ କରିବା ଉପରେ ବିଚାର କରିବାକୁ ମଧ୍ୟ କହିଛନ୍ତି ଯାହା ଦ୍ୱାରା ତଦନ୍ତ ବିନା ବାଧାରେ ଆଗକୁ ବଢ଼ିପାରିବ। ତେବେ କୋର୍ଟଙ୍କୁ ସଲିସିଟର ଜେନେରାଲ କହିଥିଲେ, ଏସ୍‌ଆଇଟି ଗଠନ ହୋଇସାରିଥିବାବେଳେ ଉତ୍ତର ପ୍ରଦେଶ ପୁଲିସ ଘଟଣାର ତଦନ୍ତ କରୁଛି। ଉତ୍ତର ପ୍ରଦେଶ ସରକାର ଏସ୍‌ଆଇଟି ତଦନ୍ତର ଅଗ୍ରଗତି ସମ୍ପର୍କରେ କୋର୍ଟଙ୍କୁ ଅବଗତ କରିବା ପର୍ଯ୍ୟନ୍ତ ଏହି ମାମଲା ଶୁଣାଣି ଆସନ୍ତା ଜୁଲାଇ ୨୭ ତାରିଖକୁ ରଖାଯାଇଛି। ସୂଚନାଯୋଗ୍ୟ, ଏସ୍‌ଆଇଟି ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଦାଖଲ କରିବା ପରେ ଥାନାରେ ଏତଲା ପଞ୍ଜୀକରଣ ହୋଇଥିଲା ଓ ଆଠ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ତଦନ୍ତ ପରେ ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଓ ଟ୍ରଷ୍ଟି ଅନିଲ ମିଶ୍ର ଇସ୍ତଫା ଦେଇଥିଲେ।

# ପଶ୍ଚିମବଙ୍ଗ ସରକାରୀ ଅଫିସରେ ବଙ୍ଗଳା ଭାଷା ବାଧ୍ୟତାମୂଳକ

କୋଲକାତା : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସୋମବାର ଘୋଷଣା କରିଛନ୍ତି ଯେ ରାଜ୍ୟ ସରକାର ସେପ୍ଟେମ୍ବର ୧ ତାରିଖରୁ ସମସ୍ତ ସରକାରୀ କାର୍ଯ୍ୟରେ ବଙ୍ଗଳା ଭାଷାକୁ ବାଧ୍ୟତାମୂଳକ କରିବେ। ରାଜ୍ୟର ସରକାରୀ କାର୍ଯ୍ୟ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ସହିତ ସରକାରୀ ଯୋଗାଯୋଗ ପାଇଁ ମଧ୍ୟ ହିନ୍ଦୀ ବ୍ୟବହାର କରାଯିବ। ସେପ୍ଟେମ୍ବର ୧ ତାରିଖରୁ, ସରକାର ସମସ୍ତ ସାର୍ବଜନୀନ ଯୋଗାଯୋଗ ଚ୍ୟାନେଲରେ ବଙ୍ଗଳା ଭାଷାର ବ୍ୟବହାରକୁ ବାଧ୍ୟତାମୂଳକ କରିବେ। ଏଥିରେ ନାଗରିକ ସେବା, ଡିଜିଟାଲ୍ ଶାସନ ବ୍ୟବସ୍ଥା, ଆବେଦନ ଫର୍ମ, ପ୍ରମାଣପତ୍ର, ପୋର୍ଟାଲ, ୱେବସାଇଟ୍, ମୋବାଇଲ୍ ଆପ୍ଲିକେସନ୍, ତାଲିମ ସାମଗ୍ରୀ, ସାର୍ବଜନୀନ ସାଇନ୍ ବୋର୍ଡ, ପ୍ରେସ୍ ରିଲିଜ୍ ଏବଂ ଅନ୍ୟାନ୍ୟ ସରକାରୀ ଯୋଗାଯୋଗ ଅନ୍ତର୍ଭୁକ୍ତ ହେବ।

# ଚତୁର୍ଥ ସନ୍ତାନର ବାପା ହେଲେ ଜେଡି ଭାନ୍ସ

ୱାସିଂଟନ: ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ତାଙ୍କ ପତ୍ନୀ ଉଷା ଭାନ୍ସ ସେମାନଙ୍କର ଚତୁର୍ଥ ସନ୍ତାନକୁ ସ୍ୱାଗତ କରିଛନ୍ତି। ଦମ୍ପତି ସୋସିଆଲ ମିଡିଆରେ ସେମାନଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିବା ସମ୍ପର୍କରେ ଘୋଷଣା କରିଛନ୍ତି। ପିଲାଟିର ନାମ ଆଲେକ୍ ନୀଲ୍ ଭାନ୍ସ ରଖାଯାଇଛି। ଏହା ସହିତ, ଜେଡି ଭାନ୍ସ ୧୫୬ ବର୍ଷରୁ ଅଧିକ ସମୟ ମଧ୍ୟରେ ପ୍ରଥମ ଆମେରିକୀୟ ଉପରାଷ୍ଟ୍ରପତି ହୋଇଛନ୍ତି ଯିଏ ପଦବୀରେ ଥିବା ସମୟରେ ପିତା ହୋଇଛନ୍ତି। ଆଲେକ୍ ନୀଲ୍ ଭାନ୍ସ ଜେଡି ଏବଂ ଉଷା ଭାନ୍ସଙ୍କ ଚତୁର୍ଥ ସନ୍ତାନ। ସେମାନଙ୍କର ପୂର୍ବରୁ ତିନୋଟି ସନ୍ତାନ ଅଛନ୍ତି। ସେମାନଙ୍କର ବଡ଼ ପୁଅ ଇଭାନ୍ର ବୟସ ୯ ବର୍ଷ, ଦ୍ୱିତୀୟପୁଅ ବିବେକର ବୟସ ୬ ବର୍ଷ ଏବଂ ଝିଅ ମିରାବେଲ୍ର ବୟସ ୪ ବର୍ଷ। ଜେଡି ଭାନ୍ସ ଏବଂ ଉଷା ଭାନ୍ସ ଏକ ମିଳିତ ବିବୃତି ଜାରି କରି କହିଛନ୍ତି, ଆମ ପୁଅ ଆଲେକ୍ ନିଲ୍ ଭାନ୍ସ ଜନ୍ ହୋଇଥିବା ନେଇଘୋଷଣା କରି ଆମେ ବହୁତ ଖୁସି ଅନୁଭବ କରୁଛୁ। ଉଷା ଏବଂ ଶିଶୁ ଉଭୟ ସୁସ୍ଥ ଅଛନ୍ତି। ଆମର ତିନି ପିଲା ମଧ୍ୟ ସେମାନଙ୍କ ଛୋଟ ଭାଇର ଆଗମନରେ ବହୁତ ଖୁସି। ଦମ୍ପତି ୱାଲ୍ଟର ରିଡ୍ ନ୍ୟାସନାଲ୍ ମିଲିଟାରୀ ମେଡିକାଲ୍ ସେଣ୍ଟରର ଡାକ୍ତର, ନର୍ସ ଏବଂ ସମଗ୍ର ମେଡିକାଲ୍ କର୍ମଚାରୀଙ୍କୁ ଏବଂ ହ୍ୱାଇଟ୍ ହାଉସ୍ ମେଡିକାଲ୍ ଟିମ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।୪୧ ବର୍ଷୀୟ ଜେ.ଡି. ଭାନ୍ସ ଦୀର୍ଘ ଦିନ ଧରି ଆମେରିକାରେ ଜନ୍ମହାର ହ୍ରାସ ସମ୍ପର୍କରେ ଚିନ୍ତା ପ୍ରକାଶ କରିଆସୁଛନ୍ତି। ସେ ଓହାଇଓରୁ ୨୦୨୧ ସିନେଟ୍ ନିର୍ବାଚନ ସମୟରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ। ଉପରାଷ୍ଟ୍ରପତି ହେବା ପରେ, ସେ ୨୦୨୫ ମାର୍ଚ୍ଚ ଫର୍ ଲାଇଫ୍ କାର୍ଯ୍ୟକ୍ରମରେ କହିଥିଲେ,ଆମେରିକାରେ ଅଧିକ ଶିଶୁ ଜନ୍ମ ହୁଅନ୍ତୁ ବୋଲି ମୁଁ ଚାହୁଁଛି।ପୂର୍ବରୁ, ୧୮୭୦ ମସିହାରେ, ତତ୍କାଳୀନ ଉପରାଷ୍ଟ୍ରପତି ଶେଲର କଲଫାକ୍ସଙ୍କ କାର୍ଯ୍ୟକାଳ ସମୟରେ ତାଙ୍କ ପୁଅ ଶେଲର କଲଫାକ୍ସ ତୃତୀୟ ଜନ୍ମଗ୍ରହଣ କରିଥିଲେ।

# ଆଣ୍ଡି ବର୍ଣ୍ଣହାମ ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ, ଷ୍ଟାର୍ମରଙ୍କ ବିଦାୟ

ଲଣ୍ଡନ : ବ୍ରିଟେନରେ ସୋମବାର କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଆଣ୍ଡି ବର୍ଣ୍ଣହାମ ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲେବର୍ ପାର୍ଟିର ନେତା ଭାବେ ନିର୍ବାଚିତ ହେବା ପରେ ସେ ରାଜା ଚାର୍ଲସ ତୃତୀୟଙ୍କ ସହ ସାକ୍ଷାତ୍ କରି ସରକାର ଗଠନର ଦାୟିତ୍ୱ ନେଇଛନ୍ତି। ଦାୟିତ୍ୱ ଗ୍ରହଣ ପରେ ପୂର୍ବତନ ମଞ୍ଚେଷ୍ଟର ମେୟର ଆଣ୍ଡ୍ର୍ୟୁ (ଆଣ୍ଡି) ବର୍ଣ୍ଣହାମ କହିଛନ୍ତି, ଦେଶର ଅର୍ଥନୀତିକୁ ଗତିଶୀଳ କରିବା,



ଜୀବନଯାପନ ଖର୍ଚ୍ଚ ହ୍ରାସ, ଗୃହହୀନ ସମସ୍ୟାର ସମାଧାନ ଓ ଆଞ୍ଚଳିକ ବିକାଶକୁ ତାଙ୍କ ସରକାର ସର୍ବାଧିକ ପ୍ରାଥମିକତା ଦେବ। ସେହିପରି ଦେଶ ପାଇଁ ୧୦ ବର୍ଷିଆ ଜାତୀୟ ବିକାଶ ଯୋଜନା ପ୍ରସ୍ତୁତ କରିବା ସହ ଖୁବ୍ଶୀଘ୍ର ନୂଆ ମନ୍ତ୍ରିମଣ୍ଡଳ ଗଠନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଏହାପୂର୍ବରୁ ୧୦ ଡାଉନିଂ ଷ୍ଟ୍ରିଟ୍ ବାହାରେ ବିଦାୟୀ ଭାଷଣରେ ପୂର୍ବତନ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର କହିଥିଲେ, ମୁଁ ସଭାବନା ସହ ହସିହସି ବିଦାୟ ନେଉଛି। ସେ ନିଜ ଉତ୍ତରାଧିକାରୀ ଆଣ୍ଡି ବର୍ଣ୍ଣହାମଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇ କହିଥିଲେ ଯେ, ତାଙ୍କ ନେତୃତ୍ୱରେ ବ୍ରିଟେନ ଆହୁରି ଆଗକୁ ବଢ଼ିବ। ଷ୍ଟାର୍ମର କହିଥିଲେ, ପ୍ରଧାନମନ୍ତ୍ରୀ ଭାବେ ଦେଶସେବା କରିବା ତାଙ୍କ ଜୀବନର ସବୁଠୁ ବଡ଼ ସମ୍ମାନ ଥିଲା। ନିଜ ସରକାର ସମୟରେ ଅର୍ଥନୀତିକୁ ସୁଦୃଢ଼ କରିବା, ଦାରିଦ୍ର୍ୟ ହ୍ରାସ, ଶ୍ରମିକଙ୍କ ଅଧିକାର ସୁରକ୍ଷା, ସାର୍ବଜନୀନ ସେବାରେ ସୁଧାର, ଦେଶର ସୁରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଓ ୟୁକ୍ରେନ ପ୍ରତି ବ୍ରିଟେନର ସମର୍ଥନ ଜାରି ରଖିବା ତାଙ୍କ ସରକାରର ପ୍ରମୁଖ ସଫଳତା ବୋଲି ସେ ଉଲ୍ଲେଖ କରିଥିଲେ।

# ଆକାଉଣ୍ଟ ପରିଚାଳନା ପାଇଁ ମମତାଙ୍କୁ ମିଳିଲାନି ଅନୁମତି

କୋଲକାତା : କୋଲକାତା ହାଇକୋର୍ଟରୁ ମମତା ବାନାର୍ଜୀଙ୍କୁ ସୋମବାର ବଡ଼ ଝଟକା ଲାଗିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଜବତ ହୋଇଥିବା ଟିଏମ୍ସିର ତିନିଟି ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରିବାକୁ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମସିକୁ ଅନ୍ତରୀଣ ଅନୁମତି ମିଳିନାହିଁ। ପଶ୍ଚିମବଙ୍ଗ ପୁଲିସ ଦ୍ୱାରା ଅଭିଯୋଗ କରାଯାଇଥିବା ଅସତ୍ ଆର୍ଥିକ କାରବାର, ବେଆଇନ ଅର୍ଥ ସଂଗ୍ରହ ଓ ଦଳର କିଛି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ସନ୍ଦିଗ୍ଧ ପାଣ୍ଠି ପଠାଇବା ସମ୍ପର୍କରେ ରୁଜୁ ହୋଇଥିବା ଏତଲା ଆଧାରରେ ତଦନ୍ତ ପରିପ୍ରେକ୍ଷୀରେ ଇଡି ତୃଣମୂଳ କଂଗ୍ରେସର ୪୪୦.୪୨ କୋଟି ଟଙ୍କା ସହିତ ତିନୋଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଛି। ଏହି ମାମଲାରେ ପକ୍ଷମାନଙ୍କ ଯୁକ୍ତି ଶେଷ ହେବା ପରେ ଜଷ୍ଟିସ୍ କୃଷ୍ଣ ରାଓ ଜୁଲାଇ ୧୩ ତାରିଖରେ ଆବେଦନ ଉପରେ ମଧ୍ୟବର୍ତ୍ତୀକାଳୀନ ଆଦେଶ ସଂରକ୍ଷିତ ରଖିଥିଲେ। ଅଧିକାରୀଙ୍କ ଅନୁଯାୟୀ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପ୍ରାଥମିକ ତଦନ୍ତରେ ଜାଣିବାକୁ ପାଇଥିଲେ ଯେ, ଟିଏମସି ବ୍ୟାଙ୍କ ଆକାଉଣ୍ଟରୁ କେୟାରୱେଲ୍ ଏଭିଏସନ ଇଣ୍ଡିଆ ଲିମିଟେଡ ଓ ଏହାର ସହଯୋଗୀ ସଂସ୍ଥାକୁ ଏପ୍ରିଲ ୨୦୨୩ରୁ ଜୁନ୍ ୨୦୨୬ ମଧ୍ୟରେ ୧୬୦ କୋଟି ଟଙ୍କା ଟ୍ରାନ୍ସଫର୍ କରାଯାଇଛି।

# ଖଲିଲ୍ ଅଲ-ହୟା ହମାସର ନୂଆ ମୁଖ୍ୟ

ଗାଜା : ଗାଜାରେ ପୁଣି ଥରେ ଇସ୍ରାଏଲ ଆକ୍ରମଣ ମଧ୍ୟରେ ପାଲେଷ୍ଟାଇନର ଚରମପନ୍ଥୀ ସଙ୍ଗଠନ ହମାସ ବଡ଼ ଘୋଷଣା କରିଛି। ପାଖାପାଖି ଦୁଇ ବର୍ଷର ଅପେକ୍ଷା ପରେ ସୋମବାର ହମାସ ନିଜର ନୂଆ ମୁଖ୍ୟଙ୍କ ନାଁ ଘୋଷଣା କରିଛି। ଖଲିଲ୍ ଅଲ-ହୟାଙ୍କୁ ହମାସର ରାଜନୈତିକ ବ୍ୟୁରୋର ନୂଆ ପ୍ରମୁଖ ବଛାଯାଇଛି। ଦୋହାରେ ଇସ୍ରାଏଲୀ ଆକ୍ରମଣରେ ହୟାଙ୍କ ପୁଅଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିବାର ଦଶ ମାସ ପରେ ତାଙ୍କୁ ଏତେ ବଡ଼ ପଦବୀ ମିଳିଛି। ହମାସର ରାଜନୈତିକ ବ୍ୟୁରୋ ମୁଖ୍ୟ ପଦବୀ ୟାହ୍ୟା ସିନୱାରଙ୍କ ମୃତ୍ୟୁ ପରେ ଖାଲି ପଡ଼ିଥିଲା। ସିନୱାରଙ୍କୁ ଇସ୍ରାଏଲ ସେନା ୨୦୨୪ରେ ଗାଜାରେ ହତ୍ୟା କରିଥିଲା। ତା' ପୂର୍ବରୁ ଜୁଲାଇ ୨୦୨୪ରେ ଇରାନରେ ହମାସର ପୂର୍ବ ରାଜନୈତିକ ମୁଖ୍ୟ ଇସମାଇଲ ହାନିଆଙ୍କୁ ହତ୍ୟା କରାଯାଇଥିଲା। ଅଲ-ହୟା ୧୯୬୦ ମସିହାରେ ଇଜିପ୍ଟ ଶାସନ ସମୟରେ ଗାଜାରେ ଜନ୍ମଗ୍ରହଣ କରିଥିଲେ। ସେ ସ୍ନାତକ ଡିଗ୍ରି ପାଇଁ ଗାଜାର ଇସଲାମିକ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିଲେ, ପରେ ଜୋର୍ଡାନ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଏବଂ କୋରାନ ଓ ଇସଲାମିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଡିଗ୍ରି ହାସଲ କରିଥିଲେ। ପ୍ରଥମ ବିଦ୍ରୋହ ସମୟରେ ସ୍ନାତକ ଶିକ୍ଷା ସମାପ୍ତ କରିବା ପରେ ଅଲ-ହୟା ହମାସରେ ଯୋଗ ଦେଇଥିଲେ। ସେହି ସମୟରେ ସେ ଜଣେ ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ।



ଗୁପ୍ତ ନିର୍ବାଚନରେ ହୟା ହମାସର ବଡ଼ ନେତା ଖାଲିଦ ମସାଲଙ୍କୁ ବଡ଼ ବ୍ୟବଧାନରେ ପରାଜିତ କରିଥିଲେ। ତେବେ ହୟା ହମାସ ମୁଖ୍ୟ ଭାବେ ନିର୍ବାଚିତ ହେବା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ପ୍ରତିକ୍ରିୟା ରଖାଯାଇ ନାହିଁ।

## ପ୍ରବଳ ବର୍ଷାରୁ ଭୂସ୍ଖଳନ

# ନାଗାଲାଣ୍ଡରେ ୮ , ଜମ୍ମୁକାଶ୍ମୀରରେ ୧୨ ମୃତ

କୋହିମା: ନାଗାଲାଣ୍ଡର ମୋନ୍ ଜିଲ୍ଲାର ଏକାଧିକ ସ୍ଥାନରେ ରବିବାର ପ୍ରବଳ ବର୍ଷା ଯୋଗୁଁ ଘଟିଥିବା ଭୟାବହ ଭୂସ୍ଖଳନରେ ଅନେକ ଜୀବନହାନି ଘଟିଛି। ସ୍ଥାନୀୟ ପ୍ରଶାସନର ପ୍ରାରମ୍ଭିକ ଆକଳନ ଅନୁସାରେ, ଏହି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାୟ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ୧୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୋନ୍ ଜିଲ୍ଲାର ଡେପୁଟି କମିସନର ୱେନି କୋନ୍ୟାକଙ୍କ ସୂଚନା ମୁତାବକ ଗତ ରାତିସାରା ପ୍ରବଳ ବର୍ଷା ଲାଗି ରହିଥିଲା ଏବଂ ସକାଳ ୬ରୁ ୭ଟା ମଧ୍ୟରେ ବିଭିନ୍ନ ସ୍ଥାନରେ ପାହାଡ଼ ଧସିଥିଲା। ବିପର୍ଯ୍ୟୟ ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବ୍ୟାପକ ସରକାରୀ ଓ ଘରୋଇ ସମ୍ପତ୍ତି ନଷ୍ଟ ହୋଇଛି। ପ୍ରଶାସନର ସୂଚନା ଅନୁସାରେ, ଭୂସ୍ଖଳନ ପ୍ରଭାବରେ ବିଶେଷ କରି ମୋନ୍ ସହର ଏବଂ ଟିଜିଟ୍ ଅଞ୍ଚଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ବ୍ୟାପକ ମାଟି ଅତଡ଼ା ସହ ବଡ଼ ପଥର ଧସି ଆବାସିକ କ୍ଷେତ୍ରଗୁଡ଼ିକ ଉପରେ ପଡ଼ିବା ଫଳରେ ଅନେକ ପରିବାରର ବାସଗୃହ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଅନେକ ସ୍ଥାନୀୟ ଲୋକେ ଅତଡ଼ା ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଏହି ପ୍ରାକୃତିକ ଦୁର୍ଘଟଣା ଯୋଗୁଁ ଜିଲ୍ଲାର ଆନ୍ତଃସଂଯୋଗୀକରଣ ସଡ଼କ ପଥଗୁଡ଼ିକ ଅବରୋଧ ହୋଇ ଯାଇଥିବାରୁ ଯାତାୟାତ ଏବଂ ଜରୁରିକାଳୀନ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି ।ବର୍ତ୍ତମାନ ସୁଦ୍ଧା ଉଦ୍ଧାରକାରୀ ଦଳ ମାଟି ଓ ଆବର୍ଜନା ତଳୁ ୪ ଜଣଙ୍କ ମୃତଦେହ ବାହାର କରିବାରେ ସଫଳ ହୋଇଛନ୍ତି, ଯେଉଁଥିରେ ୩ ଜଣ ମହିଳା ଏବଂ ଜଣେ ପୁରୁଷ ଅଛନ୍ତି। ଅବଶିଷ୍ଟ ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜିବା ପାଇଁ ଘଟଣାସ୍ଥଳରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍ଡିଆର୍‌ଏଫ୍), ନାଗାଲାଣ୍ଡ ପୁଲିସ, ଆସାମ ରାଇଫଲ୍ସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳର ମିଳିତ ଟିମ୍ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରଖିଛନ୍ତି। ବିପଦସଙ୍କୁଳ ଅଞ୍ଚଳରୁ ସାଧାରଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି ।ଜମ୍ମୁ: ଜମ୍ମୁକାଶ୍ମୀରର ପୁଞ୍ଚ ଓ ରାଜୌରୀ ଜିଲ୍ଲାରେ ଲଗାଣ ବର୍ଷା ପରେ ଅଚାନକ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ରବିବାର ସୁଦ୍ଧା ୧୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬ ଜଣ ନିଖୋଜ ଥିବା ଜଣାପଡ଼ିଛି। ଉଦ୍ଧାରକାରୀ ଦଳ ନିଖୋଜଙ୍କୁ ଖୋଜିବା ସହ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

# ରୋଷେଇ ଘରେ ଏଲପିଜିର ସ୍ଥାନ ନେବ ଇଥାନଲ

ନୂଆଦିଲ୍ଲୀ : ଇଥାନଲକୁ ନେଇ କେନ୍ଦ୍ର ସରକାର ବଡ଼ ଯୋଜନା ରଖିଛନ୍ତି। ଏହି ଇନ୍ଧନ କେବଳ କାର୍ ଭିତରେ ସୀମିତ ରହିବ ନାହିଁ। ଆଗାମୀ ଦିନରେ ତାହା ରୋଷେଇ ଘରେ ପ୍ରବେଶ କରିବ। ସେଥିପାଇଁ ସରକାର ସ୍ୱତନ୍ତ୍ର ଯୋଜନା ଉପରେ କାମ କରୁଛନ୍ତି। ଇଥାନଲକୁ ଜାଳେଣି ଇନ୍ଧନ ଭାବେ ବ୍ୟବହାର କରିବା ନିମନ୍ତେ ପେଟ୍ରୋଲିୟମ ମନ୍ତ୍ରଣାଳୟ ଫ୍ରେମ୍ୱର୍କ ପ୍ରସ୍ତୁତ କରୁଛି। ଦେଶରେ ବର୍ଷକୁ ୨୦୦୦ କୋଟି ଲିଟର ଇଥାନଲ୍ ଉତ୍ପାଦନ ହେଉଛି। ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମ ପାଇଁ ସେଥିରୁ ଅତିବେଶିରେ ୧୧୦୦ କୋଟି ଲିଟର ଇଥାନଲ୍ ବ୍ୟବହାର ହେଉଛି। ଅବଶିଷ୍ଟ ପାଖାପାଖି ୯୦୦ କୋଟି ଲିଟର ଇଥାନଲ ବଳକା ରହୁଛି। ତାହାକୁ ବ୍ୟବହାରଯୋଗ୍ୟ କରିବା ପାଇଁ ସରକାର ରୋଷେଇ ଘର ଜାଳେଣି ଭାବେ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ



ରଖିଛନ୍ତି। ଇଥାନଲକୁ ରୋଷେଇ ଘର ଇନ୍ଧନ ଭାବେ ପ୍ରସ୍ତୁତ କରିବା ଓ ତାହାକୁ ଘରେ ଘରେ ପହଞ୍ଚାଇବା ନିମନ୍ତେ କିଭଳି ବ୍ୟବସ୍ଥା ବିକାଶ କରାଯାଇପାରିବ ତାହାକୁ ନେଇ ବିଚାରବିମର୍ଶ ଚାଲିଛି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ସେହି ଫ୍ରେମୱର୍କ ପ୍ରସ୍ତୁତ ହୋଇଯିବ।ଏହି ଇନ୍ଧନର ଗ୍ରହଣୀୟତା ବଢ଼ାଇବା ପାଇଁ ପ୍ରୋତ୍ସାହନ ମଧ୍ୟ ଦିଆଯିବ। କେୟାର ରେଟିଂସର ଏକ ଆକଳନ ଅନୁସାରେ ଦେଶରେ ସ୍ଥାପନ କରାଯାଉଥିବା ନୂଆ ଇଥାନଲ କାରଖାନା ଦ୍ୱାରା ଆଗାମୀ ଦିନରେ ଆଉ ୪୦୦ କୋଟି ଲିଟର ଉତ୍ପାଦନ ହେବ। ଦେଶରେ ପେଟ୍ରୋଲରେ ମିଶ୍ରଣ ବ୍ୟତୀତ ଇଥାନଲକୁ ମଦ ପ୍ରସ୍ତୁତି, ଔଷଧ ଓ ରସାୟନ ଶିଳ୍ପରେ ମଧ୍ୟ ବ୍ୟବହାର କରାଯାଉଛି। କିନ୍ତୁ ସେହି ସବୁ ଶିଳ୍ପର ବାର୍ଷିକ ଇଥାନଲ ବ୍ୟବହାର ୩୫୦ କୋଟି ଲିଟରରେ ସୀମିତ ରହିଛି। ଇଥାନଲ ଜାଳେଣି ଇନ୍ଧନ ପାଇଁ ସ୍ୱତନ୍ତ୍ର ଷ୍ଟୋଭ୍ ଆସିବ। ସରକାର ତାହା ଉପରେ ଏକକାଳୀନ କିମ୍ବା ଇନ୍ଧନ ଉପରେ ସବ୍‌ସିଡି ଦେଇପାରନ୍ତି। ଇଥାନଲ ଷ୍ଟୋଭ୍ ଉପରେ ଗବେଷଣା ଓ ବିକାଶ କାର୍ଯ୍ୟ କରିବାକୁ ତୈଳ କମ୍ପାନିଗୁଡ଼ିକୁ କୁହାଯାଇଛି। ସେମାନେ ଅନ୍ୟ ସଂସ୍ଥାଗୁଡ଼ିକ ସହ ସହଯୋଗିତା କରି ଏହି ଗବେଷଣା କରିବେ। ପୂର୍ବରୁ ଥିବା ଇଥାନଲ ରୋଷେଇ ପ୍ରଯୁକ୍ତି ଗ୍ରହଣ କରିବେ। ଇଥାନଲକୁ ଯେଭଳି ଲୋକମାନେ ସହଜରେ ପାଇପାରିବେ ସେଥିପାଇଁ ପେଟ୍ରୋଲ ପମ୍ପରେ ସ୍ୱତନ୍ତ୍ର ଇଥାନଲ କିଓସ୍କ କିମ୍ବା ଏଟିଏମ୍ ଭଳି ବ୍ୟବସ୍ଥା କରାଯିବ। ଏହି ଯୋଜନା ସଫଳ ହେଲେ ଅଶୋଧିତ ତୈଳ ଓ ଏଲ୍ପିଜି ଆମଦାନି ଉପରେ ରହିଥିବା ନିର୍ଭରଶୀଳତା ଯଥେଷ୍ଟ ହ୍ରାସ ପାଇବ। ଦେଶର ବ୍ୟାପକ ବୈଦେଶିକ ମୁଦ୍ରା ସଞ୍ଚୟ ହେବ। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଦେଖାଦେଇଥିବା ଶକ୍ତି ସଙ୍କଟକୁ ମଧ୍ୟ ସହଜରେ ମୁକାବିଲା କରାଯାଇପାରିବ। ଦେଶରେ ଯେଉଁ ବଳକା ଇଥାନଲ ରହୁଛି ତାହାକୁ ପଡ଼ୋଶୀ ଦେଶ ନେପାଳ, ବାଂଲାଦେଶ ଓ ଇଣ୍ଡୋନେସିଆ ଆଦିକୁ ରପ୍ତାନି କରିବା ପାଇଁ ରହିଥିବା ସୁଯୋଗର ଅନୁସନ୍ଧାନ କରିବାକୁ ମଧ୍ୟ ତୈଳ କମ୍ପାନିଗୁଡ଼ିକୁ କୁହାଯାଇଛି।





ଫିଫା ବିଶ୍ୱକପ୍ ବିଜେତା ସ୍ପେନର ବିଭିନ୍ନ ସ୍ଥାନରେ ବିଜୟ ଉତ୍ସବର ଝଲକ୍ ।


# ସ୍ପେନ୍ ବିଶ୍ୱ ଫୁଟବଲର ନୂଆ ସମ୍ରାଟ

## ହାରିଲା ଆର୍ଜେଣ୍ଟିନା, ନ୍ୟୁଜର୍ସିରେ ନୂଆ ଇତିହାସ

◈ ଶେଷ ମୁହୂର୍ତ୍ତରେ ନାଟକୀୟ ବିଜୟ
◈ ମେସିଙ୍କ ହୃଦୟ ଭାଙ୍ଗିଲା

ନ୍ୟୁଜର୍ସି, ୨୦।୭ (ଏଜେନ୍ସି) : ଫୁଟବଲ୍ ମହାକୁମ୍ଭର ମହାଲଢ଼େଇରେ ବାଜି ମାରି ନେଇଛି ସ୍ପେନ୍। ୧୨୦ ମିନିଟର ଜୋରଦାର ଲଢ଼େଇରେ ଲାଟିନ୍ ଆମେରିକୀୟ ମହାଶକ୍ତି ଆର୍ଜେଣ୍ଟିନାକୁ ୧-୦ ଗୋଲରେ ହରାଇ ବିଶ୍ୱ ଫୁଟବଲର ନୂଆ ସମ୍ରାଟ ଭାବେ ଉଭା ହୋଇଛି । ମାସାଧିକ କାଳର ମହାସମରରେ ବିଜେତା ହୋଇ ୧୬ ବର୍ଷ ପରେ ଦ୍ୱିତୀୟବାର ବିଶ୍ୱ ମୁକୁଟ ବି ପିନ୍ଧିଛି । ରବିବାର ରାତିର ରୋମାଞ୍ଚଭରା ଫାଇନାଲରେ ଅତିରିକ୍ତ ସମୟ ଗୋଲରେ ଗତଥର ବିଜେତା ଆର୍ଜେଣ୍ଟିନାକୁ ମାତ୍ ଦେଇଛି ସ୍ପେନ୍। ତା' ସହିତ ଫୁଟବଲ ଇତିହାସରେ ନିଜ ସଫଳତାକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛି । ସାରା ବିଶ୍ୱର ନଜର ଥିବା ଏହି ମହାଲଢ଼େଇର ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ୍ ଦେଇ ପାରି ନଥିଲେ । ଅତିରିକ୍ତ ସମୟରେ କିନ୍ତୁ ଗତିରୋଧ ଦୂର କରିଥିଲା ସ୍ପେନ୍। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୦-୦ ରେ ଶେଷ ହେବା ପରେ ୧୦୬ ମିନିଟରେ ଏହି ଗୋଲଟି ଦେଇଥିଲେ ବଦଳ ଖେଳାଳି ଫେରାନ୍ ଟୋରେସ । ନିଜ ୨୦୧୦ ବିଶ୍ୱକପ୍ ବିଜୟୀ ବାହିନୀର ଉପସ୍ଥିତିରେ ସ୍ପେନ୍ ମେଗା ଫାଇନାଲ୍ ଜିତି ଏହାକୁ ଆହୁରି ସ୍ମରଣୀୟ କରିଥିଲା । ୨୦୧୦ ପରେ ଦ୍ୱିତୀୟଥର ଫାଇନାଲ୍ ଖେଳି ଦ୍ୱିତୀୟବାର ବିଶ୍ୱବିଜେତା ହୋଇଥିଲା । ଅନ୍ୟପକ୍ଷରେ ଆର୍ଜେଣ୍ଟିନାର ମେସି ବାହିନୀ ମାତ୍ରାଧିକ ରକ୍ଷଣାତ୍ମକ ଖେଳ ଖେଳି ଉପବିଜେତାରେ ସନ୍ତୁଷ୍ଟ ରହିଥିଲା । ଲଗାତାର ଦ୍ୱିତୀୟ ଥର ବିଜେତା ହେବାର ସୁଯୋଗ ବି ହରାଇଥିଲା ଆର୍ଜେଣ୍ଟିନା । ୟୁରୋପୀୟ ଚାମ୍ପିଅନ୍ ସ୍ପେନ୍ ବିଶ୍ୱ ଚାମ୍ପିଅନ୍ ଆର୍ଜେଣ୍ଟିନାକୁ ହରାଇବା ଏକ ନିଆରା ସଂଯୋଗ ଥିଲା ।


ରବିବାରର ଫାଇନାଲ୍ ଟକ୍କରର ପ୍ରଥମାର୍ଦ୍ଧରେ ଉଭୟ ଦଳ ପାଖାପାଖି ସମାନ ସମୟରେ ବଲକୁ ନିୟନ୍ତ୍ରଣ କରିଥିଲେ । ହେଲେ ଗୋଲପୋଷ୍ଟ ଉପରେ ଆକ୍ରମଣ କରିବା ଉପରେ ଆର୍ଜେଣ୍ଟିନାଠାରୁ ସ୍ପେନ୍ ଯଥେଷ୍ଟ ଆଗରେ ରହିଥିଲେ । ସ୍ପେନ୍ ୩ ଥର ଆର୍ଜେଣ୍ଟିନା ରକ୍ଷଣଭାଗକୁ ଭେଦ କରି ଗୋଲ୍ ଦେବାର ନିକଟତର ହୋଇଥିଲା । ଆର୍ଜେଣ୍ଟିନା କିନ୍ତୁ ଥରେ ହେଲେ ସ୍ପେନ୍ ଗୋଲପୋଷ୍ଟ ଉପରକୁ ଆକ୍ରମଣ କରି ପାରି ନଥିଲା । ବିପଜ୍ଜନକ ଖେଳ ପାଇଁ ୪୧ତମ ମିନିଟରେ ଆର୍ଜେଣ୍ଟିନାର ଅଭିଜ୍ଞ ତାରକା ଲିସାଣ୍ଡ୍ରୋ ମାର୍ଟିନେଜଙ୍କୁ



ମ୍ୟାଚର ପ୍ରଥମ ହଳଦିଆ କାର୍ଡ ମିଳିଥିଲା । ପଡ଼ିଆରେ ପରସ୍ପର ମଧ୍ୟରେ ତାଳମେଳ, ଟକ୍କର, ଗୋଲ୍ କରିବାର ଆଗ୍ରହ, ଉଦ୍ୟମ ଏବଂ ପାସିଂ ଦୃଷ୍ଟିରୁ ସ୍ପେନ୍ ପ୍ରଥମାର୍ଦ୍ଧରେ ଏକପ୍ରକାର ଆଧିପତ୍ୟ ବିସ୍ତାର କରିଥିଲା । ଫଳରେ ପ୍ରଥମ ୪୫ ମିନିଟ୍ ଖେଳ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା । ଦ୍ୱିତୀୟାର୍ଦ୍ଧରେ ଆର୍ଜେଣ୍ଟିନା ତା' ଖେଳରେ ଗତି ଯୋଡ଼ିଥିଲା । ହେଲେ ଏହି ଅର୍ଦ୍ଧରେ ମଧ୍ୟ ସ୍ପେନର ପଲା ଭାରି ରହିଥିଲା । ଏଞ୍ଜୋ ଫର୍ଣ୍ଣାଣ୍ଡେଜ୍ ଆଉ ଏକ ହଳଦିଆ କାର୍ଡ ପାଇବା ସହ ପଡ଼ିଆ ଛାଡ଼ିବାକୁ ବାଧ ହୋଇଥିଲେ । ଫଳରେ ଆର୍ଜେଣ୍ଟିନା ୧୦ ଜଣରେ ଖେଳିବାକୁ ବାଧ ହୋଇଥିଲା । ଆହତ ସମୟର ଶେଷ କ୍ଷଣରେ ସ୍ପେନ୍ ଫ୍ରି କିକ୍ ଅର୍ଜନ କରି ଗୋଲ୍ ଦେବାର ଅତି ନିକଟତର ହୋଇଥିଲା । ହେଲେ ଲାମିନେ ୟାମାଲଙ୍କ ସଟକୁ ରୋକି ଆର୍ଜେଣ୍ଟିନା ଗୋଲରକ୍ଷକ ମାର୍ଟିନେଜ୍ ପୁଣି ଥରେ ନାୟକ ପାଲଟିଥିଲେ । ପ୍ରବଳ ଛକାପଞ୍ଝା ଭିତରେ ଦ୍ୱିତୀୟାର୍ଦ୍ଧରେ ବି ଗତିରୋଧ ଦୂର ନହୋଇ ସ୍ଥିତି ୦-୦ ରେ ଅପରିବର୍ତ୍ତିତ ରହିଥିଲା ।



## ପଡ଼ିଆରେ ହାତାହାତି ହେଲେ ଦୁଇଦଳ ଖେଳାଳି



ନ୍ୟୁଜର୍ସି, ୨୦।୭ (ଏଜେନ୍ସି) : ବିଶ୍ୱକପ୍ ଫାଇନାଲ୍ ପରେ ଆର୍ଜେଣ୍ଟିନା ଓ ସ୍ପେନ୍ ଖେଳାଳିଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା । ମ୍ୟାଚ୍ ପରିସମାପ୍ତି ହ୍ୱିସଲ୍ ବାଜିବା ପରେ ଆର୍ଜେଣ୍ଟିନା ଲିଆଣ୍ଡ୍ରୋ ପାରେଦେସ୍ ସ୍ପେନ୍ର ମିଡଫିଲ୍ଡର ପାବ୍ଲୋ ଗାଭିରା (ଗାଭି)ଙ୍କୁ ରାଗରେ ଧକ୍କା ମାରୁଥିବା ଦେଖାଯାଇଥିଲା । ଆଉଜଣେ ଆର୍ଜେଣ୍ଟିନା ଖେଳାଳି ଥିଆଗୋ ଆଲ୍ମାଦା ମଧ୍ୟ ଏଥିରେ ସଂପୃକ୍ତ ଦେଖାଯାଇଥିଲା । ପାରେଦେସଙ୍କ ଧକ୍କା ଯୋଗୁଁ ଗାଭି ପଡ଼ିଆରେ ଖସିପଡ଼ିଥିଲେ । ପରିସ୍ଥିତି ଖରାପ ହେଉଥିବା ଦେଖି ଆର୍ଜେଣ୍ଟିନା ପ୍ରଶିକ୍ଷକ ଲିଓନେଲ୍ ସ୍କାଲୋନି ସେଠାରେ ପହଞ୍ଚି ଉଭୟ ପକ୍ଷର ଖେଳାଳିଙ୍କୁ ଅଲଗା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । କିନ୍ତୁ ଉଭୟ ପକ୍ଷର ମଧ୍ୟରେ ଉତ୍ତେଜନା ଜାରି ରହିଥିଲା । ଏହି ଘଟଣା ପରେ ରେଫରି ସ୍ଲାଭ୍କୋ ଭିନ୍ସିକ୍ ପାରେଦେସଙ୍କୁ ଲାଲକାର୍ଡ ଦେଖାଇଥିଲେ । ଏହି ବିବାଦର କାରଣ ଜଣାପଡ଼ି ନାହିଁ ଓ ଫିଫା ପକ୍ଷରୁ ମଧ୍ୟ କୌଣସି ବୟାନ ଜାରି ହୋଇନାହିଁ । ତେବେ ପରାଜୟ ପରେ ହତାଶ ହୋଇ ଆର୍ଜେଣ୍ଟିନା ଖେଳାଳି ଏପରି କରିଥିବା ଅନୁମାନ କରାଯାଉଛି ।

## ଭାରତ ସହ ସ୍ପେନ୍ ବିଶ୍ୱକପ୍ ହିରୋଙ୍କ ସମ୍ପର୍କ

ନ୍ୟୁଜର୍ସି, ୨୦।୭ (ଏଜେନ୍ସି) : ସ୍ପେନର ଫେରାନ ଟୋରେସ୍ ଫିଫା ବିଶ୍ୱକପ୍ ଇତିହାସରେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି । ଫାଇନାଲରେ ୧୦୬ତମ ମିନିଟରେ ବାମ ଗୋଡ଼ରେ ସେ ମାରିଥିବା ଏକ ଶକ୍ତିଶାଳୀ ସଟ୍ ଗୋଲ୍ ପୋଷ୍ଟ ଭିତରକୁ ଯିବା ସହ ତାଙ୍କୁ ସଦାସର୍ବଦା ପାଇଁ ଅମର କରିଦେଇଛି । ସ୍ପେନକୁ ଦ୍ୱିତୀୟ ଥର ପାଇଁ ବିଶ୍ୱ ଚାମ୍ପିଅନ୍ କରିଥିବା ବିଜୟୀ ଗୋଲ୍ ସ୍କୋର କରିଥିବା ଖେଳାଳି ଭାବରେ ସାରା ବିଶ୍ୱ ତାଙ୍କୁ ସବୁଦିନ ପାଇଁ ମନେ ରଖିବ । କିନ୍ତୁ ଏକଥା ଖୁବ୍ କମ୍ ଲୋକ ଜାଣନ୍ତି ଯେ, ସ୍ପେନର ଫିଫା ବିଶ୍ୱକପ୍ ବିଜୟର ଏହି ମହାନାୟକଙ୍କ ଭାରତ ସହିତ ଏକ ସ୍ୱତନ୍ତ୍ର ସମ୍ପର୍କ ରହିଛି । ବିଶ୍ୱକପ୍ ଫାଇନାଲରେ ନିଜର ସେହି ଗୌରବମୟ ବିଜୟୀ ଗୋଲ୍ ସ୍କୋର କରିବାର ପ୍ରାୟ ନଅ ବର୍ଷ ପୂର୍ବେ, ଫେରାନ ତୋରେସ – ଜଣେ ନବାଗତ ୧୭ ବର୍ଷୀୟ କିଶୋର ଭାବରେ – ଭାରତ ମାଟିରେ ପାଦ ଥାପିଥିଲେ । ୨୦୧୭ରେ ଭାରତରେ ଆୟୋଜିତ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପରେ ସେ ସ୍ପେନକୁ ରୌପ୍ୟ ପଦକ ଜିତାଇବାରେ ସାହାଯ୍ୟ କରିଥିଲେ । ସେ ସ୍ପେନର ଫାଇନାଲ୍ ଯାତ୍ରାରେ ଦୁଇଟି ଗୋଲ୍ ଏବଂ ଦୁଇଟି ଆସିଷ୍ଟ



(ଗୋଲ୍ କରିବାରେ ସହଯୋଗ) କରିଥିଲେ । ୨୦୨୬ ବିଶ୍ୱକପ୍ ଫାଇନାଲରେ ଏକମାତ୍ର ଗୋଲ୍ ଦେଇ ବିଶ୍ୱ ପ୍ରସିଦ୍ଧ ହେବାର ବହୁ ପୂର୍ବରୁ, କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମ ଏବଂ କଲିକତାର ସଲ୍ଟ ଲେକ୍ ଷ୍ଟାଡିୟମଠାରେ ତାଙ୍କର ଏହି ଚମତ୍କାର ପ୍ରତିଭାର ଝଲକ ଦେଖିବାକୁ ମିଳିଥିଲା ।

## ବିଶ୍ୱ ବିଜେତା ସ୍ପେନକୁ ମିଳିଲା ୫୦ ମିଲିୟନ ଡଲାର

ନ୍ୟୁଜର୍ସି : ଫିଫା ବିଶ୍ୱକପ ଫାଇନାଲରେ ଆର୍ଜେଣ୍ଟିନାକୁ ୧-୦ରେ ହରାଇଥିବା ସ୍ପେନ ଏବେ ଚାମ୍ପିଅନ । ବିଶ୍ୱ ବିଜେତା ଦଳକୁ ଫିଫା ଦେଇଛି ୫୦ ମିଲିୟନ ଡଲାର । ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ରନର୍ସ ଅପ ହେବାରୁ ୩୩ ମିଲିୟନ ଡଲାର ପାଇଛି । ତୃତୀୟ ସ୍ଥାନରେ ଅଭିଯାନ ଶେଷ କରିଥିବା ଇଂଲଣ୍ଡକୁ ୨୯ ମିଲିୟନ ଓ ୪ର୍ଥ ସ୍ଥାନରେ ଥିବା ଫ୍ରାନ୍ସ ପାଇଛି ୨୭ ମିଲିୟନ ଡଲାର । ଏହାବାଦ ୫ମରୁ ୮ମ ସ୍ଥାନରେ ରହିଥିବା ଦଳଗୁଡ଼ିକ ୧୯ ମିଲିୟନ ଡଲାର ଲେଖାଏ, ୯ମରୁ ୧୬ତମ ସ୍ଥାନରେ ଥିବା ଦଳଗୁଡ଼ିକ ୧୫ ମିଲିୟନ ଡଲାର ଲେଖାଏ, ୧୭ମରୁ ୩୨ତମ ସ୍ଥାନ ମଧ୍ୟରେ ଥିବା ଦଳ ୧୧ ମିଲିୟନ ଡଲାର ଲେଖାଏ ଓ ୩୩ତମରୁ ୪୮ ତମ ସ୍ଥାନରେ ଥିବା ଦଳଗୁଡ଼ିକୁ ୯ ମିଲିୟନ ଡଲାର ଲେଖାଏ ଦିଆଯାଇଛି । ଏହାବାଦ ପୂରା ଟୁର୍ଣ୍ଣାମେଣ୍ଟରେ ଦମଦାର ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ମଧ୍ୟ ଫିଫା ପୁରସ୍କୃତ କରିଛି ।

ଗୋଲ୍ଡେନ ବଲ- ରୋଡ୍ରି(ସ୍ପେନ)
ସିଲଭର ବଲ- ଲିଓନେଲ ମେସି(ଆର୍ଜେଣ୍ଟିନା)
ବ୍ରୋଞ୍ଜ ବଲ- କାୟଲିନ ଏମବାପେ(ଫ୍ରାନ୍ସ)
ଗୋଲ୍ଡେନ ବୁଟ୍- କାୟଲିନ ଏମବାପେ(ଫ୍ରାନ୍ସ)
ସିଲଭର ବୁଟ- ଲିଓନେଲ ମେସି(ଆର୍ଜେଣ୍ଟିନା)
ବ୍ରୋଞ୍ଜ ବୁଟ- ଜୁଡେ ବେଲିଂହାମ (ଇଂଲଣ୍ଡ)
ଗୋଲ୍ଡେନ ଗ୍ଲୋବ- ଉନାଇ ସିମନ (ସ୍ପେନ)
ଫିଫା ଯୁବ ଖେଳାଳି ସମ୍ମାନ- ପାଉ କୁବାରସି(ସ୍ପେନ)
ଫିଫା ଫେୟାର ପ୍ଲେ ଟ୍ରଫି- ଦ ନେଦରଲ୍ୟାଣ୍ଡସ୍




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

## ବଲାଙ୍ଗିର ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

### ଦ୍ୱିତୀୟ ଦିନ ସୁଦ୍ଧା ୭୫ ଟି ମ୍ୟାଚ ଅନୁଷ୍ଠିତ

ବଲାଙ୍ଗିର, (ସବ୍ୟୁ): ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ବଲାଙ୍ଗିର ପକ୍ଷରୁ ଜୋନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡମିଣ୍ଟନ ଚମ୍ପିଅନସିପ୍ ସୋମବାର ଦ୍ୱିତୀୟ ଦିନର ଖେଳର ରିପୋର୍ଟ ହେବା ପର୍ଯ୍ୟନ୍ତ ୭୫ ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ମ୍ୟାଚ ମଧ୍ୟରୁ ୧୧ ବର୍ଷ ବାଳକ, ୧୧ ବର୍ଷ ବାଳିକା, ୧୩ ବର୍ଷ ବାଳିକା ଓ ୧୭ ବର୍ଷରୁ କମ ବାଳିକା ଫାଇନାଲ ଲାଇନଅପ୍ ଚୁଡାନ୍ତ ହୋଇଯାଇଛି । ୧୧ ବର୍ଷ ବାଳକ ଫାଇନାଲରେ ଓଡିଶା ରାଜ୍ୟ ଚାମ୍ପିଅନ ସମର୍ଥ ପାଢୀ ଓ ଅର୍ଣ୍ଣବ ସାହୁଙ୍କ ମଧ୍ୟରେ ଅନୁଷ୍ଠିତ ହେବ । ଏହି ବର୍ଗର ବାଳିକା ଫାଇନାଲରେ ଆଫିଆ ମଞ୍ଜର ଓ ଆଦ୍ୟାଶା ଆଚାର୍ଯ୍ୟଙ୍କ ମଧ୍ୟରେ ମୁକାବିଲା ହେବ । ୧୩ ବର୍ଷ ବାଳିକା ଫାଇନାଲରେ ସ୍ୱେତାଶ୍ରୀ ନାଏକ ଏବଂ ରିଚା ଅଗ୍ରୱାଲ ମଧ୍ୟରେ ମୁକାବିଲା ହେବ । ୧୭ ବର୍ଷ ବାଳିକା ଫାଇନାଲ ନିୟତି ମଡକାମିଙ୍କ ସହିତ ଅନ୍ୱେଷା ମଲାନାଙ୍କ ମଧ୍ୟରେ ମୁକାବିଲା ହେବାର ଚୁଡାନ୍ତ ହୋଇଯାଇଛି । ମିକ୍ସ ଡବଲ୍ସ ବରିଷ୍ଠ ବର୍ଗର ଫାଇନାଲ ବିନିତ ନାଏକ ଏବଂ ସାଥୀ ନନ୍ଦିନୀ ଲାଲ ଏବଂ ହିମାଂଶୁ ହାତୀ ଏବଂ ସାଥୀ ସାୟାଂଶି ନାହାକଙ୍କ ମଧ୍ୟରେ ଆସନ୍ତା ୨୨ ତାରିଖ ଦିନ ଅନୁଷ୍ଠିତ ହେବ । ଅନୁଷ୍ଠିତ ହୋଇଥିବା ଅନ୍ୟ ଖେଳ ଗୁଡିକ ଅଣ୍ଡର - ୧୫ ବାଳକ ସେମିଫାଇନାଲରେ ଆୟାନ ବେହେରା ସାଥୀ ସାଇ ଅର୍ପିତ ଖମାରି, ସୁୟାଂଶି ସିଂ ସାଥୀ ଶ୍ରୀୟାଂଶ ପତି, ଶଶାଙ୍କ ଶେଖର ସାଥୀ ବୈଭବ ଅଗ୍ରୱାଲ ଏବଂ ଗତିକ ପଟେଲ ସାଥୀ ସାଇ ଆୟୁଷଙ୍କ ମଧ୍ୟରେ ଅନୁଷ୍ଠିତ ହେବ । ସେହିପରି ଅଣ୍ଡର-୧୫ ବାଳିକା ସେମିଫାଇନାଲରେ ରିଚା ଅଗ୍ରୱାଲ ଓ ଇତିଶ୍ରୀ ମାଡକାମି ଏବଂ ଆଇସା ବାନୋ ଏବଂ ଗୁନଗୁନ ପଦ୍ମିନୀଙ୍କ ମଧ୍ୟରେ ଅନୁଷ୍ଠିତ ହେବ । ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘ ସଂପାଦକ ସୁରୁଲାଲ ମଟାରୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ହୋଉଥିବା ଏହି ପ୍ରତିଯୋଗିତା ପରିଚାଳନା ପାଇଁ ଜାତୀୟ ତଥା ରାଜ୍ୟ ସଂଘ ଦ୍ୱାରା ସ୍ୱିକୃତିପ୍ରାପ୍ତ ରେଫରିମାନେ ନିଯୁକ୍ତ ହୋଇଛନ୍ତି । ଖେଳର ସୁପରିଚାଳନା ପାଇଁ ଅନ୍ୟମାନଙ୍କ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପ-ସଭାପତି ଘନଶ୍ୟାମ ମିଶ୍ର, ଯୁଗ୍ମ ସଂପାଦକ ମାନସ ମହାନ୍ତି, ବରିଷ୍ଠ ଉପଦେଷ୍ଟା ବିରେନ୍ଦ୍ର ମିଶ୍ର, ଅନନ୍ତ ବେହେରା ପ୍ରମୁଖ ବିଭିନ୍ନ ବିଭାଗର ଦାୟିତ୍ୱରେ ଅଛନ୍ତି । ମୁଖ୍ୟ ରେଫରୀ ଭାବେ ଜାତୀୟ ଗ୍ରେଡ-୨ ରେଫରୀ ହେମନ୍ତ ପ୍ରଧାନ ଏବଂ ଡେପୁଟି ରେଫରୀ ଭାବେ ଚନ୍ଦ୍ର ଶେଖର ମିଶ୍ର ନିଯୁକ୍ତ ହୋଇଛନ୍ତି । ସଟଲ କଣ୍ଟ୍ରୋଲ ଭାବେ କାସିମ ଇକ୍ବାଲ, ପ୍ରକାଶ ସାହୁ, ରେଶନ ଜୈନ, ଆଶିଷ ଦର୍ଜୀ, ଫିଜିଓ ତଥା ଫାଷ୍ଟଏଡ୍ ବିଶେଷଜ୍ଞ ଭାବେ ରାମ ନାରାୟଣ ଦାଶ, ପ୍ରକାଶ ଛନ୍ଦ, ରଶ୍ମିରାଣୀ ଦାଶ ଯୋଗଦାନ କରିଛନ୍ତି । ୨୧ ତାରିଖ ଦିନ ବାକି ରହିଯାଇଥିବା ସମସ୍ତ ବିଭାଗର ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ ।

### ଓଡିଶା ଓପନ ଟ୍ରାକ ସୁଟିଂ ଚାମ୍ପିଅନସିପ

## କମାଲ କଲେ ପୂର୍ବତନ ସରପଞ୍ଚ

ଢେଙ୍କାନାଳ, ୨୦ ।୭ (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ସୁଟର ମାନେ ତୃତୀୟ ଓଡିଶା ଓପନ ଟ୍ରାକ ସୁଟିଂ ଚାମ୍ପିଅନସିପରେ ଦଳଗତ ଭାବରେ ପ୍ରଥମ ହୋଇଥିବା ବେଳେ ବ୍ୟକ୍ତିଗତ ଭାବରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲାପାଇଁ ଦିଗନ୍ତଜ୍ୟୋତି ପଟ୍ଟନାୟକ ପ୍ରଶଂସା ସାଉଁଟିଥିବା ବେଳେ ଜିଲ୍ଲା ଗୌରବାନ୍ୱିତ ହୋଇଛି । ଅନୁଗୁଳ ଜିଲ୍ଲା ତାଳଚେର ସ୍ଥିତ ରାଜା ହୃଦୟଚନ୍ଦ୍ର ଦେବ ସୁଟିଂ କମ୍ପ୍ଲେକ୍ସ ଠାରେ ତାଳଚେର ରାଇଫଲକ୍ଲବ ତରଫରୁ ଆୟୋଜିତ ତୃତୀୟ ଓଡିଶା ଓପନ ଟ୍ରାକ ସୁଟିଂ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କାମାକ୍ଷାନଗର ବ୍ଲକ ଅନ୍ତର୍ଗତ କୋଟଗରାର ପୂର୍ବତନ ସରପଞ୍ଚ ଦିଗନ୍ତଜ୍ୟୋତି ପଟ୍ଟନାୟକ ଦ୍ୱିତୀୟସ୍ଥାନ ଅଧିକାର କରିଛନ୍ତି । ସେହିପରି ଦଳଗତ ପ୍ରଦର୍ଶନରେ ଦିଗନ୍ତଜ୍ୟୋତି ପଟ୍ଟନାୟକଙ୍କ ସହିତ ଢେଙ୍କାନାଳର ରଜତ ମିଶ୍ର, ବିଭୁତି ଭୂଷଣ ମିଶ୍ର ପ୍ରଥମ ସ୍ଥାନ ଅଧିକାରୀ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଉଦଯାପନୀ ଉତ୍ସବରେ ଅନୁଗୁଳ ଡିଏସପି ପ୍ରତାପ ପ୍ରୀତିମୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଦିଗନ୍ତଙ୍କ ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଛୁଟିବାରେ ଲାଗିଛି ।



ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି